# ନମସ୍କାର, ଆଜ୍ଞା!

ଶ୍ରୀ କୈଳାସଚନ୍ଦ୍ର ରଥ,
ଡ. ଏସ୍‌ସି., ଏମ. ଏସ୍. ଡି. (ହୋମିଓ)

# ନମସ୍କାର, ଆଜ୍ଞା !

357

ମଧୁମୟ ରସେ ପୃଷ୍ଟ ହେଉ ବନସ୍ପତି
ମଧୁମୟ ରଜେ ଶୋଭୁ ସର୍ବ ବସୁମତି
ମଧୁମୟ ହେଉ ଉଷା ପ୍ରଦୋଷ ରଜନୀ
ନଭେ ଦେଶେ ମଧୁମୟ ରହୁ ଦିନମଣି
ମଧୁମୟ ଗୃହେ ହେଉ ଧେନୁ ଜଳାଶୟ
ଉଠୁ ବିଶ୍ୱପ୍ରାଣେ ମଧୁ ଅମୃତ ସଙ୍ଗୀତ ।

(ଉତ୍କଳମଣି)

ଶ୍ରୀ କୈଳାସଚନ୍ଦ୍ର ରଥ,
ବି. ଏସ୍‌ସି., ଏଲ.
ଏମ୍. ଡି. (ହୋମିଓ)

ପ୍ରକାଶକ:—ଶ୍ରୀ ଜଗନ୍ନାଥ ମିଶ୍ର
ରଧାନାଥପୁର ଶାସନ
ଆଠଗଡ଼

ପ୍ରଥମ ମୁଦ୍ରଣ
୧୯୫୮
ସର୍ବସ୍ୱତ୍ୱ ସଂରକ୍ଷିତ

ମୂଲ୍ୟ:—ଦୁଇଟଙ୍କା ପଚିଶ ନୂଆପଇସା ।

# ନମସ୍କାର ଆଜ୍ଞା

( ୧ )

ଆମେ ସମସ୍ତେ ଶୋଇଛେ ବୋଲି ନୋହୁ ଜାଗରିତ
ଜଗତେ ଥାଏ ବୋଲି ଯାନ୍ତି ବଡ଼ଲୋକ ସବ
ଭୁଲ ଉଠିବା ଏବେ ;
ଦେଖିବା ଦେଖି, ସେମାନେ କେଉଁଠେ, କେତେ ବଡ଼ ହେବେ ।

ଉକ୍ତିଟା କଣ ସତ ନୋହେ କି ? ଆମ ଦେହରେ, ଆମ ମନରେ, ଆମର ହୋଇ ଯେତେକ ଶକ୍ତି ଅଛି, ଆମେ ସେ ସବୁକୁ କାମରେ ଲଗାଉ କି ? ମୋର ବିଶ୍ୱାସ ନୁହେଁ । ଯେବେ ଯେବେ ଆମେ ଆମର ସବୁ ଶକ୍ତି ଲଗାଇଲେ, ଆମେ ମଧ୍ୟ ବଡ଼ ହୋଇ ପାରିବା, ବଡ଼ କାମ କରି ପାରିବା, ସୁଖରେ ରହି ପାରିବା । କଥାଟା ମଧ୍ୟ ନିହାତି ସତ । ପାଉଁଶ ନ ଥିଲେ ନିଆଁ କୋଉଠୁ ଆସନ୍ତା ? ଆମ ଦେହରେ, ଆମ ମନରେ ପ୍ରଚୁର ଶକ୍ତି ନ ଥିଲେ, ଆମର ଇମିତିକା ଭାବନା କୁଆଡ଼ୁ ଆସନ୍ତା ? ଆମର ବାସ୍ତବ ପ୍ରଚୁର ଶକ୍ତି ଅଛି । ଏହି କଥାକୁ ଲକ୍ଷ୍ୟ କରି ଉଇଲିୟମ୍ ଜେମସ୍ ହାଇଡ୍, ଜଣେ ପ୍ରସିଦ୍ଧ ଦାର୍ଶନିକ କହନ୍ତି—

"ଆମେ ଆମର ସମସ୍ତ ଶକ୍ତି ଉପଯୋଗ କଲେ, ବର୍ତ୍ତମାନଠାରୁ ସବୁଦିଗରେ ଅଶେଷ ଉନ୍ନତି କରି ପାରନ୍ତେ । ବର୍ତ୍ତମାନ ଆମେ ଯାହା ହୋଇଛେ ବା କରୁଛେ ତାହା ସହିତ ଆମେ ଯାହା ହୋଇପାରେ ବା କରିପାରେ, ତାହା ତୁଳନା କଲେ, ଗୋଟିଏ କଥା ସ୍ପଷ୍ଟ ରୂପେ ଜଣାପଡ଼େ । କଥାଟି ହେଉଛି, ଆମେ ଯାଉ ଅଧା

ଜାଗରିତ ହୋଇନଛୁ । ଆମର ଦୈହିକ ଓ ମାନସିକ ସାମର୍ଥ୍ୟରୁ ମାତ୍ର ଅଧେ ଖର୍ଚ୍ଚ କରୁଛେ । ସାମାନ୍ୟ ଟିକିଏ ଚେଷ୍ଟାରେ ଆମେ ବହୁତ ବଡ଼ ହୋଇ ପାରନ୍ତେ, ଅନ୍ତତଃପକ୍ଷେ ଯେତିକି ଉନ୍ନତି କରିଛେ ବା ସୁଖରେ ଅଛେ, ତାର ଦି'ଗୁଣ ଉନ୍ନତି କରି ପାରନ୍ତେ, ଆଉ ଦୁଇଗୁଣ ସୁଖରେ ରହି ପାରନ୍ତେ । ମାତ୍ର ଆଉ ଗୋଟିଏ କଥା, ଆମେ ଜାଗରିତ ହେଲେ ତ ସବୁ ହୋଇପାରିବ ବା କରି ପାରିବା, ମାତ୍ର ଆମେ ଜାଗରିତ ହେବା କିପରି ? ଶ୍ରୀମଦ୍ ଭାଗବତରେ ଉଦ୍ଧବ ଭଗବାନଙ୍କଠାରୁ ଜାଗରିତ ହେବାକୁ, ଗୁଢ଼ିଏ ତଥ୍ୟ, ଗୁଢ଼ିଏ ଉପଦେଶ ଶୁଣିସାରି କହିଲେ, "ଆଜ୍ଞା ହେଲା ଯେ, ମାତ୍ର ଏ ଯେଉଁ ପର୍ବ ରାସ୍ତା ମୋତେ ଆପଣ ଦେଖାଇଲେ, ସେଥିରେ ଯିବାକୁ ମୋର ସାହସ ହେଉ ନାହିଁ । ମୋତେ କହନ୍ତୁ କିପରି—

ସହଜେ ସୂକ୍ଷ୍ମେ ସାଧି କରି
ଭବସାଗରରୁ ଯିବି ତରି ।

ଉଦ୍ଧବ ସିନା ଭବସାଗରରୁ ତରିଯିବା ପାଇଁ ବ୍ୟାକୁଳ ହେଉଥିଲେ, ମର୍ତ୍ତ୍ୟଲୋକେ ତାଙ୍କୁ ସୁଖ ଲାଗୁ ନ ଥିଲେ ଯେ ଶ୍ରୀକୃଷ୍ଣଙ୍କ ଚରଣାରବିନ୍ଦରେ ଶରଣ ପଶୁଥିଲେ, ମାତ୍ର ଆମେ ସାଧାରଣତଃ କଅଣ ମର୍ତ୍ତ୍ୟରୁ ବିଦାୟ ନେବାକୁ ଅସ୍ଥିର ? ମୋର ଧାରଣା ଭିନ୍ନ ପ୍ରକାର । ଏଇ ସଂସାରରେ ରହି, ମଣିଷ ଭଳି ଜୀବନ ବିତାଇ, ଅନ୍ୟର ମନକୁ ଟିକିଏ ବୁଝିପାରିଲେ, ଅନ୍ୟର ପ୍ରାଣରେ ଟିକିଏ ଆନନ୍ଦ ସଞ୍ଚାର କରିପାରିଲେ, ଆମର ଏଇ ଧରା ସ୍ୱର୍ଗ ହୋଇ ଉଠିବ ନାହିଁ କି ? ଧରାକୁ ସ୍ୱର୍ଗରେ ପରିଣତ କଲା ଭଳି ସହଜ ଆଉ ସୂକ୍ଷ୍ମ ରାସ୍ତା କଅଣ କିଛି ନାହିଁ ? ଯେଉଁ ବାଟ ବା ଅଛି, ତହିଁରେ ଯାଉ ଯାଉଁ

ଯଦି ଅକସ୍ମାତ୍ ଭବସାଗରରୁ ତରି ଯାଇ ପାରନ୍ତେ, ତା ହେଲେ ଅତି ଉତ୍ତମ କଥା । ସେଥିପାଇଁ ଆମ କାହାର ଆପତ୍ତି ନାହିଁ । ମାତ୍ର ଆମର ମୁଖ୍ୟ ଚିନ୍ତା ହେଉଛି କିପରି ସହଜରେ, ସରଳରେ ସୁଖି ସୁସ୍ଥରେ ସଂସାରରେ ଆମେ ସୁଖମୟ ଜୀବନ ବିତାଇ ପାରିବା— ଏଇ ପ୍ରଶ୍ନଟିର ସମାଧାନ ଖୋଜି ବସୁ ବସୁ, ଏ ଲେଖାର ଅବତାରଣା । କୌଣସି ବ୍ୟକ୍ତି ଯିପରି ଆଚରଣ କଲେ ଏ ସଂସାରରେ ମଣିଷ ପରି ମଣିଷ ହୋଇ ଦିନ କାଟି ପାରିବା ସଙ୍ଗେ ସଙ୍ଗେ ଆତ୍ମାର ଉନ୍ନତି ମଧ୍ୟ କରି ପାରିବ, ସେଇ ବିଷୟ ହିଁ ଏଥିରେ ଚର୍ଚ୍ଚା ହୋଇଛି । ଉଦ୍ଦେଶ୍ୟର ସଫଳତା ବିଚାର କରିବା ପାଇଁ, ଭୁଲରେ ମଧ୍ୟ ଟିକିଏ ଏ ଲେଖା ଉପରେ ଆଖି ପକାଇ ଦେବାକୁ ମୋର ଅନୁରୋଧ ।

( ୨ )

ସାଧାରଣ ନାଗରିକ କଅଣ ଚାହେଁ ? ତୁମ ଆମପରି ମଣିଷ ଚାହେ କଅଣ ? ଦୁନିଆରେ ଯେତେ ଲୋକ ଅଛନ୍ତି ସମସ୍ତେ କଅଣ ଧନ ଚାହାନ୍ତି ? ସମସ୍ତେ ଧନ ଚାହାନ୍ତି, ନ ଚାହାନ୍ତି ମାତ୍ର ସୁଖ ଚାହାନ୍ତି—ଏଥିରେ ଦ୍ୱିରୁକ୍ତି ନାହିଁ । ତା ହେଲେ ସୁଖ ସମସ୍ତଙ୍କର ଲୋଡ଼ା । ଆଜ ସୁଖ ପାଇବାକୁ ହେଲେ ଗୋଟିଏ ସହଜ ସରଳ ରାସ୍ତା ହେଉଛି ପରସ୍ପରକୁ ବୁଝିବାକୁ ଚେଷ୍ଟା କରିବା ।

ମତେ ପାନ ଖାଇବାକୁ ବଡ଼ ସୁଖ ଲାଗେ । ସେଥିପାଇଁ ମୁଁ ଅହରହ ପାନ କିଣେ ଖାଏ । ବୋଉ କହନ୍ତି 'ପୁଅରେ, ଏତେ ପାନ ଖାଆନା' । ମୋତେ ବୋଉ କଥା ଅସୁଖ ଲାଗେ । ମାତ୍ର ମୁଁ ଯଦି ବୋଉ କଥା ବୁଝି ପାରନ୍ତି, ମୋତେ ପାନ କିଣା ମଧ୍ୟ ଅସୁଖ ଲାଗନ୍ତା । ଦେଖନ୍ତୁ, ମୁଁ ପୁଅ, ସେ ମା । ତା କଥା ମୁଁ

ବୁଝି ପାରୁନାହିଁ ସେତେବେଳେ ଆଉ କାହା କଥା ଅବା ବୁଝି ପାରିବ ? ଅଚ୍ଛା, ମୁଁ ଯଦି ଆନ୍ତରିକ ଚେଷ୍ଟା କରେ, ତା ହେଲେ ବୋଉ କଥା କ'ଣ ବୁଝି ହ'ନ୍ତା ନାହିଁ—ନିଶ୍ଚୟ ହୁଅନ୍ତା । ତା ହେଲେ, ମୋଟାମୋଟି ମୁଁ ସାମାନ୍ୟ ଚେଷ୍ଟା କଲେ ବୋଉକୁ ବୁଝି ପାରନ୍ତି ଏବଂ ତଦନୁସାରେ ଆଚରଣ କରନ୍ତି, ଯାହା ଫଳରେ ବୋଉ ବି ଖୁସି ହୁଅନ୍ତେ, ମୋର ମଧ୍ୟ ମଙ୍ଗଳ ହୁଅନ୍ତା । ପୁନଶ୍ଚ ଯେତିକି ଚେଷ୍ଟା କଲେ ବୋଉକୁ ବୁଝି ପାରିବି, ତା ଠାରୁ ଅତ୍ୟନ୍ତ ଅଳ୍ପ ଚେଷ୍ଟାରେ ମଧ୍ୟ ଅନ୍ୟମାନଙ୍କୁ ବୁଝିହେବ ନିଶ୍ଚୟ । କାରଣ ସମସ୍ତେ ତ ସବୁବେଳେ ବୋଉଙ୍କ ପରି ମୋର ଶୁଭମନାସି କଥା କୁହନ୍ତି ନାହିଁ । ମୂଳତଃ ବୋଉକୁ ବୁଝିବାକୁ ଯେତେ ଶ୍ରମ ସ୍ୱୀକାର କରିବାକୁ ପଡ଼ିବ, ତାର କାଣିଚାଏ ସ୍ୱୀକାର କଲେ ଅନ୍ୟମାନଙ୍କୁ ଅନାୟାସରେ ବୁଝିହେବ ।

ମୋଟାମୋଟି ଲୋକଙ୍କୁ ବୁଝି ପାରିଲେ, ଗୋଟାଏ ଅଦ୍ଭୁତ ଆନନ୍ଦ ଉପୁଜେ । ଜୀବନଟା ଖୁସିରେ ପାରି ହେଲା ଭଳି ଲାଗେ । ଏଇ କଥାଟା ମୁଁ ମନରୁ ଗଢ଼ି କରି କହୁନାହିଁ । ମୋ ପୂର୍ବରୁ ଅନେକ ବ୍ୟକ୍ତି ଅନେକ ବାର କହିଛନ୍ତି । ଏବେ ମଧ୍ୟ କହୁଛନ୍ତି, ଆଗାମୀକୁ ବି କହୁଥିବେ । ଧନବାନ୍‌ମାନେ ଲକ୍ଷେ ପଇସା ଖର୍ଚ୍ଚ କରି ଅନୁସନ୍ଧାନ ଚଳାଇ ଏଇ ମର୍ମରେ ପହଞ୍ଚୁଛନ୍ତି ।

ଆପଣମାନେ ଆମେରିକାର ରକ୍‌ଫେଲରଙ୍କ ନାମ ଶୁଣି-ଥିବେ । ସେ ପ୍ରଚୁର ସମ୍ପତ୍ତିର ମାଲିକ ହେବା ପୂର୍ବରୁ ତାଙ୍କର ଜଣେ ସାଙ୍ଗକୁ କହିଥିଲେ, "ବୁଝିଲ କି, ମାତ୍ର ଦଶ ଡଲାର ଦେଇ ଯଦି ଲୋକଙ୍କ ସାଙ୍ଗେ ବ୍ୟବହାର କରିବା ଅଦବ୍‌କାଇଦା କିଣି ହେଉଥାନ୍ତା, ତା ହେଲେ ମୁଁ ମୋର ସର୍ବସ୍ୱ ଦେଇ [illegible]

ସେଇଟାକୁ କଣାନ୍ତି । କାରଣ, ସେତେବେଳକୁ ସେ ଭଲକରି ବୁଝି ସାରିଥିଲେ ଯେ ଅପରକୁ ବୁଝି ବସିଲେ ଖାଲି ଯେ ଆନନ୍ଦ ମିଳେ, ସେତିକି ନୁହେଁ, ପ୍ରଚୁର ଅର୍ଥାଗମ ହୁଏ ମଧ୍ୟ ।

ଆମେ ଭାରତୀୟ । କୌଣସି ବ୍ୟକ୍ତିଙ୍କୁ ତାଙ୍କ ଗୋତ୍ର ପଚାରିଲେ ସେ ଯେଉଁ ଋଷିଙ୍କ ନାମକରଣ କରନ୍ତି, ତହିଁରେ ତାଙ୍କର ଅଶେଷ ଗର୍ବ । ସେ ଋଷି ନିଜର ତ୍ୟାଗର ପରାକାଷ୍ଠା ହେତୁ ଆଜି ପୂଜ୍ୟ, ବିଶ୍ୱବରେଣ୍ୟ । ତେଣୁ ଖାଲି ଭାରତ କାହିଁକି ଉତ୍କଳର ପରମ୍ପରାରେ, ଅଶେଷ ଦୁଃଖ ସ୍ୱୀକାର କରି, ଅପରର ଅଭାବ ଅସୁବିଧା ବୁଝି, ସେଥିପ୍ରତି ଦୃଷ୍ଟି ରଖି କାର୍ଯ୍ୟ କରିବାରେ ଆମର ଖ୍ୟାତି । ଆମେ କୋଟି ସମ୍ପତ୍ତିର ମାଲିକ ହେବାକୁ ଅବା ନ ରହୁଁ-ଥିଲୁଁ, ମାତ୍ର ପାନ୍ତି ଭାତ ଗଣ୍ଡାଏ ଖାଇ, ଟିକିଏ ଲଜ୍ଜା ନିବାରଣ କରି, କାହା ଦୁଆରକୁ ହାତ ପତାଇବାକୁ ନ ଯାଇ, ଦୁଃଖୀ ଭିକାରିଙ୍କ ଥାଳରେ ସଜ୍ୟ ମୁନାବଳ ମୁଠାଏ ଦେଇ, ନିଜ କୁଡ଼ିଆରେ ମୁଣ୍ଡ ଗୁଞ୍ଜିବାକୁ ଥାନ ଥିଲେ, କେଉଁ କୋଟୀପତି ଆମକୁ ସରି ହେବ ? ପରକୁ ବୁଝି, ତା ମନ ଯେମିତି କାମ କରିବା ଆମର ତ ପରମ୍ପରାଗତ । ନୂଆ କଥା ବା ବୈଚିତ୍ର୍ୟ କାହିଁ ?

ଆଜି ଏଇ ଯେଉଁ ଶିକ୍ଷାର ସୋପାନ ଗଢ଼ି ଉଠିଛି, ତାର ଉଦ୍ଦେଶ୍ୟ ବହୁବିଧ । ମାତ୍ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମଣିଷ ମଣିଷକୁ ବୁଝୁ । ହୃଦୟ ହୃଦୟର ନିକଟତର ହେଉ । ମାତ୍ର ତଥାପି ଟିକିଏ ତ୍ରୁଟି କେଉଁଠି ରହିଗଲା ପରି ଲାଗୁଛି । ଅଜା କହୁଥିଲେ ଶିକ୍ଷାର ଛଅଟା ଅଙ୍ଗ, ଯଥା :—ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଆଉ ପ୍ରତିଗ୍ରହ । ଏତିକି ସବୁ ହେଲେ ଯାଇ ଆମର ଶିକ୍ଷା ସମ୍ପୂର୍ଣ୍ଣ ହେବ । ଅର୍ଥାତ୍ ପଢ଼ିବ, ପୁଣି ପଢ଼ାଇବ, ସେଇ ଅନୁସାରେ ଆଚରଣ କରିବ, ପୁଣି ଅନ୍ୟକୁ ଆଚରଣ କରାଇବ, ...

ଅନୁସାରେ ଦାନ ଦେବ ଏବଂ ନେବ ମଧ୍ୟ—ତା ହେଲେ ଯାଇ ମୋର ଜ୍ଞାନ ପକ୍ୱ ହେବ ବା ନିଜର ହେବ । ମାତ୍ର ଏ ସବୁ ପୋଥିରେ ଥାଉ । କାର୍ଯ୍ୟରେ କେତୁଟା ସଜ୍ଜନରେ ଆଉ ଦୃଷ୍ଟ-ଖ୍ରୁରେ ଆଉ ପରିଣତ ହୋଇ ପାରିବ, ତାହା ହିଁ ବର୍ତ୍ତମାନ ବିଚାର କରାଯାଉ ।

କାଳିଦାସ ଏତେ ବଡ଼ ପଣ୍ଡିତ ଯେ ତାଙ୍କୁ ପୁଣି କିଏ ନ ଜାଣେ ? ମାତ୍ର ସେ ତ ପୁଣି ବିଦ୍ୟା ନଗରୀରେ ଫେଲ ମାରି-ଥିଲେ । ସେ ନିଜର ଜ୍ଞାନ ଗରିମା ପରିଚୟ ଦେବାକୁ ବିଦ୍ୟାନଗରୀ ଯାଇଥାନ୍ତି । ଗୋଟିଏ ବୁଢ଼ୀ ଘରେ ରହୁଥାନ୍ତି । ଥରକର ତାଙ୍କର ବାଟ ଦେଇ ଗୋଟିଏ ଶବ ଶ୍ମଶାନକୁ ଯାଉଥାଏ । ବୁଢ଼ୀଟି କହିଲା, "ଦେଖିଲୁ ରେ ପୁଅ, ଲୋକଟି ସରଗକୁ ଯାଉଛି, ନା ନରକକୁ ଯାଉଛି ।" କାଳିଦାସ ଗଲେ, ଦେଖିଲେ, ମାତ୍ର ଲୋକଟି ସରଗକୁ ଯାଉଛି କି ନରକକୁ ଯାଉଛି, ସେ କିପରି ଜାଣନ୍ତେ ? ଫେରିଯାଇ, କିଛି ଜାଣି ପାରିଲେ ନାହିଁ ବୋଲି ବୁଢ଼ୀକୁ କହିଲେ । ବୁଢ଼ୀ ପଚାରିଲା, "ଆରେ ପୁଅ ! ଲୋକେ କଅଣ କହୁଛନ୍ତି ?" "ନାଁ ଆଲୋ ମାଉସୀ ! ଲୋକେ କହୁଛନ୍ତି, ଆହା ବଡ଼ଗଣି ଉତ୍ତମ ଲୋକଟିଏ ଥିଲା, ଆଜି ଚାଲିଗଲା ।" "ହାଁ, ହାଁ ରେ ପୁଅ, ତା ହେଲେ ତ ସେ ସରଗକୁ ଯାଉଛି ।" କାଳିଦାସ ଏତେବେଳେ କଥାର ଗୁମର ବୁଝି ପାରିଲେ ।

ଏହି କଥାଟିରୁ ଜଣା ପଡ଼ୁଛି ଆମର ସଂସାରରୁ ନେବାର ଅଛି କେବଳ ସୁନାମ ଟିକିଏ । ନେବାର ଅଛି ତ, ଦେବାର ନିଶ୍ଚୟ ଅଛି । ସତ ଅଛି ନା ଧନ ଅଛି, ଜନ ଅଛି ବୋଲି ସିନା ମଣିଷ ଅଛି । ତା ହେଲେ ଆମେ ସଂସାରକୁ ଦେବା କଅଣ ଜାଣିଛନ୍ତି ।

ଚରମ ଝିକଏ । ଚରମ ପୁଣି କଅଣ ? ଲୋକ ବୁଝିବାର କ୍ଷମତା କି ଚରମ । ଏଇ ଧରା ପୃଷ୍ଠରେ ମଣିଷ ବୋଲି ଯେଉଁ ଜୀବଗୁଡ଼ା ଅଦ୍ଭୁତ ଆଚରଣ କରୁଛନ୍ତି, ସେମାନଙ୍କୁ ବୁଝିବା କି ମନୁଷ୍ୟର ବା ଚରମ । ଆମେ ତ ମଣିଷ, ଆମର କଅଣ ମନୁଷ୍ୟତ୍ୱ ନାହିଁ ? ନିଶ୍ଚୟ ଅଛି ।

ଆମର ସୁଖ ଦରକାର । ସେଥିପାଇଁ ଅପରର ମନରେ ଦୁଃଖ ଦେଇ ଆମେ ନିଜେ ସୁଖୀ ହେବାକୁ ଅବଶ୍ୟ ପ୍ରସ୍ତୁତ ନୁହେଁ । ତେଣୁ ଅନ୍ୟର ମନ ବୁଝିବାର ଆବଶ୍ୟକତା ପଡ଼ୁଛି । ଆମେ ଯଦି ଜଣେ ଗର୍ହିତ ଅପରାଧୀର ମନ ବୁଝିପାରିବା, ତେବେ ସାଧାରଣ ବ୍ୟକ୍ତିର ମନ ବୁଝିବାକୁ ଆମକୁ ଆଉ କଷ୍ଟ ଲାଗିବ ନାହିଁ । ବିଚାର କଲେ ଜଣାପଡ଼ିବ ଯେ ଚୋରଠାରୁ ଡକାୟତ ବଡ଼ ଦୋଷୀ, ଚୋର ଡକାୟତଙ୍କଠାରୁ ଅଧିକ ଗର୍ହିତ ଦୋଷୀ ହେଉଛି ହତ୍ୟା-କାରୀ—ଯାହାର ସ୍ୱଭାବ ହତ୍ୟା କରିବା । କାରଣ, ଚୋର ଡକାୟତ ବିପଦରେ ନ ପଡ଼ିଲେ ହତ୍ୟା କରନ୍ତି ନାହିଁ । ମାତ୍ର ହତ୍ୟାକାରୀ ବା ମଣିଷମାରୁ କେଉଁ ଭାବରେ ଯେ ହତ୍ୟାକରେ ତାହା ବୁଝିବା ଝିକଏ କଷ୍ଟକର ବ୍ୟାପାର ।

ଷ୍ଟାଇଲ ବୋଲି ଜଣେ ଦୁର୍ଦ୍ଦାନ୍ତ ହତ୍ୟାକାରୀ ଥିଲା । ସେ ହତ୍ୟାକରେ ବୋଲି, ଜୀବହତ୍ୟା ନୁହେଁ—ନରହତ୍ୟା । ଏଇ ନରହତ୍ୟା ପୁଣି ତା ବାଆଁ ହାତର ଗୋଟାଏ ଖେଳ । ସେ ଥରେ ମଟରରେ ଯାଉଥିଲା । ଜଣେ ପୋଲିସ୍ ତା ଗାଡ଼ି ଅଟକାଇ ତା ଲାଇସେନସ୍ ଦେଖିବାକୁ ମାଗିଲା । ଷ୍ଟାଇଲ ପ୍ୟାଣ୍ଟ ପିନ୍ଧିଥିଲା । ସେ ପ୍ୟାଣ୍ଟ ପକେଟରେ ହାତ ଭରାଇ ଦେଲା—ପୋଲିସଟି ଭାବିଲା ସେ ଲାଇସେନସ୍ ବାହାର କରୁଛି । ମାତ୍ର ଷ୍ଟାଇଲ ଲାଇସେନସ

ବାହାର ନ କରି କଅଣ ବାହାର କଲା ଜାଣନ୍ତି—ବାହାର କଲା ରିଭଲଭର । ସେ ରିଭଲଭର ବାହାର କରି ପଦେ ହେଲେ କଥା ନ କହି ପୁଲିସ୍ଟିକୁ ମାରି ଗଲେ ଗଡ଼ାଇ ଦେଇ ଚଲ୍ । ଏହା ଗୋଟିଏ ଘଟଣା । ଏହିପରି ସେ କେତେ ଯେ ନରହତ୍ୟା କରିଛି, ତାର ସୁମାରି ନାହିଁ । ପରିଶେଷରେ ସେ ଧରା ହେଲା ଏବଂ ବିଚାରରେ ତାକୁ ଫାଶୀ ହୁକୁମ ହେଲା ।

ସମସ୍ତେ ହୁଏତ ଭାବୁଥିବେ ଯେ ହାରାମଜାଦାକୁ ଉଚିତ ଦଣ୍ଡ ହୋଇଛି । ସେ ନିଶ୍ଚୟ ଫାଶି ଖୁଣ୍ଟରେ ବସିଲା ବେଳେ ଅନୁତାପ କରିଥିବ । ମାତ୍ର ଆଶ୍ଚର୍ଯ୍ୟ କଥା ଏଇ ଯେ ସେ ଅନୁତାପ କରିନାହିଁ । ସେ ଭାବିଲା ନାହିଁ ଯେ ନରହତ୍ୟା ଅପରାଧରେ ସେ ଫାଶୀ ଖୁଣ୍ଟରେ ଝୁଲିବାକୁ ଯାଉଛି । ସେ କହିଲା କ'ଣ ଜାଣନ୍ତି—"ମୁଁ ନିଜକୁ ରକ୍ଷା କରିବାକୁ ଯାଇ ଶେଷରେ ଏଇ ପରିଣାମ ଭୋଗ କଲି । ଏ ଜଗତଟା ଗୋଟାଏ ଲୁଚା ଭାଉଖାନା ।" ସେ ଯେ ଖାଲି ଏତିକି କହିଲା, ତାହା ନୁହେଁ । ସେ ଧରାହେବା ପୂର୍ବ ମୁହୂର୍ତ୍ତରେ ଗୋଟାଏ ଚିଠିରେ ରକ୍ତରେ ଲେଖିଥିଲା, "ମୋର ହୃଦୟରେ ଅପରର ସାମାନ୍ୟ କ୍ଷତି କରିବାପାଇଁ କେବେ ହେଲେ ସ୍ଥାନ ନାହିଁ, ମାତ୍ର ନିଜକୁ ରକ୍ଷା କରିବାକୁ ବସିଲେ, ସଂସାରରେ ପରିଣତି କିପରି ହିଂସାମୟ ହୁଏ—ଦେଖନ୍ତୁ ।"

ଏ କଥା ଆମର ସହଜରେ ବିଶ୍ୱାସ ହେବନାହିଁ । ମାତ୍ର କଥାଟାକୁ ତା ଦୃଷ୍ଟିକୋଣରୁ ଟିକଏ ବିଚାର କରନ୍ତୁ । ଲାଇସେନ୍ସ ତା ପାଖେ ନ ଥିଲା । ସେଥିପାଇଁ ସେ ଦଣ୍ଡ ପାଇବ—ଏହା ସେ ସହି ପାରିଲା ନାହିଁ । ସେ ଦଣ୍ଡରୁ ଉବୁରିବାକୁ ସେ ପୁଲିସ୍ଟିର ପ୍ରାଣ ନେଇଥିଲା ସିନା । କେବେ ଏତେ ବଡ଼ ସାଙ୍ଘାତିକ ଲୋକର

ମନୋବୃତ୍ତି ଯେତେବେଳେ ଏପରି, ସେତେବେଳେ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଦୋଷୀ ବୋଲି କହିଲେ ସେ ମାନିବ କପରି ?

ଏହି ଧରଣର ଉଦାହରଣ ଖୋଜି ବସିଲେ ଗୋଟେ ବଡ଼ ବହୁତ ମିଳିବ । କେତେ କେତେ ଚୋର ହଜାର ଥର ଜେଲ ଯାଇ ମଧ୍ୟ ପୁଣି ଚୋରି କରନ୍ତି । ସେମାନେ କେବେହେଲେ ନିଜ ଦୋଷ ସ୍ୱୀକାର କରନ୍ତି ନାହିଁ ।

ଅଳ୍ପଦିନ ତଳେ ଆମେରିକାରେ ଗୋଡ଼କଟା ବଶିଆ ବୋଲି ଗୋଟିଏ ପ୍ରସିଦ୍ଧ ଚୋର ଥିଲା । ସେ ଅନେକ ଥର ଜେଲ ଭୋଗିଛି । ଥରେ ସେ ଜେଲ କାନ୍ଥ ଡେଇଁ ପଳାଇ ଆସିବାକୁ ଚେଷ୍ଟା କରି-ବାରୁ, ତା ଗୋଡ଼ କାଟି ଦିଆଯାଇଥିଲା । ଗୋଡ଼ କଟି ଯିବା ଦିନରୁ ସେ ଆଉ ଚୋରି କରି ପାରିଲା ନାହିଁ । ଭିକ ମାଗି ପେଟ ପୋଷି ଦିନ କାଟେ । ସେ ଭିକ ମାଗିଲା ବେଳେ କଅଣ କହି ଭିକ ମାଗେ ଜାଣନ୍ତି ? "ଦେଖନ୍ତୁ, ମୁଁ ପ୍ରସିଦ୍ଧ ଗୋଡ଼କଟା ଚୋର, ମୋ ଗୋଡ଼ କାଟି ଦେଇ ମୋତେ ଅକାମୀ କରିଦେବାରୁ ମୁଁ ଭିକ ମାଗି ବୁଲୁଛି, ତଥାପି ମୋ ଦେହରେ ହାଣ୍ଟକର ବଳ ଅଛି । ଭିକ ଦେବ ତ ଦିଅ, ନ ଦେଲେ ସାବଧାନ ।" ପୁଣି ଏହିକଥା କହିଲା ବେଳେ ତାର ଯେଉଁ ଗର୍ବ, ଦେଖିବାର କଥା । ଆଖିରକୁ ଚୋର-ଟାଏ ନା । ଆଉ କ'ଣ ? ତଥାପି ତା'ର ଯଦି ମନର ବୃତ୍ତି ଏପରି, ଅନ୍ୟ ଚୋର, ତସ୍କର, ନରହନ୍ତାଙ୍କ ମନୋବୃତ୍ତି କାହିଁକି ସେପରି ନ ହେବ ଯେ !

ଏଥିରୁ ଆମର ଗୋଟିଏ କଥା ମନେ ରଖିବା ଉଚିତ । କୌଣସି ଲୋକ, ଯେତେ ବଡ଼ ଦୋଷ କରିଥାଉ ନା କାହିଁକି, ସେ ତା ଦୋଷ ଧରାଇଦେଲେ କେବେହେଁ ମାନିବ ନାହିଁ । ତେଣୁ

ଅପରର ଦୋଷ ବାଛି ବସିଲେ ନିଜେ ବେକୁବ୍ ହେବା ହିଁ ସାର ହେବ । ନିତାନ୍ତ ଦୋଷ ବାଛିବା ଆବଶ୍ୟକ ହେଲେ ଉପର କରି-ବାକୁ ହେବ, ତାହା ପର୍ଯ୍ୟାପ୍ତ ନିୟମ ବର୍ଣ୍ଣିତ ଅଛି । ମୋଟାମୋଟି ଏତିକି ମନେ ରଖିଲେ ଯଥେଷ୍ଟ ହେବ ଯେ ଦୋଷୀ ଯାହା ବା ନିଜ ଦୋଷ ସ୍ୱୀକାର କରନ୍ତା, ଅପର କେହି ବାଛି ଦେଲାକ୍ଷଣି ସବୁ ବିଗିଡ଼ି ଯାଏ । ସେ ନିର୍ଦ୍ଦୋଷ, ଏହା ପ୍ରମାଣ କରିବା ପାଇଁ ବାକ୍‌ଚାତୁରୀର ଆଶ୍ରୟ ନିଏ । ଦୋଷୀ ଏତେ କଥା କାହିଁକି କରେ ଜାଣନ୍ତି । ପ୍ରତି ମାନବର ପ୍ରବୃତ୍ତି ଏପରି ଯେ ଅପର ତା ଠାରୁ ଗୁଣବାନ୍, ଏହା ସେ ମାନିବାକୁ ଅପ୍ରୀତିକର ମନେ କରେ । ତା'ର ଅହଂ ଭାବରେ ବଡ଼ ଆଘାତ ଲାଗେ । ତାହା ଖାଲି ଦୋଷୀକୁ କାହିଁକି ନିର୍ଦ୍ଦୋଷକୁ ମଧ୍ୟ ଅସହ୍ୟ ବୋଧ ହୁଏ—କାରଣ ସେ ବି ତୁମ ଆମ ପରି ଜଣେ ମଣିଷ ଏବଂ ତା'ର ମଧ୍ୟ ମଣିଷପଣିଆ ଅଛି ।

ଅଧିକାଂଶ କ୍ଷେତ୍ରରେ ଆମେ ସମସ୍ତେ ଏହାର ଆଚରଣ କରି ବସେ । ଅନ୍ୟର ଦୋଷ ଦେଖିଲେ ସଙ୍ଗେ ସଙ୍ଗେ ବାଛି ଦିଏ । ମଣିଷ ପ୍ରକୃତିର ଏହି ଦୁର୍ବଳତାକୁ ଲକ୍ଷ୍ୟ କରି ଜର୍ମାନୀରେ ସୈନ୍ୟମାନଙ୍କ ପାଇଁ ଗୋଟାଏ ନିୟମ ଗଢ଼ା ହୋଇଛି । ସେ ନିୟମାନୁସାରେ କୌଣସି ସୈନ୍ୟ ଅପର ବିରୁଦ୍ଧରେ ସଙ୍ଗେ ସଙ୍ଗେ ଉପର ହାକିମ ପାଖରେ ଅଭିଯୋଗ କାଢ଼ିପାରିବ ନାହିଁ । ଯଦି ଅଭିଯୋଗ କରେ, ତା ହେଲେ ନିୟମ ଭଙ୍ଗ କରିଥିବା ହେତୁ ଆଗ ନିଜେ ଦଣ୍ଡିତ ହେବ । ଆଶାକରେ ଆମ ସରକାର ଏପରି ନିୟମ ଗଢ଼ି ଆମକୁ ଅପମାନିତ କରିବା ପର୍ଯ୍ୟନ୍ତ କଥା ଯିବ ନାହିଁ ।

ବଡ଼ ବଡ଼ ବ୍ୟକ୍ତିମାନଙ୍କ ଜୀବନୀ ଆଲୋଚନା କଲେ ଆମେ ଦେଖିବା ସେମାନେ ଦୋଷ ବାଛିବା ଭଳି ଭୁଲ କ୍ୱଚିତ୍ କରନ୍ତି ।

ମହାତ୍ମାଗାନ୍ଧିଙ୍କ ଅମଳର କଥା । ଥରେ ଗୃହର ଦକ୍ଷିଣ ଅଞ୍ଚଳର ଲୋକଙ୍କ ବିରୁଦ୍ଧରେ ମହାତ୍ମାଙ୍କ ସ୍ତ୍ରୀ କଅଣ ଅଭିଯୋଗ କରି ବସିଲେ । ମହାତ୍ମା ସଙ୍ଗେ ସଙ୍ଗେ କହିଲେ, "ବୁଝିଲ, ସେମାନଙ୍କର ଦୋଷ ବାଛିଲେ କିଛି ଲାଭ ହେବ ନାହିଁ । ସେମାନେ ଯେଉଁ ପରିସ୍ଥିତିରେ ପଡ଼ିଛନ୍ତି, ଆମେ ଠିକ୍ ସେଇ ପରିସ୍ଥିତିରେ ପଡ଼ିଥିଲେ, ଠିକ୍ ସେଇମାନଙ୍କ ପରି ଆଚରଣ କରିଥାନ୍ତେ ।" ଏଇ କଥାଟି ଯେତେ ସାମାନ୍ୟ ବୋଧ ହେଉଥିଲେ ମଧ୍ୟ, ଯେଉଁ ମହାତ୍ମାଙ୍କ ତୁଣ୍ଡରୁ ବାହାରିଥିଲା ସେଥିରୁ ମହାତ୍ମାଙ୍କର ମହାନ୍ତ୍ୟର ପରିଚୟ ମିଳୁ ନାହିଁ କି ?

କନ୍‌ଫ୍ୟୁସିଅସ୍ ଜଣେ ଖ୍ୟାତନାମା ଦାର୍ଶନିକ । ସେ କହିଥିଲେ, ନିଜ ଦାଣ୍ଡ ଦୁଆର ସଫା ନ ରଖି ପଡ଼ୋଶୀ ଦୁଆର ମଇଳା ହୋଇଛି ବୋଲି କେବେହେଁ କହିବ ନାହିଁ ।

ତେଣୁ ଲୋକଙ୍କ ସାଙ୍ଗରେ ବ୍ୟବହାର କଲାବେଳକୁ ସବୁ ଆଡ଼କୁ ଚିନ୍ତାକରି କଥା କହିବା । ନ୍ୟାୟଶାସ୍ତ୍ରରେ ସମସ୍ତେ ଧୂରନ୍ଧର ନୁହଁନ୍ତି । ମୁଁ ବା କେଉଁ ଧୂରନ୍ଧର ଯେ ? ଯେଉଁ ପରିସ୍ଥିତିରେ ଲୋକେ ଭୁଲ କରନ୍ତି, ସେଇ ପରିସ୍ଥିତିରେ ପଡ଼ିଥିଲେ ଆମେ ନିଜେ ମଧ୍ୟ ଭୁଲ କରେଁ, ଅନ୍ୟମାନେ ଭୁଲ କରନ୍ତି । ଆମେ ଯେମିତି, ସେମାନେ ମଧ୍ୟ ସେମିତି । ଖାଲି ଆମର ଆତ୍ମଗର୍ବ ଅଛି, ବଡ଼ିମା ଅଛି, ଆଉ ତାଙ୍କର ନାହିଁ କି ?

ବେଞ୍ଜାମିନ୍ ଫ୍ରାଙ୍କଲିନ୍ ବୋଲି ଜଣେ ସୁଖ୍ୟାତ ବ୍ୟକ୍ତି ଅତ୍ୟନ୍ତ ଲୋକପ୍ରିୟ ଥିଲେ । ଏତେ ଲୋକପ୍ରିୟ ହେବାର କୌଶଳ କ'ଣ ବୋଲି ତାଙ୍କୁ ପଚାରିବାରୁ ସେ କଅଣ କହିଥିଲେ ଜାଣନ୍ତି ? "ମୁଁ କାହାର ବିରୁଦ୍ଧରେ କେବେ କୌଣସି ଖରାପ କଥା କହେ ନାହିଁ, ଆଉ ଯାହାଠି ଯେଉଁ ଭଲ କଥାଟି ଦେଖେ, ତାକୁ କହେଲ

ଚୂନେଇ କହି ନ ପାରିବା ପର୍ଯ୍ୟନ୍ତ ମୁଁ ଶାନ୍ତି ପାଏ ନାହିଁ । ସେଥି ପାଇଁ ମୋତେ ଲୋକେ ଏତେ ଭଲ ପା'ନ୍ତି ।

କୌଣସି ଅପର ବ୍ୟକ୍ତି ଆମ ଇଚ୍ଛା ବିରୁଦ୍ଧରେ ଆଚରଣ କଲେ, କାହିଁକି ସେପରି କଲ, ଆମେ ତା ପରି ହୋଇଥିଲେ କେମିତି ଆଚରଣ କରିଥାନ୍ତେ ଇତ୍ୟାଦି କଥାର ବିଶ୍ଳେଷଣ ସୁଚରିତ୍ରର ଗୋଟିଏ ପ୍ରଧାନ ଅଙ୍ଗ । ଆମେ ଏହିକି ବିଚାର କରି କାର୍ଯ୍ୟ କଲେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇ ପାରିବା ।

ଅଧିକାଂଶର ଗୋଟିଏ କୁଅଭ୍ୟାସ ଅଛି ଯେ ସେମାନେ ଅପରର ସାମାନ୍ୟ ଦୋଷ ବା ତ୍ରୁଟି ଦେଖିଲେ ରାଗରେ ନିଆଁ-ବାଣ ହୋଇ ଯାଆନ୍ତି, ଅକଥ୍ୟ ଭାଷାରେ ଗାଳି ଗୁଲଜ୍ କରନ୍ତି । ମାତ୍ର ଧୀର ଚିତ୍ତରେ ବିଚାର କଲେ ବୁଝିପାରିବା ଯେ ରାଗିବାରେ ନିଜର ଶକ୍ତି ହିଁ ଅପଚୟ ହୋଇଛି ଏବଂ ନିଜର ଦୁର୍ବଳତା ସ୍ୱତଃ ପ୍ରକାଶ ପାଉଛି ଏବଂ ରାଗିବାର ପରିଣାମ ଯାହା ହେବାର ଆଶା, ତାର ଓଲଟା ହିଁ ହୋଇଥାଏ । ଏ ସମ୍ବନ୍ଧରେ ଆଉ ବେଶୀ ବଖାଣ କରିବା ଉଚିତ ନୁହେଁ । କିଏ ହୁଏତ କହିଦେବ—

ଛିଦ୍ର ଦେଖୁଥାଏ ପରକୁ, ବୁଝି ନ ଦେଖଇ ଘରକୁ ।

ବା "ଚାଲୁଣି କହୁଛି ଛୁଞ୍ଚିକି, ଛୁଞ୍ଚିଲୋ ତୋ......।" ତଥାପି ମୁଁ ସମସ୍ତଙ୍କୁ ଗୋଟିଏ କଥା ମନେ ରଖିବାକୁ ଅନୁରୋଧ କରିବ । ସ୍ୱୟଂ ଭଗବାନ ମଧ୍ୟ ଆମେ ନ ମରିବା ପର୍ଯ୍ୟନ୍ତ ଆମର ଭୁଲ ଭଟକା ବିଚାର କରନ୍ତି ନାହିଁ, ଧରନ୍ତି ନାହିଁ । ଆମେ ଯାହା ଭୁଲଚୁଟାରେ ଦଣ୍ଡକର ମାଲିକ ପରି ଫର ଫର ହୋଇ, ନିଜର ବୋକାମିର ପରିଚୟ ଦେଉଥାଏ ସିନା !

ଥରେ ମୁଁ ରେଳ ଯୋଗେ କଟକରୁ ବାଲେଶ୍ୱର ଯାଉଥାଏ । ପାସେଞ୍ଜର ଗାଡ଼ି । ରାତି ୪ ଟାରେ ଆସି ପହଞ୍ଚିଲା କଟକରେ ସେଦିନ । ଗାଡ଼ି ଅସମ୍ଭବ ରକମର ଯାତ୍ରୀ ଥାଏ—ଭାରି ଭିଡ଼ । ଗୋଟିଏ ବେଞ୍ଚ ଉପରେ କଷ୍ଟେ ମଷ୍ଟେ ଉଠି ବସିଲି । ସକାଳ ୫½ ସମୟ ଜଣେ ବୟସ୍କ ବ୍ୟକ୍ତି ଯାଇ ପାଇଖାନା ଦୁଆର ମୁହଁରେ ଠିଆ ହୋଇ ଆମ ସମସ୍ତଙ୍କ ମୁହଁକୁ ଜଣ ଜଣ କରି ଜିଜ୍ଞାସୁ ଦୃଷ୍ଟିରେ ଚାହିଁ ରହିଲେ । ତାଙ୍କର ଅସ୍ୱାଭାବିକ ଭାବ ଭଙ୍ଗୀ ଦେଖି ପଚାରି ପକାଇଲି "କ'ଣ ଆଜ୍ଞା ?" ସେ କହିଲେ, "ଆଜ୍ଞା ବାହାର ବେଶୀ ଆବଶ୍ୟକ ଥାଇ ଗାଡ଼ିରେ ପାଇଖାନା ଯିବାକୁ—ସେଥିପାଇଁ ଚାହୁଁଛି ।" ତାଙ୍କ କଥା ଶୁଣି ଆମେ ଦଳେ ହୋ କରି ହସି ଉଠି-ଥିଲୁ ସେ ଦିନ । ମାତ୍ର ଆଜି ବୁଝୁଛି ସେ କେଉଁଠି ଆଉ ମୁଁ କେଉଁଠି ? ବାସ୍ତବିକ ନିତ୍ୟକର୍ମ କରିବା, ଶୌଚ ହେବା, ଖାଇବା, ପିଇବା, ଶୋଇବା ସମସ୍ତଙ୍କର ଆବଶ୍ୟକ । ମାତ୍ର ଏକଥା ଠିକ୍ ଥାନ୍ ମୁଣ୍ଡରେ ଆମେ ଭୁଲିଯାଏ କିମିତି ? ଆମେ ଯଦି ଏତିକି ମନେ ରଖି ପାରନ୍ତେ ଯେ ଜାଗତିକ ମନୁଷ୍ୟ ଭିତରେ ଯେତେ ଫରକ ଥିଲେ ମଧ୍ୟ, କେତେଟା କାମ ସମସ୍ତଙ୍କର ନିତାନ୍ତ କର୍ତ୍ତବ୍ୟ, ତା ହେଲେ ଆମେ ଅଧିକ ସୁଖମୟ ଜୀବନ ଯାପନ କରି ପାରନ୍ତେ । ସଂସାରର ବହୁତ କଷ୍ଟ ଗଣ୍ଡଗୋଳରୁ ଶାନ୍ତି ମିଳନ୍ତା । ଉକ୍ତ ଭଦ୍ରବ୍ୟକ୍ତି ପାଇଖାନା ତ ନିଶ୍ଚୟ ଗଲେ, ମାତ୍ର ଗାଡ଼ି ଭିତରେ ଯେଉଁ ବ୍ୟବହାର ଟିକେ ଦେଖାଇଲେ, ସେଥିପାଇଁ ତାଙ୍କ ମୁଖମଣ୍ଡଳ ଆଜି ଯାଏ ମୁଁ ଭୁଲିପାରି ନାହିଁ ।

ଆଉ ଗୋଟିଏ କଥା । ସମସ୍ତେ ଅନୁଭବ କରିଥିବେ ଯେ ସମସ୍ତଙ୍କର ଭଲ ଲୁଗାଟେ ପିନ୍ଧିବାକୁ, ଦେହକୁ ସୁନ୍ଦର ଭଦ୍ରବେଶ ହୋଇ ବାହାରିବାକୁ ସବୁବେଳେ ଇଚ୍ଛା ହୁଏ । ତାହାର ତାହାର

ଭଲ ପୋଷାକ ପରିଚ୍ଛଦ, ଭଲ ଘଣ୍ଟା, ଭଲ ଝରଣା କଲମ, ଭଲ ସାଇକେଲ କାରବାର କରିବାକୁ ସବୁର ଇଚ୍ଛା ହୁଏ । ଆଉ କେତେଜଣଙ୍କର ଭଲ ଦିଶିବାକୁ ଏତେ ପ୍ରବଳ ଇଚ୍ଛା ଯେ, ସେମାନେ ଦରକାର ନ ହେଉଥିଲେ ମଧ୍ୟ ଚଷମା ବ୍ୟବହାର କରନ୍ତି । କେହି କେହି ନିଜର ଅଭାବ ଥିଲାବେଳେ, ଧୋବାଘରୁ ଭଡ଼ାରେ ପୋଷାକପତ୍ର ଆଣି, ପିନ୍ଧି, ନିଜକୁ ବାହାରନ୍ତି । ଏ ସବୁର ମୂଳରେ ସବୁବେଳେ ସମସ୍ତଙ୍କର ଗୋଟିଏ ଇଚ୍ଛା ଲୁଚ୍‌ କାପିଛି ଥାଏ, "ଆମକୁ ସମସ୍ତେ ଭଲ କହନ୍ତୁ ।" ନିଜେ "ଭଲ," ଏତିକ ଶୁଣିବାକୁ ସବୁ ଦେଶରେ, ସବୁ କାଳରେ, ସବୁ ମଣିଷ ଅଳ୍ପ ବହୁତରେ ଭଲ୍ପି ଆସିଛନ୍ତି । ବଡ଼ ବଡ଼ ମନୀଷୀମାନେ ଅନେକ କ୍ଷେତ୍ରରେ ଏ କଥା ସ୍ୱୀକାର ମଧ୍ୟ କରିଛନ୍ତି । କେତେକଙ୍କର ଧାରଣା ଯେ ଯେଉଁ ବ୍ୟକ୍ତି ଏଇ କଥାଟି ଯେତେଦୂର ମନେରଖି ତଦନୁରୂପ ଆଚରଣ କରି ପାରନ୍ତି, ସେ ସେତେ ଉନ୍ନତ, ଲୋକପ୍ରିୟ ହୁଅନ୍ତି ଏବଂ ତାଙ୍କ ଜୀବନଟି ବଡ଼ ସୁଖମୟ ହୁଏ ।

ଭଲ ବୋଲାଇବାକୁ, ନାମ କିଣିବାକୁ ଲୋକେ କଅଣ ନ କରି ପାରେ ମତେ ? ଏଇ ନାମ କିଣିବାକୁ ରକ୍‌ଫେଲର ଗୁଇନାକୁ ଟଙ୍କା ସାହାଯ୍ୟ କରେ । ଗୁଇନା କେଉଁଠି ଆମେରିକା କେଉଁଠି ? ଜୀବଦ୍ଦଶା ଭିତରେ ରକଫେଲର ଯେ ଗୁଇନା ଲୋକଙ୍କୁ ଆଖି ଦୁଇଟି ଦେଖିବାକୁ ପାଇବେ, ତା'ର ସମ୍ଭାବନା କ୍ଷୀଣ, ତଥାପି ପ୍ରଚୁର ସାହାଯ୍ୟ ଦାନ କରିବାକୁ ସେ ପଛୁନ୍ତି ନାହିଁ । ଫେର୍‌ ଫାଉଣ୍ଡେସନ୍‌ର ଭାରତବାସୀଙ୍କୁ ସାହାଯ୍ୟ ଦାନ ପଛରେ, ଯେ ଏହି ଇଚ୍ଛା ନାହିଁ, ସେ କଥା କିଏ କହିବ ? ତେନ୍‌ସିଂ ନାମ କିଣିବାକୁ ଏଭେରେଷ୍ଟ ଅଭିଯାନ ପଥରେ ପ୍ରାଣ ପଣ କରି ମାତି ଯାଇଥିଲେ । ସୁନାମ କିଣିବା ଲୋଭରେ

କଲମ୍ବସ୍ ଆମେରିକା ଆବିଷ୍କାର କଲେ । ଏହି ସ୍ୱନାମଧନ୍ୟ ଯୋଦ୍ଧା, ଏହି ବଡ଼ହେବା ଇଚ୍ଛାର ବଶବର୍ତ୍ତୀହୋଇ କାମ କରି ବହୁ ଲୋକେ ଅମର ହୋଇଛନ୍ତି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ଜଣା ପଡ଼େ ଯେ, ସମସ୍ତେ ବଡ଼ ହେବାକୁ ଇଚ୍ଛା କରନ୍ତି ଏବଂ ସେଥିପାଇଁ ଯେଝା ଯେଝା ରୁଚିକ ବାଟ ବାଛି ନିଅନ୍ତି । ରକ୍‌ଫେଲର ଯେଭଳି ନାମ କମାଇଛନ୍ତି—ତେନେସିଂ ହୁଏତ ସେଭଳି ନାମ କମାଇଛନ୍ତି—ମାତ୍ର ଫରକ ସେମାନଙ୍କ ଆପଣା ଆପଣା ଦୃଷ୍ଟିଭଙ୍ଗୀରେ ।

ଲୋକମାନଙ୍କ ମଧ୍ୟରେ ବଡ଼ ହେବାର ଆକାଂକ୍ଷା, ସୁଖୀ ହେବାର ଇଚ୍ଛା ଯେତେବେଳେ ଖୁବ୍ ପ୍ରବଳ ହୋଇଯାଏ ଏବଂ ସେମାନେ ତାକୁ କୌଣସି ପ୍ରକାରେ କାର୍ଯ୍ୟରେ ପରିଣତ କରି ନ ପାରନ୍ତି, ସେତେବେଳେ ସେମାନେ ପାଗଳ ହୋଇଯାନ୍ତି । ଏଥିରେ ଆପଣଙ୍କର ଯଦି ବିଶ୍ୱାସ ନ ହେଉଛି, ରାଞ୍ଚି ପାଗଳଗାରଦର ବଡ଼ ଡାକ୍ତରଙ୍କ ଅଭିମତ ଲୋଡ଼ନ୍ତୁ । ସେ ହୁଏତ କହିବେ, ଶତକଡ଼ା ୫୦ ଜଣ ପାଗଳ ଅପୂର୍ଣ୍ଣ ବାସନା ହେତୁ ତାଙ୍କ ଅଧୀନରେ ଚିକିତ୍ସିତ । କିଏ ପ୍ରତିଦିନ ଧନକର ସ୍ୱପ୍ନ ଦେଖୁଛି ତ କିଏ ସନ୍ତାନହୀନା ରମଣୀ ପ୍ରତିଦିନ ସନ୍ତାନ ସନ୍ତତିର ଜନ୍ମ କଳ୍ପନା କରି ଆନନ୍ଦ ଉପଭୋଗ କରୁଛି । କେତେ କେତେ ଡାକ୍ତର ପାଗଳକୁ ଭଲ କରି ଦେବାକୁ କୁଣ୍ଠା ବୋଧ କରନ୍ତି । ସେମାନଙ୍କ ମତରେ ପାଗଳ ହେଲେ ଲୋକ ବରଂ ସ୍ୱପ୍ନରେ ରହେ, କଳ୍ପନାରେ ତାର ବାଞ୍ଛିତ ଫଳ ଭୋଗ କରେ । ପାଗଳ ପକ୍ଷରେ ଲକ୍ଷ ଲକ୍ଷ ଟଙ୍କାର ଚେକ କାଟିଦେବା ଯେପରି ସମ୍ଭବ, ହାଇଦ୍ରାବାଦର ନିଜାମଙ୍କ ପାଖକୁ ପ୍ରିୟ ବନ୍ଧୁବର ବୋଲି ସମ୍ବୋଧନ କରି ପତ୍ର ଲେଖିବା ଯେପରି ସହଜ, ହଲିଉଡ଼ର ବିଶିଷ୍ଟ ଚିତ୍ରତାରକାଙ୍କୁ ପରିଣୟ କରି ରଙ୍ଗୀନ ମଧୁମୟ ଜୀବନଯାପନ କରିବା ମଧ୍ୟ ତା'ଠ ଅତ୍ୟନ୍ତ ସ୍ୱାଭାବିକ ।

ଏ ସବୁ କଥା ପଢ଼ିଲେ ଶୁଣିଲେ ଗୋଟିଏ କଥା ସ୍ପଷ୍ଟ ରୂପେ ବାରି ହୁଏ । ସଂସାରରେ ଲୋକମାନେ ମୁଣ୍ଡ ବା ଅହଂଭାବ ବଜାୟ ରଖିବାକୁ, ସୁଖୀ—ସମ୍ପନ୍ନ ହେବାକୁ, ବଡ଼ ହେବାକୁ, ସବୁବେଳେ ବ୍ୟାକୁଳ, ସବୁବେଳେ ଚଞ୍ଚଳ । ଆମର ହୁଏତ ଭୋକୀକୁ ପେଟ ପୂରା ମୁଠାଏ ଖାଦ୍ୟ ଦେବାର ସମ୍ବଳ ନାହିଁ, ଶୋଷୀକୁ ପାଣି ଟୋପାଏ ଦେବାର ଶକ୍ତି ନାହିଁ, ମାସ ମୁଁ ବୁଝି-ପାରୁନାହିଁ, ବଡ଼ବଡ଼ ଲୋକ ଦରଦଭରା—ମିଠା କଥା ଦ'ପଦ—ପ୍ରାଣରେ ଆଶା ଆଶ୍ୱାସନା ସଞ୍ଚାଳନ କଲାପରେ କଅଁଳିଆ କଥା ଦ'ପଦରେ କାହିଁକି ଆମେ ପଡ଼ିଭୁଲିବା ? ଯଦି ଆମେ ଏତେକ ଅକାତରରେ ଦାନ କରି ନ ପାରେ, ଆମ ମଣିଷପଣିଆକୁ ଧିକ୍ ଯିବା ।

ପକ୍ଷାନ୍ତରେ ମିଠା କଥା ଦ'ପଦ କହି, ଖୋସାମଦିଆ କଥା ନୁହେଁ ଖାଣ୍ଟି ହିତକଥା—ସ୍ପଷ୍ଟ ଓ ଦୃଢ଼କୋମଳ କଥା ଦ' ପଦ କହି ଯେ ନିଜ କାର୍ଯ୍ୟ ହାସଲ କରି ନେଲେ ସେ କେଉଁଣ ଅବିବେକୀ ?

କହି ଜାଣିଲେ ଏଉ କଥା ହୁଏର । ୧୯୨୨ ଜାନୁୟାରୀଠାରୁ ଜୁନ୍ ପର୍ଯ୍ୟନ୍ତ ଓଡ଼ିଶା ଇତିହାସର ପ୍ରଚଣ୍ଡ ସଙ୍କଟରେ ସମୟ । ଏହି ସମୟରେ ପ୍ରଦେଶବ୍ୟାପୀ ଗୃହ ଦାହ, ମାରାତ୍ମକ ବ୍ୟାଧିରେ ବ୍ୟାପିଗଲା । ମୋଟ ପ୍ରାୟ ୨୫୦୦୦ ଘର ପୋଡ଼ିଯାଇଛି । ଏହି ସମୟରେ ଜନତାର ଗୁଣ୍ଡାମାନେ ଦଳଦଳରେ ମେଳ ହୋଇ ଘର ଲୁଟି, ଖୁନ ଓ ଅକଥନୀୟ ଅତ୍ୟାଚାର ହୋଇଯାଇଛି । ଏହି ସମୟ ଭିତରେ ଓଡ଼ିଶାର ବରିଷ୍ଠ ନେତାମାନେ ଜେଲ ଯାଇଛନ୍ତି । ଜନ-ସାଧାରଣଙ୍କର ବଶ୍ୟତା ଯେ ପୋଲିସ୍ ତରଫରୁ ଘରେ ନିଆଁ ଲଗାଇ ଦିଆଯାଉଥିଲା । ଉଦ୍ଦେଶ୍ୟ ଏହି ଯେ ଅସହଯୋଗ ଆନ୍ଦୋଳନ ଫଳରେ ଅରାଜକତା କେତେ ବୃଦ୍ଧି ପାଇ ଯାଇଛି, ତାହା ପ୍ରମାଣ କରିବା ।

ସେ ସମୟରେ ମନସ୍ଥିର କରି ଡକ୍ଟର ହରେକୃଷ୍ଣ ମହତାବ, ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ୟାମଲାଲ୍ ଗୁପ୍ତ ଓ ପୋଲିସ୍ ସାହେବ ହଡସନଙ୍କ ଠାରୁ ଦୁଇଖଣ୍ଡି ଚିଠି ଲେଖିଥିଲେ । ସେ ଚିଠି ଦୁଇ ଖଣ୍ଡର ମର୍ମ ଏହି, "ଆମ ଭିତରେ ରାଜନୈତିକ ମତଭେଦ ଯାହା ହେଉ ପଛକେ, ଏ ଯେଉଁ ଘରପୋଡ଼ା ଓ ଚୋରିଜନିତ ଆତଙ୍କ ସେଥିରୁ ଲୋକଙ୍କୁ ରକ୍ଷା କରିବା ଆପଣଙ୍କର ଓ ଆମର କର୍ତ୍ତବ୍ୟ । ମାନବୀୟତା ଦୃଷ୍ଟିରୁ ଏଥିରେ ପରସ୍ପର ସହଯୋଗ ଅତି ଆବଶ୍ୟକ । ଆଜି ସନ୍ଧ୍ୟା ୫ଟା ବେଳେ ମ୍ୟୁନିସିପାଲିଟି ଅଫିସପାଖ ପଡ଼ିଆକୁ ଏକ ସାଧାରଣ ସଭା ଡାକୁଛୁ । ଏଥିରେ ସରକାରୀ କର୍ମଚାରୀ ତଥା ସରକାର ପକ୍ଷ ଲୋକ ଯୋଗ ଦେଲେ, ଆପଣମାନଙ୍କର କିଛି ଆପତ୍ତି ନାହିଁ ବୋଲି ଆପଣମାନେ ସେମାନଙ୍କୁ ଜଣାଇ ଦିଅନ୍ତୁ, ଆଉ ମଧ୍ୟ ଆପଣମାନେ ଏ ସଭାରେ ଯୋଗ ଦିଅନ୍ତୁ, ଲୋକଙ୍କୁ କିପରି ରକ୍ଷା କରିବାକୁ ହେବ, ଆମେ ସମସ୍ତେ ସ୍ଥିର କରିବା ।" ଏ ଚିଠି ଦୁଇଖଣ୍ଡି ଦୁଇ ଜଣ ହାକିମଙ୍କ ଉପରେ ଖୁବ୍ ପ୍ରଭାବ ପକାଇଥିଲା । ସେମାନେ ତତକ୍ଷଣେ ନୋଟିସ ଦେଇଦେଲେ ଯେ ସେହିଦିନ ସଭାକୁ ସରକାରୀ କର୍ମଚାରୀ ବା ଅନ୍ୟ କେହି ଗଲେ, ସେମାନଙ୍କର କିଛି ଆପତ୍ତି ନାହିଁ । ସେଦିନ ସଭା ଖୁବ୍ ବଡ଼ ହୋଇଗଲା । ସରକାରୀ ଉପାଧିଧାରୀ ବ୍ୟକ୍ତି ଓ ସରକାରୀ କର୍ମଚାରୀମାନେ ଯୋଗ ଦେଇଥିଲେ । ପୋଲିସ୍ ସାହେବ ଆସିଥିଲେ । ମହତାବ ମହାଶୟ ସଭାରେ ଭଲକରି ବୁଝାଇ କହିଲେ ଯେ, କଂଗ୍ରେସ ଅସହଯୋଗ ନୀତି ଅବଲମ୍ବନ କରିଛି, ସେଥିରୁ ସେ ତିଳେମାତ୍ର ଟଳିବ ନାହିଁ । ମାତ୍ର ବର୍ତ୍ତମାନ ଯେତେବେଳେ ଗୋଟାଏ ଆକସ୍ମିକ ବିପଦ ଆସି ପଡ଼ିଛି, ଯେତେବେଳେ ଭାରତ ଦେଶବାସୀ ନିଜର ବାସ ଘରରୁ ବଞ୍ଚିତ ହେବାପାଇଁ ବସିଛନ୍ତି, ସେତେବେଳେ ଜିଲ୍ଲା ମାଜିଷ୍ଟ୍ରେଟ୍ ଓ

ପୋଲିସ୍ ସାହେବ ଯେଉଁମାନେ ମନୁଷ୍ୟ, ଯେଉଁମାନଙ୍କର ହୃଦୟ ଅଛି, ସେମାନଙ୍କ ସହିତ ମିଶି, ଏ ବିପଦର ପ୍ରତିକାର କରିବାକୁ ହେବ । ଏହା ହେଉଛି ଆପଦ୍ଧର୍ମ । ଏହାପରେ ସେ ପ୍ରସ୍ତାବ କଲେ ଯେ, ସହର ସଂରକ୍ଷଣ ସମିତି ବୋଲି ଗୋଟିଏ ସମିତି ଗଠିତ ହେଉ । ତା'ର ସଭାପତି ଜିଲ୍ଲାମାଜିଷ୍ଟ୍ରେଟ୍ , ଉପସଭାପତି ପୋଲିସ ସାହେବ ଓ ସମ୍ପାଦକ ମହତାବ ମହାଶୟ ନିଜେ, ଆଉ ୧୦ ଜଣ ସ୍ଥାନୀୟ ଭଦ୍ରଲୋକ ମେମ୍ବର ନିର୍ବାଚିତ ହୁଅନ୍ତୁ । ଏହା ସର୍ବସମ୍ମତି କ୍ରମେ ମଞ୍ଜୁର ହେଲା । × × ସଭା ଶେଷ ହେବା ମାତ୍ରକେ ଚାନ୍ଦା ସଂଗ୍ରହର ଉଦ୍ୟମ କଲେ । ଜିଲ୍ଲାମାଜିଷ୍ଟ୍ରେଟ୍ ଟ ୧୦ ୲ ଆଉ ପୋଲିସ୍ ସାହେବ ଟ ୧୦ ୲ ପ୍ରଥମେ ଚାନ୍ଦା ଦେଇଥିଲେ । ତା ପରେ ଅନ୍ୟମାନେ କିଛି କିଛି ଦେଇଥିଲେ । ଆଉ କହିବା ଆବଶ୍ୟକ ନାହିଁ ।

ଦେଖନ୍ତୁ, ଓଡ଼ିଶାର ମହତାବ ସେ ଘୋର ଅସହଯୋଗ ବେଳେ କମିଟିକା ପଥ ଅନୁସରଣ କରି ନିଜର ତଥା ଦେଶର କାର୍ଯ୍ୟ ଉଦ୍ଧାର କରିଥିଲେ । କଅଁ ନିଆ କଥା ବିପଦରେ, ଲୋକଙ୍କ ପ୍ରାଣରେ ଆଶା ସଞ୍ଚାର କରି ପାରିବାର ଗୁଣ ଯାହାଠାରେ ଅଛି, ସେ ବ୍ୟକ୍ତି ନିଜକୁ ଅତି ସହଜରେ ସବୁ ଦିଗରେ ଧନୀ କରିପାରେ ।

ରକଫେଲର ଆଜି ଜଣେ ଧନୀଙ୍କର ଧନୀ ବ୍ୟକ୍ତି । ଟି. ବେଡ଼୍-ଫୋର୍ଡ୍ ବୋଲି ତାଙ୍କର ଜଣେ ସହକର୍ମୀ ଥାନ୍ତି । ସେ ଦକ୍ଷିଣ ଆମେରିକାରେ କମ୍ପାନୀର ପ୍ରତିନିଧିତ୍ୱ କରୁଥାନ୍ତି । ଥରେ ସେଠାରେ ସେ କମ୍ପାନୀର ୫୦ ଲକ୍ଷ ଟଙ୍କା ଲୋକସାନ୍ କରାଇ ଦେଲେ । ଏ ଖବର ପାଇବାମାତ୍ରେ ରକ୍‌ଫେଲର ତାଙ୍କ ପାଖକୁ ଖଣ୍ଡିଏ ଚିଠି ଲେଖିଥିଲେ । ଯେ ଇଚ୍ଛା ସେ ଏ ପରିସ୍ଥିତିରେ ଶୋଧିବା ନିତାନ୍ତ ସ୍ୱାଭାବିକ ନୁହେଁ କି ? ରକ୍‌ଫେଲର ଯେତେହେଲେ ତ ମଣିଷ । ସେ କା ନ ଶୋଧନ୍ତେ କେମିତି ? କିନ୍ତୁ ସେ ମଣିଷ ଏବଂ ଆମ ଭଳି

ମଣିଷଙ୍କ ଭିତରେ ଟିକିଏ ଫରକ୍ ରହି ଯାଇଛି । ସେ ଚିଠିରେ ଲେଖିଥିଲେ, "ଭାଇ ବେଡ୍‌ଫୋର୍ଡ ! ମୁଁ ବିଶ୍ୱସ୍ତ ସୂତ୍ରରୁ ଅବଗତ ହେଲି ଯେ ତୁମେ ମୋ କମ୍ପାନୀର ୫୦ ଲକ୍ଷ ଟଙ୍କା ନୁକସାନ କରାଇ ଦେଇଛ । ମୋତେ ଏ ଖବର ଏତେ ଖୁସି ଲାଗିଲା ଯେ, ମୁଁ ତୁମକୁ ଧନ୍ୟବାଦ ନ ଦେଇ ରହି ପାରୁନାହିଁ । ସେଠାରେ ପରିସ୍ଥିତି ଯେପରି ହୋଇଥିଲା, ମୁଁ ଆଶଙ୍କା କରୁଥିଲି, କୋଟି କୋଟି ଟଙ୍କା ବୁଡ଼ିଯିବ ବୋଲି, ମାତ୍ର କୌଶଳ ଯାହାରେ ତାହାର କେତେକ ଅଂଶ ମାତ୍ର କ୍ଷତି କରାଇ ତୁମେ ଅତି ଚତୁରତାର ସହିତ ପରିସ୍ଥିତିର ସମାଧାନ କରିଛ, ସେଥିପାଇଁ ତୁମପରି ସହକାରୀ ପାଇ ମୁଁ ଗର୍ବିତ । ଆଶା, ତୁମେ ନିରୁତ୍ସାହ ନ ହୋଇ କର୍ତ୍ତବ୍ୟରେ ଲାଗି ପଡ଼ିବ ।"

ଏଠାରେ ଆମର ଟିକିଏ ଭାବିବାର କଥା । ଏପରି ପରିସ୍ଥିତିରେ ପଡ଼ିଥିଲେ ଆମେ କଅଣ କରିଥାନ୍ତେ ? ଆମେ ଜଣେ ରକ୍‌ଫେଲର ହୋଇଥିଲେ କଅଣ କହିଥାନ୍ତେ ? ମୋର ମନେହୁଏ, ଆମେ ଠିକ୍ ବିପରୀତ ଆଚରଣ କରିଥାନ୍ତେ । କୌଣସି ଗୋଟାଏ କଥା ଆମ ମନକୁ ନ ପାଇଥିଲେ, ଆମେ ପାଟିକରି ଗର୍ଜି ଉଠିଥାନ୍ତେ, ନାନା ଅସଭ୍ୟ ଭାଷାରେ ଗାଳିଗୁଲଜ୍ କରିଥାନ୍ତେ । ଆଉ ଯଦି କୌଣସି କାମଟା ଆମ ମନକୁ ଆସିଥାନ୍ତା, ଆମେ ପସନ୍ଦ କରିଥାନ୍ତେ, ତା' ହେଲେ, ଆମେ ପାଟି ପର୍ଯ୍ୟନ୍ତ ଖୋଲନ୍ତେ ନାହିଁ ; ଆମେ ମୁହଁ ବନ୍ଦକରି ବସିଥାନ୍ତେ ।

ସୁପ୍ରସିଦ୍ଧ ଲୋକଙ୍କ କଥା ଛାଡ଼ିଦେଲେ ଜଣ ଜଣଙ୍କର ଆସ୍ଥା ଏତେ ବେଶୀ ଯେ ସେମାନେ କହନ୍ତି, 'ସର୍ବ' ଜୀବନ ମଧ୍ୟରେ ଆମେ ଅତି ସୁଖୀ ଏପରି ଜଣେ ବ୍ୟକ୍ତି ଖୋଜୁଛୁ ଯେ ପ୍ରଶଂସା ଏବଂ ଉତ୍ସାହର

ପ୍ରେରଣାରେ ନିଜର କର୍ତ୍ତବ୍ୟ ପଥରେ ଆଗେଇ ନ ପାରି, ନିଜ
ଦୋଷ ତ୍ରୁଟି ଶୁଣି ଶୁଣି ଆଗେଇ ପାରୁଛି ।

ଘରଚର ଏକାନ୍ନବର୍ତ୍ତୀ ପରିବାର ଗୋଟାଏ ବୈଶିଷ୍ଟ୍ୟ
ପରିବାରର ପୁରୋଧା ପରିବାରର ହିତ କାମନାରେ ସବୁବେଳେ
ବ୍ୟତିବ୍ୟସ୍ତ । ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ଖାଦ୍ୟପେୟ ଏବ
ବସନ ଭୂଷଣ ପର୍ଯ୍ୟନ୍ତ ସେ ନିୟନ୍ତ୍ରଣ କରନ୍ତି । ସେ ଉତ୍ତମ ରୂପେ
ଜାଣନ୍ତି ଯେ ବିନା ଖାଦ୍ୟରେ ମନୁଷ୍ୟ ୨।୩ ଦିନ ପର୍ଯ୍ୟନ୍ତ ଅତି
କଷ୍ଟରେ ଜୀବିତ ରହିପାରେ । ତଥାପି ଯଦି କୌଣସି ଦିନକେ
ଖାଦ୍ୟ ଯୋଗାଡ଼ ହୋଇ ପାରିଲା, ତା' ହେଲେ ତାଙ୍କର ମୁଣ୍ଡ
ବଥାଇବାକୁ ଆରମ୍ଭ କରେ । ତାଙ୍କ ପରିବାରରେ ପ୍ରଶଂସା ଟିକେ
ପାଇବାକୁ ପ୍ରତି ବ୍ୟକ୍ତି ହିଏତ ବର୍ଷ ବର୍ଷ ଧରି ଚେଷ୍ଟା କରିଛି । 'ନିଜେ
ଭଲ' ଏତିକି ଶୁଣିଲେ ହିଏତ ତା'ର ଗୋଟାଏ ବଡ଼ କ୍ଲେଶର
ଅବସାନ ହୁଅନ୍ତା । ମାସ ଦିନ ପରେ ଦିନ ଅପେକ୍ଷା କରି କ
ତାର ଧୈର୍ଯ୍ୟ ବାନ୍ଧ ଫାଟି ପଡ଼େ । ତେବେ ହେଲେ ସେ ପରିବାର
ପୁରୋଧାଙ୍କଠାରୁ ଏ ପ୍ରକାର ଖାଦ୍ୟ ପାଏ କି ? ବାସ୍ତବିକ୍ । ବ
ଦୁଃଖର ବିଷୟ ।

ଏକାନ୍ନବର୍ତ୍ତୀ ହୋଇନ୍ତୁ, ନୋହୁନ୍ତୁ, ପ୍ରତ୍ୟେକ ବ୍ୟକ୍ତିର ମନେ
ରଖିବା ଉଚିତ ଯେ, ଅପରଠାରେ ନିଶ୍ଚୟ କିଛି ନା କିଛି ଭଲ ଗୁଣ
ଅଛି, ଆମର ଶିଖିବାର ଅଛି । ନିଜଠାରୁ ଅପର କୌଣସି ନ
କୌଣସି ଗୁଣରେ ନିଶ୍ଚୟ ଉନ୍ନତ । ସାମାନ୍ୟ ଟିକିଏ ଚିନ୍ତାକଲେ
ଆମେ ଅତି ସହଜରେ ବୁଝିପାରିବା ଯେ ଭକ୍ତିଟା ନହାତ ସବ
ଛୁଆଟାଠାରୁ ପସ ଆମର ସାରଲ୍ୟ ଶିକ୍ଷଣୀୟ । ବୟସ୍କଙ୍କଠାରୁ,
ଅପରଠାରୁ, ସେହି ଅନୁପାତରେ ଆମର କେତେ ନା କେତେ ସେ

ଶିଖିବାର ଅଛି, ତାର କଳନା ନାହିଁ । ପଣ୍ଡିତ ବିଦ୍ୟାସାଗରଙ୍କର ଶିକ୍ଷା ମଧ୍ୟ ପରିସମାପ୍ତ ହୋଇ ନ ଥିଲା । ସେ କଅଣ କହିଥିଲେ ଜାଣନ୍ତି ?

“କହିଲେ ବିଦ୍ୟାସାଗର କଥାଟିଏ ବାଛି
ଏତିକ ଜାଣେ ମୁଁ ବାପା ‘ଜାଣେ ନା ମୁଁ କିଛି ।”

ଆଚ୍ଛା, ବିଦ୍ୟାସାଗର ବିଦ୍ୟାର ସାଗର । ମାତ୍ର ସେ କହିଥିଲେ, “ହେ ବାପା ! ମୁଁ କିଛି ଜାଣେ ନାହିଁ । ଏତିକ ମାତ୍ର ଜାଣିଛି ।” ଏହା ଈଶ୍ୱରଚନ୍ଦ୍ରଙ୍କ ପରି ବ୍ୟକ୍ତିଙ୍କ ପାଖରେ ଯଦି ସତ୍ୟ ହୋଇପାରେ, ଆମ ପାଖରେ କଅଣ ହେବ, ବିବେଚନା କରନ୍ତୁ । ତେଣୁ ଏହି କଥାଟି ସତତ ମନେ ରଖିବାକୁ ମୋର ବିନୀତ ଅନୁରୋଧ ।

୪

ନିତିପ୍ରତି କେତେ ନା କେତେ ବ୍ୟକ୍ତି ମାଛ ମାରିବାକୁ ଯାଆନ୍ତି । ଯେଉଁମାନେ ମାଛ ମାରି ଯାନ୍ତି, ସେମାନଙ୍କୁ ଯେ ଖାଲି ମାଛ ଭଲ ଲାଗେ ତା ନୁହେଁ, ତାହାକୁ ଆମ୍ବ କଦଳୀ ଭଲ ଲାଗେ ତ ତାହାକୁ ରସଗୋଲା ଭଲ ଲାଗେ, ତାହାକୁ ଖିରୀ ଖିରସା ଭଲ ଲାଗେ ତ, ତାହାକୁ ହବିଷାନ୍ନ ଭଲ ଲାଗେ । ମାତ୍ର ମାଛ ମାରିବାକୁ ଗଲାବେଳେ, ସେମାନେ ସଙ୍ଗରେ ନିଅନ୍ତି କଅଣ, ଜାଣିଚ ? ରସଗୋଲା ବା ଆମ୍ବ କଦଳୀ ନିଅନ୍ତି ନୁହଁ ; ନିଅନ୍ତି ମାଛର ଖାଦ୍ୟ ଗୁଣ୍ଡୁକାଏ—ଗାଆଁ, ଜେଁଚୁଆ, ଗୋବର ମାଟି ଇତ୍ୟାଦି । ଥରେ ମୁଁ ଜଣେ ଶିକ୍ଷିତ ବ୍ୟକ୍ତିଙ୍କୁ ବନସିଖଣ୍ଡା ହାତରେ ଯାଉଥିବାର ଦେଖି ପଚାରିଲି, “ଆଜ୍ଞା, ଆପଣଙ୍କୁ ପରା ଅଙ୍ଗୁର କୋଳି ସବୁଠାରୁ ଭଲ ଲାଗେ, ଆପଣ ସାଥିରେ ଅଙ୍ଗୁର ଗଣ୍ଡାଏ ନ ନେଇ, ସ୍ୱାଦୁ ବାଲୁ କଅଣ ଗୁଣ୍ଡୁକାଟିଏ ଧରିଲ ପରି ଲାଗୁଛି ।” ସେ ହସି ହସି

ଉତ୍ତର ଦେଲେ, "ଆପଣ ଯାହା ଯାହା କହିଗଲେ ସେ ସବୁ ସତ । ଅଙ୍ଗୁର ପିଠା ମୋତେ ଭଲ ଲାଗେ, ମାତ୍ର ମାଛକୁ ତା'ତ ଭଲ ଲାଗିବ ନାହିଁ । ମୁଁ ଅବଶ୍ୟ ମାଛ ଭଲପାଏ, ମାତ୍ର ମାଛ ଯାହା ଭଲପାଏ, ତାହା ମୁଁ ଯୋଗାଇ ନ ପାରିଲେ, ମାଛ ମୋ ହାତକୁ ଆସିବ କାହିଁକି ଓ କେମିତି ?"

ଏଇଠି ଆମର ଟିକିଏ କର୍ତ୍ତବ୍ୟ ଅଛି । ରାମ, ଦାମ, ଶାମ ପ୍ରଭୃତିଙ୍କୁ ନେଇ ନିଜର କାମ ଉଠାଇଲା ବେଳେ, ଆମେ ଏହି ଉପାୟ ଅବଲମ୍ବନ ନ କରିବା କାହିଁକି ? ଆମର ମାଛ ଲୋଡ଼ା ବୋଲି ତ ଆମକୁ ମାଛର ଖାଦ୍ୟ ଯୋଗାଡ଼ କରିବାକୁ ପଡ଼େ । ସେହିପରି ଆମର ରାମ, ଦାମ, ଶାମଙ୍କ ପରିଶ୍ରମ ଲୋଡ଼ା ତ, ତାଙ୍କ ପାଇଁ କି ଖାଦ୍ୟ ଆମର ଯୋଗାଡ଼ କରିବା ଉଚିତ, ତାହା ଭାବିବା ନିତାନ୍ତ ଆବଶ୍ୟକ । ମାତ୍ର ଏଇ ସାମାନ୍ୟ କଥାଟି ଆମେ ବହୁତ କ୍ଷେତ୍ରରେ ଭୁଲିଯାଉଁ । ଅଥଚ ମାଛ ଧରିବାକୁ ଗଲାବେଳେ, ତା ଖାଦ୍ୟ କଥା ସ୍ୱପ୍ନରେ ସୁଦ୍ଧା ଭୁଲୁ ନାହିଁ ।

ଟିକିଏ ଚିନ୍ତା କଲେ ସହଜରେ ବୁଝିହେବ ଯେ ଆମେ ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ବିଷୟରେ ଯେପରି ଅହରହ ଚିନ୍ତିତ, ଅନ୍ୟମାନେ ମଧ୍ୟ ଠିକ୍ ସେହିପରି । ମା, ଝିଅ ଉଭୟେଁ ପକ୍ଷେ ଦେଖିଲକୁ ଯାଆନ୍ତୁ ମାତ୍ର ଉଭୟଙ୍କ ଚିନ୍ତାଧାରା ଉଭୟଙ୍କ ସ୍ୱାର୍ଥ ଦୃଷ୍ଟିରୁ ଧାବିତ । ବରଂ ଅଳ୍ପ ବୁଦ୍ଧିବାଲା ଲୋକମାନେ ନିଜ ନିଜର ଅଭାବ ଅସୁବିଧା ଦୂର କରିବାକୁ ସବୁବେଳେ ବ୍ୟସ୍ତ, ବିବ୍ରତ । ଲେଣ୍ଡ ଅନ୍ୟମାନଙ୍କୁ କପର ଥୋପ ଆକୃଷ୍ଟ କରିବ, ତାହା ଭାବିବାକୁ ଉଦ୍ଦେଶ୍ୟ ଶ୍ରମ ଲୋଡ଼ା ନାହିଁ । ତାଙ୍କର ଦୁଃଖଧନ୍ଦାରୁ ଉବୁରିବାକୁ ଆମର ଟିକି ଆଗ୍ରହ, କେବଳ ମିଠା କଥା କେଇପଦ ମଧ୍ୟ ସେମାନଙ୍କୁ ଆମ କରିଦେବ । ସେଥିପାଇଁ ସବୁବେଳେ ଧନର ଅଭାବ ଦର୍ଶାଇଲେ

ମଧ୍ୟ ଯୁକ୍ତିସଙ୍ଗତ ହେବନାହିଁ । କାରଣ, ଆମର ବା ଧନ ନାହିଁ, ମାତ୍ର ଶିଷ୍ଟବାକ୍ୟ, କ୍ଷମା, ସଦ୍‌ବ୍ୟବହାର ସଂସାରରେ ସବୁଠାରୁ ବଡ଼ ଦାତବ୍ୟ—ଏ ଭଳି ମହତ୍‌ଧନ ଦାନ କରିବାର ପ୍ରଭୂତ ଶକ୍ତି ପ୍ରତ୍ୟେକଙ୍କର ଯଥେଷ୍ଟ ଗଚ୍ଛିତ ଅଛି ନିଶ୍ଚୟ । ତେଣୁ ବ୍ୟବହାରର ମୂଳ ନିୟମ ଏହି ଯେ ଯେଉଁ ବ୍ୟକ୍ତିଙ୍କ ସଙ୍ଗେ କାରବାର କରିବାକୁ ହେବ, ତାଙ୍କର ମଙ୍ଗଳ, ହିତ ଏବଂ ସ୍ୱାର୍ଥ ଦୃଷ୍ଟିରୁ କଥା କହି ବସିଲେ ଯଥେଷ୍ଟ ହେବ । ସେ ସ୍ୱୟଂ ସ୍ୱୟଂ ଆମର ହୋଇଯିବେ । ନିଃସ୍ୱାର୍ଥ ଭାବରେ ପର ପ୍ରାଣରେ ଆନନ୍ଦ ସଞ୍ଚାର କରି ପାରିଲେ ସ୍ୱର୍ଗ ତ ଆମ ପାଦତଳକୁ ନତ ହୋଇ ଆସିବ । ତାହା ଅତି ବଡ଼ କଥା ।

ବାପ ଆଉ ପୁଅ ଦୁହେଁ ମିଶି ଗୋଟାଏ ବାଛୁରୀକୁ ଗୁହାଳେ ଭିଡ଼ାଇବାକୁ ଚେଷ୍ଟା କରୁଥିଲେ । ବାଛୁରୀଟି ପଛଆଡ଼େ ଭଲ ଚରି ପୁଣ୍ଡାଏ ଖାଇ ମନଖୁସିରେ ଚରୁଥାଏ । ବାପ ପୁଅ ଦୁହେଁ ମିଶି ଯେତେ ଭିଡ଼ା ଓଟରା ଟିଙ୍କା ଟିଙ୍କି କଲେ ମଧ୍ୟ ବାଛୁରୀଟି ମୋଟେ ଟସ୍କୁ ନ ଥାଏ । କିନ୍ତୁ ! ଉତ୍ତମ ଭୋଜନ ଗଣ୍ଡାଏ ଯେତେବେଳେ ମିଳିବ, ସେ ପଶୁ ହେଲେ, ମଧ୍ୟ ଛାଡ଼ିଦେବ କିମିତି ? ଓଲିଟି ବାଛୁରୀ କଷଣ କରୁଥାଏ ନାଁ, ଗୋଡ଼ଦଟାକୁ ଠେଙ୍ଗ କରିଦେଇ ନିଜର ସବୁତକ ଜୋର ଖର୍ଚ୍ଚ କରି ଠିଆ ହେଉଥାଏ । ବାପ ମୁହଁ ଆଡ଼ୁ ଭିଡ଼ ଭିଡ଼ ଯେତେବେଳେ ଥକି ପଡ଼ିଲେ, ପୁଅକୁ କହିଲେ, 'ତୁ ଆଗ ଆଡ଼ୁ ଭିଡ଼ିକି, ମୁଁ ପଛଆଡ଼ୁ ଠେଲୁଛି ।' ଏମିତି କସରତ କରି କରି ଦୁହେଁ ହାଲିଆ ହୋଇ ପଡ଼ିଲେ, ଝାଳ ନାଳ ହେଲେ, ତଥାପି ବାଛୁରୀ ଗୋଡ଼େ ଘୁଞ୍ଚିଲା ନାହିଁ । ବାପ ପୁଅ ଦୁହେଁ ମହା ବ୍ୟସ୍ତ ହେଲେ । କଅଣ କଲେ ବାଛୁରୀ ଗୁହାଳକୁ ଯିବ, ତାହା ସେମାନେ ଜାଣୁ ନ ଥାନ୍ତି, ସେମାନେ କଲେ କଅଣ ଯୁକ୍ତାରୁ—

ତାହା ହିଁ ଭାବୁଥାନ୍ତି ଆଉ ବାହୁଙ୍ଗା ଭାବୁଥାଏ ବାହୁଙ୍ଗା କଅଣ ଭାବୁଛି । ଏ ପରିସ୍ଥିତିରେ ସେ ଘରର ଗୃହସ୍ଥଣୀ ସେ ବାଟରେ ଯାଉଥିଲା । ବାପ ପୁଅଙ୍କୁ ଝାଳ ନାଳ ଗରଗର ଦେଖି କହିଲା, 'ଆପଣମାନେ ଯାନ୍ତୁ—ମୁଁ ବାହୁଙ୍ଗାକୁ ଗୁହାଳେ ଢୁକାଇ ଦେଉଛି' । ସେମାନେ ରହେ ଘ'ର, ଲୁଚିକରି ଦେଖୁଥାନ୍ତି ଗୃହସ୍ଥଣୀର କାର୍ଯ୍ୟକଳାପ । ଗୃହସ୍ଥଣୀଟି କଅଣ କଲା ନା କଅଁଳ ଛନ ଛନ ଘାସ କେତେ ଉପାଡ଼ି ବାହୁଙ୍ଗା ଆଗରେ ଢାଳିଦେଲା । ବାହୁଙ୍ଗା ଦେଖିଲା ବିନା ପରିଶ୍ରମରେ ସୁଖାଦ୍ୟ ଜୁଟିଛି । ଏହା ଛାଡ଼ିବାର ନୁହେଁ । ସେ ମୁହଁ ବଢ଼ାଇ ପୂଳାଏ ପୂଳାଏ ଖାଉଥାଏ, ଏଣେ ଗୃହସ୍ଥଣୀଟି ଆସ୍ତେ ଆସ୍ତେ ଗୁହାଳକୁ ପଛଉଥାଏ । କିଛି ସମୟ ପରେ ବାହୁଙ୍ଗା ଗୁହାଳରେ ଆପେ ଆପେ ଢୁକିଗଲା । ଗୃହସ୍ଥଣୀର ବିଶେଷତ୍ୱ ଏତିକି ଯେ ସେ ଟିକିଏ ଚିନ୍ତାକଲା ବାହୁଙ୍ଗା କଅଣ ଚାହୁଁଛି । ବାସ୍, ସେତିକି ଚିନ୍ତା କରିବା ସଙ୍ଗେ ସଙ୍ଗେ ତାର ଉଦ୍ଦେଶ୍ୟ ସୁରୁଖୁରୁରେ କିମିତି ସାଧିତ ହେଲା, ଦେଖିଲେ । ବର୍ତ୍ତମାନ ଆପଣମାନେ କଅଣ ଭାବୁଛନ୍ତି ଯେ ଗୃହସ୍ଥଣୀର ଚିନ୍ତାଶକ୍ତି ଅପେକ୍ଷା ଆମ ଚିନ୍ତାଶକ୍ତି କମ୍ । ମୁଁ ତା ହେଲେ ଆପଣଙ୍କ ସାଙ୍ଗରେ ବାଜି ମାଣ୍ଡିବ । ମୁଁ କହୁଛି, ଗୃହସ୍ଥଣୀଠାରୁ ଆପଣମାନଙ୍କ ଚିନ୍ତା ଶକ୍ତି ହିଁ ବେଶୀ ।

ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଗୋପାଳବନ୍ଧୁଙ୍କ କଥା ପଢ଼ିଥିବେ । ସେ ଆମ୍ଭମାନଙ୍କ ପରି ପାଠଶାଠ ପଢ଼ି ନ ଥିଲେ । ମାତ୍ର କିଛି ନ ପଢ଼ି ମଧ୍ୟ ସେ ବଡ଼ ରସିକ ଥିଲେ । ଘର ଖର୍ଚ୍ଚ ହେଉଥାଏ । ତଥାପି ତାଙ୍କ ପୁଅ ଘର ଛପର କରିବାରେ ଲାଗିଥାଏ । ସେ ପୁଅକୁ ତଳକୁ ଓହ୍ଲାଇ ଆସିବାକୁ ବାରମ୍ବାର ଡାକିଲେ ମାତ୍ର ପୁଅର ଜିଦ୍ ସେ ଛପରଟା ସାରିଲେ ତଳକୁ ଓହ୍ଲାଇବ । ଶେଷରେ ଯେତେବେଳେ ଦେଖିଲେ ଯେ ପୁଅ ତାଙ୍କ କଥା ମାନୁ

ନଉନାହିଁ, ସେ ଗୋଟାଏ ଉପାୟ ପାଞ୍ଚିଲେ । ନିଜର ବାପୁଡ଼ା ନାତିକୁ ଆଣି ମାଟି ଅଗଣାରେ ଖରାରେ ବସାଇ ଦେଲେ । ପିଲାଟି ତାତି ସହି ନ ପାରି କାନ୍ଦି ବୋବାଳି ପକାଇଲା । ପୁଅ ସାଥେ ସାଥେ ସ୍କୁଲରୁ ଦୌଡ଼ି ଆସି ନିଜର ପୁଅକୁ କାଖେଇ ନେଲା । ଖୁଣ୍ଟେ ଯୋଗ ଉଣ୍ଡି ପଦେ ହାକି ଦେଲେ, "କିରେ ! ପୁଅ ବଡ଼ ତାତି-ଗଲେ ବାପ ସହିପାରେ ନାହିଁ ଟି ? ମୁଁ ତୋର ଏଇମିତିକିଆ ବାପରେ, ପୁଅ !" ପୁଅ ଚୁପ୍ ।

ଗୋଟିଏ ଧନୀ ବିଧବା ଥିଲେ । ତାଙ୍କର ଦୁଇଟି ପୁଅ । ଦୁହେଁଯାକ ଦୂର ବିଦେଶରେ ପାଠ ପଢ଼ନ୍ତି । ମାଆ ମାସକୁ ମାସ ତାଙ୍କ ପାଖକୁ ତାଙ୍କର ଆବଶ୍ୟକୀୟ ଖର୍ଚ୍ଚ ପଠାଇ ଦିଅନ୍ତି । ପିଲାମାନେ ଆନନ୍ଦରେ ରହୁଥାନ୍ତି । ଘରକୁ ଚିଠି ଖଣ୍ଡେ ଲେଖିବାକୁ କେବେ-ହେଲେ ମନେ କରନ୍ତି ନାହିଁ । ମାଆ ବଡ଼ ସନ୍ତର୍ପଣରେ ଥାଏ । ପିଲଙ୍କୁ ପେଟରେ ବୁହଁଇ ସୁହେଁଇ କହିଲେ ମଧ୍ୟ ହେଲା ନାହିଁ । ଥରକର ପିଲଙ୍କ କକେଇ ଭାଉଜଙ୍କୁ ସାକ୍ଷାତ କରିବାକୁ ଆସିଥିଲେ । ଭାଉଜ ତାଙ୍କ ଆଗରେ ନିଜର ଦୁଃଖ ସୁଖ କଥା କହୁ କହୁ ପିଲାଏ ଚିଠି ନ ଲେଖିବାର କଥା ଅତ୍ୟନ୍ତ ଦୁଃଖ ପ୍ରକାଶ କଲେ । କକେଇ କହିଲେ "ଆଜ୍ଞା ଭାଉଜ ! ତୁମେ ବ୍ୟସ୍ତ ହୁଅ-ନାହିଁ । ଫେରନ୍ତା ଡାକରେ ମୁଁ ତାଙ୍କଠାରୁ ଚିଠି ଆଣି ଦେବି । ମୋତେ ତୁମେ ଚିଠିଲେଖା ସରଞ୍ଜାମ ଟିକେ ଯୋଗାଡ଼ କରି ଦିଅ ।" ସେ ପିଲଙ୍କ ପାଖକୁ ସାଥେ ସାଥେ ଚିଠି ଲେଖି ବସିଲେ । ଆମେ ଲେଖିଥିଲେ, ଲେଖିଥାନ୍ତେ, "ତୁମ ବୋଉ ଭାରି ବ୍ୟସ୍ତ ହେଉଛନ୍ତି । ତମେ ଚିଠି ଖଣ୍ଡେ ହେଲେ ଦେଉନାହଁ । ଚିଠି ପାଇ ଶୀଘ୍ର ତାଙ୍କ ପାଖକୁ ଚିଠି ଲେଖିବ ।" ମାତ୍ର କକା ସେ କଥା କିଛି ଲେଖିଲେ ନାହିଁ । ସେ ଲେଖିଲେ "ପିଲାଏ, ବୋଉ ଭଲ ଅଛନ୍ତି, ଏଥିସହିତ ଟଙ୍କା ପଠାଇଲେ, ମିଠାଇ ଖାଇବ ।" ଏହା ଲେଖି

ଛଅଟି ପଠାଇଲେ, ମାତ୍ର ଟଙ୍କା ପଠାଇଲେ ନାହିଁ । ସଙ୍ଗେ ସଙ୍ଗେ ପିଲାମାନଙ୍କଠାରୁ ଜବାବ ଆସିଲା, "କକା, ତୁମ ଚିଠି ପାଇଲୁ ମାତ୍ର ଟଙ୍କା ତ ପାଇଲୁ ନାହିଁ । ବୋଉକୁ ନମସ୍କାର । ଆମ ଦେହପା ଭଲ ଅଛୁ, ମୁଁ ଏବର୍ଷ ହାଇଜମ୍ପରେ ପ୍ରାଇଜ୍ ପାଇଛି, ଆଉ ଭାଇ ଭୂଗୋଳରେ ଗୋଟେ ପାଇଛି । ଶୀତ ଆରମ୍ଭ ହେଲଣି" ଇତ୍ୟାଦି ।

ଏଣିକି ମାଆ ତାଙ୍କର ଏଇ ଉପାୟ ଅବଲମ୍ବନ କରି ଚିଠି-ପତ୍ର ବେଶ୍ ନେଣଦେଣ କରି ପାରିଲେ ।

ଆଜନ୍ମ କମ୍ୟୁନିଷ୍ଟ ବୈଦ୍ୟନାଥ ରଥଙ୍କର ଥରେ ଜାମସେଦ୍-ପୁରରେ ଥିଲାବେଳେ ଘଣ୍ଟା ବିଗିଡ଼ିଥିଲା । ସେ ରାସ୍ତାରେ ଯାଉ ଯାଉ ଗୋଟିଏ ଡାକ୍ତର ଦୋକାନକୁ ଉଠିଗଲେ । ଡାକ୍ତର ଦେଖି ନ ଦେଖି ପଚାରିଲେ, "ଆପଣ କ'ଣ କରନ୍ତି ?" ରଥେ ଦେଖିଲେ, ଡାକ୍ତର ବାବୁଙ୍କ ଦୃଷ୍ଟି ତାଙ୍କ ଘଣ୍ଟା ଉପରେ ନାହିଁ ଯେ ସେ କେତେ ରୋଜଗାର କରନ୍ତି, ତାରି ଉପରେ ପଡ଼ିଛି । ରଥେ ସେତିକି ବୁଝିଗଲେ ଯେ, ସେ ଡାକ୍ତରଙ୍କ ପ୍ରତି ତାଙ୍କ ଅନ୍ତରରେ ଘୃଣା ଜାତ ହୋଇଥିବ ନିଶ୍ଚୟ । ସେ ଡାକ୍ତରବାବୁଙ୍କୁ କିଛି ଉତ୍ତର ନ ଦେଇ ଫେରି ପଡ଼ିଲେ । କାରଣ, ଡାକ୍ତରବାବୁ କେତେ ସାହାଯ୍ୟ କରି ପାରିବେ ନ ଖୋଜି କେତେ ଟଙ୍କା ସାହାଯ୍ୟ ପାଇବେ, ତାହା ହିଁ ଭାବୁଥିଲେ । ଫଳରେ ପାଇଲେ ଲେଫେଡ଼ା । ଏଇପରି ନିତିପ୍ରତି କେତେ ନା କେତେ ଘଟଣା ଘଟୁଛି । ମୁଁ ନିଜେ ଏ ଅଭିଜ୍ଞ ଲୋକ । ମୋ ଝିଅ ବାହାଘରକୁ ଟଙ୍କା ପଚିଶଟିର ଲୁଗାପଟା କିଣିବାପାଇଁ ଦରକାର ପଡ଼ିବାରୁ ମୁଁ କଟକର ନୟା ସଡ଼କର ଗୋଟିଏ ଦୋକାନକୁ ଉଠିଗଲି । ପ୍ରାୟ ୧୫ ମିନିଟ୍ ଅପେକ୍ଷା କଲି, ମାତ୍ର

ଦେଖିଲି, ମାଲିକ ଅନ୍ୟ ଗ୍ରାହକଙ୍କ ସାଥିରେ ଏତେଦୂର ବ୍ୟସ୍ତ ଯେ ମୋତେ ଅପେକ୍ଷା କରିବାକୁ କହିବାପାଇଁ ତାଙ୍କର ସମୟ ଅଭାବ । ମୁଁ ଦୁଆର ମୁହଁରୁ ଫେରିଲି । ମୋର ସୌଦା ତ ନିଶ୍ଚୟ କଣା ହେଲା—ହିଅ ତ ଅଭିଆଡ଼ ରହି ନ ଥାନ୍ତା, ମାତ୍ର ଲାଭ ପାଇଲେ ଆଉ ଜଣେ ।

ଅଳଂବସ୍ତ୍ରେରଣ । ଆପଣମାନଙ୍କର ନିଶ୍ଚୟ ଅନୁଭୂତ ଥିବ ଯେ ଯେଉଁ ଲୋକ ଅପରକୁ ସାହାଯ୍ୟ କରିବାକୁ ସୁଯୋଗ ଖୋଜୁଥାଏ, କେବେ ହେଁ ତା ପେଟ ଖୋରାକି ରହେ ନାହିଁ । ତେଣୁ ମୁଁ ଅନୁରୋଧ କରିବି ଯେ ଆପଣମାନେ ଯାହାଙ୍କ ସଙ୍ଗେ କାରବାର ଚଳାଉଛନ୍ତି, ତାଙ୍କ ଦୃଷ୍ଟିରୁ ଆପଣମାନଙ୍କ କାରବାରଟା ପ୍ରତି ଟିକଏ ନଜର ରଖିଥିବେ ।

( ୫ )

ସଂସାରରେ ଯେତେ ଲୋକ ଜନ୍ମ ହୋଇଛନ୍ତି, ସମସ୍ତଙ୍କର ଦି'ଟା କାନ, ଦି'ଟା ଆଖି, ଦି'ଟା ଗୋଡ଼, ଦି'ଟା ହାତ, ନାକରେ ଦି'ଟା ପୁଡ଼ା, ମାତ୍ର ପାଟି ଗୋଟାଏ କାହିଁକି ? ବ୍ରହ୍ମାଙ୍କର ସୃଷ୍ଟିରେ କଅଣ ପାଟିର ଅଭାବ ପଡ଼ିଲା, ନା ଆଉ କିଛି ମତଲବ ଅଛି । ଅଚ୍ଛା ଥାଉ, ସେ କଥା ପରେ ବିଚାର କରିବା । ବର୍ତ୍ତମାନ ବୁଝନ୍ତୁ ବିଚାର କରିବା ସଂସାରରେ ଏପରି କେହି ଜୀବ ଅଛି କି ନାହିଁ, ଯାହାର ପାଟି ମୋଟେ ନାହିଁ । ଅର୍ଥାତ୍ ଯିଏ ଜୀବ ଖାଦ ଗଣ୍ଡାକ ପାଇଁ ମୋଟେ ପରିଶ୍ରମ କରେ ନାହିଁ । ପାଟି ନ ଥାଇ ଜୀବ ହୁଏତ ନ ଥାଇ ପାରେ । ମାତ୍ର ପରିଶ୍ରମ ନ କରି ଖାଉଥିବାଲା ନିଶ୍ଚୟ ଥିବେ । ସେ କିଏ ? କୁକୁଡ଼ା ତ ଅଣ୍ଡା ଦିଏ, ଗାଈ ତ ଦୁଧ ଦିଏ, ଛେଳି ମେଣ୍ଢା ତ ଆଖିରକୁ ମାଉଁସ ଦିଅନ୍ତି, କୁକୁର ତ ଘର ଜଗେ, ମାତ୍ର ବିଲେଇ କଅଣ କରେ ?

ସେ ତ କିଛି କଲା ଭଳି ଆଖିକି ଦିଶୁନାହିଁ । ତଥାପି ଆମେ କୁକୁରକୁ ଏତେ ଶ୍ରଦ୍ଧା କରେ କାହିଁକି—ଜାଣନ୍ତି ? ସେ ଆମର ଆଉ କିଛି କରୁ ବା ନ କରୁ, ଆମର ଗୋଟାଏ ବଡ଼ ଅଭାବ ମିଟାଏ । ଆମକୁ ଦେଖିଲାମାତ୍ରେ, ଗୁଡ଼ୁରୁ ଗୁଡ଼ୁରୁ ହୋଇ, ଲାଙ୍ଗୁଳ ହଲେଇ ଧାଇଁ ଆସେ ; ଏତେ ଖୁସି ସେ ହୁଏ ଯେ, ସତେ ଯେମିତି ତା ଲୁମିଲୁମିଆ ଖୋଳ ଭିତରୁ ବାହାରି ଆମ ସହିତ ମିଶିଯିବ । ଅତି ନିସ୍ୱାର୍ଥ ପରି ଗୁଡ଼ୁରୁ ଗୁଡ଼ୁରୁ ହୋଇ ସେ ଆମକୁ ଯାହା ସବୁ କହି ପକାଏ, ତା ଅର୍ଥ ହେଉଛି, 'ମୁଁ ତୁମକୁ ଭଲପାଏ' । ସେ ଭଲ ପାଇବାରେ ସ୍ୱାର୍ଥର ଗନ୍ଧ ସମ୍ବନ୍ଧ ନ ଥାଏ । ସେ ବାହା ହେବା ଉଦ୍ଦେଶ୍ୟରେ ଭଲ ପାଇ ବସେ ନାହିଁ ବା ତା ନାଁରେ ଟଙ୍କା ପଇସା ଡାକଘରେ ଜମା କରିବାକୁ ଅନୁରୋଧ କରେ ନାହିଁ । ସେ କହେ, "ଭଲ ପାଇବା ମୋର ପ୍ରବୃତ୍ତି, ମୁଁ ଭଲ ହିଁ ପାଇବି ।"

ଆଚ୍ଛା, କୁକୁରଟାଏ ଯଦି ଭଲ ପାଇ ନିଜର ଖାଦ୍ୟ ଯୋଗାଡ଼ କରି ପାରୁଛି, ତା ହେଲେ ଆମେ ଭଲ ପାଇ ବସିଲେ, ଆମ ପେଟ ଦୁଖଣ୍ଡକ କଅଣ ଉପାସିଆ ରହିବ ? ତେବେ, ଏ ଭଲ ପାଇବାକୁ ଆରମ୍ଭ କେମିତି କରିବା ? ଅସୁବିଧା ତ କିଛି ନାହିଁ । ଅନ୍ୟ ସମ୍ବନ୍ଧରେ ଆଗ୍ରହୀ ହେଲେ, ଭଲ ପାଇଲେ, ଯେତେ ଲୋକଙ୍କୁ ଆମର କରି ହେବ, ଅନ୍ୟ ଲୋକଙ୍କୁ ଆମ ସମ୍ବନ୍ଧରେ ଆଗ୍ରହୀ ହେବା ପର୍ଯ୍ୟନ୍ତ ଅପେକ୍ଷା କରି ବସିଲେ, ଦୁଇ ବର୍ଷରେ ମଧ୍ୟ ଆମେ ସେତେକ ଲୋକଙ୍କୁ ନିଜର କରି ପାରିବା ନାହିଁ । ତେଣୁ ଆମର ବୋଲି ଯାହାକୁ କରିବା, ତାଙ୍କ ବିଷୟରେ ଆମର ଟିକିଏ ଜ୍ଞାନ ଥିବା ଉଚିତ ।

ଯେ କୌଣସି ଟେଲିଫୋନ୍ ଅଫିସରୁ ତଥ୍ୟ ସଂଗ୍ରହ କଲେ ଜଣା ପଡ଼ିବ ଯେ, ଲୋକେ ଯେତେ ଯାହା କଥାବାର୍ତ୍ତା ହୁଅନ୍ତି,

ତା ଠାରୁ ଗୋଟାଏ ଶବ୍ଦ ସବୁଠାରୁ ବେଶୀ ଉଚ୍ଚାରଣ ହୁଏ ; ଆଉ ସେହି ଶବ୍ଦଟା ହେଉଛି, 'ମୁଁ' । ମୁଁ ଟା ସାଧାରଣତଃ ଏତେ ପ୍ରଚୁର ପରିମାଣରେ ବ୍ୟବହୃତ ହୁଏ ଯେ ପ୍ରତି ଶବ୍ଦରେ ଥରେ 'ମୁଁ' ଶବ୍ଦ ଉଚ୍ଚାରଣ କରିବାକୁ ପଡ଼େ । ଏଥିରୁ ଜଣାପଡ଼ୁଛି ଯେ ସଂସାରର ଲୋକଙ୍କ ପାଖରେ ଏଇ 'ମୁଁ' ଶବ୍ଦଟାର ଦାମ୍ ସବୁଠାରୁ ବେଶୀ । ତେଣୁ ଆମ ନିଜ 'ମୁଁ' ଟା ଉପରେ ବେଶୀ ଜୋର ନ ଦେଇ ଅନ୍ୟର 'ମୁଁ' ଉପରେ ଟିକିଏ ଜୋର ଦେଲେ, ଅତି ସହଜରେ ଭଲ ପାଇବାର ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯିବା । ଧରନ୍ତୁ, ଗୋଟାଏ ଗ୍ରୁପ୍ ଫଟୋ ତୁମକୁ ଦିଆଯିବ । ସେ ଫଟୋ ଭିତରେ ତମେ ପ୍ରଥମେ କାହାକୁ ଖୋଜି ବସିବ ? ଏଇ 'ମୁଁ' କୁ । 'ମୁଁ'ର ମାହାତ୍ମ୍ୟ କିଛି କମ୍ ନୁହେଁ । ଭିଏନାର ପ୍ରସିଦ୍ଧ ମନସ୍ତାତ୍ତ୍ୱିକ ଆଲ୍‌ଫ୍ରେଡ୍ ଆଡ୍‌ଲର କହନ୍ତି, "ଯେଉଁ ବ୍ୟକ୍ତି ଅପର କୌଣସି ବ୍ୟକ୍ତି ସଂପର୍କରେ ଆଗ୍ରହୀ ନୁହେଁ, ସେ ବ୍ୟକ୍ତି ନିଜ ଜୀବନର ସବୁ-ଠାରୁ ବିଶେଷ କ୍ଷତି କରେ, ଏବଂ ଏହିପରି କିଛି କେତୋଟି ବ୍ୟକ୍ତିଙ୍କଠାରୁ ମାନବ ଜାତିର ସମସ୍ତ ଦୋଷ ଦୁର୍ବଳତା ଜନ୍ମ ନିଅନ୍ତି ।"

ନବଜୀବନ, ଆସନ୍ତାକାଲି ପ୍ରଭୃତି ପତ୍ରିକାରୁ ବହୁ ବହୁ ସୁନାମଧନ୍ୟ ଲେଖକ ସେମାନଙ୍କର ବିଭିନ୍ନ ବିଷୟର ରଚନାମାନ ପଠାନ୍ତି । ମୁଁ ଥରେ ଶ୍ରୀଯୁକ୍ତ ଚିନ୍ତାମଣି ମିଶ୍ରଙ୍କୁ ପଚାରିଲି, "ଆପଣ ଏତେ ଗୁଡ଼ାଏ ରଚନାରୁ ଆପଣଙ୍କ ନବଜୀବନ ପାଇଁ କେମିତି ରଚନା ବାଛନ୍ତି ?" ସେ ସଙ୍ଗେ ସଙ୍ଗେ କହିଲେ, "ସତ କହିଲେ, ଗୋଟାଏ ରଚନାର ମୂଳ ଏବଂ ଶେଷ ଦେଖି ଦେବାକୁ ହୁଏ, ମଝିରେ ମଝିରେ ଖାଲି ଆଖି ବୁଲାଇ ଗଲେ ହେଲା । ଯେଉଁ ଲେଖକ ଅନ୍ୟ ଲୋକଙ୍କ ପାଇଁ ନିଜର ଆଗ୍ରହ ଫୁଟାଏ, ସେ

ଲେଖା ମୁଁ ଗ୍ରହଣ କରେ । ଯେଉଁ ଲେଖକ, ଅନ୍ୟ ଅପେକ୍ଷା ନିଜ ଆଲୋଚନା ବେଶୀ କରନ୍ତି, .ସେ ଗୁଡ଼ା ମୁଁ ସାଧାରଣତଃ ବାଦ ଦିଏ ।" ମିଶ୍ରେ ଆପଣେ କେଡ଼େ ସୁନିପୁଣ, ମୋର ବୁଝିବାକୁ ଆଉ ବାକି ରହିଲା ନାହିଁ ।

ଜଣେ ଖ୍ୟାତନାମା ସମ୍ପାଦକ କହୁଥିଲେ, "କପୋଳକଳ୍ପିତ ଗପ ଲେଖିବାକୁ ହେଲେ ମଧ୍ୟ, ତୁମକୁ ଲୋକଙ୍କ ସମ୍ବନ୍ଧରେ ଆଗ୍ରହୀ ହେବାକୁ ପଡ଼ିବ ।"

ଆପଣ ଦେଖି ନାହାଁନ୍ତି—ଆସନ୍ତାକାଲି ଗୋଟାଏ ଖୁବ୍ କମ ଦାମର ମାସିକିଆ ପତ୍ରିକା, ମାତ୍ର ତା ଦେହରେ ଯେଉଁ ରାଶିଫଳଟିଏ ବାହାରେ, ସେଥିପାଇଁ ତାର ଆଦର ଏତେ ବେଶୀ । ଅଧିକାଂଶ ଗ୍ରାହକ କହନ୍ତି, "ଆସନ୍ତାକାଲିରେ ରାଶିଫଳ ବାହାରୁଥିବାରୁ ମୁଁ ମୋ ଅଜାଣତରେ ମଧ୍ୟ ଏକରକମ ବାଧ୍ୟହୋଇ ଗ୍ରାହକ ହୋଇ ପଡ଼ିଲି ।" ରାଶିଫଳ ଆମକୁ କଣ କହେ ? ଯାହା ହବାର ତ ନିଶ୍ଚୟ ହେବ, ଯାହା ନ ହେବାର ତ କଦାପି ହେବ ନାହିଁ । କିନ୍ତୁ ! ଦଉଡ଼ ଯନ୍ତ ଯ ଆଙ୍ଗୁଳ ଲେଟ ଅଛି, ତେବେ କୁଆଡ଼ୁ କେବେ ପାଣି ଆସିବ ନାହିଁ । ତଥାପି ମନୁଷ୍ୟର ପ୍ରକୃତି, ତା ନିଜ ସମ୍ବନ୍ଧରେ ଜାଣିବ । ଏଥିରେ ରାଶିଫଳ ସାହାଯ୍ୟ କରେ । ସେଥିପା- ରାଶିଫଳ ଗଣକଙ୍କର ପେଟ କେବେହେଲେ ଅପୂର୍ଣ୍ଣ ରହିପାରିବ- ନି— ଆଉ ଆସନ୍ତାକାଲିର ସମ୍ପାଦକଙ୍କ କଥା ତ ଛାଡ଼ ।

ଆଠଗଡ଼ସ୍ଥ ସସରସିଂହପୁରରେ ଶ୍ରୀଯୁକ୍ତ ହରେକୃଷ୍ଣ ଦାସ ଆଜି ଯେଉଁ ଘର, ବାଡ଼ି, ବଗିଚାର ଆରବା ସଜେଇଛନ୍ତି, ସେଥିପାଇଁ ତାଙ୍କର ବହୁତ ମୂଳଧନ ଅବଶ୍ୟ ହୋଇଥିବାର ଯେକ୍ହା ସେ ଅନୁମାନ କରିବ । ମାତ୍ର ଆମେ ତାଙ୍କୁ ଛୁଆବେଳୁ ଜାଣୁ । ସେ ନିତାନ୍ତ ଦରିଦ୍ର ଥିଲେ । ମାତ୍ର ଲେଖକଟା ଅସମ୍ଭବ

ନିସମର, ଜାଉଁଷକାଠି ଲଗାଇ କ୍ଷଣକେ ତେଲକୁ ଆପଣାର କରିନିଏ । ବୁଢ଼ାଳୀ ମାଙ୍କଡ଼ା ବନରୁ ସେ ଖେଜନ ଗଣ୍ଡିକ ଯୋଗାଡ଼ କରିନେବାର ଚତୁରା ସତ୍ତ୍ୱେ, ଅର୍ଥାତ୍, ଲୋକ ଲୁକୁଛି ପନ୍ଥା ସେ ପଟେଇ ହୋଇ ଆସିଛନ୍ତି । ନିଜର ଦୈନ୍ୟ ସେଥିପାଇଁ ମୋଟେ ପ୍ରକାଶପାଏ ନାହିଁ । ସଧାଗୋବିନ୍ଦପୁର ଗାଁଟି ସାରା କୁଲି ମଜଦୁରର ବସ୍ତି, ମାତ୍ର ସେ ଗାଁଟା ସାରାରେ ହରିବାବୁଙ୍କର ଏକାଧିପତିତ୍ତ୍ୱ । ତାର କାରଣ, ସେ ଯେ କାରଣ ଜାଗାରେ ନଇଦଣ୍ଡା ଦଅନ୍ତି ତାହା ନୋହେ, ବରଂ ଦଣ୍ଡା ଦଅନ୍ତି, ତଥାପି ତାଙ୍କଠାରେ ଯେଉଁ ମନ୍ତ୍ର ଲଗିଛି, ତାକୁ ଲୋକେ ତ ଅଦ୍ୟାବଧି ବୁଝିଁଛନ୍ତି, ପୁଣି ଜୀବନସାରା ବୁଝିଁଥିବେ । ସେ କହୁଥିଲେ, ‘‘ସେ ବଗିଚାର ମାଳୀ ଘୁଙ୍ଗୁଡ଼ିଙ୍କଠାରୁ ନୂଆ ବା କଲମିଗଛ କିଣିଲା ବେଳେ ଗୋଡ଼ୁକରିଆ ପିନ୍ଧ, ମୁଣ୍ଡରେ ଠେକା ଭିଡ଼ି, ମୂଳିଆ ବେଶ ସାଜ କରନ୍ତି । ବଗିଚାର ମାଳୀ ସାଙ୍ଗେ ଦୁଃଖ ସୁଖ କହେଇ ତାକୁ ବେଶ୍ ଆପଣାର କରିନିଅନ୍ତି । ମାଳୀ ଭାବେ, ତାର ଭଳିଆ ଜଣେ ମଳମୂଣ୍ଡିଆ ଭାଇ ସହିତ ସେ କାରବାର ଚଳାଉଛି । ତେଣୁ ବେଶ୍ ଦ’ ପଇସା ଦିଲ୍ୟରେ ସେ ତା’ର ଜିନିଷକୁ ସସ୍ତା କଟାଏ କରେ । ଏଇ ଯେଉଁ ଲୋକଟି ବନ୍ଧୁତ୍ତ୍ୱ ସାଜ, ନତାନ୍ତ ବନ୍ଧୁକୁ ମଧ୍ୟ ନିଜର କରିପାରେ, ସେ ତଥାକଥିତ ଉଚ୍ଚ ଶିକ୍ଷିତ ନୁହେଁ, ଜଣେ ମାଟ୍ରିକ, ଅଧିନା ଦେବୋତ୍ତର ବଙ୍ଗଳାର ସୁପରଭାଇଜର । ମାତ୍ର ଆମର ବି.ଏ. ଡିଗ୍ରୀ ତାଙ୍କର ଯେଉଁ ଗୁଣକୁ ସର ଯେ ?

ରଜା ସେ, ସେଥିପାଇଁ ବିଅରେ ଗାଧାନ୍ତି । ସେ ବିଅ ଆସେ କୁଆଡ଼ୁ ଜାଣନ୍ତି—ଗଉଡ଼ିଆ ପ୍ରଜାଙ୍କଠାରୁ । କେମିତି ଆସେ ଶୁଣିବେ ? ରଜା ପୂର୍ଣ୍ଣ ଦୋଣିରେ ଭେଡ଼ିମାନଙ୍କୁ ରକ୍ତ ବହିବାକୁ ତ ପରିମାଣ ବିଅ ଯୋଗାଇବା ପାଇଁ ହୁକୁମ କରନ୍ତି । ଗଉଡ଼ମାନଙ୍କର ସଭ ଡାକନ୍ତି । ନିଜେ ଗଉଡ଼ ସାଜି, ଗଉଡ଼ିଆ ଶୋଭାକରଣ

ଗଉଡ଼ ମେଳରେ ବସନ୍ତି । ଗଉଡ଼ଙ୍କର ବଡ଼ଭାଇ ବୋଲାନ୍ତି । ଗଉଡ଼ମାନଙ୍କର ଆନନ୍ଦ ଆଉ ଦେଖେ କିଏ ? ରଜା 'ଭାଇ' କହି କାନ୍ଧରେ ହାତ ପକାଇବାଠାରୁ ଭାଗ୍ୟ ଆଉ କଅଣ ଥାଇ ପାରେ । ପୁଣି ସେତିକି ନୁହେଁ । ବଡ଼ଭାଇ ଅନ୍ୟମାନଙ୍କୁ ଆଶ୍ୱାସନା ଦିଅନ୍ତି, "ଆମେ ସବୁ ଗରିବ ଲୋକ, ଏତେ ଭେଟି କାହୁଁ ଦେଇ ପାରିବା ? କାଲି ମୁଁ ଗୁମୁଟରେ କହିବି, ଆମକୁ ଯାହା ଯାହା ଯୋଗାଇବାକୁ ହୁକୁମ ହୋଇଛି, ତା'ର ୩ ପା ଲେଖାଏଁ ସମସ୍ତେ ଦେବା । କଅଣ କହୁଛ ? ସମସ୍ତେ ରାଜି ଟି ?" ଗଉଡ଼ମାନେ ଶୁଣି ଆନନ୍ଦରେ ଉଚ୍ଛୁଳି ପଡ଼ନ୍ତି । ଯଥା ସମୟରେ ରାଜବାଟୀରେ ଭେଟି ପହୁଞ୍ଚେ । ଗଉଡ଼ ଖୁସି, ରଜା ବି ଖୁସି । ଫଳରେ ୩ ପା ହିସାବରେ ମଧ୍ୟ, ରାଜବାଟୀକୁ ଯେଉଁ ଭେଟି ବୁହାହୁଏ, ତହିଁରେ ଗାଧୋଇଲେ ବା ସରିବ କୁଆଡ଼ୁ ?

ଆଠଗଡ଼ର ଗଉଡ଼ବାନ୍ଧ ମୁଣ୍ଡରେ ଏବେ ଯେଉଁ ପ୍ରକାଣ୍ଡ ପକ୍କା ମୁଣ୍ଡ ହେଇଛି, ତାହା ରଜାଙ୍କ କଳ୍ପନାରେ ମଧ୍ୟ ଆସି ନ ଥିଲା । ସେ ପକ୍କା'ର ମାଲିକ ଯିଏ ହେଉନ୍ତୁ, ତାଙ୍କ ନାମରେ କିଛି ଯାଏ ଆସେ ନାହିଁ । ମାତ୍ର ତାଙ୍କର କାମ କରାଇବା ପ୍ରଣାଳୀ ଏଠାରେ ଆଲୋଚନାର ବିଷୟ । ଶହ ଶହ ମୂଲିଆ ମିସ୍ତ୍ରୀ ମଜୁରିଆ କାମ କରୁଥିଲା ବେଳେ, ମାଲିକ ଅଣ୍ଟିରେ ଅଣ୍ଟିଏ ମୁଢ଼ି ପୂରାଇ ଖାଇ ଖାଇ କାମ ତଦାରଖ କରନ୍ତି । କାମ କରୁଥିବା ଲୋକେ ଭାବନ୍ତି "ଏଡ଼େ ବଡ଼ ଲୋକ ମଧ୍ୟ ମୁଢ଼ି ଖାନ୍ତି ।" ସେମାନଙ୍କର ନିତିଦିନିଆ ଖାଦ୍ୟ ମୁଢ଼ି ପ୍ରତି ଆଗ୍ରହ ତ ବଢ଼େ । ପୁଣି ସେମାନେ ଦ୍ୱିଗୁଣ ଉତ୍ସାହରେ କାମରେ ଲାଗି ପଡ଼ନ୍ତି । କାରଣ, ସେମାନେ ସେତେବେଳେ ଭୁଲି ଯାନ୍ତି ଯେ ସେମାନେ ମଜୁରିରେ କାମ କରୁଛନ୍ତି । ତାଙ୍କର ମନେ ହୁଏ, "ଆମରି ଘର ଜଣେ ମୁରବିଆ ଲୋକ

ନାମ ଡ—ଆମର ନୂଦେହଁ କ; ତେଣୁ ଲାଗି ପଡ଼ନ୍ତ ।

ଆଜ ଅଳ୍ପ ବର୍ଷତରେ ଓଡ଼ଶାର ସବୁ ବଡ଼ ଲୋକଙ୍କ ସହିତ,
ଓଡ଼ଶା କୃଷି ବଭାଗର ଏକୋନମିକ୍ ବଟାନିଷ୍ଟ ଓ୍ୟାନ୍, ଉକ୍ତରେ
ଚଲମ୍ ପରଚତ । ସେଥିପାଇଁ ତାଙ୍କର ଅନ୍ୟ କଛି ଗୁଣ ଥାଉ
ା ଥାଉ, ମାତ୍ର ଏଇ ଗୋଟାଏ ଗୁଣ ଅଛି ଯେ ସେ ସାନରୁ ବଡ଼
ାମସ୍ତଙ୍କୁ ଭଲ ପାନ୍ତ । ତେଣୁ ସମସ୍ତେ ତାଙ୍କୁ ଭାର ଭଲପାନ୍ତ । ସେ
ଗୋଟାଏ ଉପାୟ ଅବଲମ୍ବନ କରନ୍ତନ୍ତ । କୌଣସି ବଶିଷ୍ଟ ବ୍ୟକ୍ତଙ୍କ
ାକ୍ଷାତକାର ପାଇଲେ, ସେ କଥା ପ୍ରସଙ୍ଗରେ ପଚାରନ୍ତ, "ଅଚ୍ଛା !
ଜ୍ୟୋତଃଶାସ୍ତ୍ର ଉପରେ ଆପଣଙ୍କ ଆସ୍ଥା କପର ?" ଆଗନ୍ତୁକ
ବଶ୍ୱାସ କରୁଥିଲେ, କହନ୍ତ, "ବଶ୍ୱାସ ନ କରବାର କାରଣ ନାହିଁ,
ମୁଁ ଅମୁକ ଦନ ଏତେ ତାରଖରେ ଜନ୍ମ ହୋଇଥିଲ । ଜ୍ୟୋତଷ
ଗଣନା କର ଯାହା କହୁଛନ୍ତ, ସବୁ ଠିକ୍ ହେଉଛି ।" ଯେ ବଶ୍ୱାସ
ନ କରନ୍ତ, ସେ କହନ୍ତ, "ମୋର ବଶ୍ୱାସ ନାହିଁ । କାରଣ ମୁଁ
ଅମୁକ ମାସର ଅମୁକ ତାରଖରେ ଜନ୍ମ ହୋଇଥିଲ । ବହୁ ବଡ଼
ବଡ଼ ଜ୍ୟୋତଷମାନେ ଗଣନା କର ଯାହା ଫଳ ଲେଖିବାର
ଉଲ୍ଲେଖ କରନ୍ତ, ତାହା ଲେଗ ହେଉନାହିଁ ।" ଉକ୍ତର ଚେଲମ
ପତ୍ୟ ସହକାରେ ବ୍ୟକ୍ତଙ୍କ ଜନ୍ମ ତାରଖଟି ମନେ ରଖନ୍ତ । ସେ
ିବା ସଙ୍ଗେ ସଙ୍ଗେ ତାଙ୍କ ନାମ, ଠିକଣା ଓ ଜନ୍ମ ତାରଖ ଚେଲମ
ସାହେବଙ୍କ ନୋଟ୍ ବହିରେ ଥାନ ପାଏ । ଆସନ୍ତା ବର୍ଷ
ଜନ୍ମଦନ ପହଞ୍ଚିବା ତାରଖରେ, ଫଳେ ପୁଷ୍ପେ ଯାହା ତାଙ୍କୁ ମିଳଲା,
ଗୋଟିଏ ଉପହାର, ନ ହେଲେ ଶୁଭେଚ୍ଛା ଜଣାଇ ଖଣ୍ଡିଏ ଚିଠି
ବା ଗୋଟିଏ ତାର ଚେଲମ ସାହେବଙ୍କ ପାଖରୁ ଯାଇ ଭଦ୍ରବ୍ୟକ୍ତଙ୍କ
ପାଖରେ ପହଞ୍ଚେ । ଭଦ୍ରବ୍ୟକ୍ତ ଚେଲମ୍ ସାହେବଙ୍କ ବ୍ୟବହାରରେ

ମୁଗ୍ଧ ନ ହୋଇ ରହି ପାରନ୍ତି ନାହିଁ । ସେ ନିଜର କୃତଜ୍ଞତ
ଜଣାଇବା ମାନସରେ ସବୁବେଳେ ସୁଯୋଗ ଉଣ୍ଡୁଥାନ୍ତି । ଅବସ
ପାଇଲେ ଗର୍ବ ଅନୁଭବ କରନ୍ତି ମଧ୍ୟ ।

ନ୍ୟୁୟର୍କର ଟେଲିଫୋନ୍ ଅପରେଟରମାନଙ୍କୁ 'ନମ୍ବର ପ୍ଲି
କହିବାକୁ ଟ୍ରେନିଂ ଦିଆହୁଏ । ସେମାନେ 'ନମ୍ବର ପ୍ଲିଜ୍'କୁ ଏପ
ଉଚ୍ଚାରଣ କରନ୍ତି ଯେ ଶୁଣିଲି ବ୍ୟକ୍ତି ଭାବନ୍ତି ଯେପରି ସେପ
କିଏ କହୁଛି, "ନମସ୍କାର ଆଜ୍ଞା ! ମୁଁ ଆପଣଙ୍କର କିଛି କାମରେ
ଲାଗି ପାରିଲେ ନିଜକୁ ଭାଗ୍ୟବାନ୍ ବା ଭାଗ୍ୟବତୀ ମନେକରିବି ।"

ଆମକୁ ଏ ସଂପର୍କରେ ଆଉ ଗୋଟାଏ କଥା ମନେ
ରଖିବାକୁ ପଡ଼ିବ । କେଉଁ ଲୋକ କେଉଁ ବିଷୟରେ ଆଗ୍ରହୀ, ତାହ
ଜାଣିବାପାଇଁ ସେ ବ୍ୟକ୍ତିଙ୍କ ସଂବନ୍ଧରେ କିଛି ଆଲୋଚନ
କରିବାକୁ ପଡ଼ିବ । ମାଟ୍ରିକ୍ ପାସ୍ କରି ସାରିବା ପରେ ଅଥି
ଦୁରବସ୍ଥା ହେତୁ ମୁଁ ଟାଟାନଗରରେ ଗ୍ରେଟ ସ୍ୱଦେଶୀ ଷ୍ଟୋ
କରୁଥାଏ । ମୋର ସେଠିକାର ହାକିମ ମୋ' ଠାରୁ ବେଶୀ ଅପଗ୍ରେ
ଥାନ୍ତି । ଥରକର ତାଙ୍କୁ ଗୋଟାଏ ପ୍ରୋଗ୍ରେସ୍ ରିପୋର୍ଟ୍ ଲେଖିବାକୁ
ପଡ଼ିଲା । ଫାଇଲରେ ଅର୍ଡର ହେଲା ମୋତେ ସେ ରିପୋର୍ଟର
ଡ୍ରାଫ୍ଟ ଲେଖିବାକୁ । ମୁଁ ଅନଭିଜ୍ଞ । କଉଣ କମିତ ହେବ
ବ୍ୟାଙ୍କର ଷ୍ଟାଟିଷ୍ଟିକ୍ସ ପାଇବି କେଉଁଠୁ । ବଡ଼ ମୁସ୍କିଲ ବ୍ୟାପାର
ବହୁତ ଭାବଚିନ୍ତି ମୁଁ ପାଠପଢ଼ିବା ଉଦ୍ଦେଶ୍ୟରେ ଯେଉଁ ବ୍ୟାଙ୍କରେ
ପ୍ରତିମାସରେ କିଛି କିଛି ଜମା କରେ ସେହି ବ୍ୟାଙ୍କର ମ୍ୟାନେଜରଙ୍କ
ପାଖକୁ ଗଲି । ବଡଗଛି ମରହଟ୍ଟି ଭଦ୍ରଲୋକ । ମୁଁ ଇଣ୍ଟରଭିଉ
କାର୍ଡଟି ବଢ଼ାଇ ଦେଇ ଅପେକ୍ଷା କରୁଥାଏ । ଯେଉଁ ପିଅନ୍‌ଟି ମୋ
କାର୍ଡ ନେଲା, ସେ ଯାଇ ମ୍ୟାନେଜରଙ୍କୁ କହିଲା, "ସାହେବ !

ଝଟ୍‌ରେକା ଲିଏ ଆଜ୍ ଟିକେଟ୍ ନେହିଁ ମିଲା, ମୁଲାକାତ୍ କରନେକେ ଲିଏ ଏକ୍ ବାବୁ ଆୟେ ହେଁ ।"ସାହେବ ଅଲ୍ପକେ କହିଲେ, "ବୁଲାଓ" ସେ ଫେରିଆସି ମୋତେ କହିଲା, 'ସାହେବ ବୁଲାତେ ହେଁ' । ମୁଁ ଟିକଏ ହସି ପଚାରିଲି, "କି ଦାଦୁ ! ସାହେବର ମିଜାଜ୍ କି ରକମ୍ ଅଛି, ଛଲେ ତ ?" ଲୋକଟି ବଙ୍ଗାଳୀ । କହିଲା, "ଏର୍ ଛୋଡ଼ାଇଜନ୍ୟେ ଆଜକେ ପୋଷ୍ଟାଲ ଟିକେଟ୍ ପାଓ୍ୟା ଗେଲନା, ସେଇ ଜନ୍ୟ ମନଟା ଏକଟୁ ଖାଟ୍ଟା ଆଛେ—ଏଖନ ସରେ ଯାବେ, ଆର୍ କି, ଯାନ୍ ନା, ଦେଖା କରୁନ୍ ।" ମୁଁ ହସି ହସି ଭିତରକୁ ପଶିଲି । ଦେଖିଲି ମ୍ୟାନେଜରଙ୍କ ମୁଖ ମଣ୍ଡଳ ବଡ଼ ଗମ୍ଭୀର । ନମସ୍କାର କରି ଅନୁନୟ ହୋଇ ମୋ ଉଦ୍ଦେଶ୍ୟ ଜଣାଇଲି । ସେ ଅନ୍ୟମନସ୍କ ଥାନ୍ତି । ମୋତେ କହିଲେ, "ଆପ୍ ହେଡ୍ କ୍ଲର୍କକା ସାଥ୍ ବାତ୍‌ଚିତ୍ କିଜିଏ ।" ମୁଁ ଅବସ୍ଥା ଦେଖି ଫେରିଲି । ଆମ ଅଫିସକୁ ଯାଇ ଗୁଡ଼ିଏ ଡାକ ଟିକଟ ସଂଗ୍ରହ କରି ସେ ଦିନ ଘରକୁ ଗଲି । ତହିଁ ଆରଦିନ ସେଗୁଡ଼ିକ ଧରି ଦିନ ୧୦ଟା ବେଳକୁ ପୁଣି ମ୍ୟାନେଜରଙ୍କୁ ଦେଖା କରି କହିଲି, "ଆଜ୍ଞା, ଏ ଟିକଟ୍ ଗୁଡ଼ା ଦେଖିଲେ, କାମରେ ଲାଗିବ କି ?" ସେ ମୋ ହାତରୁ ଟିକଟଗୁଡ଼ା ନେଇ ଅତ୍ୟନ୍ତ ଖୁସି ହେଲେ । ମୋତେ କହୁଥାନ୍ତି ସେ ଟିକଟ୍ ଗୁଡ଼ା ପାଇ ତାଙ୍କ ପୁଅ କେଡ଼େ ଖୁସି ହେବ । ମୁଁ ଦେଖୁଥାଏ ସେ ନିଜେ କେତେ ଖୁସି ହେଉଛନ୍ତି । ଏହାପରେ କଥା ହେଉ ହେଉ ୧୧ଟା ବାଜିଲା । ରିପୋର୍ଟ କଥା ପଡ଼ିଲା । ସେ ନିଜେ ଯାହା ଜାଣିଥିଲେ, ସବୁ କହିଲେ । ହେଡ୍ କ୍ଲର୍କକୁ ଡକାଇ ମୋତେ କେଉଁ କେଉଁ କାଗଜ ଓ ଫାଇଲ ଦେଖିବାକୁ ହେବ, ତାର ହୁକୁମ ଦେଲେ । ଅନ୍ୟାନ୍ୟ ଜଣେ ଦ'ଜଣ କର୍ମଚାରୀଙ୍କୁ ଡକାଇ ମୋ ସାମନାରେ ରିପୋର୍ଟ ବିଷୟରେ ପ୍ରଶ୍ନ କଲେ । ଫୋନ୍ ଯୋଗେ ଗୁଡ଼ିଏ ଲୋକ ସହିତ କଥା

ସେ ଦିନ ମୁଁ ଏତେ ଗୁଡ଼ିଏ ତଥ୍ୟ ପାଇଲି, ଯାହା ମୋ ମୁଣ୍ଡରେ ସଂଗ୍ରହିଲା ନାହିଁ। ତଥାପି ମ୍ୟାନେଜରଙ୍କ ଆଗ୍ରହ ଭାଙ୍ଗି ନ ପାରି ମୁଁ ପ୍ରାୟ ସବୁ ଘଟଣା ଓ ସଂଖ୍ୟା ନୋଟ୍ କରି ଆଣିଲି। କହିବା ବାହୁଲ୍ୟ ଯେ ମୋ ଉଦ୍ଦେଶ୍ୟ ସୁରୁଖୁରୁରେ ସାଧିତ ହେଲା।

ସେ ସମୟରେ ଜିଲ୍ଲା କଲେକ୍ଟର ଜୋନ୍‌ଷ୍ଟନ୍ ଥାନ୍ତି। ଏହାଙ୍କ ପତ୍ନୀ ମିସେସ୍ ଇ. ଏ. ଜୋନ୍‌ଷ୍ଟନ୍ ଜଣେ ସେବାପରାୟଣା ନାରୀ ଥିଲେ। ରାଜନୀତି ବିଷୟରେ ସେ ପୁରାପୁରି ତାଙ୍କ ସ୍ୱାମୀଙ୍କ ପରି ଗାନ୍ଧୀ ଓ କଂଗ୍ରେସ ବିରୋଧୀ ଥିଲେ। ଥରେ ମିସେସ୍ ଜୋନଷ୍ଟନ୍ ବାଲେଶ୍ୱରରେ ଗୋଟିଏ ଶିଶୁ ପ୍ରଦର୍ଶନୀ କଲେ। ଅତି ଅଳ୍ପ ସଂଖ୍ୟକ ସ୍ତ୍ରୀ ଲୋକ ଶିଶୁଙ୍କୁ ନେଇ ପ୍ରଦର୍ଶନୀକୁ ଆସିଥିଲେ। ସେ ଦୁଃଖ କରି ଡାକ୍ତର ହରେକୃଷ୍ଣ ମହତାବଙ୍କୁ କହିଲେ। ମହତାବ ମହାଶୟ ତାଙ୍କୁ ବୁଝାଇ କହି ଦେଲେ ଯେ ସେ ହେଉଛନ୍ତି ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପତ୍ନୀ ଏବଂ ଜଣେ ବିଦେଶୀ ମହିଳା। ଏପରି ସ୍ଥଳେ ତାଙ୍କ ଡାକରାରେ ଆମ ଦେଶର ସ୍ତ୍ରୀ ଲୋକେ କିପରି ଆସିବେ। ସେ ଉଲରେ କୁରୁତା ବୁଣି ଶିଶୁମାନଙ୍କୁ ବିତରଣ କରି ନ ପାରୁ ଥିବାରୁ ତାଙ୍କର ଦୁଃଖ। ସେ ଦିନ ସେ ବୁଝିଲେ ଯେ ସରକାରୀ ମହଲ ଜନତାଠାରୁ ଦୂରରେ।

ମହତାବ ଆପଣେ ପୁନର୍ବାର ଏକ ଶିଶୁ ପ୍ରଦର୍ଶନୀର ବ୍ୟବସ୍ଥା କଲେ। ସେ ଲାଗି ପଡ଼ି ଘରେ ଘରେ ପ୍ରଚାର ଚଳାଇବାରୁ ୨୫୦ ଶିଶୁ ଆସିଥିଲେ। ମିସେସ୍ ଜୋନ୍‌ଷ୍ଟନ୍ ଭାରି ଖୁସି ହେଲେ, ମାତ୍ର ତାଙ୍କ ପାଖରେ ଏତେ କୁରୁତା ନ ଥିଲା। ମହତାବ ମହାଶୟଙ୍କ ପ୍ରସ୍ତାବରେ ସେ ତତ୍‌କ୍ଷଣାତ୍ ଖଦୀ ଭଣ୍ଡାରରୁ ଖଦଡ଼ କିଣି ବିତରଣ କଲେ। ଫଳରେ ସାଧାରଣଙ୍କ ମନରେ ଖଦଡ଼ ପ୍ରତି ଉତ୍ସାହ ଆସିଲା ଓ ସରକାରୀ ଲୋକଙ୍କ ମନ ମଧ୍ୟ କିଛିଏ ଖଦଡ଼ ପ୍ରତି ବଦଳିଲା।

ମିସେସ୍ ଜୋନ୍‌ଷ୍ଟନ୍ ଶିଶୁ ଖୋଜୁଥିଲେ । ମହତାବ ଆପଣେ ଶିଶୁ ଯୋଗାଇଲାରୁ ଖଦଡ଼ ପୁତ୍ରକୁ ସେ ଆପତ୍ତି କରନ୍ତେ କାହିଁକି ? ସେଇଥି ପାଇଁ କହନ୍ତି, ବାନ୍ଧ ଜାଣିଲେ ମଥା ସୁନ୍ଦର ।

ତେଣୁ କହିବା ବାହୁଲ୍ୟ ଯେ ଅପର ବ୍ୟକ୍ତି ସମ୍ବନ୍ଧରେ ଆପଣ ଥରେ ମାତ୍ର ଆଗ୍ରହୀ ହେବାକୁ ଅଭ୍ୟାସ କରି ନେବେ ତ, ପ୍ରତ୍ୟେକ କ୍ଷେତ୍ରରେ ଆପଣ ଆପଣଙ୍କ ମନସ୍କାମନା ପୂର୍ଣ୍ଣ କରିବାକୁ ଟିକେ ହେଲେ କଷ୍ଟ ବୋଧ ହେବନାହିଁ ।

( ୭ )

ଭାରତଦାର ଗ୍ରାଣ୍ଡ୍ରିକୁ ବହୁତ ଲୋକେ ଯିବା ଆସିବା କରନ୍ତି । ବର୍ଷକର ଗ୍ରୀଷ୍ମ ସମୟରୁ ଜଣେ ବ୍ୟକ୍ତିଙ୍କ ଆଡ଼କୁ ଆମେ ଅନେକ ଲୋକ ଆକୃଷ୍ଟ ହେଲୁଁ । ସେ ବ୍ୟକ୍ତିଙ୍କର ଚେହେରାରେ ବା ପୋଷାକପତ୍ରରେ ଆମକୁ ଆକୃଷ୍ଟ କଲା ଭଳି ଅବଶ୍ୟ କିଛି ନ ଥିଲା । ମାତ୍ର ତାଙ୍କ ମୁଖ ମଣ୍ଡଳରେ, ତାଙ୍କ ଦୃଷ୍ଟିରେ, ତାଙ୍କର ହାବଭାବରେ ଏପରି ଗୋଟାଏ ମାଦକତା ଲକ୍ଷିତ ଥିଲା, ଯାହା କେବଳ ମୋର କାହିଁକି, ଆହୁରି ଅନେକ ପ୍ରାଣ ମଧ୍ୟ ଶୀତଳ କରି ପକାଇଲା । ଆମେ ସାଙ୍ଗମାନଙ୍କ ଭିତରେ ଯୁକ୍ତି ତର୍କ କରି ଗୋଟିଏ ସିଦ୍ଧାନ୍ତରେ ଉପନୀତ ହେଲୁ ଯେ ଲୋକଟି ନିଶ୍ଚୟ ମହତ୍ତ୍ୱର ପରିଚୟ ଦିଏ । ତାଙ୍କ ସଙ୍ଗେ ଆଳାପ ଆରମ୍ଭ କଲୁ । ତାଙ୍କର ପରିଚୟ ସେ ଯେଉଁ ବିନୟ ସହକାରେ ଦେଇଥିଲେ ତାହା ଭୁଲିବାର ନୁହେଁ । ବହୁବର୍ଷ ହେଲା ମୁଁ ତାଙ୍କୁ ଦେଖି ନାହିଁ, ମାତ୍ର ତାଙ୍କୁ ଯେ ଏତେ ଦିନ ହେଲା ଦେଖି ନାହିଁ, ଏହା ମୁଁ ଏବେ ବିଶ୍ୱାସ କରି ପାରୁନାହିଁ । ତାଙ୍କର ନାମ ହେଉଛି ଶ୍ରୀ ହରେକୃଷ୍ଣ ତ୍ରିପାଠୀ । ଜମଦାଠାରୁ ୩୦ ମାଇଲ ଭିତରକୁ ଗୋଟିଏ ଗାଁର

ତାଙ୍କର ଜନ୍ମ । ସେ ଆମ୍ଭମାନଙ୍କର ହୃଦୟକୁ ଏତେ ସହଜରେ ଜିଣି ପାରିବାର ଥିଲା କାରଣ, ଆପଣ ଜାଣିଛନ୍ତି । ତାଙ୍କ ଅଧରରେ ସ୍ୱାଗତିକ ମଧୁ ମଧୁ ହାସ ଲାଗି ରହିଥିଲା ପରି ଆମର ପ୍ରତୀତ ହେଲା ।

ସେହିପରି ବାଙ୍କୀ ଚର୍ଚ୍ଚିକାର ଶ୍ରୀ ଆନନ୍ଦଚନ୍ଦ୍ର ମିଶ୍ର ହେଉଛନ୍ତି ଆଉ ଜଣେ ବ୍ୟକ୍ତି । ତାଙ୍କ ମୁହଁକୁ ଚାହିଁଲେ, ଦର୍ଶକର ସମସ୍ତ ଦୁଃଖ ଆପେ ଆପେ ଉଭେଇ ଯାଏ ।

ଉତ୍କଳୀୟ ଜଗନ୍ନାଥ କମ୍ପାନୀର ଶ୍ରୀ ରଣଜିତ୍ ସିଂହଙ୍କୁ ମୁଁ ଆନ୍ତରିକ ଶ୍ରଦ୍ଧା କରେ । ଅଧିକାଂଶ ସମୟରେ ତାଙ୍କ ମୁହଁରୁ ଦରହସ ଉଛୁଳି ପଡ଼ୁଥିଲା ପରି ମୋର ମନେ ହୁଏ ।

ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରୀଯୁକ୍ତ ମାୟାଧର ମାନସିଂହଙ୍କୁ ଜାଣିଥିବେ, ଦେଖିଥିବେ ମଧ୍ୟ । ଆପଣମାନେ ବର୍ତ୍ତମାନ ମନେ ପକାନ୍ତୁ । ଦେଖିବେ ତାଙ୍କପରି ମହାନ୍ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ତାଙ୍କ ମୁଖମଣ୍ଡଳରୁ ହିଁ ଜଣାପଡ଼େ ।

ଏହିପରି ଅନେକ ବ୍ୟକ୍ତି ସଂସାରରେ ଅଛନ୍ତି, ଯେଉଁମାନଙ୍କର ହାବଭାବ ଦେଖିଲେ ସେମାନଙ୍କର ଅନ୍ତରର ଅମାୟିକତା ଆପେ ଆପେ ଧରାପଡ଼େ । ସମାଜ ଅଫିସର ଅର୍ତ୍ତତ୍ରାଣ ମିଶ୍ରଙ୍କ ମୁହଁକୁ ଆପଣମାନେ କେବେ ଲକ୍ଷ୍ୟ କରିଛନ୍ତି ? କରନ୍ତୁ, ଦେଖିବେ କପରି ସେ ମୁହଁ ସେପରି ଅହରହ ପ୍ରତ୍ୟେକଙ୍କୁ ସ୍ୱାଗତ ଜଣାଉଛି ।

ମୁଁ ଏଠାରେ ସୁନ୍ଦର ଅସୁନ୍ଦର ବାଛୁନାହିଁ । ମାତ୍ର ଯେଉଁ ବ୍ୟକ୍ତିମାନଙ୍କ ହୃଦୟ ସେମାନଙ୍କର ମୁଖ ମଣ୍ଡଳରେ ପ୍ରତିଫଳିତ ହୁଏ, ସେହିମାନଙ୍କ କଥାହିଁ କହିବାକୁ ଚେଷ୍ଟା କରୁଛି । ମୋ ଦୃଷ୍ଟିକୋଣ ଅନ୍ୟମାନଙ୍କ ଠାରୁ ଭିନ୍ନ । ତେଣୁ ଅନେକ ମୋ

କଥାରେ ଦ୍ୱିଧା କରି ପାରନ୍ତି, ମାତ୍ର ସମସ୍ତେ ସ୍ୱୀକାର କରିବେ ଯେ କଥାର ତଥ୍ୟ ନିପଟ ସତ୍ୟ । ଏହା ଛଡ଼ା ଆଉ ଗୋଟିଏ କଥା ମଧ୍ୟ ସମସ୍ତେ ସ୍ୱୀକାର କରିବେ । ଦନ୍ତହାସ ବା ସ୍ମିତହାସ୍ୟ ଅର୍ଥ 'ମୁଁ ତୁମକୁ ଭଲପାଏ, ତୁମେ ମୋ ଆନନ୍ଦର ଗୋଟିଏ ଉପାଦାନ, ତୁମ ଦର୍ଶନରେ ମୁଁ ଅତ୍ୟନ୍ତ ପ୍ରୀତ ।

ଏହି ସତ୍ୟତା ଉପରେ ବଡ଼ ବଡ଼ ଷ୍ଟୋର୍‌ର ମାଲିକମାନଙ୍କର ଆସ୍ଥା ଏତେ ବେଶୀ ଯେ ଖୋଜି ଖୋଜି ସେମାନେ ସେହି ବାଳିକା-ମାନଙ୍କୁ ମୋଟା ଦରମାରେ ବିକ୍ରୀବଟା କରିବାପାଇଁ ରଖନ୍ତି, ଯେଉଁମାନଙ୍କ ଅଧରରୁ ସ୍ମିତହାସ୍ୟ ଝରି ପଡୁଥାଏ । ସେମାନେ କହନ୍ତି, ବିକ୍ରୀବଟା କାମପାଇଁ ଯେତେବଡ଼ ଦାର୍ଶନିକ ଆସନ୍ତୁ ପଛେ, ତାଙ୍କୁ କାମ ନ ଦେଇ, ଟ୍ରେନିଂ ପାଇଥାନ୍ତୁ ବା ନଥାନ୍ତୁ, କୌଣସି ହାସ୍ୟମୟୀ ବାଳିକାକୁ ସେ ପ୍ରଥମେ ନିଯୁକ୍ତ କରିବେ ।

ଆନ୍ଧ୍ର ୟୁନିଭରସିଟିରେ ପାଠ ପଢ଼ିଲାବେଳେ, ଗୋଟାଏ ଗ୍ଲେଟିଆ ଛୁଟି କଟାଇବାକୁ ମାଡ୍ରାଜ ସହରକୁ ଯାଇଥାଉ । ଶ୍ରୀ ଜଗନ୍ମୋହନ ଶତପଥୀ ମୋ ସାଙ୍ଗରେ ଥାନ୍ତି । ଆମେ ବହୁତ ଫଟୋ ଉଠାଇ ଥାଉଁ । ଧୋଇବାକୁ କେଉଁଠି ଦେବୁ । ଖୋଜି ଖୋଜି ଶେଷରେ ଜଗନ୍ ଗୋଟାଏ ଦୋକାନରେ ଦେଲା । ସେ ଦୋକାନୀ ଜଗନ୍‌ର ମନ କିମିତି ଜିଣିଲା, ମୁଁ ଖୋଜ କରିବାକୁ ଜାଣି ପାରିଲି, ତା ବ୍ୟବହାର ବଡ଼ ଅମାୟିକ ବୋଧହେଲା ।

ଏକଥା ମଧ୍ୟ ସମସ୍ତେ ବିଶ୍ୱାସ କରିବେ ଯେ ମୃଦୁଳ ହସା ମାରିବା କଷ୍ଟକର ବ୍ୟାପାର ନୁହେଁ । ଧରା ପୃଷ୍ଠରେ ଯେତେ ବ୍ୟକ୍ତି ଅଛନ୍ତି ସେମାନେ ସମସ୍ତେ ସୌନ୍ଦର୍ଯ୍ୟ ନିଶ୍ଚୟ ଖୋଜନ୍ତି । ଏହା ମଧ୍ୟ ସ୍ୱୀକାର୍ଯ୍ୟ ଯେ ସ୍ମିତହାସ୍ୟ ଯେ କୌଣସି ବ୍ୟକ୍ତିର ସୌନ୍ଦର୍ଯ୍ୟ ସହିତ

ବଢ଼ାଏ ସିନା, କମାଏ ନାହିଁ । ଯେଉଁମାନେ ସ୍ମିତ ହାସ୍ୟର ମୂଲ୍ୟ ବୁଝିବା ପୂର୍ବରୁ, ଚହିଁରେ ଅଭ୍ୟସ୍ତ ହୁଅନ୍ତି, ସେମାନଙ୍କୁ ଗୋଟାଏ ଦୁଇଟା କଥା ମନେ ରଖିବାକୁ ମୁଁ ଅନୁରୋଧ କରିବ । ହାର୍ଭାର୍ଡ୍‌ର ଉଇଲିୟମ୍ ଜେମ୍ସ ଜଣେ ଖ୍ୟାତନାମା ଦାର୍ଶନିକ ଏବଂ ମନସ୍ତତ୍ତ୍ୱ-ବିତ୍ । ସେ କହନ୍ତି, "ଆମର କାର୍ଯ୍ୟ କଳାପ ଆମ ଭାବନାର ବହିଃ-ପ୍ରକାଶ ପରି ମନେ ହୁଏ । ମାତ୍ର ବାସ୍ତବରେ ଭାବନା ଏବଂ କାର୍ଯ୍ୟ-କଳାପ ଏକସଙ୍ଗେ ଆଚରିତ ହୋଇଥାନ୍ତି । ନିଜର କାର୍ଯ୍ୟର ଭଙ୍ଗୀକୁ ନିଜର ମନ ଅନୁସାରେ ସଜାଡ଼ି ନେବା ନିତାନ୍ତ ସହଜ । ତେଣୁ ଆମ ଆଚରଣ ଓ ଭଙ୍ଗୀକୁ ଯଥାଯଥ ଭାବେ ସଜାଡ଼ି ନେଲେ, ଆମ ଭାବନା ଆପେ ଆପେ ସଜାଡ଼ି ହୋଇଯିବ ।

ଏହା ଛଡ଼ା ଆଉ କଥାଏ ଅଛି । ସଂସାରରେ ସମସ୍ତେ ସୁଖ ଚାହାନ୍ତି । ମଣିଷର ଭାବନା ମଣିଷର ସୁଖ ଦୁଃଖର ହେତୁ । ଏକଥା ପ୍ରସଙ୍ଗ କ୍ରମେ ବିଶେଷ ରୂପେ ଆଲୋଚିତ ହେବ । ମାତ୍ର ବାହ୍ୟ ପରିସ୍ଥିତି ଉପରେ, ଅନ୍ତରର ସୁଖ ଦୁଃଖ ଯେ ନିର୍ଭର କରେ ନାହିଁ, ଏହା ନିର୍ଭୟରେ କୁହାଯାଇ ପାରେ । ସୁଖ ମଣିଷ ମନର ଗୋଟାଏ ଅବସ୍ଥା ମାତ୍ର । ସ୍ମିତହାସ୍ୟ ସୁଖଦ । ତେଣୁ ମନକୁ ସେହି ମାର୍ଗରେ ଚଳାଇ ନେବା ଉଚିତ । ତମେ କଅଣ, କିଏ ସେ, କେଉଁଠି, କାହିଁକି କିଛି କରି ବସୁଛ, ତାହାର ଭାବନା ତୁମକୁ ଆନନ୍ଦ ଦିଏ ନାହିଁ । ମାତ୍ର ତୁମେ କରିବା ସମ୍ବନ୍ଧରେ ଯାହା ଭାବ, ତାହାହିଁ ତୁମକୁ ଆନନ୍ଦ ଦିଏ । ଓଡ଼ିଶାରେ ପ୍ରାୟ ସମସ୍ତଙ୍କ ସ୍ତ୍ରୀମାନେ ରୋଷେଇ କରନ୍ତି । ସେମାନେ ଅଧିକାଂଶ ସମୟରେ ସ୍ୱାମୀମାନଙ୍କ ଆଗରେ ଅଭିଯୋଗ କାଢ଼ନ୍ତି ଯେ ତମର ଏତେ ଛୁଟୀ, ଏତେ ପରିଶ୍ରମ, ମାତ୍ର ଆମର ଓଳିଟାଏ ଚଳିକ ନ ଗଲେ, ଆଉ ନିସ୍ତାର ନାହିଁ । ମାତ୍ର ସିଏ ଯଦି ଭାବନ୍ତେ ତାଙ୍କ ରୋଷେଇ ପରମାତ୍ମାଙ୍କ ପାଇଁ, ତାଙ୍କ ଶିଶୁ,

ସ୍ୱାମୀ, ପରମାତ୍ମାଙ୍କର ଅଂଶବିଶିଷ୍ଟ, ଏବଂ ସେମାନଙ୍କର ପୂଜା ନିମିତ୍ତ ସେ ଯୋଗାଡ଼ରେ ଅଛନ୍ତି, ତା ହେଲେ ସେ ଅନ୍ତରରେ ବିମଳ ଆନନ୍ଦ ପାନ୍ତେ ଏବଂ ମୂର୍ତ୍ତିଟି ସଦ୍ୟ ଫୁଟିଲା ପଦ୍ମ ପରି ଲାବଣ୍ୟ ବହୁଥନ୍ତା ।

ବିବେକାନନ୍ଦ ଜଣେ ବରିଷ୍ଠ ଜ୍ଞାନଯୋଗୀ । ସେ କହନ୍ତି, ଭକ୍ତିଦାସ୍ୟ ବଳରେ ମନୁଷ୍ୟ ଭଗବାନଙ୍କର ଯେତେ ନିକଟ ହୋଇପାରିବ, ଅସୀମ ଜ୍ଞାନ ବଳରେ ସେତେ ନିକଟ ହେବା କଷ୍ଟସାଧ୍ୟ । ଯେଉଁ ଭକ୍ତି ଦାସ୍ୟରେ ଏତେ ଅସୀମ ଶକ୍ତି, ସୃଷ୍ଟି ଯାହା ସାମାନ୍ୟ ଚେଷ୍ଟାରେ ସ୍ୱଭାବତଃ ହୋଇପାରେ, ସେ ଚେଷ୍ଟାକରି ସେ ଶକ୍ତି ଆହରଣ କରିବାକୁ କିଏ ପଛେଇ ପାରେ ?

ଯେଉଁମାନେ ମୂର୍ତ୍ତିରହସ୍ୟ ବା ଇତିହାସ ବା ଭକ୍ତିଦାସ୍ୟର ଇତିହାସ ନ ଜାଣିଛନ୍ତି ସେମାନେ ମନେ ରଖନ୍ତୁ ଯେ—

୧—ଈଶ୍ୱର ଏ ଭକ୍ତିଦାସ୍ୟର ଦାମ କିଛି ନାହିଁ ସତ୍ୟ, ମାତ୍ର ତାହା ଭରସା ସୃଷ୍ଟି କରେ ।

୨—ଯେଉଁମାନେ ପାଆନ୍ତି ସେମାନେ ଧନ୍ୟ ହୁଅନ୍ତି, ଅଥଚ ଯେଉଁମାନେ ଦିଅନ୍ତି, ସେମାନେ ଗରିବ ହୋଇ ଯାଆନ୍ତି ନାହିଁ ।

୩—ଦେବାକୁ ମୂର୍ତ୍ତିଟିଏ ଲୋଡ଼େ, ମାତ୍ର ତା ମୂଲ୍ୟ ବେଳେ ବେଳେ ସାରାଜୀବନ ଶାନ୍ତି ରହେ ।

୪—ସଂସାରରେ ଏପରି ଲୋକ ଧନିକ ନାହାନ୍ତି, ଯେଉଁମାନେ ଭକ୍ତିଦାସ୍ୟର ଆବଶ୍ୟକତା ଅନୁଭବ ନ କରନ୍ତି ଏବଂ ଏପରି ଲୋକ ଗରିବ ନାହାନ୍ତି ଯେ ଭକ୍ତିଦାସ୍ୟ ଲାଭ ନିଜକୁ ଧନ୍ୟ ମନେ କରନ୍ତିନାହିଁ ।

୫—ଏହା ଘରସଂସାରକୁ ସୁଖମୟ କରେ ।

୬—ବ୍ୟବସାୟରେ ସ୍ନେହ ସହାନୁଭୂତି ଭରିଆଏ ।

୭—ଜଗତକୁ ବନ୍ଧୁତ୍ୱ ପାଇଁ ଆହ୍ୱାନ କରେ ।

୮—ନିରାଶ ପ୍ରାଣରେ ଆଶା ସଞ୍ଚାର କରେ ।

୯—କ୍ଳାନ୍ତ ବ୍ୟକ୍ତିକୁ ବିଶ୍ରାମ ଦିଏ ।

୧୦—ଦୁର୍ଦ୍ଦିନ ଅନ୍ଧକାରରେ ଆଲୋକ ରେଖା ପରି କାର୍ଯ୍ୟ କରେ ଏବଂ ଏହାହିଁ ପ୍ରତ୍ୟେକ ଜାରଣକ ଦୁଃଖର ଏକମାତ୍ର ପ୍ରତିକାର ।

୧୧—ଏହାକୁ କେହି କିଣିପାରେ ନାହିଁ, ବନ୍ଧୀ ମଧ୍ୟ କରିପାରେ ନାହିଁ । ଉଧାର ଆଣିପାରେ ନାହିଁ କି ଚୋରି ମଧ୍ୟ କରି-ପାରେ ନାହିଁ ।

୧୨—ଏହା ଦେବା ପର୍ଯ୍ୟନ୍ତ ସାଂସାରିକ ଥାଇପାରେ, ମାତ୍ର ଦେଇ-ଦେଲେ ମାତ୍ରକେ ନୈସର୍ଗିକ ହୋଇଯାଏ ।

୧୩—ଯେଉଁମାନଙ୍କର ସ୍ମିତହାସ୍ୟ ଭଳିଆ ମହାଧନ ସଂସାରରେ ଦେବାପାଇଁ ନ ଥାଏ, ସେମାନେ ଏହାର ଦାରିଦ୍ର୍ୟତା ସବୁଠାରୁ ବେଶୀ ଉପଭୋଗ କରନ୍ତି, ଏବଂ ସବୁଠାରୁ ସେହିମାନଙ୍କର ହିଁ ଏହା ବେଶୀ ଦାମରେ ଲୋଡ଼ା ହୁଏ ।

ବାସ୍ତବିକ ଏଇ ସ୍ମିତହାସ୍ୟଟାର ମାହାତ୍ମ୍ୟ ଯେଉଁମାନଙ୍କୁ ଜଣା, ସେମାନେ କ୍ଷେତ୍ର ଅନୁସାରେ ଏହାକୁ ଅମୋଘ ଅସ୍ତ୍ର ରୂପେ ବ୍ୟବହାର କରିଥାନ୍ତି । ଏଇ ପ୍ରସଙ୍ଗରେ କୃଷିବିଭାଗର ପ୍ରବୀଣ ଉଚ୍ଚଶିକ୍ଷିତ ଡକ୍ଟର ମହାନ୍ତି ମୋର ସ୍ମରଣୀୟ । ମୁଁ ଏଇ ବିଭାଗରେ କାମ କରେ କନା । ଥରକର ମୋ ବଦଳି ସଂପର୍କରେ ମୁଁ ତାଙ୍କ ପାଖକୁ ଯାଇଥିଲି । ସେ ଏପରି ମୁହଁ କଲେ ଯେ ମୋର ତ ହୃତ୍କମ୍ପ ଜାତ ହେଲା । ମୁଁ ତାଙ୍କୁ ସ୍କୁଲରେ ପାଠପଢ଼ିଲି ଦିନଠାରୁ

ଦେଖିଛି, ମାତ୍ର ମୋର ବିଶ୍ୱାସ ହେଉନାହିଁ ଯେ ମୁଁ ସେଇ ସାର୍‌ଙ୍କ ସଙ୍ଗେ କଥାବାର୍ତ୍ତା ହେଉଛି । ମୁଁ କଛୁ ସୃଷ୍ଟିରେ କହିଥିବ ବିସ୍ତର, ଆଠ ଦଶ ଥର ତାଙ୍କୁ କହିଲି, "କ୍ଷମା କରନ୍ତୁ ଆଜ୍ଞା, ଭୁଲ ହୋଇଗଲା ।" ମାତ୍ର ତାଙ୍କର ମୁଖଭଙ୍ଗୀ ଏତେ ଗମ୍ଭୀର ଥାଏ ଯେ ମୁଁ ଭାବୁଥାଏ, ମୋ କଥାଗୁଡ଼ା ମୋଟେ ତାଙ୍କ କାନକୁ ଛୁଉଁନାହିଁ । ମୁଁ ସେଦିନ ନିରାଶାରେ ଫେରିଲି । କୃଷିବିଭାଗରେ ଚାକିରି କର୍ମସୂତ୍ରେ ହେଲେ ଡକ୍ଟର ମହାନ୍ତିଙ୍କ ପରି ଉଚ୍ଚପଦସ୍ଥ ହାକିମଙ୍କ ସଂସ୍ପର୍ଶରେ ବାରମ୍ବାର ଆସିବାକୁ ପଡ଼ୁଛି । ସେହି ଦିନଠାରୁ ମୋ ମନରେ ଗୋଟାଏ ଆଶଙ୍କା ରହିଲା ଯେ ସାର ମୋ ଉପରେ ଭାରି ବିରକ୍ତ ହେଲେ । ମୁଁ ପୁଣି କ୍ଷମା ମାଗିବାକୁ ସୁଯୋଗ ଖୋଜୁଥାଏ । ଗତ ପ୍ରଭିନ୍‌ସିଆଲ ଫଳପୁଷ୍ପ ପ୍ରଦର୍ଶନୀରେ ପୁଣି କ୍ଷମା ମାଗିବାର ସୁଯୋଗ ପାଇଲି । ସେ କତିପୟ ସହକର୍ମୀଙ୍କ ସହିତ କଥାବାର୍ତ୍ତା ହେଉଥାନ୍ତି । ମୁହଁରୁ ତାଙ୍କର ହସ ଉଛୁଳି ପଡ଼ୁଥାଏ । ମୁଁ ବାଗ ଦେଖି ନେଙ୍ଗେ-ଡ଼େଇ ନେଙ୍ଗେଡ଼େଇ କହିଲି, "ଆଜ୍ଞା, କଅଣ କ୍ଷମା କରିବେ ନାହିଁ ?" ସେ ସେହିପରି ହସି ହସି କହିଲେ, "ତମେ କଅଣ ପାଗଳ ହୋଇଗଲ ନା କଅଣ ?" ସେ କ୍ଷମା କରନ୍ତୁ ନ କରନ୍ତୁ ମୁଁ ଭାବୁଛି ସେ ମୋତେ କ୍ଷମା କରିଛନ୍ତି, ଏବଂ ଏଇ ସ୍ମିତହାସ୍ୟର ମାହାତ୍ମ୍ୟ ବୁଝିଥିବାରୁ ଇଚ୍ଛା ଅନୁସାରେ ବିନାମେଘରେ ଝୁଲଣ ବୃଷ୍ଟି କରି-ପାରୁଛନ୍ତି ଏବଂ ଉଆଁସ ଅନ୍ଧାରରେ ପୂର୍ଣ୍ଣିମାର ଜହ୍ନ ଫୁଟାଇ ପାରୁଛନ୍ତି ।

ବର୍ତ୍ତମାନ ମୋର ଆପଣମାନଙ୍କୁ ଗୋଟିଏ ଅନୁରୋଧ । ଯେଉଁମାନଙ୍କର ଏହା ସ୍ୱାଭାବିକ ନ ହୋଇଛି, ସେମାନେ ଏକାନ୍ତରେ ଥିବାବେଳେ ଏହା ସ୍ୱାଭାବିକ କରି ନେବାକୁ ଚେଷ୍ଟା କରନ୍ତୁ । ଏହା କଷ୍ଟକର ନିତାନ୍ତ ସହଜ ହୋଇ ପାରିବ ଯେତେବେଳେ ଆପଣ

ନିଜକୁ ଭୁଲିଯାଇ ଅନ୍ୟର କଥା ଟିକଏ ଭାବି ପାରିବେ ବା ନିଜେ ଖୁସି ଥିଲାପରି ଭାବି ପାରିବେ । ଜଗତରେ ଅଭ୍ୟାସର କଣ ନ ହୋଇ କୌଣସି ଉନ୍ନତି ନାହିଁ । ପିଲା ବାଲିଗରଡ଼ାକୁ ପୂଜା କରୁ କରୁ ଦିନ ଆସେ ଯେତେବେଳେ ସେ ସେହି ବାଲିଗରଡ଼ାରେ ବ୍ରହ୍ମାଣ୍ଡକର୍ତ୍ତାଙ୍କୁ ଦେଖିପାରେ । ନିଜର ଅସୀମ ଶକ୍ତି ଉପରେ ଆସ୍ଥା ରଖି ଆପଣ ଅଭ୍ୟାସ କରୁକରୁ ଦିନ ଆସିବ ଯେତେବେଳେ ସ୍ମିତହାସ୍ୟ ଏତେଦୂର ଅଭ୍ୟାସରେ ପରିଣତ ହୋଇଯିବ ଯେ ଆପଣ ଜାଣି ପାରିବେ ନାହିଁ । ଅଥଚ ନିଃଶ୍ୱାସ ପ୍ରଶ୍ୱାସ କାର୍ଯ୍ୟ ଭଳି ତାହା ସ୍ୱତଃ ଫୁଟି ଉଠିବ । ଦୟାକରି ମନେ ରଖନ୍ତୁ—

(୧) କାନ୍ଦରେ ଯେଉଁ ମାଂସ ପେଶୀ
ହୁଏ ସଂଚାଳିତ
ହସରେ ସେହି ମାଂସ ପେଶୀ
ହୁଅଇ ଚାଳିତ
କରେ ହସ କାନ୍ଦ ଦ୍ୱୟ
ସମ ଶକ୍ତି ଅପଚୟ ।

(୨) ଜାଣ ହେ ବନ୍ଧୁବର ସଂସାରସାର
ହସ ହିଁ ଖୋଜେ, କାନ୍ଦେ ହୋଇ ଏକା
ହସିଲେ ବନ୍ଧୁ ତେଣୁ ଧରା ହସିବ
କାନ୍ଦିଲେ ବନ୍ଧୁ ତୁମେ ଏକା କାନ୍ଦିବ ।

( ୭ )

ହିନ୍ଦୁମାନଙ୍କ ମଧ୍ୟରେ ବିଶେଷକରି ଓଡ଼ିଶାରେ ବହୁକାଳରୁ ଗୋଟିଏ ପ୍ରଥା ଚଳି ଆସୁଛି । ପିଲାଟିଏ ଜନ୍ମହେଲା ସଙ୍ଗେ ସଙ୍ଗେ ଗୋଟିଏ ଶ୍ରେଷ୍ଠକାଟିଆ ଉତ୍ସବର ଆୟୋଜନ ହୁଏ । କେହି କେହି ଉତ୍ସବଟି ୨୧ ଦିନରେ, କେହି କେହି ମାସକରେ, କେହି କେହି ବା

୩ ମାସରେ ନାମକରଣ ଉତ୍ସବ ସଖ୍ୟମରେ ଘର ପିଲାଟିର ନାମକରଣ କରିଥାନ୍ତି । ସାଧାରଣତଃ ଆମର ଧାରଣା ଯେ ପିଲାର କାନରେ ନାମଟି କହି ଦେଲରୁ ସେ କିଛି ବୁଝିପାରେ ନାହିଁ । ମାତ୍ର ଏହା ସେ ବୁଝୁ ବା ନ ବୁଝୁ, ସେଇ ନାମ ଉଚ୍ଚାରଣ କଲାମାତ୍ରେ ପିଲା କ୍ରମଶଃ ଆମ ଆଡ଼କୁ ଚାହେଁ, ହସିବାକୁ ଆରମ୍ଭ କରେ ଏବଂ କାଳକ୍ରମେ ସେ ବୁଝେ ଯେ ସେହି ନାମ ହିଁ ସେ । ସଂସାରରେ ଖୁବ୍ କମ୍ ପଣ୍ଡିତ ଅଛନ୍ତି, ଯେଉଁମାନେ ବୁଝିଛନ୍ତି ଯେ ତାଙ୍କ ନାମଠାରୁ ସେ ଭିନ୍ନ । ସେ ଯାହାହେଉ, ନାମର ମାହାତ୍ମ୍ୟ ବିଷୟରେ ବିଶେଷ ଆଲୋଚନା ନିଷ୍ପ୍ରୟୋଜନ । କୁକୁରଟିଏ ପାଳିଲେ ତାକୁ ନାଁଟିଏ ଦିଆହୁଏ । ଗାଈମାନଙ୍କର ନାଁ ତ ଆପଣମାନଙ୍କୁ ଅବିଦିତ ନ ଥିବ । କୁକୁରମାନଙ୍କର ନାଁରେ ଯେଉଁ ସ୍ନେହ ମମତା ଥାଏ, ତାହା ହୁଏତ ଆପଣଙ୍କ ପିଲା କବିଲାଙ୍କଠାରେ ଥିବ କି ନାହିଁ ସନ୍ଦେହ । ଯେ କୌଣସି କାରଣରୁ ହେଉନା କାହିଁକି, ନାଁଟିଏ ଦେଲା ମାତ୍ରେକେ, ପଶୁପକ୍ଷୀ କଥା ମୁଁ କହିପାରୁ ନାହିଁ, ମାତ୍ର ମଣିଷ ଜାତିର ତାହା ସବୁଠାରୁ ପ୍ରିୟତମ ହୋଇଉଠେ ।

ଆମ ଇସ୍କୁଲରେ ବର୍ଷକେ ଥରେ ଲେଖାଏ ପ୍ରାଇଜ୍ ଦିଆ ହୁଏ । ଥରେ ସେମାନଙ୍କ ମଧ୍ୟରୁ ୩ ଜଣ ବ୍ୟକ୍ତି ବିଶେଷ ବଡ଼ ବଡ଼ ପ୍ରାଇଜ ଗୁଡ଼ିଏ ପାଇଥିଲେ । ସବୁଠାରୁ ବେଶୀ ସଂଖ୍ୟାରେ ପୁରସ୍କାର ପାଇଥିଲେ—ପଠାଣି ମହାପାତ୍ର, ଅର୍ଜୁନ୍ ସେଠୀ ଏବଂ ଭିକାରି ବଣ୍ଡାସି । ସେମାନଙ୍କ ନାମ ଉଚ୍ଚାରଣ ହେଲାମାତ୍ରେ, ସେମାନେ ପୁରସ୍କାର ଗ୍ରହଣ କରିବାକୁ ଉଠିଯାଆନ୍ତି । ସେତେବେଳେ ତାଙ୍କ ମୁହଁରେ ଯେଉଁ ତୃପ୍ତି ଫୁଟି ଉଠୁଥାଏ, ତାହା ଲକ୍ଷ୍ୟ କରିବାର କଥା । ନାଁ ପୁଣି ବାପ ମା ତାଙ୍କର ବାଛିକରି ଦେଇଥାନ୍ତି, ଅର୍ଜୁନ୍ ପଠାଣିଆ, ଭିକାରି । ଆମ କାନକୁ ନାଁ ଗୁଡ଼ା ଯେତେ [illegible]

ଶୁଭିଲେ କଅଣ ହେବ, ସେମାନଙ୍କୁ ପଚାରିଲେ ସେମାନେ କହିବେ, ସାରା ସଂସାରରେ ତାଙ୍କ ନାଁ ଠାରୁ ମଧୁର ନାମକରଣ ହେବା ସଂପୂର୍ଣ୍ଣ ଅସମ୍ଭବ ।

ଆପଣମାନେ ହୁଏତ କଥାଟା ବିଶ୍ୱାସ କରିବେ ନାହିଁ । ଗଞ୍ଜାମ ଜିଲ୍ଲାର ପୋଲସରା ଗ୍ରାମନିବାସୀ ଶ୍ରୀମଧୁସୂଦନ ପାଳ ଆଜି ସାପ ନାମ ଶୁଣିଲେ ଥରି ଯିବା ମୂଳରେ ଗୋଟାଏ ବଡ଼ କାରଣ ଅଛି । ସେ ଯେତେବେଳେ ପାଠ ପଢୁଥିଲେ, ସେହି ସମୟରେ ସମସ୍ତଙ୍କ ଅଜ୍ଞାତସାରରେ ସର୍ପବିଦ୍ୟା ଶିଖୁଥିଲେ । ଧର୍ଯ୍ୟର ସହିତ ପୋଥିଗତ ବିଦ୍ୟା ଓ ମନ୍ତ୍ର ଆୟତ୍ତ କରିସାରି ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେଲେ । ଗୁରୁ ପ୍ରାକ୍‌ଟିକାଲରେ କହିଲେ, "ତୁମେ କୃଷ୍ଣକୁମାରୀଙ୍କୁ ଉତ୍ତୋଳନ କର । କୃଷ୍ଣକୁମାରୀ ଜାତିରେ ନାଗ । ତାର ବିଷଦାନ୍ତ ନାହିଁ ।" ତଥାପି ପାଳମହାଶୟ ଗୁରୁଙ୍କ ଆଜ୍ଞା ପ୍ରମାଣେ କୃଷ୍ଣକୁମାରୀଙ୍କୁ ସ୍ପର୍ଶ କରୁ କରୁ ତାଙ୍କର ସର୍ବାଙ୍ଗ ବରଫ ପାଲଟି ଗଲା । ତାଙ୍କର ଏରୂ ପ୍ରମାଦ ଦେଖି, ତାଙ୍କ ମନରୁ ସର୍ପ ଭୟ ନିବାରଣ କରିବା ନିମନ୍ତେ ତାହାଙ୍କୁ ବେଣୁପାଣିଙ୍କୁ ଉତ୍ତୋଳନ କରିବାକୁ ଗୁରୁ ଆଜ୍ଞା ଦେଲେ । ବେଣୁପାଣି ବିଷାକ୍ତ ନୁହନ୍ତି । ମାତ୍ର ଯେତେ ଭଲେ କ'ଣ ହେବ, ସେହି ଦିନଠାରୁ ପାଳ ମହାଶୟ ସାପ ନାମ ଶ୍ରବଣ କରନ୍ତେ ତାଙ୍କର ସମସ୍ତ ପୂର୍ବ ସ୍ମୃତି ଜାଗ୍ରତ ହୋଇ ବର୍ତ୍ତମାନର ଅନୁଭୂତି ପରି ବୋଧହୁଏ । ଅବଶ୍ୟ ପାଳ ବାବୁଙ୍କର କ'ଣ ହୁଏ ନୁହେ; ତାହା ଏଠାରେ ଆଲୋଚ୍ୟ ବିଷୟ ନୁହେଁ । ଅସଲ ବିଷୟ ହେଉଛି ଗୁରୁଙ୍କର ସର୍ପମାନଙ୍କର ନାମକରଣ । କୃଷ୍ଣକୁମାରୀ, ବେଣୁପାଣି, ନାଗମଣି, କୁନ୍ତଳାକୁମାରୀ, ହିରଣ୍ୟବପୁ, ଛିପ୍ରମତ, କେଳ ଜନମ କୃଷ୍ଣଚୂଡ଼ା, ଶ୍ୟାମ ସୁନ୍ଦର, ପ୍ରାଣପ୍ରିୟା, ବୈନତେୟ, ସୁଷମାରାଣୀ ଚନ୍ଦ୍ରଦ୍ୟୁତ, ଯଶୋବନ୍ତୀ, ଝଳକମଣ୍ଡନ ପ୍ରଭୃତି ନାମ କରଣ

କରିବାରେ ଗୁରୁଙ୍କ ପରିଶ୍ରମ ପଣ୍ଡ ହୋଇ ନ ଥାଏ । ଯେଉଁ ସାପର ଯେଉଁ ନାମ, ତାହା ଶ୍ରବଣ କରି ସେହି ସାପ ଆନନ୍ଦରେ ମସ୍ତକ ଉତ୍ତୋଳନ କରି ଗର୍ବରେ ସ୍ଫୀତ ହୋଇ ଯେଉଁ ଖେଳ ଖେଳେ, ସୁ ସୁ ଗର୍ଜନ କରି ନିଜର ଶ୍ରମ କ୍ଳାନ୍ତି ସତ୍ତ୍ୱେ ପୋଷାଳୁଆ ପରି ଯେଉଁ ଆଚରଣ କରେ, ତାହା ନିଶ୍ଚୟ ନ ମରି ମହିମା । ମୋଟାମୋଟି ନାଁ'ଟିଏ ଦେଇ ପାରିଲେ ସାପ ମଧ୍ୟ ବୋଲି ମାନେ ।

ଆଉ ଏଇ'ଯେଉଁ ନାଁଟା ଦିଆ ହୁଏ, ତାର ମୂଲ୍ୟ କେତେ ଅନୁମାନ କରନ୍ତୁ । ମୋର ଜନମମାଷ୍ଟି କଲାସହାଙ୍ଗର ଶ୍ରଦ୍ଧେୟ ବାଇଧର ପାଠୀ ଟାଙ୍ଗୀ ସ୍କୁଲରେ ଶିକ୍ଷକତା କରୁଥାନ୍ତି । ସ୍କୁଲର ଅବସ୍ଥା ନିତାନ୍ତ ଖରାପ ହୋଇ ଆସିଲା । ଦବାକୁ ମରିବାକୁ ସଂସାରରେ କେତେ ଲୋକ ଭଲପାନ୍ତି ? ସେ ଗାଁରେ ଜଣେ ବଶିଷ୍ଟ ଧନୀ ବ୍ୟକ୍ତି ଥାନ୍ତି । ସେ ନିରକ୍ଷର ନୁହନ୍ତି—ଏଇ ପର୍ଯ୍ୟନ୍ତ ତାଙ୍କର ବିଦ୍ୟାଚର୍ଚ୍ଚାର ପରିମାଣ । ପାଠୀ ମହାଶୟ ଗୋଟିଏ ଉପାୟ ପାଞ୍ଚିଲେ । କିଛି ଯୋଗାଡ଼ି ଯନ୍ତ୍ର କରି ଦୈନିକ ସମାଜରେ ବାହାର କରାଇ ଦେଲେ ଯେ ଶ୍ରୀମନ୍ ମହାଶୟ ସ୍କୁଲର · ଉନ୍ନତି କଳ୍ପେ ଟ ୧୦୧୧ ଦାନ କରି, ଗ୍ରାମବାସୀ ତଥା ଶିକ୍ଷକ ବୃନ୍ଦଙ୍କର ଶ୍ରଦ୍ଧା-ଭାଜନ ହୋଇଛନ୍ତି । ଯେଉଁଦିନ ଏକଥା କାଗଜରେ ବାହାରିଲା, ସେ କାଗଜ ଧରି ତାଙ୍କ ପାଖରେ ହାଜର । "ଦେଖନ୍ତୁ ଆଜ୍ଞା, ଆପଣଙ୍କ ନାଁ ସମାଜରେ ବାହାରିଲାଣି । କଅଣ କରୁଚନ୍ତି ଦେବେ ନାଁ ପୁଣି ସବୁଦିନ ଧରି ଜାଣିବ ଆପଣଙ୍କ ଶ୍ରେଷ୍ଠ ପ୍ରକୃତି । ଦେଖନ୍ତୁ, ପଢ଼ିଲେ ପୁଣି କଅଣ ବାହାରିବ ତ, ପୁଣି ଆମକୁ ଦୋଷ ଦେବେ ।" ଧନିକ କହିଲେ, "କେଡ଼େ କଥା ହେଲା ହେ, ମୁଁ ସେଦିନ ତୁମକୁ ଟ ୧୦୧ ଦେବି ବୋଲି କହୁ ନ କହୁଣୁ ସେ କଥା ସବୁଆଡ଼େ ବାଜିଲୁ କେମିତି ଗଲା ଯେ ସେ ମୋ ନାଁଟାକୁ କାଗଜରେ ଛପାଇ

ଦେଲ ।" ପାଠୀଏ ହସି ହସି କହିଲେ—କଣ୍ଡ, କାହ୍ନୁ ବାବୁର ଘର ଜାଳ ଅଛି, ସରକାର ଆଉ କଣ କ ? କହିବା ବାହୁଲ୍ୟ ଯେ ଧନୀଙ୍କଠାରୁ ଟ ୧୦୧୧ ଗୁନ୍ଦା ମିଳିଲା ।

ଯାଜପୁରରେ ଆଜ ଯେଉଁ ହାଇସ୍କୁଲ ଢ'ଠା ମୁଣ୍ଡ ଟେକିଛି, ତାର ଉତ୍ପତ୍ତି କଥାର ପଛରେ ବୁଝିଲେ ଜାଣିପାରିବେ ଯେ ସ୍ଥାନୀୟ ଦୁଇଜଣ ବଶିଷ୍ଟ ଧନୀ ବ୍ୟକ୍ତି ପରସ୍ପର ଭିତରେ ପ୍ରତିଯୋଗିତା କରୁ କରୁ ସ୍କୁଲ ବଠା ପଡ଼ିଆରେ ଛତୁ ଫୁଟିଲା ପରି ମୁଣ୍ଡ ଟେକିଛନ୍ତି ।

କାଲି ଯେଉଁ ଚନ୍ଦ୍ରାମଣି ମିଶ୍ରେ ମୋଟା ଦରମା ପାଇ ସରକାର ଚାକରି କରୁଥିଲେ ଓ ଆଜି ଯେ ନବଜୀବନର ସମ୍ପାଦକ ଭାବରେ ପରିଚିତ, ସେ ଲୁଙ୍ଗିରେ ପଡ଼ିଲା ଦିନଠାରୁ ଅତ୍ୟନ୍ତ ଚଳଣି ଚତୁର । କୁଆଁଦନୁଁ ତାଙ୍କର କୁକୁରଙ୍କ ପ୍ରତି ଟିକିଏ ମାୟା ମମତା ବେଶୀ । ଯେତେ କୁକୁରଛୁଆ ସେ ଦେଖନ୍ତି, ସେମାନଙ୍କୁ ଗୋଟେଇ ଗାଟେଇ ଘରକୁ ଆଣନ୍ତି । ମାତ୍ର ଘରରେ ଚଡ଼ିଆଖାନା ଘର ମାଲିକଙ୍କୁ ସୁଖ ଲାଗେ ନାହିଁ । ଏଣେ ମିଶ୍ରେ ଆପଣେ ଆଣିଥିବା ଜୀବର ବିରହ ଭୋଗିବାକୁ ଅପ୍ରସ୍ତୁତ । ମାତ୍ର ସମ୍ଭାଳିବାକୁ ନିଜର ସ୍ୱାତନ୍ତ୍ର୍ୟ ନାହିଁ । ତେଣୁ ସେ ଗୋଟାଏ ଉପାୟ କଲେ । ତାଙ୍କର କେତେଗୁଡ଼ିଏ ସମବୟସ୍କ ସାଙ୍ଗ ଥିଲେ । ସେ ସେକାଳ୍ପ ଦଳପଣ । ପିଲମାନଙ୍କୁ ଡାକ କହିଲେ, ତୁମମାନଙ୍କ ଭିତରୁ ପ୍ରତ୍ୟେକ ଗୋଟି‹ ଗୋଟିଏ କୁକୁର ଛୁଆ ବାଛ । ତୁମ ନାମ ଅନୁସାରେ ଛୁଆର ନାମ କରଣ କରିଦେବା । ମାତ୍ର ଯାହାର ଯେଉଁଟି, ସେ ତାର ଯତ୍ନ ନେବ, ତାକୁ ଖୁଆଇବ ଏଇଠି । ଉପାୟଟି ବେଶ୍ କାମ କଲା । ପରନ୍ତୁ ପିଲାଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଉପୁଜିଲା ଯେ କାହା ଛୁଆଟି ବେଶୀ ପରିଷ୍କାର, ମୋଟା, ବଳୁଆ, ସୁନ୍ଦର ରହିବ । ସେଥି ଅନୁସାରେ ତେଣିକି ସମସ୍ତେ ଲାଗି ପଡ଼ିଲେ । ଆଉ ନାମର ମହିମା ବର୍ଣ୍ଣନ କରିବା ହୁଏତ ନିଷ୍ପ୍ରୟୋଜନ ।

ନିଜ ନାଁଟାକୁ ମୃତ୍ୟୁପରେ ମଧ୍ୟ ବହୁତ ଦିନ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ବଡ଼ ବଡ଼ ବ୍ୟକ୍ତିମାନେ, ରଜା ମହାରାଜାମାନେ ଲେଖକ, କବିମାନଙ୍କୁ ପ୍ରଚୁର ଅର୍ଥ ଦାନ କରି ସେମାନଙ୍କ ପ୍ରଣୀତ ପୁସ୍ତକମାନ ନିଜ ନିଜ ନାଁରେ ଘୋଷିତ କରାଉଥାନ୍ତି ।

ଓଡ଼ିଶାରେ ଆପଣ ଅନେକ କୂପ, ପୋଖରୀ, ପାନ୍ଥନିବାସ, ମନ୍ଦିର, ମସ୍‌ଜିଦ୍‌, ପ୍ରାର୍ଥନା ଗୃହ, ପୁସ୍ତକାଳୟ ଦେଖିବାକୁ ପାଇବେ । ସେ ସବୁ ଯେ ସାଧାରଣଙ୍କ ଅର୍ଥରେ ନିର୍ମିତ, ତାହା ନୁହେଁ । ସେଥିରୁ ଅଧିକାଂଶ ବ୍ୟକ୍ତିଗତ ଦାନରେ ତିଆରି । ଆଜି ଯେଉଁମାନେ ସେଗୁଡ଼ିକ ପାଇଁ ଧନ ଦାନ କରିଛନ୍ତି, ସେମାନଙ୍କର ଧର୍ମ ଅର୍ଜନ ପ୍ରବୃତ୍ତି ସୃଷ୍ଟିରୁ ମୋ ଜାଣିବାରେ ନ ଥାଏ । ମାତ୍ର ନାମକୁ ଅମର କରିବା ଉଦ୍ଦେଶ୍ୟ ନିଶ୍ଚୟ—ତା ନ ହେଲେ ନାମଫଳକ ଭଳି ପ୍ରକାରର ହୋଇଥାନ୍ତା । କେତେକ ସ୍ଥାନରେ ଦେଖିପାରିବେ ସବୁ ସ୍ଥାନରେ ନିଜ ନାମ ଖୋଦାଇ ଦେଇ ଦେହରେ ଟାଙ୍ଗି ଦେଇ ଭଲ ଦୃଶ୍ୟକୁ କେବଳ ନଷ୍ଟ କରାଯାଇ ନ ଥାନ୍ତା । କଳ୍ପନା କରନ୍ତୁ—ବୁଝିପାରିବେ, ନିଜ ନାମଠାରୁ ମଧୁରତର କିଛି ନାହିଁ ।

ସୁକିନ୍ଦା ନିକଟବର୍ତ୍ତୀ କେଲପୁର ଗ୍ରାମରେ ମାଧବବାବୁ ବୋଲି ଜଣେ ବଡ଼ିଆ ବ୍ୟକ୍ତି ଥିଲେ । ସେ ଖୁବ୍ ଧନୀ ବୋଲି ଲୋକେ କହନ୍ତି । କଥାର ସତ୍ୟତା ଯା ହେଉ ପଛେ, ସେ ତାଙ୍କର ବାପାଙ୍କ ସମାଧିଟି ଖୁବ୍ ଚମତ୍କାର କରି ଗଢ଼ିଛନ୍ତି । ତାହା ଯେ ତାଙ୍କ ବାପାଙ୍କର ସମାଧି ଏହା କେହି ନ କହିଲେ ମଧ୍ୟ, ସମାଧିଟି ଜଣେ ଜାଣି ହୁଏ । କେତେକ ଯେ ନିଜର ବା ବାପାଙ୍କର ସମାଧିପାଇଁ ଅକାତରରେ ଏତେ ବହୁତ ଧନ ଖର୍ଚ୍ଚ କରି ପାରନ୍ତି, ତାହିଁରେ

ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ନାମ ପରି ପ୍ରିୟତମ ଶବ୍ଦ ପାଇଁ ଏଇ ଯେଉଁ ଖର୍ଚ୍ଚ, ତାହା କଣ ବଡ଼ କଥା ?

ଯେଉଁମାନେ ହିନ୍ଦୁ ଶାସ୍ତ୍ରରେ ବିଶ୍ୱାସ କରନ୍ତି, ସେମାନେ ନାମର ମହିମା ଅନେକ ଥର ଶୁଣିଥିବେ । ଦ୍ୱାପର ଯୁଗର ଶ୍ରୀକୃଷ୍ଣ, ଅତୀତ କାଳର ଶ୍ରୀରାମଚନ୍ଦ୍ର, ଗୋସ୍ୱାମୀ ଅମଳର ଶିବ ସମସ୍ତେ କେଉଁକାଳରୁ ମରି ସାରିଲେଣି । ଖାଲି ଭକ୍ତ ପରମ୍ପରା ଏମାନଙ୍କୁ ଜୀବନ୍ତ ରଖିଛି ବୋଲି ମୋର ମନେ ହୁଏ । ନାମର ମାହାତ୍ମ୍ୟ ଏତିକି ଯେ, ନାମ ଉଚ୍ଚାରଣ ସଙ୍ଗେ ସଙ୍ଗେ କଳ୍ପିତ ମୂର୍ତ୍ତି ରୂପାୟିତ ହୁଏ । ଏହା ତ ଦେବତାଙ୍କ କଥା ଅର୍ଥାତ୍ ଯାହାଙ୍କ ନାମ ଆମ ଦେହରେ ଲାଗିଲେ, ଆମେ ମୁକ୍ତ ହେଉଁ ; ମାତ୍ର ସାମାନ୍ୟ ମଣିଷଙ୍କୁ ମଧ୍ୟ ଜଣେ ଜଣେ କଅଣ କମ୍ ପାଉଥା'ନ୍ତି ! କନିକା ରାଜା ସମୁଦ୍ର ଭିତରର ସରକାରୀ ତଥା ଟାପୁକୁ ତତ୍କାଳୀନ ଲାଟ୍ ସାର୍ ହେନେରୀ ହୁଇଲରଙ୍କ ନାମରେ ନାମିତ କରି କେତେ ଲାଭ ଭୋଗ କଲେ, ଆଜି ରାଜାଙ୍କୁ ପଚାରିଲେ ସେ କହିବେ ।

ରୁଜ୍‌ଭେଲଟ୍ ବହୁ କଷ୍ଟ ଅନୁଭବରୁ ବୁଝିଥିଲେ, ଯେ କୌଣସି ବ୍ୟକ୍ତିଙ୍କୁ ତାଙ୍କ ନାମଟି ସବୁଠାରୁ ସୁମଧୁର ବୋଧହୁଏ । ତେଣୁ ସେ ତାଙ୍କ କାର୍ଯ୍ୟକାଳ ଭିତରେ ଯେ କୌଣସି ବ୍ୟକ୍ତିଙ୍କ ସମ୍ପର୍କରେ ଆସନ୍ତି, ତାଙ୍କ ନାମ ମନେ ରଖିବାକୁ ଚେଷ୍ଟା କରନ୍ତି । ବହୁତ ଶ୍ରେଣୀ ଲୋକେ ତାଙ୍କ ସମ୍ପର୍କରେ ଆସନ୍ତି । ସମସ୍ତଙ୍କ ନାମ ମନେ ରଖିବା ନିତାନ୍ତ ସହଜ ନୁହେଁ । ତେଣୁ ସେ ସଙ୍ଗେ ସଙ୍ଗେ ନାମଟାକୁ ଖଣ୍ଡେ ଯାହାତାହା କାଗଜରେ ଟିପି ଦିଅନ୍ତି ଏବଂ ଅବସର ସମୟେ ବ୍ୟକ୍ତିଙ୍କ ମୂର୍ତ୍ତି ମନ ଭିତରେ ଆଙ୍କି ଆଙ୍କି ନାମଟା ବୋଲି ମନରେ ଘୋଷି

ଥାନ୍ତି । ତା ପରେ କାଗଜଟି ଚିରି ଫୋପାଡ଼ି ଦିଅନ୍ତି । ତାଙ୍କର ଏହି ଗୁଣ ଯୋଗୁଁ ସେ କେତେ ଲୋକପ୍ରିୟ ହୋଇନଥିଲେ ସତେ ?

ଦିନ ଥିଲା ଯେତେବେଳେ ସ୍ତ୍ରୀପୁରୁଷ ନିର୍ବିଶେଷରେ ପିଲାମାନଙ୍କୁ ହାତରେ ଦାନ୍ତ କୁଟାଉଥିଲେ । ଅଧିକାଂଶ ବ୍ୟକ୍ତି ଅସହ୍ୟ ଯନ୍ତ୍ରଣା ଭୋଗ କରି ନିଜ ଦାନ୍ତକୁ ହିଁ ହାତରେ କୁଟାଇ ଦିଅନ୍ତି । କେତେ କେତେ ବ୍ୟକ୍ତି ଏହାର ସୁଯୋଗ ନେଇ ବହୁତ ଅର୍ଜନ କରନ୍ତି । ଏ ସମ୍ପର୍କରେ ମୋର ପରମ ଆତ୍ମୀୟ ଶ୍ରୀ ପର୍ଶୁରାମ ମିଶ୍ର, ବି.ଏସ୍‌ସି, ଏ. ଙ୍କ ମନେ ପଡ଼ନ୍ତି । ସେ ବନାରସରେ ପାଠ ପଢ଼ୁଥିଲେ । ବିନା ଟିକଟରେ କେବେ କେବେ ରେଲରେ ଯାଆନ୍ତି ଆସନ୍ତି । ସେଥର ୨ୟ ଶ୍ରେଣୀରେ ବିନା ଟିକଟରେ ଆସୁଥାନ୍ତି । ମୁଁ ୩ୟ ଶ୍ରେଣୀରେ ଆସୁଥାଏ । ହାଓଡ଼ା ଜଙ୍କସନରେ ରାଉଣ୍ଡ ଟି.ଟି. ଆଇଙ୍କୁ ଦେଖି ପର୍ଶୁବାବୁ କହିଲେ, "ହେଲୋ ମିଷ୍ଟର ଥମ୍‌ସନ୍ ! ଉଡ୍ ୟୁ ଲାଇକ୍ ଟୁ ହାଭ୍ ଏ ସ୍ମୋକ୍, ପ୍ଲିଜ୍ ।" ଥମ୍‌ସନ୍ ମହାଶୟ କାବା । ଭଦ୍ରାମି ରଖି କହିଲେ, "ଥାଙ୍କ୍ ୟୁ ଫୋ ମାଇଁ ନେମ୍—ଏଣ୍ଡ୍ ଇଜ୍ ଇଓର୍ କଂପ୍ଲିମେଣ୍ଟ୍—ଆଇ ଉଇଲ୍ ଜଷ୍ଟ୍ କମ୍ ହ୍ୱେନ୍ ଦ ଟ୍ରେନ୍ ମୁଭସ୍ । ଉଇ ଉଇଲ୍ ହାଭ୍ ଏ ଟକ୍ ।" ମୁଁ ପର୍ଶୁଙ୍କଠାରୁ ଅଳ୍ପ ଦୂରରେ ଛିଡ଼ା ହୋଇ ଏତକ ଶୁଣିଲି । ପରେ ଷ୍ଟେସନ୍‌ରେ ଉକ୍ତ ପର୍ଶୁଙ୍କଠାରୁ ଅବଶିଷ୍ଟ ଯାହା ଶୁଣିଲି, ତହିଁରେ ଅବିଶ୍ୱାସ କରିବାର କିଛି ନ ଥିଲା । ଏଣିକି ଆପଣେ ଅନୁମାନ କରନ୍ତୁ ।

ଜୀବନରେ ଯେଉଁମାନେ ଅପରର ନାମ ମନେରଖିବାକୁ ଟିକିଏ ଯତ୍ନବାନ୍ ହୋଇଛନ୍ତି, ସେମାନେ ବେଶ୍ ଲୋକପ୍ରିୟ ହୋଇ ପାରିଛନ୍ତି । ଆପଣ ଏହି ପନ୍ଥା ଅବଲମ୍ବନ କଲେ ନିଶ୍ଚେ ଆପଣ ମାନେ ଯେ ସାରା ଜଗତରେ ପ୍ରିୟ ହୋଇ ଉଠିବେ, ଏଥିରେ ସନ୍ଦେହର ଅବକାଶ କାହିଁ ?

ଛୋଟ ଛୋଟ କଥାଗୁଡ଼ିକୁ ଲକ୍ଷ୍ୟକଲେ ଜୀବନରେ ବହୁତ କିଛି ମିଳିବାର ସୁଯୋଗ ମିଳେ । ରସୁଲଗଡ଼ାର ଚେକାଗୁଡ଼ା ଗାଁରେ ଆମେ ସେଦିନ ସନ୍ଧ୍ୟାରେ ୫ ଜଣ ବସିଥାଉଁ । ଦିନଯାକର ହାଡ଼ଭଙ୍ଗା ପରିଶ୍ରମ ପରେ ଫାଙ୍କାମନରେ ନଈକୂଳିଆ ପବନ କାହାର ସ୍ପୃହଣୀୟ ନୁହେଁ ? ରେଡ଼ିଓରେ ବୃଷ୍ଟି ମାର୍ଚ୍ଚ ମାସର ଖବର । ଡିଷ୍ଟିଲରି ମ୍ୟାନେଜର କହୁଥାନ୍ତି କୋରାପୁଟରେ ମଦ ଜବତ ହୋଇ ଭାରି ଖରାପ ହେଲା । ସେଟେଲମେଣ୍ଟ ପେସ୍କାର କହୁଥାନ୍ତି ରସୁଲଗଡ଼ାରେ ପରିବା-ପତ୍ରଗୁଡ଼ା ଏତେ ମହଙ୍ଗା ଯେ ବରଂ ପଇସା ଦେଖାଇଲେ ବେଶୀ ହବ । ଓଭରସିଅର ବାବୁ କହୁଥାନ୍ତି, ସାରଗୁଡ଼ା ବର୍ଷାଦିନେ ଦିଆ ନ ହୋଇ ଖରାଦିନେ ପସଲରେ ଦିଆ ହେଉଥିଲେ, ଆମକୁ ଏତେ ଘାଣ୍ଟି ହେବାକୁ ପଡ଼ନ୍ତା ନାହିଁ ; ଲୋକଙ୍କୁ ବି ସବୁଦିନେ ସମାନ କାମ ମିଳନ୍ତା । ଆଗନ୍ତୁକ ଜଣକ କହୁଥାନ୍ତି ସ୍ବଦାଟା ତାଙ୍କର ଏତେ ବେଶୀ ଅଭ୍ୟାସ ହୋଇଯାଇଛି ଯେ ଖରା ବର୍ଷା ମାନୁ ନାହିଁ । ମୁଁ ନୀରବ ହୋଇ ସବୁ ଶୁଣୁଥାଏ । ଭାବୁଥାଏ, 'କାହା ମନ ଯାଉଁ କୋଉଠି, ଓଲେଇ ମନ ଯାଇ ହାଣ୍ଡିରେ ।' ସମସ୍ତେ କହୁଛନ୍ତି ; ମାତ୍ର ଶୁଣୁଛି କିଏ ? ଆମେ ଅପର କଥାକୁ ଧ୍ୟାନଦେବାକୁ କେବେ ଆଉ ଶିଖିବା ?

ଥରେ ଗୁଡ଼ିଏ ଭଦ୍ରଲୋକ ନିମନ୍ତ୍ରଣରେ ଏକତ୍ରିତ ହୋଇ-ଥିଲେ । ସେମାନଙ୍କ ମଧ୍ୟରୁ କେତେ ଜଣ ବ୍ରିଜ୍ ଖେଳ ବସିଲେ । ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ଡେଲ କାର୍ନେଜି ଥାନ୍ତି । ସେ ସେତେବେଳକୁ ବ୍ରିଜ୍ ଖେଳ ଶିଖି ନ ଥାନ୍ତି । କଣ କରିବେ, ଇତସ୍ତତଃ ହେଉଥାନ୍ତି, ଦେଖିଲେ ଜଣେ ମହିଳା ଏକାକୀ ବସିଛନ୍ତି ।

ସେ କାର୍ନେଜୀଙ୍କୁ ଉଦ୍ଦେଶ୍ୟ କରି ପଚାରିଲେ,'କୁଆଡ଼େ ଗସ୍ତରେ ଯାଇଥିଲେ କି ? ଆମେ ଏବେ ଆଫ୍ରିକାରୁ ଫେରିଲୁ ! ଆପଣ କେବେ ଆଫ୍ରିକା ଯାଇଥିଲେ ? ବଡ଼ ଚମତ୍କାର ଜାଗା ଏଟା । କହନ୍ତୁ ଆପଣ, ଆପଣଙ୍କ ଆଫ୍ରିକା ଅନୁଭୂତି କିପରି ?'

କାର୍ନେଗୀ କହିଲେ "ଆଫ୍ରିକାରେ ମାତ୍ର ଥରଟିଏ ରହିବାର ଅବସର ମୁଁ ପାଇଥିଲି । ଆପଣ ସୌଭାଗ୍ୟବତୀ । ତେଣୁ ସେପରି ସୁନ୍ଦର ଜାଗାକୁ ମନଇଚ୍ଛା ଉପଭୋଗ କରି ପାରିଲେ । କହନ୍ତୁ, କହନ୍ତୁ, ଆପଣଙ୍କ ଅନୁଭୂତି ।"

ଭଦ୍ରମହିଳା ଦେଢ଼ଘଣ୍ଟା ଲାଗି ଟିକିନିଖି ତାଙ୍କର ଅନୁଭୂତି ଗାଇଲେ । ତାଙ୍କ ପ୍ରସଙ୍ଗକୁ କାର୍ନେଜୀଙ୍କର ଧାରଣା ହେଲା ଯେପରି ତାଙ୍କ ସହିତ ସେ ଜାଗାଗୁଡ଼ିକ ନିଜେ ଦେଖୁଛନ୍ତି । ପରିଶେଷରେ ସେ ମହିଳାଙ୍କର ବକ୍ତବ୍ୟ ସରିଲରୁ ସେ ତାଙ୍କ ସ୍ୱାମୀଙ୍କୁ ଡାକି କହିଲେ,"ଶୁଣିଲ ତ, କାର୍ନେଜି ଆଫ୍ରିକାରେ ଥରେ ମାତ୍ର ରହି ସେ ଜାଗାର ଯେ ଧାରଣା କରିଛନ୍ତି, ଆମର ଏତେ ଦିନର ଅନୁଭୂତି ଏକବାରେ ଠିକ୍ ସେଇଆ ।"

ଭଦ୍ରମହିଳା ମିଛ କହୁ ନାହାନ୍ତି । ସେ ଖୋଜୁଥିଲେ ଜଣେ ଆଗ୍ରହୀ ଶ୍ରୋତା । କାର୍ନେଜି ତାଙ୍କ ଅଭାବ ମେଣ୍ଟାଇଲେ । କୌତୂହଳୀ ହୋଇ ତାଙ୍କ ବର୍ଣ୍ଣନା ମନଯୋଗ ସହିତ ଶୁଣିଲେ । ସୁଯୋଗ ପାଇଲେ ତାଙ୍କୁ ଉତ୍ସାହିତ କରୁଥାନ୍ତି । ମହିଳାଙ୍କର ଧାରଣା ହେଲା ଯେ କାର୍ନେଜି ମହାଶୟ ଉପଯୁକ୍ତ ଶ୍ରୋତା । ତେଣୁ ତାଙ୍କୁ ସେ ପ୍ରକାଶ୍ୟରେ ଧନ୍ୟବାଦ ଦେଲେ ।

ସଂସାରର ପ୍ରକୃତି ସବୁଠି ଏକପ୍ରକାର । ଅଧିକାଂଶ ବକ୍ତା ଉତ୍ତମ ଶ୍ରୋତା ପାଇଲେ ନିଜର ଆନନ୍ଦକୁ ଏପରି ଭାବରେ ବାଣ୍ଟି

ଢଅନ୍ତି ଯେ ତାହା ଅଧେ ଅଧ ହୋଇଯାଏ । ଶେଷକୁ କିଏ ସ୍ଥିର କରି ପାରନ୍ତି ନାହିଁ ଯେ ବକ୍ତା କିଏ ଆଉ ଶ୍ରୋତା ବା କିଏ ?

ଓଡ଼ିଶାର ପ୍ରତ୍ୟେକ ବିଜ୍ଞାନ ଛାତ୍ର ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କ ଉତ୍ତମରୂପେ ଜାଣନ୍ତି । ସେ ଉଦ୍ଭିଦ ରାଜ୍ୟରେ ଅସଂଖ୍ୟ କାର୍ଯ୍ୟ ଅ[...] ପାରିଛନ୍ତି । ତା ବ୍ୟତୀତ ସେ ତାଙ୍କର ଆଦର୍ଶ ଚରିତ୍ର ହେତୁ ଉତ୍କଳର କୃତିସନ୍ତାନ ବୋଲି ଗଣ୍ୟ । ତାଙ୍କ ସମ୍ପର୍କରେ ଶ୍ରୀ ମ[...] ପରିଡ଼ା, ଯେ କି ମୋର ମାଟ୍ରିକ୍‌ରେ ସହପାଠୀ ଥିଲେ, ତାଙ୍କ[...] ମୁଖରୁ ମୁଁ ଏ ଉକ୍ତିଟି ଶୁଣିଥିଲି । ଡକ୍ଟର ପରିଜା ପିଲାଦିନେ ଅସମ୍ଭ[...] ରକମର ଶ୍ରୋତା ଥିଲେ । ସେ ଜଣେ ବୈଦେଶିକ ଉଦ୍ଭି[...] ବିଶାରଦଙ୍କଠାରୁ ଉଦ୍ଭିଦ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଘଣ୍ଟା ଲଗି ଗୋଟି[...] ବକ୍ତୃତା ଶୁଣିଲେ । ସେତେବେଳକୁ ଡକ୍ଟର ପରିଜାଙ୍କର ଉଦ୍ଭି[...] ଜ୍ଞାନ ନିତାନ୍ତ ସ୍ୱଳ୍ପ । ମାତ୍ର ତାଙ୍କ ପରି ଶ୍ରୋତା ବିରଳ । ଯେତା[...] ବକ୍ତୃତା ଶୁଣିସାରି ସେ ଏତିକି ଶିଖିଲେ, ନିଜ ବଗିଚାରେ ଗ[...] ପ୍ରଭୃତିକୁ କାଟିକରି ହୃଷ୍ଟପୁଷ୍ଟ କରିପାରିବେ । ମାତ୍ର ସେହି ଦିନଠାରୁ ସେ ମନେ ମନେ ସ୍ଥିର କଲେ ଯେ ସେ ମଧ୍ୟ ବୈଦେଶିକଙ୍କ ଭ[...] ଜଣେ ଅନନ୍ୟସାଧାରଣ ଉଦ୍ଭିଦ ବିଶାରଦ ହେବେ । ଅ[...] ଗୋଟିଏ କଥା । ଉଦ୍ଭିଦ ବିଶାରଦ ବିଦାୟ ନେଲାବେଳକୁ କଥା[...] କହିଗଲେ ଜାଣନ୍ତି ? ସେ କହିଗଲେ ଯେ ପରିଜା ମହାଶୟ ଜ[...] ବିରାଟ ବକ୍ତା । ମାତ୍ର ପରିଜା ସାହେବ ତାଙ୍କ ବକ୍ତୃତା ଶୁଣି[...] କାଳରେ ୧୪ରୁ ୧[illegible]ଟି ଧାଡ଼ି ଲେଖିଥିଲେ ଯଥେଷ୍ଟ ହେବ ବୋ[...] ମନେ କରନ୍ତି । ତଥାପି ତାଙ୍କର ବିଶେଷଣ ଶୁଣିଲେ ତ ?

ଏଗ୍ରିକଲଚର ଡିପାର୍ଟମେଣ୍ଟର ଅଧିକାରୀ ଅକ୍ଷୟ ଜଣାର ହୋତା ସାହେବଙ୍କ ଅନୁଭୂତିରୁ ଗୋଟିଏ ଶୁଣନ୍ତୁ । ସେ ଅନେକ

କାରେ ପାଠ ପଢ଼ୁଥିବାବେଳେ ଗୋଟାଏ ବଡ଼ ଷ୍ଟୋରରୁ ଗୋଟାଏ ସୁଟ୍ କିଣି ଆଣିଲେ । ଅଳ୍ପ କେତେଦିନ ବ୍ୟବହାର କରି ଦେଖିଲେ ଯେ ସୁଟ୍‌ଟାରୁ ରଙ୍ଗ ଠାଏ ଠାଏ ଛାଡ଼ିଯାଇ ତାହା ଆଉ ସୁନ୍ଦର ଦେଖାଯାଉ ନାହିଁ । ସେ ସେ ସୁଟ୍‌ଟାକୁ ଫେରାଇ ଦେବାର ସ୍ଥିର କଲେ । ତାକୁ ହାତରେ ଧରି କିଣିଥିବା ଦୋକାନକୁ ଗଲେ । ଦୋକାନରେ ଖୋଦ୍ ମାଲିକ ସେତେବେଳକୁ କାର୍ଯ୍ୟାନ୍ତରରେ ବ୍ୟାପୃତ ଥାନ୍ତି । କେବଳ ଅନ୍ୟାନ୍ୟ କର୍ମଚାରୀମାନେ କାରବାର ଚଳାଉଥାନ୍ତି । ସେ ସୁଟ୍‌ଟାକୁ ହାତରେ ଧରି ନିଜକଥା ଜଣେ କର୍ମଚାରୀକୁ କହିବାକୁ ଆରମ୍ଭ କଲେ । ସେ କେଇ ପଦ ମାତ୍ର କଥା କହିଛନ୍ତି କି ନାହିଁ, କର୍ମଚାରୀ ଆଉ ତାଙ୍କୁ କହିବାକୁ ଦେଲା ନାହିଁ । ଉଲଟି ସିଏ କହିବାକୁ ଆରମ୍ଭ କଲା—ବୁଝିଲେ ମହାଶୟ ! ଏ ସୁଟ୍‌ରୁ ଆମେ ହଜାର ହଜାର ବିକ୍ରି କରି ସାରିଲୁଣି । ଯେତେ ଗ୍ରାହକ କିଣିଛନ୍ତି ଜଣେ କେହି ଆପତ୍ତି ଉଠାଇ ନାହାନ୍ତି । ମୋର ମନେହୁଏ ଆପଣଙ୍କର କିଛି ଭୁଲ୍ ବା ଅବହେଳା ଯୋଗୁଁ ଏ ସୁଟ୍‌ର ରଙ୍ଗ ଛାଡ଼ିଗଲା । ସେ କର୍ମଚାରୀର କଣ୍ଠସ୍ୱରରୁ ଏତେ ରୁଷତା ପ୍ରକାଶ ପାଉଥିଲା ଯେ ଶ୍ରୋତାଙ୍କୁ ଜଣା ପଡୁଥିଲା ନଚେତ ଶ୍ରୋତାହିଁ ମିଥ୍ୟାବାଦୀ ।

ଏ ଦୁହିଁଙ୍କ ମଧ୍ୟରେ ଏପରି କଥାବାର୍ତ୍ତା ଚାଲୁଥିବାବେଳେ ଦ୍ୱିତୀୟ ଜଣେ କର୍ମଚାରୀ ଆସି ଯୋଗ ଦେଲା । ସେ ମୁହୂର୍ତ୍ତକରେ ଗଣ୍ଡଗୋଳର ମର୍ମ କେଉଁଠି ତାହା ବୁଝିପାରି ଉପରେ ପଡ଼ି କହିଲା, "ଆପଣଙ୍କର ଯେମିତି ପଇସା, ସେମିତି ସୁଟ୍, ଆପଣଙ୍କର ଏତକ ପଇସାକୁ ଏହାଠାରୁ ଆଉ ଭଲ ସୁଟ୍ କିଏ ଦେବ ଯେ ?" ସାହେବ ଏହା ଶୁଣୁ ଶୁଣୁ ତାଙ୍କ ହାଡ଼ ଜଳି ଉଠିଲା । ତାଙ୍କର

ପ୍ରଥମ ବ୍ୟକ୍ତି ଗ୍ରାହକଙ୍କ ସତକଥାକୁ ସନ୍ଦେହ କରି ବସିଲା, ୨ୟ ବ୍ୟକ୍ତି କହିଲା ଟେରା ସୁଟ୍‌ଟାର ଯେଉଁ ଦାମ୍ ହେଲେ, ତାହା ନିହାତି କମ୍। ଏପରି କଥା ଶୁଣିଲେ କାହା ରାଗ ନ ଉଠିବ ଯେ? ହୋତା ସାହେବ ଏତେ ରାଗିଗଲେ ଯେ କହୁଥିଲେ, "ମୋର ମନେ ହେଲା, ସୁଟ୍‌ଟା ତା ମୁହଁକୁ ଫୋପାଡ଼ି ଦେଇ ପଳାଇ ଆସିବାକୁ।" ଏଇ ପରିସ୍ଥିତିରେ ଭଦ୍ୟକୁ ମାଲିକ୍ ମେଇ ବାଟ ଦେଇ ବୁଲି ଯାଉ-ଥିଲେ। ସେ ଗଣ୍ଡଗୋଳର କାରଣ ବୁଝି ନ ପାରି ଘଟଣା ସ୍ଥଳରେ ଆସି ପହଞ୍ଚିଲେ। ତାଙ୍କ ତାଙ୍କ ବ୍ୟବସାୟ କୁଶଳତାର ନମୁନା ଦେଖ। ସେ ହୋତାଙ୍କ ପରି ଜଣେ ରାଗୀ ବ୍ୟକ୍ତିଙ୍କୁ ମୁହୂର୍ତ୍ତକ ଭିତରେ ଜଣେ ସନ୍ତୁଷ୍ଟ ଖରିଦ୍‌ଦାରରେ ପରିଣତ କରିଦେଲେ। ସେ କିପରି କଲେ, ଶୁଣନ୍ତୁ।

(୧) ମାଲିକ ପ୍ରଥମେ ଧୈର୍ଯ୍ୟ ଓ ମନୋଯୋଗ ସହିତ ହୋତା ସାହେବଙ୍କ ଅଭିଯୋଗ ଆଦ୍ୟନ୍ତ ଶୁଣିଗଲେ।

(୨) ଶୁଣିସାରି ସେ ତାଙ୍କ ଦୃଷ୍ଟିକୋଣରୁ ଅନ୍ୟ ଦୁଇଜଣ ବିକ୍ରେ-ତାଙ୍କ ସହିତ ଆଲୋଚନା ଚଳାଇଲେ ଏବଂ ଶେଷରେ ହୋତାଙ୍କୁ ଶୁଣାଇ କହିଲେ, "ଗ୍ରାହକ ସନ୍ତୁଷ୍ଟ ହେଉନଥିବା କୌଣସି ଜିନିଷ ଆଜିଠାରୁ ତୁମେ ମୋ ଦୋକାନରେ ବିକିବ ନାହିଁ।"

(୩) ହୋତା ସାହେବଙ୍କୁ କହିଲେ, "ମନ୍ଦ ଭାବିବେ ନାହିଁ ହୁଜୁର, ମୁଁ ସଠିକ୍ ରୂପେ କହି ପାରୁନାହିଁ, ଆପଣଙ୍କୁ କିପରି ଉତ୍ତର କରିବା? ଆପଣ ଯାହା ଉଚିତ୍ ବିବେଚନା କରିବେ, ତାହାହିଁ କରିବାକୁ ମୁଁ ପ୍ରସ୍ତୁତ ଅଛି।"

ଏଇଠି ଆମର ଟିକଏ ଲକ୍ଷ୍ୟ କରିବାର କଥା। କ୍ଷଣେ ପୂର୍ବରୁ ହୋତା ସୁଟ୍ ଫୋପାଡ଼ି ଦେଇ ପଳାଇ ଯିବାକୁ ମନସ୍ଥ କରୁଥିଲେ।

ମାତ୍ର ଦୋକାନର ମାଲିକ ତାଙ୍କ ଅଭିଯୋଗ ମନ ଦେଇ ଯାହା ଶୁଣିଲେ ତାର ଅର୍ଥ—ସେ କହିଲେ, ଆପଣଙ୍କ ପରି ଗ୍ରାହକ ମୁଁ ହରାଇବାକୁ ନାରାଜ । ତା ପରେ ଯେତେବେଳେ ଅନ୍ୟ ବିକ୍ରେତା ଦୁହିଁଙ୍କି ଉପଦେଶ ଦେଲେ ତାର ଅର୍ଥ—କ୍ରେତା ବା ଗ୍ରାହକଙ୍କ ତୁଷ୍ଟି ବିଧାନ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି ସେ ମାନି-ନେଲେ । ଯେତେବେଳେ ରଙ୍ଗ ଛାଡ଼ିବାର କାରଣ ବିଷୟରେ ସେ ଅଜ୍ଞ ବୋଲି ସ୍ୱୀକାର କଲେ ତା ଅର୍ଥ—ରଙ୍ଗ ଛାଡ଼ିବାରେ ତାଙ୍କର କି ଦୋଷ ଥାଇପାରେ ବୋଲି ପ୍ରକାରାନ୍ତରେ ସମର୍ଥନ କଲେ । ପୁନଶ୍ଚ ଯେତେବେଳେ କ୍ରେତାଙ୍କୁ ପଚାରିଲେ, "କଅଣ କରିବା, କୁହନ୍ତୁ ।" ଯେତେବେଳେ ସେ ଗ୍ରାହକଙ୍କୁ ଉପଯୁକ୍ତ ସମ୍ମାନ ଦେଲେ । ଏଥିରେ କାହା ରାଗ ବା ପାଣି ଫାଟି ନ ଯିବ ? ହୋତାସାହେବ କହିଲେ, "ମୁଁ ତ ଆପଣଙ୍କ ଉପଦେଶ ବୁଝୁଁଛି । ଆଚ୍ଛା, ଏ ସୁଟ୍‌ର ଏପରି ଅବସ୍ଥା ସାମୟିକ ନୋହେ ତ ?"

ମାଲିକ କହିଲେ, "ଆଜ୍ଞେ ତା ହେଲେ ଗୋଟାଏ କଥା କରନ୍ତୁ । ଏଇ ସୁଟ୍‌ଟି ନେଇ ଆଉ ଦିନେ ଦି ଦିନ ବ୍ୟବହାର କରି ଦେଖନ୍ତୁ । ଯଦି ଆପଣଙ୍କ ମନ ନ ମାନିବ, ଫେରାଇ ଆଣିବେ—ମୁଁ ନିଶ୍ଚୟ ବଦଳାଇ ଦେବି । ମୁଁ ବଡ଼ ଦୁଃଖିତ ଯେ ଅଯଥାରେ ଆମ ସକାଶେ ଆପଣଙ୍କୁ ଏତେ ଅସୁବିଧା ଭୋଗ କରିବାକୁ ପଡ଼ିଲା । ଆଶାକରେ କ୍ଷମା କରିବେ ।"

ହୋତାସାହେବ ଖୁସୀ ମନରେ ଦୋକାନରୁ ଫେରିଲେ । ବିକ୍ରେତାମାନଙ୍କୁ ଅଭିସଂପାତ ଦେଲେ ବୋଲି ତ କହିଲେ ନାହିଁ । ମାତ୍ର ମାଲିକଙ୍କ ଉନ୍ନତି କାମନା କରିବାକୁ ସ୍ୱତଃ ମନ ଥିବ ବୋଲି କହୁଥିଲେ ପୁଣି ଗୋଟାଏ ଥର ଧୋବ ପରେ ଦେଖିଲେ, ସୁଟ୍‌ଟା

ବେଶ୍ ଚଳିଲା । ଏଣିକି ଯେତେ ଯାହା ଖରଚ କରିବା ଆବଶ୍ୟକ ପଡ଼େ, ସେ ସେଇ ଦୋକାନରୁ କିଣନ୍ତି । ଭାରତକୁ ଫେରି ମଧ୍ୟ ସେ ଦୋକାନ ଉପରୁ ଆଜି ସୁଦ୍ଧା ସେ ଆସ୍ଥା ହରାଇ ନାହାନ୍ତି ।

ମାନ୍ୟବର ଲିଙ୍ଗରାଜ ପାଣିଗ୍ରାହୀଙ୍କ ସହିତ ଆପଣମାନେ ସମସ୍ତେ ପରିଚିତ ଅଛନ୍ତି । ସେ ରିପ୍ କର୍ଣ୍ଣିସ୍ ପଦରୁ ମାସ ଏକ କେଉଁଠା ତଳେ ଅବ୍ୟାହତି ନେଲେ । ସେ କହନ୍ତି, ମୋର ମାଲ-ମକଦ୍ଦମାର ବୃତ୍ତା ଶୁଣାଇବ ପାଇ କେହି ପ୍ରୀତ ହେଉଥାନ୍ତି, ତା ହେଲେ, ତାର କାରଣ ହେଉଛି ମୁଁ ସମସ୍ତ ଘଟଣା ଆମୂଳ-ଚୂଳ ମନଯୋଗ ସହକାରେ ଶୁଣେ । କାରଣ ଧୈର୍ଯ୍ୟର ସହିତ ମୂଳରୁ ନ ଶୁଣିଲେ ଓକିଲମାନେ ସମୟ ସମୟରେ ବାକ୍‌କୁଶଳରେ ମୂଳକଥାଟାକୁ ଲଦ୍ କରି ଦେଇ ଭୁଲଟାକୁ ଏପରି ଗୁରୁ କରି ଦିଅନ୍ତି ଯେ ବିଚାରକଙ୍କୁ ନ୍ୟାୟ ଦେବାକୁ ମୁସ୍କିଲ୍ ହୋଇପଡ଼େ ।

ନ୍ୟୁୟର୍କ ସହରର ଟେଲିଫୋନ୍ କମ୍ପାନୀର ବଡ଼ ବଡ଼ ଖରିଦଦାରମାନଙ୍କ ମଧ୍ୟରୁ ଜଣେ ସବୁବେଳେ କମ୍ପାନୀ ବିରୁଦ୍ଧରେ ଆପତ୍ତି ଅଭିଯୋଗ କରନ୍ତି । ଆଜି ଏଇଟା ଖରାପ ହେଲା, କାଲି ସେଇଟା ଖରାପ ହେଲା, ଏହିପରି ନିତି ପ୍ରତି କିଛି ନା କିଛି ଆପତ୍ତି ଥିବ ହିଁ ଥିବ ତାଙ୍କର । ପ୍ରଥମେ ପ୍ରଥମେ ଏକାବେଳେ ଏକ୍ରମରେ ଚଳିଲା । କମ୍ପାନୀ ତରଫରୁ କେହି ତାଙ୍କ ପ୍ରତି ମନଯୋଗ ନ ଦେଲାରୁ, ସେ କମ୍ପାନୀର ପ୍ରତିମାସର ପାଉଣା ପର୍ଯ୍ୟନ୍ତ ଦେବା ବନ୍ଦ କରିଦେଲେ । ଶେଷକୁ କମ୍ପାନୀ ବିରୁଦ୍ଧରେ ଖବରକାଗଜମାନଙ୍କରେ ଲେଖାମାନ ପ୍ରକାଶ କଲେ । ପରିଶେଷରେ କମ୍ପାନୀର ବିରୁଦ୍ଧରେ ଦଫାଏ ଦୁ'ଦଫା ମକଦ୍ଦମା ମଧ୍ୟ ଦାୟର କଲେ ଏବଂ ଅନ୍ୟାନ୍ୟ ଯେତେ ପ୍ରକାରର ବିରୁଦ୍ଧାଚରଣ ସମ୍ଭବ, ସେ ସମସ୍ତ କରି ବସିଲେ ।

ଅବସ୍ଥା ଯେତେବେଳେ ଅସମ୍ଭାଳ ହୋଇ ଉଠିଲା, କମ୍ପାନୀ ନିଜ ତରଫରୁ ଜଣେ ଯୋଗ୍ୟ ପ୍ରତିନିଧିଙ୍କୁ ସେ ବ୍ୟକ୍ତିଙ୍କ ପାଖକୁ ପଠାଇଲେ । ଯେଉଁ ପ୍ରତିନିଧି ସବୁ ଗଣ୍ଡଗୋଳ ଛପା କରି ଶାନ୍ତି ପ୍ରସ୍ତାବ ନେଇ ଯାଇଥିଲେ, ତାଙ୍କର ଅନୁଭୂତି ଶୁଣନ୍ତୁ :—

ପ୍ରଥମଥର ସାକ୍ଷାତରେ ସେ ଯାହା ଇଚ୍ଛା ତାହା, ଯାହା ତାଙ୍କ ତୁଣ୍ଡକୁ ଆସିଲା କହି ଦେଇ ଗଲେ । କ୍ରମାନ୍ୱୟରେ ପ୍ରାୟ ୩ ଘଣ୍ଟା ଗାଳି ଶୋଧିବା ଯେ କାହାର ପକ୍ଷେ ସମ୍ଭବ, ମୁଁ ଭାବି ପାରି ନ ଥିଲି । ମୋର ବେଳେ ବେଳେ ଖୁବ୍ ଇଚ୍ଛା ହେଉଥାଏ, ପଦେ ଅଧେ ପ୍ରତିଉତ୍ତର ଦେଇ ଦେବାକୁ, ମାତ୍ର ମୁଁ ବହୁତ ସଂଯମ ଆଚରଣ କରୁଥାଏ । ନୀରବରେ ସବୁ ମନୋଯୋଗ ସହକାରେ ଶୁଣି ଯାଉଥାଏ ଏବଂ ନିଜକୁ ଅପରାଧୀ ମନେ କରି ମଝିରେ ମଝିରେ ପଦେ ଅଧେ ସହାନୁଭୂତିସୂଚକ କଥା କହି ତାଙ୍କୁ ଆହୁରି ଶୋଧିବାକୁ ଉତ୍ସାହିତ କରୁଥାଏ । ସେ ଥରେ ସେ ଗାଳି ବକି ବକି ଥକି ଗଲାନ୍ତି, ମୁଁ ବିଦାୟ ନେଇ ଫେରି ଆସିଲି ।

ଦିନାକେତେ ପରେ ମୁଁ ପୁଣି ଥରେ ତାଙ୍କ ସହିତ ସାକ୍ଷାତ୍ କରିବାକୁ ଗଲି । ମୋର ଗତଥର ଦେଖା କରିବା ଦିନଠାରୁ ଏହାଭିତରେ କମ୍ପାନୀ ବିରୁଦ୍ଧରେ ସେ ଆଉ ଖବରକାଗଜରେ ଲେଖାଲେଖି କିଛି କରି ନ ଥାନ୍ତି । ତଥାପି ଏଥର ମଧ୍ୟ ମୋତେ ନିସ୍ତାର ମିଳିଲା ନାହିଁ । ପୁଣି ଅଧଘଣ୍ଟାଏ ଯାଏ ଶୋଧିଲେ । ମୁଁ ନୀରବରେ ଧୈର୍ଯ୍ୟର ସହିତ ଆଗ୍ରହ ଦେଖାଇ ଶୁଣିଗଲି । ଏତିକରେ ମୋର ଦ୍ୱିତୀୟବାର କାର୍ଯ୍ୟକ୍ରମ ଶେଷ ହେଲା—

କିଛିଦିନ ପରେ ପୁଣି ଆଉଥରେ ସାକ୍ଷାତ କରିବାକୁ ଗଲି । ସେ ଆଉ ମୋତେ ଶୋଧିଲେ ନାହିଁ । ବରଂ ମୋତେ ଉଲଟି,

ସିଆଣ୍ଡ୍ ସାଧାରଣିଆ ପ୍ରଶ୍ନଗୁଡ଼ିଏ ପଚାରି ବିଦା କରିଦେଲେ । ଦେଖନ୍ତୁ, ତିନି ଥର ସାକ୍ଷାତ୍ ହୋଇଗଲାଣି । ସେ ଖାଲି କହୁଥାନ୍ତି, ମୁଁ ଖାଲି ଶୁଣୁଥାଏ । ମାତ୍ର ମୁଁ ଜାଣିଛି ତାଙ୍କ ପାଖକୁ ଯେତେ ଦୌଡ଼ିଛି, ତାର ଗନ୍ଧ ସଂବାଦ ପର୍ଯ୍ୟନ୍ତ ଦେଉନାହିଁ ।

ଚତୁର୍ଥ ଥର ପାଇଁ ଯାଇ ତାଙ୍କ ସହିତ ସାକ୍ଷାତ୍ କଲି । ଏଥର ମଧ୍ୟ ମୋ ଉଦ୍ଦେଶ୍ୟର ପ୍ରସଙ୍ଗ ଉଠିଲା ନାହିଁ । ବରଂ, ସେ ନିଜ ତରଫରୁ ଗୋଟିଏ ସଂଗଠନ ଗଢ଼ିଲେ । ସେ ସଂଗଠନର ନାମ ରଖିଲେ, "ଟେଲିଫୋନ୍ ସବ୍‌ସ୍କ୍ରାଇବର୍ସ୍ ପ୍ରୋଟେକ୍ଟିଭ୍ ଆସୋସିଏସନ୍" ଅର୍ଥାତ୍, "ଟେଲିଫୋନ ଚାନ୍ଦାଦାତାଙ୍କ ସଂରକ୍ଷଣ ସଂଘ ।" ଅଜଣତ ମୁଁ ସେ ସଙ୍ଗଠନର ଜଣେ ମୁଖ୍ୟ ସଭ୍ୟ । ଖାଲି ଏତିକି ନୁହେଁ, ଏଣିକି ଆମ ପରସ୍ପରଙ୍କ ମଧ୍ୟରେ ଆଶ୍ଚର୍ଯ୍ୟ ଧରଣର ସ୍ନେହ ସହାନୁଭୂତି ବଢ଼ି ଉଠିଛି ।

ତା ହେଲେ, ଶୁଣନ୍ତୁ । ମୁଁ ମାରଫତରେ ଶୁଣିଥିବାରୁ ଏପରି ପରିଣାମ ହେଲା । ଆଗରୁ, କମ୍ପାନୀର କୌଣସି ପ୍ରତିନିଧି ତାଙ୍କୁ ଦେଖା କରିବାକୁ ଯାଉ ନ ଥିଲେ । ସେ ଜଣେ ମୁଖ୍ୟ ଖେଦ୍‌ଦାର । କମ୍ପାନୀ ତାଙ୍କ ପ୍ରତି ନଜର ନ ଦେଉଥିବାରୁ, ସେ ଅପମାନିତ ଅନୁଭବ କରୁଥିଲେ । ନିଜେ ମାସକୁ ମାତ୍ର ଏତେଗୁଡ଼ାଏ ଟଙ୍କା, ସିଏ କମ୍ପାନୀକୁ ଦଅନ୍ତି, ତଥାପି କମ୍ପାନୀ ମୋଟେ ତାଙ୍କୁ ପଚାରୁନଥିବ କରେ ନାହିଁ—ଏହା ସାଧାରଣତ ଅସହ୍ୟ ନୋହେ କି ? ମାତ୍ର ମୁଁ କମ୍ପାନୀର ପ୍ରତିନିଧି । ତାଙ୍କୁ ବାରଂବାର ସାକ୍ଷାତ୍ କରିବାରୁ ସମସ୍ତ କଳ୍ପିତ ଆପତ୍ତି ଅଭିଯୋଗ ଆପେ ଆପେ ଉଭେଇଗଲା । ସେ ବାକିଥିବା ବିଲ୍ ସହିତ କମ୍ପାନୀର ସମସ୍ତ ଦେଣା ପାଉଣା ଏକା କାର୍ଯ୍ୟବ୍ୟସ୍ତରେ ତୁଟାଇ ଦେଲେ । ଖାଲି ସେତିକି ନୁହେଁ, କମ୍ପାନୀ

ଅନୁଷ୍ଠରେ ଯେ କେତେ ଦଫା ମକଦ୍ଦମା ଦାୟର କରିଥିଲେ, ତାହା ଆପେ ଆପେ ପ୍ରତ୍ୟାହାର କରିନେଲେ ।

ଶ୍ରୀଯୁକ୍ତ ଘନବନ୍ଧୁ ମହାପାତ୍ର, ଅଧୁନାତନ କୋରାପୁଟ ଡିଷ୍ଟ୍ରିକ୍ଟ୍ ଏଗ୍ରିକଲଚର ଅଫିସର, ଆମେରିକାରେ ଥିଲାବେଳେ ଗୋଟାଏ ବଡ଼ ଭଲ କମ୍ପାନୀର ଜଣେ ବଡ଼ ଗ୍ରାହକ ଥାନ୍ତି । ସେ ବାରମ୍ବାର କମ୍ପାନୀରୁ ମୋଟା ଟଙ୍କାର ମାଲ୍ କିଣନ୍ତି । ସେଠି ତ ନଗଦାନଗଦି କାରବାର ନୁହେଁ, ବିଲ୍ ଉପରେ ସବୁ କାରବାର, ଦେଣ ନେଣ । ଏହିପରି ଘନବନ୍ଧୁବାବୁଙ୍କ ଉପରେ କମ୍ପାନୀର ୫୦।୬୦ ଟଙ୍କା ବାକି ରହିଯାଇଥାଏ । ସେଥିପାଇଁ କମ୍ପାନୀ ତରଫରୁ ଦସ୍ତାକୁ ଦସ୍ତା ତାଙ୍କ ପାଖକୁ ତାଗିଦା ଚିଠି ଆସେ । ଉତ୍ତରରେ ଘନବନ୍ଧୁବାବୁ ସେ ବିଲ୍ ଟାକୁ ଚୋରାଇ ରଖି ଦେଇଥାନ୍ତି । ତାଙ୍କର ମନେହୁଏ, ସେ କମ୍ପାନୀର ଦେଣା ପାଉଣା ତୁଟାଇ ଦେଇଛନ୍ତି ବୋଲି । ତେଣୁ ତାଗିଦା ଚିଠି ପାଇ ସେ କମ୍ପାନୀ ଉପରେ ଖାର ଖାଉଥାନ୍ତି । ମନେ ମନେ ସେ ସ୍ଥିର କରନ୍ତି ଯେ କମ୍ପାନୀକୁ ଆଉ ଛଦାମେ ହେଲେ ଦେବେ ନାହିଁ ବୋଲି । ମାତ୍ର କମ୍ପାନୀ ତିନିଟ୍ ମୂଲ୍ୟବାନ ବାକି ପଇସା ପାଇଁ ଏହାଙ୍କ ଦୃଷ୍ଟି ଆକର୍ଷଣ କରୁଥାଏ । ଥରେ ସେ ଚିଠି ପାଇ ଅତ୍ୟନ୍ତ ଚିଡ଼ି ଉଠିଲେ । ମନେ ମନେ ଭାବିଲେ, "ଏମାନେ ମୋତେ ଆଉ ଏଠାରେ ରହିବାକୁ ଦେବେ ନାହିଁ ।" ଏହା ଭାବି ସେ ସ୍ଥାନାନ୍ତରର ହେବା ଉଦ୍ଦେଶ୍ୟରେ ବାହାରିଲେ । ସେ ସ୍ଥିର କରିଥାନ୍ତି, ଯିବା ପୂର୍ବରୁ ସେ କମ୍ପାନୀକୁ ଦି ପଦ ଅଜ୍ଞାନର ଶୁଣାଇ ଦେବା ପାଇଁ । ଯଥାସମୟରେ କମ୍ପାନୀରେ ପହଞ୍ଚି ସେ ମାଲିକଙ୍କୁ କହିଲେ, "ଦେଖନ୍ତୁ, ବାକି ପାଉଣା ବାବଦକୁ ମୁଁ ତ ଆଉ ପଇସା ପାହୁଲାଏ ଦେବି ନାହିଁ, ତା ଛଡ଼ା ଆପଣଙ୍କ ଷ୍ଟୋରରୁ ଆଉ କେବେହେଲେ ସୌଦା ଖରିଦ ନ କରିବା ପାଇଁ ମୁଁ ସ୍ଥିର କରୁଛି ।"

ଏହା ଶୁଣି ମାଲିକେ ହସି ହସି କହିଲେ, "ମଜା, ଏତିକରେ ସାରିଦେଉଛନ୍ତି କି ? ମୁଁ ତ ଆପଣଙ୍କଠାରୁ ବହୁତ କିଛି ଶୁଣିବାକୁ ଆଶା କରିଥିଲି, ମାତ୍ର ଆପଣ ମାତ୍ର ଦୁଇ ଧାଡ଼ିରେ ସାରି ଦେଲେ ଯେ ? ବାସ୍ତବିକ୍, ଆପଣ କଷ୍ଟ ସ୍ୱୀକାର କରି ମୋତେ ଏ କଥା ଜଣାଇ ଦେଇଥିବାରୁ ମୁଁ ଆପଣଙ୍କ ପାଖେ କୃତଜ୍ଞ । (ଏତିକି କହିଲା ବେଳକୁ ସେ ଗମ୍ଭୀର ହୋଇ ସାରିଥିଲେ) ଆପଣ ଜଣେ ବ୍ୟକ୍ତି । ଆମର ବାଙ୍କକର ଆଦାୟ କରିବା ବିଭାଗ, ଆପଣଙ୍କ ପରି କେତେ କେତେ ଗ୍ରାହକଙ୍କୁ ଯେ ଅସନ୍ତୁଷ୍ଟ ଓ ବିବ୍ରତ କରୁଥିବ, ତାର ସୀମା ନାହିଁ । ମୋତେ ଆପଣ ଏ ଘଟଣା ଜଣାଇ ମୋର ପ୍ରଭୂତ ଉପକାର କରିଛନ୍ତି । ଆପଣ ହୁଏତ ବିଶ୍ୱାସ କରିବେ ନାହିଁ ଯେ ଆପଣ କହିବା ଅପେକ୍ଷା ମୁଁ ଶୁଣିବାକୁ ଶତ ଗୁଣ ବେଶୀ ଆଗ୍ରହାନ୍ୱିତ ।" ଘନବନ୍ଧୁବାବୁ ମାଲିକଙ୍କଠାରୁ ଏପରି ଶୁଣିବେ ବୋଲି କଳ୍ପନା ସୁଦ୍ଧା କରି ନ ଥିଲେ । ସେ ରାଗ ତମତମ ହୋଇ ଧାଇଁ ଆସିଥିଲେ ଶୋଧିବାକୁ । ଅଳ୍ପାକରେ ଦୁଇ ପଦ ଶୁଣାଇ ଦେଲେ ମଧ୍ୟ । ମାତ୍ର ତା ପରିଣାମରେ ପାଇଲେ ଧନ୍ୟବାଦ, କୃତଜ୍ଞତାର ଆଶ୍ୱାସ ।

ମାଲିକ ପୁଣି କହିଲେ, "ମୋର ଆପଣଙ୍କୁ ଆଉ ଗୋଟିଏ ଅନୁରୋଧ ଅଛି । ବିଚାରନ୍ତୁ—ଆପଣଙ୍କର ଗୋଟିଏ ଦୁଇଟି ବାଙ୍କ ହିସାବ ବା ଥିବ, ମାତ୍ର ଆମ ବାଙ୍କ ଅଦାୟ ବିଭାଗକୁ ଶତଶତ ହଜାର ହଜାର ହିସାବ ରଖିବାକୁ ପଡ଼ୁଛି । ଆପଣଙ୍କ ହିସାବ ଯେତେରେ ଭୁଲଭଟକା ରହିବାର ସମ୍ଭାବନା ନିତାନ୍ତ କମ୍ । ମାତ୍ର ଆମକୁ ଅସଂଖ୍ୟ ହିସାବ ରଖିବାକୁ ପଡ଼ୁଥିବାରୁ ଆମର ଭୁଲ ହେବା ନିତାନ୍ତ ସ୍ୱାଭାବିକ । ମୁଁ ଆପଣଙ୍କ ପରିସ୍ଥିତିରେ ପଡ଼ିଥିଲେ, ମୋର ହୁଏତ ଆହୁରି ତିକ୍ତତା ଉପଲବ୍ଧି ହୋଇଥାନ୍ତା । ଯାହା ହେଉଛି ସେଥିପାଇଁ ମୁଁ ଆନ୍ତରିକ ଦୁଃଖିତ । ଆପଣ ଦୟାକରି ବାଙ୍କ

ଇସା କଥା ଭୁଲି ଯାନ୍ତୁ—ମୋର ଏ ଶ୍ରେଷ୍ଠ ଅନୁରୋଧଟି ରଖନ୍ତୁ । ମୋ ବାକ୍ସ ଆଡାପ୍ଟ ବିଭାଗକୁ କଷ୍ଟଦେବ, ସେ ଆପଣଙ୍କ ବ୍ୟବସାୟ ଧ କରି ଦେବ । ଆଜ୍ଞା, ଆପଣ ଯେତେବେଳେ ଆମ ଦୋକାନରୁ ନିଷପତ୍ର ନ କିଣିବାକୁ ସ୍ଥିର କରୁଛନ୍ତି—ମୋତେ କହିବାକୁ ଅନ୍ତୁ ଯେ ଏ ଅଞ୍ଚଳରେ ଅମୁକ ଅମୁକ ୩।୪ ଟି କମ୍ପାନୀ ବହୁ ର୍ଭରଯୋଗ୍ୟ । ଆପଣ ସେମାନଙ୍କ ମଧ୍ୟରୁ କାହା ସହିତ ାରବାର ଚଳାଇଲେ, ଆପଣଙ୍କର ସୁବିଧା ମନକୁ ପାଇବ ବୋଲି ମୋର ଅନୁମାନ ।"

ଏତିକି କହି ମାଲିକ୍ ଘନବନ୍ଧୁବାବୁଙ୍କୁ ଖାଇବାକୁ ନିମନ୍ତ୍ରଣ ଲେ । ଏ ନିମନ୍ତ୍ରଣରେ ନୂତନତା କିଛି ନାହିଁ । ସୁଯୋଗ ାଇଲେ, ପରସ୍ପର ପରସ୍ପରକୁ ନିମନ୍ତ୍ରଣ କରିଥାନ୍ତି । ଘନବନ୍ଧୁ ବାବୁ ଏ ନିମନ୍ତ୍ରଣଟା କେମିତି ଅଭଦ୍ୟା ଅଭେଦ୍ୟା ବୋଲି ଗ୍ରହଣ ଲେ । ସେଦିନ ମାଲିକ ଅଫିସକୁ ଫେରି ଦେଖନ୍ତି ଯେ ଘନବନ୍ଧୁ-ବାବୁ ଗୋଟାଏ ବଡ଼ଧରଣର ଅର୍ଡର ତାଙ୍କୁ ଭଲ୍ ପାଇଁ ଦେଇଛନ୍ତି । ାଲି ସେତିକି ନୁହେଁ, ତହିଁ ଆରଦିନ ଡାକରେ ଘନବନ୍ଧୁ ବାବୁଙ୍କଠାରୁ ଗୋଟାଏ ଚେକ୍ ଯାଇ ମାଲିକଙ୍କ ପାଖରେ ପହୁଞ୍ଚିଲା । ାଙ୍କ ପାଉଣାର ପରିମାଣ ଆଉ ଏ ଚେକ୍ର ଟଙ୍କା ସମାନ । ତା ସହିତ କ୍ଷମା ମାଗି ଘନବନ୍ଧୁବାବୁ ମାଲିକଙ୍କ ପାଖକୁ ଖଣ୍ଡେ ଚିଠି ମଧ୍ୟ ଲେଖିଥିଲେ । ତାର କାରଣ, ସେ ଭୋଜ ଖାଇ ଘରକୁ ଫେରି ପୁରୁଣା କାଗଜପତ୍ର ଖୋଳାଇ ଖୋଳାଇ ବାକିଆ ବିଲ୍ଟା ତାଙ୍କ ହାତରେ ପଡ଼ିଥିଲା । ଚିଠି ଲେଖିଲା ବେଳେ ଘନବନ୍ଧୁ-ବାବୁ ଲେଖିଥିଲେ, ମାଲିକଙ୍କ ଦିଁଟା ଯେ ଆମ ଅଡ଼ବାର ଘର ହୋଇଥାନ୍ତା, ତା ହେଲେ ତାଙ୍କର ଆଉ ମୁଖ ହେଲେ, ହେଉ

ନାମକରଣଟି କରିଥାନ୍ତେ । ଘଟଣାର ସତ୍ୟାସତ୍ୟ ପାଇଁ ଆପଣ ଉପରୋକ୍ତ ଠିକଣାରେ ଚିଠି ଲେଖି ପାରନ୍ତି ।

ତେଣୁ ମୁଁ ଅନୁରୋଧ କରୁଥାଏ, ମନଯୋଗ ସହକାରେ ଧୀର ଚିତ୍ତରେ କାହାର ଆପତ୍ତି ଅଭିଯୋଗ ଅଛି ତ, ପ୍ରଥମେ ଶୁଣି ନଅନ୍ତୁ । ବକ୍ତା କହିବାକୁ ଆରମ୍ଭ ହେଲାପରେ ମଝିରେ ମଝିରେ ପ୍ରଶ୍ନ ପଚାରନ୍ତୁ । ତା ଅର୍ଥ, ପ୍ରଶ୍ନଗୁଡ଼ାକ ଏପରି କରିବାକୁ ହେବ, ଯେପରି ଶ୍ରୋତାଙ୍କ ଆନ୍ତରିକତା ଜଣା ପଡ଼ିବ । ତା ହେଲେ ବକ୍ତା ଉତ୍ସାହିତ ହେବେ । ସବୁଠାରୁ ବଡ଼ କଥା ତା ହେଲେ—ମନଯୋଗ ଦେଇ ଶୁଣିବା ଏବଂ ବକ୍ତାଙ୍କୁ କହିବାକୁ ଉତ୍ସାହିତ କରିବା । ଦୟା କରି ମନେ ରଖିବେ କି ?

ଉପାୟ ଥାନ୍ତୁ ପଚାରୁ କୋଟିଏ, ଯାଏ ନା କହୁ ଅପେ ନା
ନ ଥିଲେ ନକ ତଅଟେ ଲୁହ, ଅଭି କହୁ ବଣେ ନା ।

ଅର୍ଥାତ୍ ଯାହାଙ୍କର ସାମାନ୍ୟ ଦାନ୍ତବଥା ଟିକଏ ହୋଇଛି, ସେ ଯେଉଁ କଷ୍ଟ ଅନୁଭବ କରନ୍ତି ତାହା ସମଗ୍ର ଭାରତର ନଟଙ୍କଠାରୁ ବଳି ତାଙ୍କୁ କଷ୍ଟ ଦିଏ । ତାଙ୍କ ମୁଣ୍ଡବଥା ନେପାଳ ଭୂଟାନର ଅଗ୍ନି ଉଦ୍‌ଗୀରଣଠାରୁ ତାଙ୍କୁ ଆହୁରି କଷ୍ଟଦାୟକ । ତେଣୁ ସେପରି ବ୍ୟକ୍ତିଙ୍କୁ ନଜର କରିବାକୁ ହେଲେ, ତାଙ୍କ ଆପତ୍ତି ଅଭିଯୋଗ ମନଦେଇ ଶୁଣିବା ଏବଂ ତାଙ୍କୁ କହିବାକୁ ଉତ୍ସାହିତ କରିବା ବ୍ୟତୀତ ଗତ୍ୟନ୍ତର କାହିଁ ?

( ୯ )

ଅନ୍ୟମାନଙ୍କ ସମ୍ବନ୍ଧରେ ଜାଣିବାକୁ ଆଗ୍ରହୀ ହେଲେ ଆମେ ସ୍ୱତଃ ଅନେକ କଥା ଜାଣିପାରେ । ଫେଟ ଯୋଗିବାପାଇଁ

ପ୍ରତ୍ୟେକର ଗୋଟିଏ ଗୋଟିଏ ବୃତ୍ତି ବା ଭାବନା ଥାଏ । ଯେଉଁ-ମାନେ ଗରିବ, ସେମାନଙ୍କର ବୃତ୍ତି ହେଲେ ତ ଗୋଟିଏ ଥିବ । ଏ ଭାବନା ବ୍ୟତୀତ ଅଧିକାଂଶ ବ୍ୟକ୍ତିଙ୍କର ମନରେ ସୁଖ ସମ୍ଭୋଗ ନିମିତ୍ତ ଆଉ ଗୋଟିଏ ଉଦ୍ଦେଶ ଧନ୍ଦା ଥାଏ, ଯାହାକୁ ଇଂରେଜୀରେ 'ହବି' କହନ୍ତି । ଗୋଟିଏ କଥା ନିର୍ବିବାଦରେ କୁହା-ଯାଇପାରେ ଯେ ଓଡ଼ିଶାର ଗରିବ ଶ୍ରେଣୀ ସାଧାରଣତଃ କୃଷୀ ଏବଂ ପଇସା ରୋଜଗାର ଧନ୍ଦା ବ୍ୟତୀତ ଅନ୍ୟ ହବି ତାଙ୍କ ପ୍ରାଣକୁ ସ୍ପର୍ଶ କରିପାରେ ନାହିଁ । କୃଷି ସମ୍ବନ୍ଧରେ କେହି କିଛି କହି ବସିଲେ, ଅନନ୍ୟସାଧାରଣ ମନଯୋଗ ଦେଇ ସେମାନେ ଶୁଣିବା ସ୍ୱାଭାବିକ । ବଡ଼ଲୋକଙ୍କ ହବି କଥା ପରେ କହିବ ।

ଓଡ଼ିଶା ଗଡ଼ର କିଛି ଦୂରରେ ଗୋଟିଏ ମଫସଲ ଗାଁ । ସେ ଗାଁର ଜଣେକ ବ୍ୟକ୍ତି ୧୦ । ୧୨ ବର୍ଷ ହେଲେଣି ଅମିନ କାମ କରୁଥିଲେ । ସେ କୃଷିରେ ଗୁଡ଼ ବାଇଗଣି ଏବଂ ବାଇଗଣ କୃଷିକୁ ଅଧୁନା ପ୍ରଚୁର ଲାଭଦା କରାଇଛନ୍ତି । ଶ୍ରୀ ଗୋବିନ୍ଦଚନ୍ଦ୍ର ମହାନ୍ତି, ଡି. ଏସ୍. ପି. ଏହି ଓଡ଼ିଶାର କୃଷି ଉନ୍ନତି ଦେଖିବାପାଇଁ ଥାନ୍ତି । ଥରେ ସେ ଅଞ୍ଚଳର କୃଷୀମାନଙ୍କୁ ଡକାଇ ସଭା କଲେ । ସଭାରେ ଉକ୍ତ ବ୍ୟକ୍ତି ଗୋବିନ୍ଦବାବୁଙ୍କର ହବି କଥା ଉପରେ ଶୁଣୁଥାନ୍ତି । ସେଥିର ଗୋବିନ୍ଦବାବୁ ବଡ଼ ପରାମର୍ଶରେ ପଡ଼ିଲେ । ମାତ୍ର ସେ ବ୍ୟକ୍ତିଙ୍କୁ ଲକ୍ଷ୍ୟକରି ସାମାନ୍ୟ ଅନୁସନ୍ଧାନ ଫଳରେ ଜାଣିପାରିଲେ ଯେ ସେ ବାଇଗଣି ଗଛ ଏବଂ ବାଇଗଣ ଗଛର ବିଷୟରେ ଧୂରନ୍ଧର । ବାଇଗଣି ଗଛ ବୃଦ୍ଧି ଉପାୟରେ ନିଜ ଜ୍ଞାନକୁ ଉପାର୍ଜିତ କରି ନେଇ ପୁଣି ସେହି ଗାଁରେ ସଭା ଡକାଇଲେ । ଉକ୍ତ ବ୍ୟକ୍ତିଙ୍କୁ ପ୍ରଥମେ ତାଙ୍କ ଅନୁଭୂତି ବର୍ଣ୍ଣନ କରିବାକୁ ଅନୁରୋଧ କଲେ । ଜାଣ ବାର୍ତ୍ତାଳ ଶିଳ୍ପ ବାବୁଙ୍କ ଅନୁରୋଧରେ

ଚାଷୀ ଗର୍ବ ଅନୁଭବ କରିବା ସ୍ୱାଭାବିକ । ସେ ଏହି ସମସ୍ୟାଗୁଡ଼ିକ ମୂଳରୁ ଖୋଜୁଥିଲେ । ତେଣୁ ମନକୁ ପାଉ ନ ପାଉ, ଗୋବିନ୍ଦ-ବାବୁଙ୍କ ପ୍ରତି କଥା ଖଣ୍ଡିବାକୁ ଚେଷ୍ଟା କରୁଥିଲେ । ତେଣୁ ଏଥର ଅନୁରୋଧ ରକ୍ଷା କରି ଅତି ଆନନ୍ଦରେ ତାଙ୍କର ଅନୁଭୂତିସବୁ ଟିକିନିଖି ବର୍ଣ୍ଣନା କରିଗଲେ । ତାଙ୍କ ଭାଷାରେ ସାମାନ୍ୟ ତ୍ରୁଟି ରହିଯିବା ସ୍ୱାଭାବିକ । ତାଙ୍କପରେ ଗୋବିନ୍ଦବାବୁ ବକ୍ତାଙ୍କ ଅନୁଭୂତିରେ ନିଜର ଜ୍ଞାନ ଏବଂ ଅନୁଭୂତି ମିଶାଇ ଉପସ୍ଥିତ ଚାଷୀମାନଙ୍କୁ ପ୍ରାଞ୍ଜଳ ଭାବରେ ଚାଷପ୍ରଣାଳୀ ବୁଝାଇ ଦେଲେ । ସେହିଦିନଠାରୁ ସେ ଅଞ୍ଚଳର କୌଣସି ଚାଷୀ ଗୋବିନ୍ଦବାବୁଙ୍କୁ ଦେଖିଲେ,"ଆମ ଆଡ଼େ ପୁଣି କେବେ ପାଦ ପକାଉଛନ୍ତି, ଆଜ୍ଞା !" ବୋଲି ପଚାରନ୍ତି ।

ତା ହେଲେ ବିଚାରଣା କରନ୍ତୁ । ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଚାଷୀ । ସେ ପ୍ୟାଣ୍ଟ୍ ହାଫ୍‌ସାର୍ଟର ବାବୁ ଦେଖିଲେ ନାକ ଟେକିବାରେ ଚିରଅଭ୍ୟସ୍ତ । ମାତ୍ର ଥରେ ସେ ଯେଉଁ ବିଷୟରେ ଆଗ୍ରହୀ, ସେହି ବିଷୟ ସେ ପ୍ୟାଣ୍ଟ୍ ହାଫ୍‌ସାର୍ଟ ପିନ୍ଧା ବାବୁଙ୍କ କଣ୍ଠରୁ ଶୁଣିଲେ, ସେ ଉକ୍ତ ବ୍ୟକ୍ତିକୁ ମନ୍ତ୍ରମୁଗ୍ଧ ପରି ଯେ ଆଚରଣ କରିବ, ଏଥିରେ ଆଶ୍ଚର୍ଯ୍ୟ କାହିଁ ?

ସାଙ୍ଗମେଳରେ କଥାଭାଷା ହେଉ ହେଉ ମୋର ସହପାଠୀ-ମାନଙ୍କ ମଧ୍ୟରୁ ଅଧିକାଂଶ କହୁ କହୁ କହିପକାନ୍ତି, ସେମାନେ ଜୀବନରେ କଅଣ ହେବାକୁ ଚାହାନ୍ତି । ମୋତେ ଆଉ ବେଶୀ ଭାବିବାକୁ ପଡ଼େ ନାହିଁ । ଯେ ଶିକ୍ଷକ ହେବାକୁ ଚାହୁଁଥିଲେ, ତାଙ୍କୁ ଶିକ୍ଷକହେବା ବୃତ୍ତି ସବୁଠାରୁ ଭଲ, ଏହାହିଁ ମୋତେ ପ୍ରତିପାଦନ କରିବାକୁ ପଡ଼େ । କିଏ ଇଞ୍ଜିନିୟର ବା କେହି ଡାକ୍ତର ହେବାକୁ

ନ୍ତୁ ଥିଲେ, ସେମାନଙ୍କୁ ଉନ୍‌ଜନସ୍ୱଭାବ ବା ଡାକ୍ତର ସଂକଳ୍ପତ
ଚର୍ଚ୍ଚା କଲେ ଭାରି ଭଲ ଲାଗେ । ଯେଉଁମାନେ ମୋ ମନୋବୃତ୍ତି
ଜାଣନ୍ତି ତଥା ଲାଭରେ ସନ୍ତୁଷ୍ଟ, ସେମାନଙ୍କୁ ଉପସ୍ଥିତ କେଉଁଷ
ଭାବପୂର୍ବେ କହୁ କହୁ ଗୋଟିଏ ଡର ମେଲ ବସେ ।

'ଦେଖିବାକୁ ମୁଁ ଯା, ଭାବୁଥିଲି ତା
ହୋଇ ନ ପାରି, ଖୁସି ମୁଁ ଭାରି ।

ମୋର ଆଜ ଭୂପଙ୍ଗବନ ଉପରେ ଆଖି ବୁଲାଇ ଆଣିଲେ
ଭାରି ସୁଖଲାଗେ । ତାର କାରଣ ବୋଧହୁଏ ମୋର ଏଇ ପ୍ରବୃତ୍ତି ।
ପ୍ରଶାରେ ହବ ବୋଲି ଯେଉଁ ଚେଷ୍ଟା ତାହା କଡ଼ ଲୋକଙ୍କ
ଜୀବନରେ ଦେଖାଯାଏ । କାହାର ବନଶୀଖଣ୍ଡା ପକାଇ ମାଛ
ଧରିବା, କାହାର ଶିକାର କରିଯିବା, କାହାର ଫଟୋ ଉଠାଇବା,
କାହାର ଖାଲି ଗୁଣ୍ଡାଏ ପଢ଼ିବା ସାଧାରଣତଃ ହବରେ ଯାଏ ।
ମୁଁ ଟିକିଏ ଅଲ୍ପକଥା ଲୋକ । ତେଣୁ ମୋର ଗ୍ରେଟ ଗ୍ରେଟ
ଅନୁଭୂତର କୌଣସି କଥା ତାଙ୍କୁ ସୁଆଦେ ନ ଲାଗିବାର ଆଶଙ୍କା ।
ତେଣୁ ସେମାନେ ଅପରର ଛିପୂମାସ ଦେଖାକୁ ସ୍ୱହାନ୍ତ ତ,
ଜନ୍‌ଭେଲ୍‌ଟଙ୍କ ପ୍ରଣାଳୀ ଅନୁସରଣ କରିବା ପାଇଁ ମୋର ବମତ
ଅନୁରୋଧ । ଜୁଜ୍‌ଭେଲ୍‌ଟଙ୍କୁ ସାକ୍ଷାତ୍ କରିବାକୁ ହେଲେ ଆଗରୁ
ପ୍ରୋଗ୍ରାମ କେବାକୁ ପଡ଼େ । ଅନେକ କେଉଁ ସମ୍ପର୍କରେ ଆସୁଥନ୍ତି,
ତାଙ୍କ ସବକରେ ନିଜର ଜ୍ଞାନ କଣ ଅଛି, ତାହା ଟିକିଏ ଚିନ୍ତା କରି
ଅନ୍ତି । ସଭାବଶତ ବସି ସେ ଯଥପୂ ନେଇ ଅନେକ କଣ୍ଠ ପଢ଼ିନଥନ୍ତି,
ନ କ ନଥନ୍ତି । ତା ପରେ ମେହେନ୍ତର ହେଉ ବା ରଜା ମହାରଜା,
ହେଉନ୍ତୁ, ସାକ୍ଷାତ୍ ଦେଇ ସେଇ ପ୍ରସଙ୍ଗ ଉତ୍‌ଥାପନ କରନ୍ତି । ଫଳରେ
ଯେ କୌଣସି ବ୍ୟକ୍ତି ଜୁଜ୍‌ଭେଲ୍‌ଟଙ୍କୁ ସାକ୍ଷାତ୍ କରୁ ନା କାହିଁକି,
ସେ ତାଙ୍କର ଜ୍ଞାନଗରିମା ଦେଖି ମୁଗ୍ଧ ନ ହୋଇ ରହୁଥାରେ

ନାହିଁ । ରୁଜଭେଲ୍ଟ ଏତେ ପରିଶ୍ରମ ସ୍ୱୀକାର କରିବାର କାରଣ ଆପଣ ଅନୁମାନ କରି ପାରିବେଣି । ସେ ଭଲକରି ଜାଣନ୍ତି ଯେ କୌଣସି ଲୋକର ଅନ୍ତରରେ ପ୍ରବେଶ କରିବାକୁ ହେଲେ, ସେ ଯେଉଁ ବିଷୟକୁ ଭଲପାନ୍ତି, ତାଙ୍କୁ ସେହି ପ୍ରସଙ୍ଗରେ କହିବା ହିଁ ସବାଠେଁ ବାଞ୍ଛନୀୟ ।

କେଲ୍ଭର ସାହେବ, କୃଷି ବିଭାଗର ଡେପୁଟି ଡାଇରେକ୍ଟର, ତାଙ୍କ ଜୀବନର ଅନୁଭୂତିରୁ ସେହିପରି ଗୋଟାଏ କଥା କହୁଥିଲେ । ଜୀବନରେ ସାମାନ୍ୟ କେଇଦିନ ରହିବା ପରେ ସେ ଅନୁଭବ କଲେ ଯେ ପ୍ରତି ବିଷୟରେ ବ୍ୟକ୍ତିର ଟିକିଏ ଟିକିଏ ଜ୍ଞାନ ନ ଥିଲେ, ସମସ୍ତଙ୍କ ସଙ୍ଗେ ମିଳାମିଶା କରି ଚଳିବା ମୁସ୍କିଲ । ସେଥିପାଇଁ ନିଜର ଅବସର ସମୟରେ ସେ ବିଭିନ୍ନ ବିଷୟରେ ଅଧ୍ୟୟନ କରି ସମ୍ୟକ୍ ଜ୍ଞାନ ଅର୍ଜନ କରି ନିଅନ୍ତି । ଥରେ ସେ ନୌକା ସଂବନ୍ଧରେ ବାଜେ ବହି ପଢ଼ୁଥାନ୍ତି । ମାତ୍ର ତାଙ୍କର ମୁଖ୍ୟ ଶିକ୍ଷଣୀୟ ବିଷୟ ଅନ୍ୟଥା । ଥରେ ସେ ଜଣେ ବୟସ୍କ ବାଳକର ଡ୍ଡୀଙ୍କ ସହେ କୌଣସି କାର୍ଯ୍ୟ ପ୍ରସଙ୍ଗରେ ଦେଖା କରିବାକୁ ଯାଇଥିଲେ । ସାମାନ୍ୟ କେଇ ପଦ କଥାରେ ଡ୍ଡୀଙ୍କ ସଙ୍ଗରୁ କାର୍ଯ୍ୟ ତୁଟାଇ, ସେ ଦେଖିଲେ ବାଳକଟି ଏକାକୀ ବସିଛି । ତେଣୁ କେଲ୍ଭରସାହେବ ବୟସ୍କ ବାଳକଟି ସଙ୍ଗେ ଗଳ୍ପ ଜମାଇ ବସିଲେ । ଅଳ୍ପ ସମୟ ମଧ୍ୟରେ ନୌକା ସମ୍ବନ୍ଧରେ ଚର୍ଚ୍ଚା ଉଭୟଙ୍କ ମଧ୍ୟରେ ବେଶ୍ ଜମିଗଲା । ଆଗନ୍ତୁକଙ୍କର ନୌକା ସମ୍ବନ୍ଧରେ ଏତେ ଅପରିସୀମ ଜ୍ଞାନ ଦେଖି, ବାଳକଟି ସେହିପରି ମୁଗ୍ଧ ହୋଇଥିଲା ନିଶ୍ଚୟ । ଅନେକ ସମୟ କଥାବାର୍ତ୍ତା ପରେ ଆଗନ୍ତୁକ ବିଦାୟ ନେଇ ଚାଲିଗଲେ । ସେ ଚାଲିଯିବା ପରେ ବାଳକଟି ଆସି ତା ଡ୍ଡୀକୁ ନିଶ୍ଚୟ କହୁଥିବ, "ଡ୍ଡୀ, କେଲ୍ଭର ସାହେବଙ୍କର ନୌକା ସମ୍ବନ୍ଧରେ

କ ଅସାଧାରଣ ଜ୍ଞାନ ?" ଖୁଣ୍ଡୀ ନିଶ୍ଚୟ କହୁଥିବେ, "ସେ ନୌକା ସମ୍ବନ୍ଧରେ ଏତେ ଗପିଲାରୁ ତୋର ସେପରି ଧାରଣା ହେଲା । ମାତ୍ର ସେ କଅଣ କରନ୍ତି ଜାଣିଛୁ ? ସେ ଜଣେ ଭଦ୍ରଲୋକ । ନୌକା ସଂବନ୍ଧରେ ତାଙ୍କର ଜ୍ଞାନ ସ୍ୱଳ୍ପ ହେଲେ ମଧ୍ୟ ସେ ଜଣେ ଶିକ୍ଷିତ ଭଦ୍ରଲୋକ, ସେ ଦେଖିଲେ ଯେ ତୁ ନୌକା ବିଷୟରେ ଆଗ୍ରହୀ, ତେଣୁ ତୋ ସଙ୍ଗେ ସେ ଜାହାଜାଦିର ପ୍ରସଙ୍ଗରେ କଥୋପକଥନ ଚଳାଇଲେ ।" ଖୁଣ୍ଡୀ ପ୍ରଭୁଙ୍କର ଏପରି କଥୋପକଥନ ଅନୁମାନ କରିବାର କାରଣ ଖୁଣ୍ଡୀ ପୁଣି ଯେତେବେଳେ ବେନ୍ଥସ୍ସାହେବଙ୍କ ସାକ୍ଷାତ୍ ପାଇଲେ ତାଙ୍କୁ ଭୁଆଡ଼େ ପଚାରୁଥିଲେ, "ଆପଣ ନୌଶିକ୍ଷା ଆରମ୍ଭ କରିଥିବାର ମୋ ପ୍ରଭୁ ଅନୁମାନ କରୁଛନ୍ତି—ସତ କି ?" ବେନ୍ଥସସାହେବ ନିଶ୍ଚୟ ମୃଦୁହସା ମାତ୍ର ଅସ୍ୱୀକାର କରିଥିବେ ।

ଏ ସମ୍ବନ୍ଧରେ ଆଉ ବିଶେଷ ଚର୍ଚ୍ଚା ନ କରି ଏତିକି କହିଲେ ଯଥେଷ୍ଟ ହେବ ଯେ ଅନ୍ୟର ହୃଦୟ ଜୟ କରିବାକୁ ହେଲେ, ସଂସାରରେ ଗୋଟିଏ ମାତ୍ର ବାଟ ଅଛି—ତା ହେଉଛି, ତାର ପ୍ରଧାନ ଲାଳସା ବା ସନ୍ତୁଷ୍ଟି, ତାର ଉପରେ ପ୍ରୀତିପ୍ରଦ ଆଲୋଚନା ଚଳାଇବା ।

( ୧୦ )

ବର୍ମାର ଲୋକମାନେ ସାପମାନଙ୍କୁ ଖାଇଯାନ୍ତି । ତେଣୁ ଇଉରୋପୀୟମାନେ ତାଙ୍କୁ ଅସଭ୍ୟ ବୋଲି ଭାବନ୍ତି । ମାତ୍ର ସେମାନେ ଓଲଟା ଭାବନ୍ତି । ସେମାନେ ଭାବନ୍ତି—ଇଉରୋପୀୟମାନେ କେଡ଼େ ଅସଭ୍ୟ ସତେ ! ଆଜଯାଏ ସାପର ମାଂସର ଖାଇ ଶିଖି ନାହାନ୍ତି !

ହିନ୍ଦୁମାନେ ଗାଈ ଗୋରୁଙ୍କୁ ପୂଜା କରନ୍ତି । ମୁସଲମାନ-ମାନେ କିନ୍ତୁ ଗୋରୁ ମାଂସ ଖାଆନ୍ତି । ତେଣୁ ସାଧାରଣତଃ ହିନ୍ଦୁ-ମାନେ ମୁସଲମାନମାନଙ୍କଠାରୁ ଏବଂ ମୁସଲମାନ୍‌ମାନେ ହିନ୍ଦୁ-ମାନଙ୍କଠାରୁ ନିଜକୁ ସଭ୍ୟ, ସୁଶିକ୍ଷିତ ବୋଲି ଭାବନ୍ତି ।

ଜାପାନୀମାନେ, ତାଙ୍କ ଦେଶର ମହିଳାମାନେ ଗୋରାମାନଙ୍କ ସହିତ ନାଚୁଥିବାର ଦେଖିଲେ, ତାଙ୍କୁ ହତ୍ୟା କରି ଦେବାକୁ ମନ କରନ୍ତି ।

ଏସ୍କିମୋମାନେ ତାଙ୍କର ଦଳଗତ କୌଣସି ବ୍ୟକ୍ତି ଅଳସୁଆ ହେବାର ଦେଖିଲେ ତାକୁ ଘୃଣାରେ 'ଗୋରା' ବୋଲି ସମ୍ବୋଧନ କରନ୍ତି ।

ଯେଉଁ ଗୋରାମାନଙ୍କ ଛୁଇଁ ପଡ଼ିଲେ ହିନ୍ଦୁମାନଙ୍କ ଖାଦ୍ୟ ଅଶୁଦ୍ଧ ହୋଇଯାଏ, ଯେଉଁମାନେ 'ମ୍ଲେଚ୍ଛ' ବୋଲି ଆମ ପୂର୍ବ-ପୁରୁଷମାନଙ୍କର ଧାରଣା, ଆମକୁ ଦେଖିଲେ, ସେହି ଗୋରାମାନେ ଅନାର୍ଯ୍ୟ ବୋଲି ମନେ କରନ୍ତି ।

ଦୃଷ୍ଟାନ୍ତ ସକାଶେ ଏତେ ଦୂରକୁ ଯିବାକୁ ପଡ଼ ନ ନ ଭାବୁ ପାଖରେ ଆଖିବୁଲାନ୍ତୁ । ଏଇ ହିନ୍ଦୁମାନଙ୍କ ମଧ୍ୟରେ ଜାତିଗତ ପାର୍ଥକ୍ୟ ନେଇ, ପରସ୍ପରକୁ ଉତ୍କୃଷ୍ଟ ମନେ କରୁଛନ୍ତି କି ନାହିଁ ? ତେଲଗୁମାନେ ଭାବନ୍ତି, ସେମାନେ ତାମିଲଙ୍କଠାରୁ ଶ୍ରେଷ୍ଠ ଓଡ଼ିଆମାନେ ଭାବନ୍ତି, ସେମାନେ ବଙ୍ଗାଳୀଙ୍କଠାରୁ ଶ୍ରେଷ୍ଠ ଏବ ବିହାରୀମାନେ ଭାବନ୍ତି ସେମାନେ ପଞ୍ଜାବୀଙ୍କଠାରୁ ଉନ୍ନତ ।

ବାସ୍ତବ କ୍ଷେତ୍ରରେ କିଏ ଉତ୍କୃଷ୍ଟ ବା କିଏ ନିକୃଷ୍ଟ ତାହ ଆଲୋଚନା କରିବାର କ୍ଷେତ୍ର ଏ ନୁହେଁ । କହିବା ଉଦ୍ଦେଶ୍ୟ ଏହି ଯେ

ଯେ କୌଣସି ବ୍ୟକ୍ତି ନିଜକୁ ଅନ୍ୟଠାରୁ ସାଧାରଣତଃ ସୁଦକ୍ଷ, ଚତୁର ଏବଂ ଶ୍ରେଷ୍ଠ ବୋଲି ମନେ କରିଥାଏ ଏବଂ ଯେଉଁ ବିଜ୍ଞ ଅନୁଭବୀ ଏହି କଥାକୁ ସଦାସର୍ବଦା ମନେ ରଖି ଥାଆନ୍ତି, ସେମାନଙ୍କ ଭିତରେ ଏହି ମସ୍ତ ଦୁର୍ବଳତାକୁ ବେଶ୍ ଖାଦ୍ୟ ଯୋଗାଇ, ସହଜରେ ଅପରର ହୃଦୟ ଜୟ କରି ନିଜ ଚଲାବାଟକୁ ଅତ୍ୟନ୍ତ ସୁଗମ କରି ନିଅନ୍ତି । ହୃଦୟ ଜୟ କରିବାକୁ ହେଲେ, ପରର ପ୍ରୀତି-ଭାଜନ ହେବାକୁ ହେଲେ, ସବୁବେଳେ ଯେ ନିଜର ସ୍ୱାର୍ଥ ଜଗି କଥା କହିବାକୁ ହେବ, ତାର କିଛି ମାନେ ନାହିଁ । ସେପ୍ରର ଘଟବୃତ୍ତି ହେବା କାହାରି ପ୍ରଦର୍ଶନୀ ମୂଳେ ମଧ୍ୟ । ଆମ୍ଭେମାନେ କହୁଣ ଏତେ ଯାଚ ଯେ ସ୍ୱାର୍ଥ ନ ଥିବେ, ଅପର ସ୍ୱାର୍ଥସିଦ୍ଧିର କାମନା ନ ଥିଲେ, କଥା ପଦେ କହିବାକୁ କୁଣ୍ଠିତ ହେବା ?

ଜାମସେଦପୁର ଏବେ ବଡ଼ ସହର ହେଲେ କଅଣ ହେବ, ସେଠାରେ ଡାକଘର ସଂଖ୍ୟା ନିହାତି କମ୍ । ତେଣୁ ଟଙ୍କା ପଠାଇ-ବାକୁ ବା ରେଜେଷ୍ଟ୍ରୀ କରିବାକୁ ହେଲେ ସମୟ ଯେତେ ଲାଗୁ ପଛେ, ଧୈର୍ଯ୍ୟ ତାଠାରୁ ବେଶୀ ଆବଶ୍ୟକ ହୁଏ । ଥରେ ରେଜେଷ୍ଟ୍ରୀ କରିବା ଅଭିପ୍ରାୟରେ ମୁଁ ଚିଠି ଖଣ୍ଡିଏ ଧରି ସାକ୍ଚି ପୋଷ୍ଟ ଅଫିସକୁ ଯାଇଥିଲି । ଭିଡ଼ ସହଜ ହୋଇଥାଏ । ମୁଁ ସେ ଭିଡ଼ ଭିତରେ ପଶି ନ ପାରି ପଦା ବାରଣ୍ଡାରେ ଟିକିଏ ଠିଆ ହେଲି, ରେଜେଷ୍ଟ୍ରୀ କରଣିକୁ କିଛି କ୍ଷଣ ଚାହିଁରହିଲି । ସେ ମୋ ଆଡ଼କୁ ଚାହିଁଲେ । ମୁଁ ହସୁଥିବାର ପରି ତାଙ୍କୁ ଜଣା ଗଲା । ସେ ହୃଷ୍ଟପ୍ରାଣ । ମୋତେ ପଚାରିଲେ, "କ୍ୟା ବାତ୍ ହେ ଜୀ ।" ମୁଁ କହିଲି, "ଆପଣଙ୍କ ମୁଣ୍ଡର ବାଳ ଦେଖିଲେ ଈର୍ଷା ହୁଏ ।" ବାସ୍ତବରେ ତାଙ୍କ ବାଳଗୁଡ଼ିକ ବଡ଼ କୁଞ୍ଚକୁଞ୍ଚିଆ ଆଉ ସୁନ୍ଦର । ସେ ପ୍ରୌଢ଼ । ଓଜନ କରିବା, ଟିକଟ ମାରିବା, ରସିଦ୍ କରିବା ତାଙ୍କର କାମ ।

ବର୍ଷିରେ ଆଉ ପରିବର୍ତ୍ତନ ନାହିଁ । ନିତ ପ୍ରତି ସେଇ ଗୋଟାଏ କାମ ପୁଣି ଘଣ୍ଟା ଘଣ୍ଟା ଧରି କରିବା ଯେତେଟା ସହଜ ଅନୁମିତ ହୁଏ, ସେତେଟା ନୁହେଁ । ସେ କାମ ଗୁଡ଼ ଦେଇ ଟିକଏ ହସି ହସି ଯାହା ତାଙ୍କ ଭାଷାରେ କହିଲେ, ତାର ସାରମର୍ମ ହେଉଛି, "ଆପଣ ଏବେ ଯାହା ଦେଖୁଛନ୍ତି, ତାହା କିଛି ନୁହେଁ କହିଲେ ଚଳେ । ୫୭ ବର୍ଷ ତଳେ ମୋ ମୁଣ୍ଡରେ ଯେଉଁ କାଳ କେଶ ଥିଲା, ତାହା ଯିଏ ଦେଖେ, ତା ଆଖି ଅଟକି ରହିଯାଏ ।

ନିଜ କାର୍ଯ୍ୟକାଳ ଭିତରେ ଏପରି ଯେଉଁ ଟିକିଏ ଖୁସିବାସିଆ ପଡେ ଅଧେ, ତାହା ତାଙ୍କ ପ୍ରାଣରେ ଯେଉଁ ଭାବନା ଜାଗରିତ କରିଥିଲା ତାହା କାହାରି କାମ୍ୟ ନୋହେ ଯେ ? ମାତ୍ର ଯେଉଁମାନେ ନିଜ ଚିନ୍ତାରେ ସତତ ଜଡ଼ିତ ସେମାନେ କହିବେ ଏଗୁଡ଼ା ଖୋସାମତିଆ କଥା । ମାତ୍ର ମୁଁ କହିବି, ଅପରର ପ୍ରଶଂସାଯୋଗ୍ୟ ଗୁଣ ଖୋଜି, ଆଲୋଚନା କରି ତାଙ୍କ ପ୍ରାଣରେ କ୍ଷଣିକ ଆନନ୍ଦ ସଞ୍ଚାର କରି ପାରିବା ବ୍ୟକ୍ତି ଏଇ ମର୍ତ୍ତ୍ୟରେ ସ୍ୱର୍ଗ ସୁଖ କଳ୍ପନା କରିପାରେ । ବାସ୍ତବିକ୍ ହାର୍ଦ୍ଦିକ ଅଥଚ ବାଚାଳ କଥା କେଇପଦର ଦାମ୍ କେବେ କେବେଳ ଏତେ ପ୍ରଚୁର ହୋଇଯାଏ ଯେ ବର୍ଣ୍ଣାଇ କରି ହୁଏ ନାହିଁ । ଅଭଜର ଗୋଟିଏ ଦଂପତି ଲଣ୍ଡନ୍ ଅପୂରଲଣ୍ଡର ତାଙ୍କର ବନ୍ଧୁ-ବାନ୍ଧବଙ୍କ ସଙ୍ଗେ ଦେଖା କରିବାକୁ ଭୁଲି ଯାଇଥିଲେ । ଭଦ୍ରବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ଅନ୍ୟାନ୍ୟମାନଙ୍କ ସହିତ ଆଳାପ କରିବାକୁ ଛାଡ଼ି ନେଇ ନିଜେ ଘରର ବୁଢ଼ୀଙ୍କ ସଙ୍ଗେ ଗପ ଜମାଇ ବସିଲେ । ସେ ଖୋଜୁଥାନ୍ତି କିଛି ଗୋଟିଏ ପ୍ରଶଂସା କରିବା ପାଇଁ । ଅନେକ ଆଡ଼େ ଦୃଷ୍ଟି ପକାଇ ସେ ଆରମ୍ଭ କଲେ, "ଏ ଘରଟି ୧୮୯୦ରେ ତିଆରି ହୋଇଥିବା ପରି ବୋଧ ହେଉଛି ।" ବୁଢ଼ୀ କହିଲେ, "ହଁ ରେ ପୁଅ, ତୋ ଅନୁମାନ ହିଁ ଠିକ୍ ।" ଭଦ୍ରବ୍ୟକ୍ତି କହିଲେ, "ଏ

ଘର ଦେଖିଲେ ମୁଁ ଯେଉଁ ଘରେ ଜନ୍ମ ହୋଇଥିଲି ସେ ଘର କଥା ମୋର ମନେ ପଡ଼େ । ଘରଟି ବଡ଼ ବଡ଼ିଆ, ମଜ୍‌ବୁତ୍, ବେଶ୍ ଖୋଲସା ମାତ୍ର ଆଜିକାଲି ଲୋକମାନେ ଏପରି ଘର ତିଆରି କରୁନାହାନ୍ତି ।

ବୁଢ଼ି—"ଠିକ୍ କହିଲ୍ ପୁଅ, ଆଜିକାଲିକାର ଯୁବକମାନେ ସୌନ୍ଦର୍ଯ୍ୟ ପ୍ରତି ମମତା ଦେଖାଉ ନାହାନ୍ତି । ସେମାନେ କହୁଛନ୍ତି, "ଛୋଟିଆ କଖରାଏ ଘରେ ବିଜୁଳିବତି ଥିଲେ ସେମାନଙ୍କର ଯଥେଷ୍ଟ । ୨୪ ଘଣ୍ଟା ମଟରରେ ବୁଲିବେ, ଘର ସୌନ୍ଦର୍ଯ୍ୟ ପାଇଁ ମନ ବଳିବ କୁଆଡ଼ୁ ?" କ୍ରମଶଃ ବୁଢ଼ୀଙ୍କ କଣ୍ଠସ୍ୱର ସ୍ନିଗ୍ଧ ହୋଇ ଆସିଲା । ସେ ବ୍ୟଥାଭରା କୋମଳ କଣ୍ଠରେ କହିଲେ, "ଏ ଘରଟି ସ୍ୱପ୍ନର ରୂପାନ୍ତର । ପ୍ରେମପ୍ରାଚୁର୍ଯ୍ୟର ବିକାଶ ଏଇ ଘରଟି । ଏଇ ଘରଟି କରିବା ପୂର୍ବରୁ ମୁଁ ଏବଂ ମୋର ସ୍ୱାମୀ ବର୍ଷ ବର୍ଷ ଧରି ସ୍ୱପ୍ନ ଦେଖିଥିଲୁ । ଆମେ ଅବଶ୍ୟ କୌଣସି ଇଞ୍ଜିନିୟର ବା ମିସ୍ତ୍ରୀଙ୍କ ସାହାଯ୍ୟ ନେଇ ନାହୁଁ । ମନରୁ ଭାବି, ଏ ଘରଟି ଏପରି ତିଆରି କରେଇଲୁ ।" ଏତିକି କହି ବୁଢ଼ୀ ଆଗନ୍ତୁକଙ୍କୁ ଘରଅଡ଼ ବୁଲାଇ ଦେଖାଇଲେ । ଆଗନ୍ତୁକ ଯେଉଁ ସୁନ୍ଦର ପଦାର୍ଥଗୁଡ଼ିକ ଦେଖନ୍ତି, ତାର ଭୂରି ଭୂରି ପ୍ରଶଂସା କରନ୍ତି । ସେ ଶେଷରେ ମୋତେ ଘର ଓ ଘରର ଦାମିକା ଏବଂ ସୁନ୍ଦର ଆସବାବପତ୍ର ଦେଖାଇସାରି ମୋଟର ଗ୍ୟାରେଜ୍‌କୁ ନେଲେ । ସେଠାରେ ଗୋଟିଏ ନୂଆ ପ୍ୟାକାର୍ଡ଼ କାର୍ ଥୁଆ ହୋଇଥିବ । ତାକୁ ଦେଖାଇ କହିଲେ, "ମୋ ସ୍ୱାମୀ ମରିଯିବାର ଅଳ୍ପଦିନ ପୂର୍ବରୁ ଏଇ କାରଟି କିଣିଥିଲେ । ତାଙ୍କ ଚାଲି ଯିବାଠାରୁ ମୁଁ ଥରେ ହେଲେ ଏଇଟି ବ୍ୟବହାର କରି ନାହିଁ । (ତାଙ୍କ ଆଖି ସେତେବେଳକୁ ଲୁହରେ ଛଳ ଛଳ ହୋଇ ଆସିଲାଣି । ) ତୁମର ସୌନ୍ଦର୍ଯ୍ୟବୋଧ ଅଛି । ତୁମେ ପଦାର୍ଥର ମୂଲ୍ୟ

ବେଶ୍ ହୃଦୟଙ୍ଗମ କରି ପାରି । ତାହା ଫଳରେ ତୁମେ ମୋ ପ୍ରାଣରେ ଆଜି ଯେଉଁ ଆନନ୍ଦ ସଂଚାର କରି ପାରିଛ, ତା ବଦଳରେ ମୁଁ ତୁମକୁ ମୋର ଏ କାର୍‌ଟି ଉପହାର ଦେବି ।"

"କାହିଁକି ମା ? ଏତେ ଦାମର ମୁଁ ତ ଯୋଗ୍ୟ ନୁହେଁ । ତୁମର ଟିକିଏ ପ୍ରୀତିଭାଜନ ହୋଇ ପାରିଛି ନା, ତାହା ହିଁ ମୋର ଯଥେଷ୍ଟ । ମୁଁ ତୁମର କୌଣସି ସମ୍ପର୍କୀୟ ବ୍ୟକ୍ତି ନୁହେଁ । ମୁଁ ମଧ୍ୟ ଏବେ ଗୋଟିଏ ନୂଆ ମଟର କିଣିଛି । ତୁମର ତ ବହୁତ ବନ୍ଧୁ-ବାନ୍ଧବ ଅଛନ୍ତି । ସେମାନେ ଏଇଟି ପାଇଲେ କେତେ ଖୁସୀ ହେବେ, ଥରେ ଭାବି ଦେଖିଲେ ?"

ବୁଢ଼ୀଙ୍କ ସ୍ୱରରୁ ପରିବର୍ତ୍ତନର ଆଭାସ ମିଳିଲା । ସେ ଛୁଗୁଲେଇ କରି କହିଲେ, "ବନ୍ଧୁବାନ୍ଧବ, ହେଁ, ହେଁ, ମୋର ବନ୍ଧୁ-ବାନ୍ଧବ ଘରେ ଅଛନ୍ତି । ମାତ୍ର ସେମାନେ ସମସ୍ତେ ମୋ ମରିବାକୁ ଟାକିକରି ବସିଛନ୍ତି । ମାତ୍ର ମୁଁ ଏଇଟି କଦାପି ତାଙ୍କୁ ଦେବି ନାହିଁ ।"

"ଅଚ୍ଛା, ତାହେଲେ ଆପଣ ଗୋଟିଏ କଥା କରନ୍ତୁ । ଏଇଟି ବିକିଦେଲେ ଗ୍ରାହକ ହୁଏତ ଆଗ୍ରହରେ କିଣି ନେବେ ।"

"ବିକିବି ନାଁ ଧରନା ରେ ପୁଅ ! ତୁ ବୁଝି ପାରୁନୁ । ଭାବିଲୁ ଏଇ କାର୍‌ଟିରେ ଅପରିଚିତ ଲୋକ ମୋର ଆଗରେ, ମୋ ଘର ରାସ୍ତା ଦେଇ, ଚଢ଼ି ବୁଲିବାର ଦେଖିଲେ, ମୋ ଛାତି କେମିତି ସହିବ ? ଖାସ୍ କରି ମୋର ପାଇଁ, ଏଇଟି ମୋ ସ୍ୱାମୀ କିଣି ଦେଇଥିଲେ ପରା ! ତେଣୁ ବିକିବା ପ୍ରଶ୍ନ ମୋଟେ ଉଠୁନାହିଁ । ତୁ ସୌନ୍ଦର୍ଯ୍ୟର ଉପାସକ ତେଣୁ ଏଇଟି ମୁଁ ନିଶ୍ଚୟ ତୋତେ ହିଁ ଦେବି ।"

ଆଗନ୍ତୁକ ଯେତେ ଚେଷ୍ଟା କଲେ ମଧ୍ୟ ବୁଢ଼ୀଙ୍କୁ ଅଯାଚିତ ମହାର୍ଘ ଦାନରୁ ନିବର୍ତ୍ତାଇ ପାରିଲେ ନାହିଁ ।

ଏଇ ବୁଢ଼ୀଟି ଗୋଟିଏ ବସନ୍ତ ଦୀର୍ଘ ଭିତରେ ଏକାକୀ ରହୁଥିଲେ । ଘରକୁ ସ୍ୱର୍ଣ୍ଣ ଆସବାବ୍‌ପତ୍ର ଯାହା ଥିଲା ସବୁଗୁଡ଼ିକ ଖୁବ୍ ଦାମିକା ଏବଂ ସୁନ୍ଦର । ସେ ନିଜର ରୂପହିଁ, ସୌନ୍ଦର୍ଯ୍ୟର ପ୍ରଶଂସା ଟିକିଏ ଶୁଣିବା ପାଇଁ ଯୁଗ ଯୁଗ ଧରି ସତରେ କି ତୃଷ୍ଣି ବସିଥିଲେ । ପ୍ରେମରେ ଅଚେତର ହୋଇ ସେ ଯେଉଁ ଭାଜ୍‌ଟିଏ କରାଇଥିଲେ, ତାର ଜଣେ ହେଲେ ମୁଗ୍ଧ ଦର୍ଶକ ସେ ଅଦ୍ୟାବଧି ପାଇ ନ ଥିଲେ । ପାଇଲା ମାତ୍ରେକ ତାଙ୍କ ରୁଦ୍ଧ ଆବେଗ, ସମସ୍ତ ଅତୀତ ସ୍ମୃତି, ଆପେ ଆପେ ଉଚ୍ଛୁଳି ଉଠିଲା । ଯେତେବେଳେ ସେ ଦେଖିଲେ ଯେ ଆଗନ୍ତୁକ ଅଯାଚିତ ଭାବରେ ତାଙ୍କର ସମସ୍ତ ଅଭାବ ଦୂର କରିଛନ୍ତି, ସେ ମନରେ ବ୍ୟସ୍ତ ଅନ୍ୟ କୌଣସି ଶ୍ରେଷ୍ଠବାଟିଏ ଯମୁନାରେ ନିଜର କୃତଜ୍ଞତା ଜ୍ଞାପନ କରି ପାରିଥାନ୍ତେ କି ?

ବୁଢ଼ାବୁଢ଼ୀ ହୋଇଗଲେ ଲୋକ ନିଜକୁ ସବୁ ବେଳେ ନିଃସହାୟ ମନେ କରେ । ସେମାନଙ୍କ କଣ୍ଠରୁ ସ୍ୱତଃ ଯେପରି ଉଚ୍ଛୁଳି ପଡ଼େ—

"ତଳକରଡ଼ା ଖସୁଛି, ଉପର କରଡ଼ା ହସୁଛି—
ମଝି କରଡ଼ା ଥାଇ କହୁଛି—ତୋ ଦିନ କାଲି ଆସୁଛି ।"

ଏ ପରିପ୍ରେକ୍ଷୀରେ ବନ୍ଧୁଙ୍କ ନିର୍ବିଶେଷରେ ସାଙ୍ଗଟିଏ ପାଇଲେ, କେତେ ଆନନ୍ଦ ତାଙ୍କୁ ନ ଲାଗେ ସତେ ! ମୋର ଏ ସବତୁବଣତା ଅବାନ୍ତର ବୋଧହେବ ପରା !

ଆଜି ଯେଉଁ ଶ୍ରୀ ଉଦୟନାଥ ମିଶ୍ର, ଏ. ଇ. ଇଞ୍ଜିନିୟର ଅଛନ୍ତି, ସେ ହେଉଛନ୍ତି ଧକାସବାଙ୍ଗ ଗ୍ରାମର ଶ୍ରୀ ସୁରେଶ୍ୱର ମିଶ୍ରଙ୍କ ପୁତ୍ର । ଶ୍ରୀ ସୁରେଶ୍ୱର ମିଶ୍ର ଆପଣେ ନିଜ ଓକିଲାବୃତ୍ତି ବଳରେ ବହୁତ ଧନ ଅର୍ଜିଛନ୍ତି । ତେଣୁ ସେ କାଳରେ ସେ ପୁଅକୁ ପାଟନା

ପ୍ରଭୁତ୍ୱରେ ପାଠ ପଢ଼ାଇ ଯୋଗ୍ୟ କରି ପାରିଲେ । କଥାଟି ସେଇ ଇଞ୍ଜିନିୟରଙ୍କ ଅନୁଭୂତିରୁ ସଂଗୃହୀତ । ସେ ଥରେ ପାଟନାରେ ଗୋଟିଏ ଘରଭଡ଼ା ନେବାକୁ ମନସ୍ଥ କରିଥିଲେ । ସେ ଘରଟିକୁ ପ୍ରଥମ ଥର ପାଇଁ ପରୀକ୍ଷା କରୁ କରୁ, ମାଲିକ ଆସି ତାଙ୍କୁ କେଉଁ-ଠାରେ କି ଗଛ ଲଗାଇଲେ ଏବଂ ବଗିଚାକୁ କିପରି ସଜାଇଲେ ସାଙ୍ଗକୁ, ସେଇ ସମ୍ବନ୍ଧରେ ତାଙ୍କର ମତାମତ ନେଇ ନିଜର ମତାମତ ବଖ୍ୟାନ କରୁଥିଲେ । ମିଶ୍ରେ ଆପଣେ କହିଲେ, "ଆପଣଙ୍କର ଗୋଟିଏ ସୁନ୍ଦର ଗୁଣ ଅଛି । ଆପଣ ଯେ କୁକୁର-ମାନଙ୍କର ଅଶେଷ ଯତ୍ନ ନିଅନ୍ତି ତାହା ଆପଣଙ୍କ ପାଖରେ ଥିବା କୁକୁରଟି ମାରଫତରେ କହିବୁଲୁଚି । ଆପଣ ନିଶ୍ଚୟ ଗୁଡ଼ାଏ ପୁରସ୍କାର ଏଇ କୁକୁରଙ୍କ ଯୋଗୁଁ ପାଇଲେଣି ।"

ଏଇ ସାମାନ୍ୟ ଟିକିଏ ପ୍ରଶଂସାର ପରିଣାମ କଅଣ ହେଲା ଆପଣ ଅନୁମାନ କରିପାରୁଛନ୍ତି ? ସଙ୍ଗେ ସଙ୍ଗେ ମାଲିକ କହି ଉଠିଲେ, "ଆପଣଙ୍କ ଅନୁମାନ ଅକ୍ଷରେ ଅକ୍ଷରେ ସତ, ବୁଝନ୍ତୁ ମୋ କୁକୁରମାନଙ୍କ ଉପରେ ଟିକିଏ ଆଖି ପକାଇ ଆସିବେ ।" ମିଶ୍ରେ ଆପଣେ ଅଗତ୍ୟା ମାଲିକଙ୍କ ଘରକୁ ଗଲେ । ତା ପରେ ମାଲିକ ତାଙ୍କର କୁକୁର ଏବଂ ସେମାନେ ପାଇଥିବା ସବୁ ପ୍ରାଇଜ ଘଣ୍ଟାଏ କାଳ ଲାଗି ଗୋଟି ଗୋଟି କରି ଦେଖାଇଲେ । କୁକୁର-ମାନଙ୍କର ଜନ୍ମବୃତ୍ତାନ୍ତ ମଧ୍ୟ ଖାତାପତ୍ରରୁ ବାହାର କରି ଶୁଣାଇଲେ । ସବୁ ସରିଲା ପରେ ପଚାରିଲେ—

"ଆପଣଙ୍କର ପୁଅ ଅଛି ନା ?" ଏ ପ୍ରଶ୍ନରେ ସେ ହଁ କଲେ । ମାଲିକ୍ କହିଲେ, "ଆଚ୍ଛା, ସେ ନିଶ୍ଚେ କୁକୁରଙ୍କୁ ଭଲପାଏ ?"

"ସେ କଥା କାହିଁକି ପଚାରୁଛନ୍ତି ?"

"ଅଚ୍ଛା, ଆପଣ ଏଇ ଛୁଆଟି ନଅନ୍ତୁ, ତାକୁ ମୋର ଏଇଟି ଉପହାର ।" ତା ପରେ ସେ କୁକୁରକୁ କପର ଖୁଆଇବାକୁ ହେବ ଗୋଟି ଗୋଟି କରି କହିଲେ । ପୁଣି ଟିକଏ ଚନ୍ତାକରି କହିଲେ, "ନାହିଁ ନାହିଁ, ଆପଣ ଭୁଲି ଯାଇ ପାରନ୍ତି ; ମୁଁ ଲେଖି ଦେଉଛି । ଏହା କହି ତାଙ୍କ ଅଫିସକୁ ଗଲେ । ଟାଇପ୍ କରି ଖାଇବା ପ୍ରଣାଳୀ ଗୋଟିଏ ଫର୍ଦ୍ଦ, ଗୋଟିଏ କୁକୁର ଛୁଆ, ଯାହାର ଦାମ୍ ଅନ୍ୟୁନ ଟ୧୦୦୦ରୁ କମ୍ ହେବ ନାହିଁ ଏତକ ଦେଲେ । ତା ବାଦେ ତାଙ୍କର ଯେ ଟେଲିଫୋନ୍‌ଙ୍କ ସମସ୍ତ ତ ଯାହା ଖର୍ଚ୍ଚ ହେଲା । ମୁଁ ସ୍ୱଭାବତଃ ଯେଉଁ ବ୍ୟକ୍ତିର ପଦ୍ଧତିରେ ଆଗ୍ରହ ସେଇ କଥାକୁ ପ୍ରଶଂସା କରି ବସିଲେ, ଏହାଠାରୁ ବଡ଼ ପୁରସ୍କାର ଆଉ କଅଣ ଆଶା କରାଯାଇ ପାରେ ?

ଖୋଜ କରିଲେ ଏପରି ଅନେକ ଉଦାହରଣ ମିଳିବ । ମାନବର ଚରିତ୍ର ବଚିତ୍ର । ଏଇ ସବୁକୁ ଲକ୍ଷ୍ୟକରି ସେକ୍‌ସପିଅର କହିଥିଲେ :—

"ଏଇ ମାନବ, ଏଇ ଗର୍ବିତ ମାନବ, ଟିକଏ ପ୍ରଶଂସା ପାଇଁ, ଟିକଏ କ୍ଷମତା ପାଇଁ, ଏପରି କଳ୍ପନାତୀତ କୌଶଳ ଦେଖାଏ ଯେ, ସ୍ୱର୍ଗର ଦୂତମାନେ ମଧ୍ୟ କାନ୍ଦି ପକାନ୍ତି ।" ତେଣୁ ଏପରି ମାନବକୁ ଯଦି କେହି ପ୍ରଶଂସା ଟିକଏ କରିପାରେ, କ୍ଷମତା ଟିକଏ ଦେଇ-ପାରେ, ତା ହେଲେ ମାନବର ହୃଦୟ ତା ପାଖରେ ଚିର ନତ ନ ହୋଇ ରହିପାରେ ନାହିଁ ।

ତେଣୁ ଯେ କୌଣସି ବ୍ୟକ୍ତିକୁ ଦେଖିଲେ, ତାଙ୍କର ଯେଉଁ ଗୁଣ କ ଜଥାଟି ପ୍ରଶଂସାର୍ହ ସେଥିପାଇଁ ଟିକଏ ତୁଷ୍ଟି ଦେବାକୁ ମୁଁ ଅନୁରୋଧ କରିବ । ନିଃସ୍ୱାର୍ଥ ଭାବରେ ପ୍ରଶଂସା ଟିକଏ କରି ପାରିଲେ,

କୌଣସି ବ୍ୟକ୍ତିଙ୍କ ସଂପର୍କରେ ରହିଥାନ୍ତେଲେ, ଘଣ୍ଟା ଘଣ୍ଟା ଧରି ସେ ଉତ୍ଫୁଲ୍ଲ ହୋଇ ଶୁଣୁଥିବେ । ସବୁବେଳେ ସ୍ୱାର୍ଥସିଦ୍ଧିର ବାସନା ନ ରଖି ଜଗତକୁ ଏଇ ସାମାନ୍ୟ ଦାନ ଦେଇ ଆପଣ ବି ଯଥେଷ୍ଟ ଶାନ୍ତି ଲାଭ କରିପାରିବେ । ଆମର ପରି ସତତ କାୟମନୋ-ବାକ୍ୟରେ କାମ୍ୟ—

"ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିଦ୍ଦୁଃଖଭାଗ୍ ଭବେତ୍ ।

( ୧୧ )

ବିଶ୍ୱାସ ଯାହାର ଯାହା
ବାଡ଼ି ନ ଗାର ଯୁକ୍ତି ତୋଡ଼ ଦେଲେ ଯିବ
ବଦଳେ କେବେ କି ତାହା ?

କଟକରେ ଯେତେ ବଡ଼ଲୋକ ଅଛନ୍ତି, କଣ୍ଟ୍ରାକ୍ଟର ହବବାବୁ ସେମାନଙ୍କ ମଧ୍ୟରୁ ଜଣେ । ହବବାବୁଙ୍କର ଶିକ୍ଷା କଲେଜର ଡିଗ୍ରୀ ଓ ମେଡ଼ାଲ ପର୍ଯ୍ୟନ୍ତ ଯାଇପାରି ନାହିଁ ଅବଶ୍ୟ । ନିଜ ବୁଦ୍ଧିବଳରେ ସେ କେତେ ଗ୍ରାଜୁଏଟ୍ ଚାକର ରଖିଛନ୍ତି । ପରୀକ୍ଷା ହିସାବରେ ତାଙ୍କର ସମକକ୍ଷ ଲୋକେ କମ୍ ଅଛନ୍ତି । ତାଙ୍କର ଆଉ ଗୋଟିଏ ସଦ୍‌ଗୁଣ ହେଉଛି ଯେ ସେ ଉପଯୁକ୍ତ ବ୍ୟବହାର ଦେଖାଇ ପାରନ୍ତି । ମୁଁ ଡିଗ୍ରୀପରୀକ୍ଷା ଦେଇ ଫେରିଥାଏ । ମୋର ପରୀକ୍ଷା ଫଳ ବାହାରି ନ ଥାଏ ମାତ୍ର ମୋର ଆଶା ଥାଏ ନିଶ୍ଚିତ । ଏହିପରି ସମୟରେ ମୋ ଅଜାଙ୍କୁ ଡାକ୍ତରଙ୍କ ପରାମର୍ଶ କରିବା ନିମନ୍ତେ କଟକକୁ ଆଣିବାକୁ ପଡ଼ିଲା । ଆମେ ଆସି ହବବାବୁଙ୍କ ଆତିଥ୍ୟ ଗ୍ରହଣ କଲୁ । ମୋ ଅଜା ଜଣେ ସେ କାଳର ପଣ୍ଡିତ—କାବ୍ୟବିଶାରଦ । ଅଳ୍ପର ବ୍ୟବହାରରେ ତାଙ୍କଠାରୁ ଅନେକ କିଛି ଶିଖିବାର ଅଛି । ସେ ହବବାବୁଙ୍କ ସଙ୍ଗେ

କଥୋପକଥନ କଲାବେଳେ ମୋତେ ପ୍ରତ୍ୟେକରେ ବିକବାବୁଙ୍କ-ଠାରୁ ନିକୃଷ୍ଟ ବୋଲି ପ୍ରତିପାଦନ କରୁଥାନ୍ତି । ମାତ୍ର ସେତେବେଳକୁ ଜଗତରେ ପଇସାର ମାହାତ୍ମ୍ୟ ମୋତେ ସମ୍ପୂର୍ଣ୍ଣ ଜଣା ନ ଥାଏ । ମୁଁ ଭାବୁଥାଏ ମୁଁ ଗ୍ରାଜୁଏଟ୍, ଏ ତ ଅଣ୍ଡର ଗ୍ରାଜୁଏଟ୍ । ଅଜା ମୋତେ ଅପମାନିତ କରୁଛନ୍ତି ନିଶ୍ଚୟ । ମାତ୍ର ମୁଁ କୁଆଡିଏ ଦିନରୁ ତାଙ୍କ ଅନ୍ନରେ ପ୍ରତିପାଳିତ ହୋଇଥିବାରୁ ସବୁ ସହି ସମ୍ଭାଳି ଯାଉଥାଏ । ମୁଁ ବିଶେଷତଃ ଆଉ ଗୋଟାଏ କଥା ଲକ୍ଷ୍ୟକଲି । ସ୍ଥଳ ବିଶେଷରେ ଅଜାଙ୍କଠାରୁ ବିକବାବୁ ଉତ୍କୃଷ୍ଟ ବୋଲି ମଧ୍ୟ ଅଜା ପ୍ରତିପାଦିତ କରୁଥାନ୍ତି । ମାତ୍ର ତାଙ୍କର ସେ ପ୍ରକାର ଆଚରଣ ମୋର ସେତେ-ବେଳେ ପସନ୍ଦ ହେଉ ନ ଥାଏ । ମୋତେ ବେଶୀ କଷ୍ଟ ବୋଧ ହେଲା, ଯେତେବେଳେ ମୋର ଗୋଟିଏ ଲେଖା ଅଜା ବିକବାବୁଙ୍କୁ ସଂଶୋଧନ କରିବାକୁ ଦେଲେ । ମୁଁ ବଡ଼ କ୍ଷୁବ୍ଧ ହେଉଥାଏ । ଅଜା ନିଜେ ସଂସ୍କୃତ ପଣ୍ଡିତ, ମୁଁ ଗ୍ରାଜୁଏଟ୍, ତଥାପି ସାମାନ୍ୟ ସାମାନ୍ୟ କଥାରେ ବିକବାବୁଙ୍କ ସଙ୍ଗେ ପରାମର୍ଶ ! ପୁଣି ବିକବାବୁ ଯାହା ସମାଧାନ ଦେବେ ତାହା ବେଦର ଗାର ପରି ମାନିଯିବାକୁ ମୁଁ ମୋଟେ ପସନ୍ଦ କରି ପାରୁ ନ ଥାଏ ।

କଟକର କାମ ଶେଷ କରି ଯେତେବେଳେ ଘରକୁ ଫେରିଲୁ, ସେତେବେଳେ ଅଜାଙ୍କ ବରୁଷରେ ଆଈ ଆଗରେ ନାଲିସ୍ କାଢ଼ିଲି । କାରଣ ଅଜାଙ୍କୁ କୌଣସି କଥା କହିବାକୁ ମୋର କୌଣସି ଦିନ ସାହସ କୁଳାଏ ନାହିଁ । କଥା ଅଜାଙ୍କ କାନକୁ ଗଲାରୁ, ଅଜା ମୋତେ ଡାକି କରି କହିଲେ, "ଆରେ ତୁ ମୋ ବ୍ୟବହାରରେ କ୍ଷୁବ୍ଧ ହୋଇଥିବା କଥା ମୁଁ କଟକରେ ହିଁ ଅନୁମାନ କରିଥିଲି । ତୁ ମୋତେ ବୁଝିପାରିଲୁ ନାହିଁ । ବିକବାବୁ ତାଙ୍କର ଜୀବନସାରା ବହୁ ଲୋକଙ୍କ ମେଳରେ ଚଳି ଆସିଛନ୍ତି । ସାଂସାରିକ ଅଭିଜ୍ଞ-

ବୁଦ୍ଧିରେ ସେ ଯେ ଆମଠାରୁ ଢେର ଉନ୍ନତ, ଏହା ଆମକୁ ମାନିବାକୁ ହିଁ ପଡ଼ିବ । ଆମେ ତାଙ୍କର ଆତିଥ୍ୟ ସ୍ୱୀକାର କରିଥାଉଁ । ତାଙ୍କର କଥା ମନୋଯୋଗ ସହିତ ଶୁଣିଲେ, ତାଙ୍କର ଉପଦେଶ ପ୍ରତିକଥାରେ ପାଳିଲେ, ଆମର କ୍ଷତି ନାହିଁ, ବରଂ ଆମ ଆତିଥ୍ୟ ତାଙ୍କୁ ଚିରକାଳ ଆନନ୍ଦ ହିଁ ଦେବ । ଚୋର ଯଦିଏ ଅନୁଭୂତ ହୋଇଗଲେ ତୁ ବୁଝିପାରିବୁ ଯେ ମୁଁ ଯାହା କହିଛି ବା କରିଛି, ସବୁ ଠିକ୍ । ବାସ୍ତବରେ, ଯଦ୍ଧୁଁ ମୁଁ ଉନ୍ନ ଧନ ବଡ଼ ହୋଇଛି, ବୁଝିପାରୁଛି ଯେ ପ୍ରଜା ହିଁ ଠିକ୍ ଏବଂ ମୁଁ ହିଁ ଭୁଲ୍ ।

ଆଠଗଡ଼ର ରାଜ ଦରବାର । ବହୁ ଦର୍ଶକ, ସୁବକ୍ତା ପଣ୍ଡିତ-ମଣ୍ଡଳୀରେ ରାଜ ଦରବାର ଜମି ଉଠିଥାଏ । ସଭାପତି ଥାନ୍ତି ରାଜ-ପଣ୍ଡିତ ଶ୍ରୀ ସଦାଶିବ ମିଶ୍ର । ମୁଖ୍ୟ ବକ୍ତା ଥାନ୍ତି ବଡ଼ମ୍ବାର ରାଜପଣ୍ଡିତ ଶ୍ରୀ ଜଗନ୍ନାଥ ରଥ ଶର୍ମା । ଆଜି ଯେଉଁ ଶ୍ରୀ ଜୟକୃଷ୍ଣ ମିଶ୍ର ରେଭେନ୍ସା କଲେଜର [illegible] ପ୍ରଫେସର ସେ ମଧ୍ୟ ସେ ସଭାରେ ଉପସ୍ଥିତ ଥାନ୍ତି । ବି.ଏ.ପରୀକ୍ଷାରେ ପାସ୍ କରି ସେ ଆଠଗଡ଼ ହାଇସ୍କୁଲରେ ସେତେବେଳକୁ ଶିକ୍ଷକତା କରୁଥାନ୍ତି । "ମାନବର ଉଦ୍ଦେଶ୍ୟ" ଉପରେ ଜଗନ୍ନାଥ ପଣ୍ଡିତେ ଅନର୍ଗଳ ଗପି ଚାଲିଥାନ୍ତି । ଶ୍ରୋତୃବର୍ଗ ମନ୍ତ୍ରମୁଗ୍ଧ ପରି ଶୁଣି ଯାଉଥାନ୍ତି । କଥାରେ ତାଙ୍କର ବାଟ୍ଲି ବାଜୁ ନ ଥାଏ । କହୁ କହୁ ପଣ୍ଡିତ ମହାଶୟ କହିଲେ, "ମନୁସ୍ମୃତିର ଦ୍ୱାଦଶ ପରିଚ୍ଛେଦ ଚୋଶୀତମ ଶ୍ଳୋକରେ ଲେଖାଅଛି :—

ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମଂ
ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତ୍ତୁମବ୍ୟୟଂ ।

ସଙ୍ଗେ ସଙ୍ଗେ ଶ୍ରୀ ଜୟକୃଷ୍ଣ ମିଶ୍ରେ ଉଠି କହିଲେ, "କ୍ଷମା କରିବେ, ପଣ୍ଡିତ ମହାଶୟ ! ଏହା ମନୁସ୍ମୃତିରେ ନାହିଁ ଯେ ଗୀତାରେ

ଅଛୁ । ବର୍ତ୍ତମାନ୍ ବନାପୁର ପଣ୍ଡିତଙ୍କ ମତ ନେଉଥା ଯାଉ ।" ପଣ୍ଡିତେ କହିଲେ, ଆପଣ ଉପଯୁକ୍ତ ବ୍ୟକ୍ତିଙ୍କ ମତ ନେଉଛନ୍ତି— ତାଙ୍କର ଗୀତା ଉପନିଷଦ୍ ପ୍ରଭୃତିରେ ଅଗାଧ ପାଣ୍ଡିତ୍ୟ । ସେ କିଛି କୁହନ୍ତୁ । ବନାପୁର ପଣ୍ଡିତେ ଧୀର ବିନମ୍ର ସ୍ୱରରେ କହିଲେ, "ମୋର ମନେହୁଏ, ଜଗନ୍ନାଥ ପଣ୍ଡିତେ ହିଁ ଠିକ୍ କହୁଛନ୍ତି । ମୋର ଆଶଙ୍କା ଜଗବନ୍ଧୁଙ୍କର ଧାରଣା ଟିକଏ ଭ୍ରମାତ୍ମକ ।" ଏକଥା ଶୁଣି ଅଧୁନା ପ୍ରଫେସରଙ୍କ ମୁଣ୍ଡରେ ସତେ କି ଆକାଶ ଛିଣ୍ଡି ପଡ଼ିଲା । କାରଣ ବନାପୁର ପଣ୍ଡିତେ ତାଙ୍କର 'ଦଦେଇ' ହୁଅନ୍ତି । ସେ, ସେଇ ବନାପୁର ପଣ୍ଡିତେ ଯାହାଙ୍କର 'ପଞ୍ଚବାଣ ବାଣି କଞ୍ଚନାରେ' ଗୀତ ଶୁଣି ଏବେ ମଧ୍ୟ ରସିକ ମନରେ ପୁଲକ ସଂଚାର କରେ ।

କ୍ରମଶଃ ସଭା ସାଙ୍ଗ ହେଲା । ଯେଝାର ଯେ ଯେଝା ଘରକୁ ଫେରିଲେ । ବାଟରେ ଜଗୁବାବୁ ଦଦେଇଙ୍କୁ ପଚାରିଲେ, 'ଆପଣଙ୍କର ଠିକ୍ ମନେ ଅଛି ଯେ ଶ୍ଲୋକଟା ଗୀତାରେ ନାହିଁ ଉପନିଷଦରେ ଅଛି ବୋଲି ?" ବନାପୁର ପଣ୍ଡିତେ ସାଥେ ସାଥେ ଉତ୍ତର ଦେଲେ, "ହଁ ଜଗୁବନ୍ଧୁ ! ମୋର ଭଲ କରି ମନେ ଅଛି ଯେ ସେ ଶ୍ଲୋକଟା ଗୀତାର ୯ମ ଅଧ୍ୟାୟର ୨ୟ ଶ୍ଲୋକ । ମାତ୍ର ତମେ ବୁଝୁ ନା । ଆମେ ଗୋଟିଏ ସଭାସଦକୁ ନିମନ୍ତ୍ରିତ ହୋଇଥାଇଁ । କାହିଁକି ଜଣେ ନିମନ୍ତ୍ରିତ ପଣ୍ଡିତଙ୍କୁ କହିବା ଯେ ତାଙ୍କର ଭୁଲ ବୋଲି ? ଅଚ୍ଛା, ତାହା ହିଁ ଯଦି ମୁଁ କହିଥାନ୍ତି, ସେ ତୁମକୁ ଭଲପାଇ ବସିଥାନ୍ତେ କି ? ସେ ତ ତୁମର ମତାମତ ନେଇ ନ ଥିଲେ । ସେ କହି-ନଥିବା ଅବସ୍ଥାରେ ତୁମେ ଉପରେ ପଡ଼ି ଭୁଲ ସଂଶୋଧନ କରି ଦେଇଥିଲ । ସେ ଅପ୍ରତ୍ୟାଶିତ ପ୍ରତିବାଦତା ପାଇଁ ପ୍ରସ୍ତୁତ ନ ଥିଲେ । ତୁମେ କ୍ରମଶଃ ତୁମ ଦୁହିଁଙ୍କର ଅନ୍ତରଙ୍ଗତା ଦୂରରୁ ଦୂରତର କରି ଦେଇଥିଲ ପିବା ।"

ପ୍ରଫେସର ଆପଣେ ସେ ଦିନୁଁ କଥାଟିକୁ ମନେରଖିଛନ୍ତି । ସେଥିପାଇଁ ସେ ଯୁକ୍ତିତର୍କରେ ବିଶେଷ ଭାଗ ନେଉଥିବା ପରିଲକ୍ଷିତ ହେଉ ନାହିଁ । ସ୍ଥାନବିଶେଷରେ ପ୍ରତିଦ୍ୱନ୍ଦ୍ୱିତା ଏପରି ବଢ଼ିଯାଏ ଯେ ଉତ୍ତାଳ ସାଗର ବିଷଅଗ୍ନିର ଦାହ କମ୍ ବୋଧ ହୋଇଥାଏ । ତେବେ, ସ୍କୁଲ ଜୀବନର ବକ୍ତୃତା ପ୍ରତିଯୋଗିତା ଏବଂ ସାଂସାରିକ ଜୀବନର ପ୍ରତିଯୋଗିତା ମଧ୍ୟରେ ଆକାଶ ପାତାଳ ଫରକ ।

ପ୍ରକୃତ ପକ୍ଷରେ ଶତକଡ଼ା ୯୦ ଯୁକ୍ତିର ପରିଣାମ କ'ଣ ହୁଏ, ତାହା ନିରପେକ୍ଷ ଦୃଷ୍ଟିରେ କେବେ ବିବେଚନା କରିଛନ୍ତି ? ଯୁକ୍ତି ପ୍ରତିଯୁକ୍ତି ଖଣ୍ଡଣରୁ ଖଣ୍ଡଣରେ ହୋଇ ଉଠିଲା ବେଳେ, ବାଦ ପ୍ରତିବାଦୀ ନିଜ ନିଜର ମତକୁ ଆହୁରି ଜୋରରେ ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତି । ଫଳରେ କୌଣସି ଯୁକ୍ତିତର୍କରେ ଜିତିବା ଅସମ୍ଭବ ହୋଇ ଉଠେ । ବରଂ ଯିଏ ଯେଉଁ ମତ ପୋଷଣ କରନ୍ତି, ତାହା ଦୃଢ଼ରୁ ଦୃଢ଼ତର ହୋଇ ମନରେ ଲାଗିଯାଏ ଯିବା, ବଦଳିବାର ସମ୍ଭାବନା ସମ୍ପୂର୍ଣ୍ଣ ଲୁପ୍ତ ହୋଇଯାଏ । ଫଳାଫଳ ବିଚାର କଲେ ବୁଝି ପାରିବେ ଯେ ଆପଣ ଜିତିଲେ ବି ହାରିଲେ, ହାରିଲେ ବି ହାରିଲେ । କାରଣ, ଧରନ୍ତୁ ଆପଣ ଜିତିଲେ । କ୍ଷଣିକ ବିଜୟ ଗର୍ବରେ ଆପଣଙ୍କ ଗ୍ରୀବା ଫୁଲି ଉଠିବ ସତ, ମାତ୍ର ହାରିଥିବା ବ୍ୟକ୍ତିଙ୍କ ମାନସିକ ବୃତ୍ତି ଉପରେ ଟିକିଏ ଦୃଷ୍ଟି ପକାନ୍ତୁ । ସେ ଏପରି ଅନୁଭବ କରିବେ ଯେ ଆପଣ ତାଙ୍କୁ ନିମନ୍ତ୍ରଣ କଲେ ମଧ୍ୟ, ସେ ନିମନ୍ତ୍ରଣ ରକ୍ଷା କରିବାକୁ ଅପମାନ ମନେ କରିବେ । ମାତ୍ର ଆପଣ ହାରିଗଲେ, ତାଙ୍କୁ ନିମନ୍ତ୍ରଣ କରନ୍ତୁ, ଆଶ୍ଚର୍ଯ୍ୟଜନକ ଫଳ ନିଶ୍ଚୟ ପାଇବେ । ସେ ଆପଣଙ୍କୁ ହୃଦୟ ପେଟର ଲୋକ ଅନୁଭବ କରୁଥିବେ, ତେବେ

ଆପଣଙ୍କ ବନ୍ଧୁତ୍ୱ ଆହ୍ୱାନରେ ସେ ଏତେ ଦୂର ପ୍ରୀତ ହୋଇ ଉଠିବେ ଯେ, ତାଙ୍କର ସେତେବେଳେ ଅଜେୟ ହୋଇ ବଞ୍ଚି ରହିବା କଷ୍ଟକର ହୋଇପାରେ ।

କୌଣସି ଯୁକ୍ତିତର୍କରେ ଆମେ ହୁଏତ ଠିକ୍, ମାତ୍ର ଅନ୍ୟର ଭ୍ରମ ସଂଶୋଧନ କରିବା ପାଇଁ ଆମେ ନିତାନ୍ତ ଅନୁପଯୁକ୍ତ । କାରଣ—

ନିଜର ବିଶ୍ୱାସ ପ୍ରତି ଆସ୍ଥା ଅଛି ଯା'ର
କି ହେବ ବୁଝାଇ ଆମ୍ଭେ କହିଲେ ହଜାର ?

ଏହା ମନେ ରଖିବେ କି ? ଭବିଷ୍ୟତରେ ହୁଏତ ଦରକାରରେ ଆସିପାରେ । ମୋ ଅନୁଭୂତିରେ ଏହା ନସ୍ଟ ଭାବେ ସ୍ଥିର ନ ହୋଇ ଯାଇଥିଲେ, ମୁଁ ଅବଶ୍ୟ ଆପଣଙ୍କୁ ଏତେଟା ଅନୁନୟ କରନ୍ତି ନାହିଁ । ବାସ୍ତବିକ୍ ସଂସାରରେ ଗାଢଭାନବାଦ କରୁ କରୁ ଅନେକ ପରିସ୍ଥିତି ଉପୁଜେ ଯହିଁରେ ଆମେ ଯୁକ୍ତିତର୍କ କରି କ୍ଷତିଗ୍ରସ୍ତ ହୁଉଁ ଏବଂ ଯୁକ୍ତିତର୍କ ନ କଲେ ଆର୍ଥିକ ଲାଭ ମଧ୍ୟ ହୋଇଥାଏ । ଗୋଟିଏ ଘଟଣା କଥା ମୁଁ କହିବି ।

ମୋ ବାପା ଥରେ ଦାୟରେ ପଡ଼ି ସାହୁକାରଙ୍କଠୁ ଋଣ କରିଥିଲେ । ଋଣ କରିବା ପରେ ପରେ ଆମ ଆର୍ଥିକ ଅବସ୍ଥା ସ୍ୱାଭାବିକ କାରଣ ବଶତଃ ଅଧିକ ଖରାପ ହେବାକୁ ଲାଗିଲା । ବହୁବର୍ଷଯାଏ ଏ ଋଣ ପରିଶୋଧ ହୋଇ ପାରିଲା ନାହିଁ । ସୁଧ ବଢ଼ିଯିବାକୁ ଲାଗିଲା । ପ୍ରଥମେ ପ୍ରଥମେ ଋଣ ପରିଶୋଧ କରିଦେବାକୁ ତାଗିଦା ଯେତେ ଜୋରରେ ଆସୁଥିଲା, ଏବେ ତାଗିଦାର ଗତି ଦ୍ରୁତ୍ କ୍ଷିପ୍ରତର ହେବାକୁ ଲାଗିଲା । ସେତେବେଳକୁ ହିସାବରେ ଋଣର ପରିମାଣ ସୁଧର ପରିମାଣ ସହିତ ପ୍ରାୟ ସମାନ ହୋଇ ଯାଇଥାଏ ।

ଅଧୁନା ଏସ୍. ଡ଼ି. ଓ. ଶ୍ରୀ ସଚ୍ଚିଦାନନ୍ଦ ରଥ ଆମର ସେତେବେଳକୁ ଅଞ୍ଚଳଅଧିକାରୀ । ଯେଉଁ ସର୍ତ୍ତରେ ଋଣ କରାଯାଇଥିଲା, ସେ ସର୍ତ୍ତ ଏପରି ଥିଲା ଯେ, ଅଞ୍ଚଳଅଧିକାରୀ ଇଚ୍ଛା କଲେ ସବୁତକ ସୁଧ ନଜ ଦେବାକୁ ଆଜ୍ଞା ନ ଆଣି ଗୁଣ୍ଡ କରିଦେଇ ପାରନ୍ତି । ନନା ପ୍ରଥମ ଥର ତାଇଁ ଯାଇ ଯେତେବେଳେ ସଚ୍ଚିବାବୁଙ୍କୁ ଦେଖାକଲେ ସେ ଟିକଏ ରୁକ୍ଷ ସ୍ୱରରେ କହିଲେ, "ଆପଣଙ୍କୁ ବାରମ୍ବାର ଖବର ପଠାଇଲେ, ଡକାଇ ପଠାଇଲେ ଆପଣଙ୍କ ସାକ୍ଷାତ ଟିକଏ ମିଳୁ ନାହିଁ । ସରକାର ଋଣ ନେଇଥିଲେ ଯେ ସୁଧ ମୂଳକୁ ବଳି ହେଲାଣି । ଆପଣ ଆଉ କଅଣ କହୁଛନ୍ତି, ଶୀଘ୍ର ପରିଶୋଧ କରିବେ ନା ସରକାର ପ୍ରତିକାରର ବନ୍ଦୋବସ୍ତ ମୋତେ କରିବାକୁ ହେବ ? ଆପଣ ମୋ ଦାୟିତ୍ୱ ଟିକଏ ବୁଝିବେଲେ !" ନନା ଏହା ଶୁଣି ନୀରବ ରହିଲେ । ସଚ୍ଚିବାବୁ ହୁଏତ ନନାଙ୍କଠାରୁ କୌଣସି ଯୁକ୍ତି ଶୁଣିବାକୁ ଆଶା କରିଥିଲେ ମାତ୍ର ନନା ନୀରବ ରହିବାରୁ ସେ ପୁଣି କହିଲେ, "ଦେଖନ୍ତୁ, ଆପଣ ଏକାଥରେ ସମସ୍ତଟା ପରିଶୋଧ କରି ନ ପାରିବେ ତ ମୁଁ ଆପଣଙ୍କୁ ଦୁଇ କିସ୍ତି କରି ଦେଉଛି । ଆପଣ କିସ୍ତି-ଓ୍ୟାରୀ ହେଲେ ପରିଶୋଧ କରି ମୋତେ ଏ ଦାୟରୁ ମୁକ୍ତ କରନ୍ତୁ । ମୁଁ କେଉଁ ପରିସ୍ଥିତିରେ ପଡ଼ି ଆପଣଙ୍କୁ ବାରମ୍ବାର ତାଗିଦା କରୁଛି —ବୁଝିପାରୁଛନ୍ତି ତ ?" ନନା କହିଲେ, "ମୁଁ ତ ଠିକ୍ ସେଇ କଥା ହିଁ ଆପଣଙ୍କୁ ଅନୁରୋଧ କରୁଛି । ଆପଣ ଯଦି ଆପଣଙ୍କୁ ମୋ ସ୍ଥାନରେ ବିବେଚନା କରନ୍ତେ, ତାହେଲେ ଯାହା କହୁଛନ୍ତେ ତାହା ଯଥାର୍ଥ ବୋଲି ଜାଣନ୍ତେ ଏବଂ ତା ସଂଗେ ପୁଣି ମହଲରେ ପ୍ରାର୍ଥନା ହୁଏତ କରି ବସନ୍ତେ ।" ସଚ୍ଚିବାବୁ ଟିକଏ ହସିଲେ, ତା ପରେ କହିଲେ, "ମୁଁ ଆଉ ଆପଣଙ୍କୁ କିମିତି ସାହାଯ୍ୟ କରିପାରିବ ଜାଣିପାରୁ ନାହିଁ । ଅଚ୍ଛା, ଆପଣ କେଉଁ ସୂତ୍ରରେ ଧାର ନେଇଥିଲେ

ମୁଁ ଦେଖିବି । ଆପଣ ଦୟାକରି ଯାହା ପାରୁଛନ୍ତି, ଯୋଗାଡ଼ କରି କିଛି ଏକ ବାଦେ ଆସନ୍ତୁ ।"

ଏହାର ପ୍ରାୟ ମାସକ ପରେ ନନା କିଛି ଟଙ୍କା ଯୋଗାଡ଼ କରି ନେଇକରି ଗଲେ । ନନା ବାକ୍ୟବ୍ୟୟରେ ସଚ୍ଚିବାବୁ ଆକାଉଣ୍ଟାଣ୍ଟଙ୍କୁ ଟଙ୍କା ଗଣିନେବାକୁ ହୁକୁମ୍ ଦେଲେ । ସଚ୍ଚିବାବୁ ଟଙ୍କାର ପରିମାଣ କେତେ ନ ବୁଝି ନନାଙ୍କ ବଣ୍ଡ୍ କାଗଜଟି ଆଣି ଫେରାଇ ଦେଲେ ।

ଏଇ ଅନୁଭୂତ ପରେ ନନା ସଚ୍ଚିବାବୁଙ୍କ ପ୍ରଶଂସାରେ ଯେ ଖାଲି ଶତମୁଖ ହୋଇ ଉଠିଲେ ସେତିକି ନୁହେଁ, ବରଂ ମୋତେ କୌଣସି କ୍ଷେତ୍ରରେ ସୁଧ ନ କରିବାକୁ ଆଜସୁଦ୍ଧା ବାରମ୍ବାର ଉପଦେଶ ଦେଉଛନ୍ତି ।

ଆଜି ନନାଙ୍କର ସେଇ ଉପଦେଶଟା ମୋ ମାଧ୍ୟମରେ ଆପଣଙ୍କ ପାଖକୁ ଯିବାକୁ ମୋତେ ହୁକୁମ ଦଅନ୍ତି । ଆପଣ ଜାଣନ୍ତି କୁକୁର କାମୁଡ଼େ । ଆପଣ ତାକୁ ପଚ୍ଛରେ ମାରି ଦଅନ୍ତି ମାତ୍ର ସେ କେବେ କାମୁଡ଼ା ଛୋଡ଼ ଛାଡ଼ ପାରିବ କି ? ଏହା ଜାଣି ତାକୁ ବାଡ଼ ଭାଙ୍ଗି ବୁଲାଇବା ଉଚିତ ନା ଆପଣ ଗୃହସ୍ୱାମୀର ମଙ୍ଗଳାକାଂକ୍ଷୀ ବୋଲି ତାକୁ ଧରାଇ ବୁଲାଇବା ଠିକ୍ ହେବ । ବର୍ତ୍ତମାନ ଆପଣ ହିଁ ବିବେଚନା କରନ୍ତୁ । ବୁଝିପାରୁଛନ୍ତି ତ ମୋର କହିବା ଉଦ୍ଦେଶ୍ୟ ?

Men must be taught
As if you taught them not,
And things unknown proposed
As things forgot.

ଅର୍ଥାତ୍ ଲୋକଙ୍କୁ ଏପରି ଶିଖାଇବା ଉଚିତ୍ ଯେପରି ସେମାନେ ଶିଖିଲେ ବୋଲି ଜାଣି ପାରିବେ ନାହିଁ ଏବଂ ତାଙ୍କୁ ଅଜ୍ଞାତ ଥିବା ବିଷୟକୁ ଏପରି ଆଲୋଚନା କରିବା ଆବଶ୍ୟକ, ଯେପରି ସେମାନେ ସେମାନଙ୍କ ଅଜ୍ଞତାକୁ ଭୁଲିଯିବେ ।

ଉକ୍ତିଟି କହିବା ଯେତିକି ସହଜ, କରିବା ବରଂ ତାଠାରୁ ଅଧିକ ସହଜ । କେବଳ ଗୋଟାଏ କଥା ମନେ ରଖିବାକୁ ପଡ଼ିବ । ଧରନ୍ତୁ ଆପଣ କୌଣସି ଖେଳ, ରଙ୍ଗରହସ୍ୟ, ନାଚତାମସା ଦେଖିବାକୁ ଗୋଟାଏ ସ୍ଥାନକୁ ଯିବାକୁ ଚାହୁଁଛନ୍ତି । ସେଠି ପ୍ରଥମେ ବକ୍ତା ଉଠି କହିବେ, "ଦେଖନ୍ତୁ, ଆପଣମାନେ ଏଠି ଏତେଗୁଡ଼ିଏ ଲୋକ ଜମା ହୋଇଛନ୍ତି, ମାତ୍ର ଜ୍ଞାନର ବାହାଦୁରି ଏପରି ଯେ କେଇପଦ କଥାରେ ମୁଁ ଆପଣମାନଙ୍କ ମତ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେବି ।" ଅନ୍ୟ ଗୋଟିଏ ଦଳର ପ୍ରଥମ ବକ୍ତା ଯାଇ କହନ୍ତି, "ଭଦ୍ରବ୍ୟକ୍ତି ମଣ୍ଡଳ ! ଆପଣମାନେ ଏତେ ସଂଖ୍ୟାରେ ଜମାହୋଇ ମୋତେ ବଡ଼ ଭାଗ୍ୟବାନ୍ କରିଛନ୍ତି । ସମସ୍ତଙ୍କୁ ସନ୍ତୁଷ୍ଟ କରିପାରି ବିଦ୍ୟାବୁଦ୍ଧି ମୋର ଥିବାପରି ବିଶ୍ୱାସ ନୁହେଁ । ଆଶାକରେ, ଆପଣ-ମାନଙ୍କ ସାହଚର୍ଯ୍ୟରେ ମୋର ଯଦି କେଉଁଠି ମତଭେଦ ଥାଏ, ତାହା ପରିବର୍ତ୍ତିତ ହୋଇଯିବ । ମୋ ତ୍ରୁଟୀ କ୍ଷମା କରିବେ, ଏହା ହିଁ ଧରିନେଇ ମୁଁ କାର୍ଯ୍ୟାରମ୍ଭ କରେଁ ।"

ବର୍ତ୍ତମାନ୍ ଆପଣମାନେ ମନକୁ ମନ ବିବେଚନା କରନ୍ତୁ । ଏ ଦୁଇଟି ବକ୍ତାଙ୍କର କଥା ଆପଣମାନେ ଶୁଣିଲେ । ଯଦି ଟିକଟ୍ କାଟି ସେମାନଙ୍କ ବକ୍ତା ବା ତାମସା ଦେଖିବାକୁ ପଡ଼େ, ତା ହେଲେ ଆପଣ କେଉଁ ବ୍ୟକ୍ତିଙ୍କ ପାଖକୁ ଯିବେ ?

ଏତିକି କହିଲେ ଯଥେଷ୍ଟ ହେବ ଯେ, ଆପଣ ହଠାତ୍ କାହାକୁ 'ଆପଣଙ୍କର ଭୁଲ୍' ବୋଲି କହି ଦେବେ ତ, ସବୁ ବିଗିଡ଼ି ଯିବ । ଆପଣ ଏହା କହିଦେବା ଅର୍ଥ କଅଣ ହେବ ଜାଣିଛନ୍ତି ? ଆପଣ ଯାହାଙ୍କୁ କହିବେ ତାଙ୍କର ମନେ ହେବ ସେ ଆପଣଙ୍କଠାରୁ ଗୋଟିଏ ଧକ୍କା ଖାଇଲାପରି । ତାଙ୍କର ବୁଦ୍ଧିବୃତ୍ତି, ତାଙ୍କ ବିଚାର, ତାଙ୍କର ଗର୍ବ, ତାଙ୍କର ଆତ୍ମସମ୍ମାନ ସବୁ ମୁହୂର୍ତ୍ତକେ ଚୂନା ହୋଇଯିବ । ତାଙ୍କର ଇଚ୍ଛା ହେବ ଓଲଟି ଆପଣଙ୍କୁ ଚାପୁଡ଼ାଏ ଲଗାଇବାକୁ । ତେଣୁ ଆମର କର୍ତ୍ତବ୍ୟ ଅଟେ ଏମିତି ପଦୁଟିଏ କହିବା ଯେମିତି ଶ୍ରୋତାଙ୍କ ହୃଦୟରୁ ସ୍ୱୟଂ ସ୍ୱୟଂ ସ୍ନେହ ସହାନୁଭୂତି ଜାଗିଉଠେ । ଏହା କାର୍ଯ୍ୟରେ ପରିଣତ କରିବା ଯେତେ କଷ୍ଟକର ବୋଧ ହେଲେ ମଧ୍ୟ, ଶୁଦ୍ଧ ଅନ୍ତଃକରଣ ଥିଲେ, କାର୍ଯ୍ୟଟା ନିତାନ୍ତ ସୁଲଭ ବୋଧ ହେବ । ପାର୍ଲାମେଣ୍ଟର ସଭ୍ୟ, ସମାଜ କାଗଜର ସମ୍ପାଦକ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ବାପେ ତାଙ୍କୁ ସବୁବେଳେ ଉପଦେଶ ଦିଅନ୍ତି । ଉପଦେଶଟିର ପ୍ରକାଶ ଶଢ ୧୭।୧୫ ଭିତରେ । ମାତ୍ର ତହିଁରେ ଏତିକି ଅର୍ଥ ଲୁଚି ହୋଇ ରହିଛି ଯେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସେ କହୁଥିଲେ, "ପୁଅ ରେ ! ପାରିବୁ ତ ଅନ୍ୟମାନଙ୍କଠାରୁ ବିଚକ୍ଷଣ ହେବୁ, ମାତ୍ର ଅନ୍ୟମାନଙ୍କୁ ସେକଥା କେବେ-ହେଲେ କହିବୁ ନାହିଁ ଟି !"

ଆପଣମାନେ ହୁଏତ ମନେ ମନେ ଭାବୁଥିବେ ଯେ ଅନ୍ୟର ମନର ଭାବନାକୁ ପରିବର୍ତ୍ତନ କରିବା ନିତାନ୍ତ କଷ୍ଟକର ବ୍ୟାପାର । ମାତ୍ର ଆପଣ ନିମ୍ନପ୍ରକାରେ ଆରମ୍ଭ କରି ଥରେ ଦେଖନ୍ତୁ ଫଳ କିପରି ଫଳୁଛି । ଏହିପରି ଆରମ୍ଭ କରନ୍ତୁ ।

"ଆପଣ ଯାହା କହିବେ ତାହା ଠିକ୍ ବା ସତ ହୋଇପାରେ, ମାତ୍ର ମୋର ଭାବନାର ଗତି ଏକ ପ୍ରକାରର । ମୋର ଧାରଣା

ଭୁଲ ବି ହୋଇପାରେ । ସାଧାରଣତଃ ମୁଁ କିଛି ବିଶେଷ ପରିମାଣରେ ଭୁଲ କରେ । ଦୟାକରି ମୋ ଭୁଲ ସଂଶୋଧନ କରିବାରେ ଆପଣ ଯେ ମୋତେ ସାହାଯ୍ୟ କରିବେ, ଏ ଆଶା ମୋର ଅବଶ୍ୟ ଅଛି । ଟିକିଏ ମନ ଦେଇ ଶୁଣିବେ କି ? ଏଇଠିକି ଯାହା କୁହାଗଲା ତାର ଅର୍ଥ କଅଣ ଜାଣିଛନ୍ତି ? ପ୍ରଥମେ କହିଲେ 'ଆପଣଙ୍କ କଥା ସତ ହୋଇ ପାରେ' । ଦ୍ୱିତୀୟରେ 'କହିଲେ ମୋର ସାଧାରଣତଃ ଭୁଲ୍ ହୋଇଥାଏ, । ତୃତୀୟରେ କହିଲେ, 'ମୁଁ ଆପଣମାନଙ୍କ ସାହାଯ୍ୟ ନେଉଛି ।' ତେଣିକି ଆପଣ ଯାହା କୁହନ୍ତୁ ନା କାହିଁକି ଶ୍ରୋତା ଆଉ ଯୁକ୍ତି ବାଢ଼ିବାକୁ ଇଚ୍ଛା କରିବେ ନାହିଁ । ଆପଣଙ୍କ କଥା ଶୁଣୁ ନ ଶୁଣୁ ଭାବିବେ ଯେ, ଶ୍ରୋତା ଚାହିଁଲେ ଅତି ସହଜରେ ଆପଣଙ୍କୁ ତାଙ୍କ ମତରେ ପରିଣତ କରିପାରିବେ । କାରଣ ଆରମ୍ଭରୁ ତାଙ୍କ ସାହାଯ୍ୟକୁ ସ୍ୱାଗତ କରାଯାଉଛି । ଶ୍ରୋତାଙ୍କ ମନରେ ଏପରି କୋମଳ ଅବସ୍ଥା ଆସିଗଲେ ସ୍ୱତଃ ତାଙ୍କ ମନରେ ଗୋଟାଏ ସନ୍ଦେହ ଉଙ୍କି ମାରିବ । 'ମୋର ବି ତ ଭୁଲ୍ ହୋଇ ପାରିଥାଏ' ।"

ପ୍ରତ୍ୟେକର ଭୁଲ୍ ହେବା ସମ୍ଭାବନା ଅଛି । ଧୈର୍ଯ୍ୟର ସହିତ ଆଉ ଅପେକ୍ଷା କଲେ, କାଳକ୍ର ହୁଏତ ବ୍ୟକ୍ତି ତାର ଭୁଲ ଧରିପାରିବ । ପୋଲସରର ଶ୍ରୀ ମଧୁସୂଦନ ପାଣି ମୋ ସହିତ କାମ କରୁଥାନ୍ତି । ମୋର ପୁରୁଣା ଦଶବର୍ଷର ଗୋଟିଏ ସେକେଣ୍ଡସ୍ ଘଣ୍ଟା ଅଛି । ମୁଁ ଟ୧୭୦୯ରେ କିଣିଥିଲି । ପାଣିବାବୁ ଏବେ ଟ୧୧୦୯ରେ ଗୋଟିଏ ଅଲକେକ୍ଷ୍ଟ ଫେଭରଲୁବା ଘଣ୍ଟା କିଣିଛନ୍ତି । ଦିନକର ମୁଁ ତାଙ୍କୁ କହିଲି, ପାଣିବାବୁ ତୁମ ଘଣ୍ଟା ଠିକ୍ ସମୟ ଦେଉନାହିଁ । ସେ ସଙ୍ଗେ ସଙ୍ଗେ ଚିଡ଼ିଯାଇ ଉତ୍ତର ଦେଲେ, 'ଆପଣ ଭାରି କଞ୍ଜୁସବାଲା, ଆପଣଙ୍କର କେଉଁ କାଳର ଗୋଟାଏ ଘୋଡ଼ା

ପୁରୁଣା ଘଣ୍ଟା, ସେଇଟା ଠିକ୍ ହେଲା, ଆଉ ମୋଟା ଭୁଲ ହେଲା ।’ ମୁଁ କହିଲି, “ମୁଁ ସେ ଘଣ୍ଟା ରେଡ଼ିଓରେ ମିଳାଇକରି କହୁଛି ।” ସେ କହିଲେ, “ଆପଣ ଅଫିସ୍ ଘରେ ହାକିମି ଦେଖାଇବେ, ଏଠି ଏମିତି ଧମକାଇବେ ନାହିଁ ।” ମୁଁ ଚୁପ୍ ରହିଲି । ପରେ ସେ ଯାଇ ରେଡ଼ିଓରେ ଘଣ୍ଟା ମିଳାଇ ଦେଖନ୍ତି ତ ତାଙ୍କ ଘଣ୍ଟା ୧୧ ମିନଟ୍ ଲେଟ୍ ଅଛି । ସେ ଦିନ ସଞ୍ଜରେ ଜୁଆଡ଼େ ଖାଇଲେ ନାହିଁ । କାରଣ ନେକାରେ ବୁଝାଗଲା ଯେ ସେ ମନଦୁଃଖ କରିଥିଲେ । କହୁଥିଲେ, “ ମୁଁ କେଉଁଦିନ ରଥବାବୁଙ୍କୁ କିଛି କହେ ନାହିଁ, କହିଲାଇ ପରି ମାନ ଥାଏ, ଆଜି କେତେ କଥାଟାଏ କହିଦେଲା ! ଇତ୍ୟାଦି ।” ପୁଣି ତହିଁଆର ଦିନ ସକାଳୁ ଘଣ୍ଟାଟା ଠିକ୍ କରିବା ପାଇଁ କମ୍ପାନୀକୁ ପାର୍ସଲ କଲେ । ଏବେ ମୁଁ ପଚାରିଲେ ‘ପାଣି-ବାବୁ ! ଆପଣଙ୍କ ଘଣ୍ଟାରେ ସମୟ କେତେ ?’ ସେ କହୁଛନ୍ତି, “ମୁଁ ଠିକ୍ ଭୁଲ କଥା କହି ପାରିବି ନାହିଁ, ମାତ୍ର ମୋ ଘଣ୍ଟା ଅନୁସାରେ ଏବେ ବା ତେରେ ହୋଇଛି ।” ଏଥିରୁ ଆପଣଙ୍କର କିଛି ମନେ-ରଖିବା ଭଳି କଥା ଥାଏ ତ ମନେରଖି ପାରନ୍ତି ।

ଆପଣ ଓଡ଼ିଶାରେ ଘର କରିଥିଲେ, ବାଣୀକଣ୍ଠ ନିମାଇଁଚରଣ ହରିଚନ୍ଦନଙ୍କୁ ଚିହ୍ନି ନ ଥାଇ ପାରନ୍ତି, ମାତ୍ର ତାଙ୍କର ନାମ ନିଶ୍ଚୟ ଶୁଣିଥିବେ । ସେ ଥରେ ବଜାରରେ ସୁନ୍ଦର ସୁନ୍ଦର ପରିବାଗୁଡ଼ାଏ ଦେଖିଲେ । ନମୁନା ଆଣି ନିଜ ପାଇଁ ବୁଡ଼ଏ ମଗାଇ ପଠାଇଲେ । ଜିନିଷ ଆସିଗଲା । କଣ୍ଠ ଜିନିଷ ପାଇଲେ କାହା ମନ ବା ଖୁସୀ ନ ହେବ ? ମାତ୍ର ବିଲ୍ ଦେଖିଲାରୁ ତାଙ୍କ ମନଟା ଟିକିଏ କମିଗଲା । ଏତେଗୁଡ଼ାଏ ପଇସା ; ନ ମଗାଇଥିଲେ ହଏତ ଭଲ ହୋଇଥାନ୍ତା ।

ତାଙ୍କର ମାନସିକ ଅବସ୍ଥା ଏହିପରି ଥିବାବେଳେ ଜଣେ ଦର୍ଶକ ପହଞ୍ଚିଲେ । ସେ ପରଦାଗୁଡ଼ିକ ଦେଖି ଅତ୍ୟନ୍ତ ପ୍ରୀତ ହୋଇଗଲେ । କହିଲେ, "ଚମତ୍କାର ହୋଇଛି , ଆଚ୍ଛା, ଏ ସବୁର ଦାମ୍ କେତେ ପଡ଼ିଲା ? ନମାଇବାବୁଙ୍କଠାରୁ ଦାମ୍ ଶୁଣି ଭଦ୍ରବ୍ୟକ୍ତି ମନ୍ତବ୍ୟ ପ୍ରକାଶ କରି ବସିଲେ । ଦାମ୍‌ଟା ଅତ୍ୟନ୍ତ ଅଧିକ ହୋଇଗଲା । କଂପାନୀ ଆପଣଙ୍କୁ ଠକାମିରେ ପକାଇଛି ନିଶ୍ଚୟ ।"

ଠିକ୍ ଏଇ କଥା ନମାଇବାବୁଙ୍କ ମନରେ ଉଦୟ ହେଉଥିଲା ସତ ମାତ୍ର ସେ ଦର୍ଶକଙ୍କର ଏ ମନ୍ତବ୍ୟ ସମ୍ପୂର୍ଣ୍ଣ ହଜମ କରି ପାରିଲେ ନାହିଁ । କହିଲେ, 'ଆପଣ ବୁଝୁନାହାନ୍ତି, ଶସ୍ତାରେ ହନସ୍ତା ! ଅଳ୍ପ ବେଶୀ ପଇସା ନ ଦେଲେ ଏପରି ଅପୂର୍ବ ଚିଜ ପାଆନ୍ତେ କୁଆଡ଼ୁ ?' ନମାଇବାବୁ ଏପରି ଉତ୍ତର ଦେବାର କାରଣ ସେ ଠକାମିରେ ପଡ଼ିଥିଲେ ବା ଭୁଲ୍ କରିଥିଲେ ଏକଥା ଦର୍ଶକଙ୍କ ତୁଣ୍ଡରୁ ଶୁଣି ତାଙ୍କ ଭାବନା ଆଘାତପ୍ରାପ୍ତ ହୋଇଥିଲା ।

ଘଟଣାକ୍ରମେ ଏଇ ଘଟଣାର ବାପି ଦିନ ଆଉ ଜଣେ ଦର୍ଶକ ଆସିଲେ । ସେ ମଧ୍ୟ ପରଦାଗୁଡ଼ି ଦେଖି ମୁଗ୍ଧ ହୋଇଗଲେ ଏବଂ ମନ୍ତବ୍ୟ ପ୍ରକାଶକରି ବସିଲେ, "ବାସ୍ତବିକ୍ ଆପଣଙ୍କ ପରଦା ବାଛିବା ରୁଚି ନିଶ୍ଚୟ ପ୍ରଶଂସନୀୟ, ମାତ୍ର ବହୁତଭଲଭାବେ ପଇସା ପଡ଼ିଥିବ ପରା, ଲାଗୁଚି ।" ନମେଇବାବୁ ଦାମ୍ ଉଲ୍ଲେଖ କଲାରୁ ଦର୍ଶକ କହିଲେ, "ମୋର କିଣିବାର ଶକ୍ତି ଥିଲେ, ମୁଁ ମଧ୍ୟ ଏହିପରି ଗୁଡ଼ିଏ ପରଦା ମଗାଇବାକୁ ମନ ହଉଛି ।"

ନମେଇବାବୁ ଏ ପ୍ରକାର କଥା ଶୁଣି କହିଲେ, "ପରଦାଗୁଡ଼ିକ ସୁନ୍ଦର ହୋଇଛି ନିଶ୍ଚୟ ମାତ୍ର ଦାମ୍‌ଟା ବହୁତ ବେଶୀ ପଡ଼ିଲା ।

ଏତେ ପଇସା ଦେବାକୁ ପଡ଼ିବାର ଆଗରୁ ଜାଣିଥିଲେ—ମୁଁ ହେଲେ କଅଣ ଏଗୁଡ଼ା ମଗାଇଥାନ୍ତି କି ? ମୁଁ ଠକାମିରେ ପଡ଼ି-ଯାଇଥିଲି ପରି ଲାଗୁଛି ।"

ଦ୍ୱିତୀୟ ଦର୍ଶକ ଅର୍ଥାତ୍ ଶ୍ରୀ ବୃନ୍ଦାବନ ବୃଦ୍ଧା କହିଲେ, "ହଁ ମ ! ପଇସା ତ ଆପଣ ଦେଇଛନ୍ତି । ଜିନିଷ ତ ଭଲ ଥିଲା । ମନ ବ୍ୟସ୍ତ କାହିଁ କରୁଛନ୍ତି ? ପୁଅ ୫୮୦୯ ନେଇ ଦୋକାନ୍‌ରୁ ଜିନ୍ କିଣିବାକୁ ଯାଇଥିଲା ୫୧୫୦୯ର ଗାଡ଼ିଟାଏ ଜିଣି ଆସିଛି । ଜିନିଷଟା ମନକୁ ପାଇଲେ, ତାହେଲେ କ'ଣ ଥାଏ ?"

ବର୍ତ୍ତମାନ୍ ବିଚାର କରନ୍ତୁ । ସେହି ଲୋକମାନଙ୍କୁ ଏକା ମଣିଷ । ପ୍ରଥମ ଦର୍ଶକଙ୍କୁ କଅଣ ଉତ୍ତର ଦେଇଥିଲେ ଆଉ ବୃଦ୍ଧା ଆପଣଙ୍କୁ କଅଣ ଉତ୍ତର ଦେଲେ । ଆପଣ ଦୁଇଟିଯାକ ଉକ୍ତି ତୁଳନା କରିବେ ତ, ମନୁଷ୍ୟର ପ୍ରକୃତ ସ୍ୱଭାବରେ ଗୋଟିଏ ବଡ଼ ସତ୍ୟ ଧରିପାରିବେ । ପ୍ରତି କ୍ଷେତ୍ରରେ ମାନବ ଉପଯୁକ୍ତ ପ୍ରାପ୍ତ ପାଇଲେ ନିଜର ଦୁର୍ବଳତା ପ୍ରକାଶ କରେ ବରଂ ଭର୍ତ୍ସନାରେ ଗର୍ବ ଅନୁଭବ କରିଥାଏ ।

ପ୍ରଥମ ଶତାବ୍ଦୀ ପୂର୍ବେ ଯୀଶୁଖ୍ରୀଷ୍ଟ ମାନବର ଏ ପ୍ରକୃତ ସ୍ୱଭାବ ବିଶେଷ ଭାବରେ ବୁଝିଥିଲେ । ତେଣୁ ସେ କହିଥିଲେ, "ସମସ୍ତଙ୍କର ପ୍ରୀତିଭାଜନ ହେବାକୁ ହେଲେ ତୁମେ ତୁମର ପ୍ରତିଦ୍ୱନ୍ଦ୍ୱୀର ମତ ସ୍ୱୀକାର ଶୀଘ୍ର ଲୁପ୍ତ ହୋଇଯାଅ ।" ତାଙ୍କ କଥାର ତାତ୍ପର୍ଯ୍ୟ ଏହି ଯେ ଆପଣ ଯଦି ଅନ୍ୟର ଉଦାରତାକୁ ନିଜର ଉଦାରତା ମଧ୍ୟରେ ମିଶାଇ ନେବାକୁ ଚାହାନ୍ତି ତା ହେଲେ—

(୧) ଅପରର ଉଦାରତା ପ୍ରତି ସମ୍ମାନ ଦେଖାନ୍ତୁ

(୨) ଭୁଲରେ ସୁଦ୍ଧା କହିପକାନ୍ତୁ ନାହିଁ ଯେ କୌଣସି ବ୍ୟକ୍ତିଙ୍କ ଚରିତ୍ରାଧାର ବରଣୀୟ ନୁହେଁ । କଅଣ କହିଥିଲେ କି—

"ଗୁଣାୟନ୍ତେ ଦୋଷାଃ ସୁଜନବଦନେ
ଦୁର୍ଜନମୁଖେ ଗୁଣାଃ ଦୋଷାୟନ୍ତେ" ବୋଲି ?

( ୧୩ )

ସମସ୍ତେ ଅହମଦନଗର ଫୋର୍ଟରେ ବନ୍ଦୀ ଥାନ୍ତି । ଫୋର୍ଟ ଭିତରେ ବନ୍ଦୀ ଥାଇ ଥରେ ବ୍ୟାଡ଼ମିଣ୍ଟନ୍ ଖେଳରେ ପଣ୍ଡିତ ଜବାହରଲାଲ୍ ନେହରୁ ଓ ମହତାବ୍‌ଜୀ ସପକ୍ଷରେ ଖେଳୁଥିଲେ । ଅନ୍ୟ ପକ୍ଷରେ ଶ୍ରୀଯୁକ୍ତ ଶଙ୍କର ରାଓ ଓ ଶ୍ରୀଯୁକ୍ତ କୃପାଳନୀ ଥିଲେ । ସ୍ୱାମୀ ରଧୁପ ଥିଲେ ଉକ୍ସର ପଞ୍ଚାର । ମହତାବ୍‌ଜୀ ପ୍ରଭୃତି ହାରିଥିଲେ । ଖେଳଟା ଏପରି ଢଙ୍ଗରେ ହେଉଥିଲା ଯେ ଏ ହାରିଯିବାଟା ପଣ୍ଡିତ ଜହରଲାଲ୍‌ଙ୍କ ମନକୁ ଲାଗିଲା ଓ ସେ ହଠାତ୍ ରାଗିଯାଇ ହାରିଯିବାର ଦାୟିତ୍ୱଟା ମହତାବଜୀଙ୍କ ଉପରେ ଲଦି ଦେଲେ । ସ୍ୱଭାବତଃ ମହତାବ୍‌ଜୀ ସେଥିରେ ବାଧାଦେଲେ । ଏହିପରି ବାଧାଟା ବଢ଼ିଗଲା । ଫଳରେ ମହତାବଜୀ ଆଉ ବ୍ୟାଡ୍-ମିଣ୍ଟନ୍ ଖେଳିଲେ ନାହିଁ । ପଣ୍ଡିତ ଜବାହାରଲାଲ ଏ କଥା ଭଲଭଳି ଲକ୍ଷ୍ୟ କଲେ । ପରେ ସେ ନିଜେ ଆସି ମହତାବଜୀଙ୍କୁ ଟାଣି ନେଇ ଖେଳରେ ଛିଡ଼ା କରାଇଦେଲେ । ପ୍ରକାରାନ୍ତରେ ପଣ୍ଡିତ ଜବାହାରଲାଲ୍ ଯାହା ତାଙ୍କର ଦୋଷ ସ୍ୱୀକାର କଲେ, ସେଥିରେ ପଣ୍ଡିତଙ୍କର ପଣ୍ଡିତପଣିଆ କମିଗଲା ନା ବଢ଼ିଗଲା, ଆପଣ ହିଁ ବିଚାର କରନ୍ତୁ ।

ହେଡ୍‌କ୍ୱାର୍ଟର ଭୁବନେଶ୍ୱରରେ ଥିଲାବେଳେ ମୋତେ ସରକାରୀ କାମରେ ଅନେକ ସମୟରେ କଟକ ଯିବାକୁ ପଡ଼େ । ଗୌରୀଶଙ୍କର ପାର୍କ ପାଖରେ ଯେଉଁ ହତାଭିତରେ ଏମ୍ପ୍ଲଏମେଣ୍ଟ

ଅଫିସ ଅଛି, ସେଇ ହତାଭିତରେ ଆମ ଡାଇରେକ୍ଟରଙ୍କ ଅଫିସ— ସେଣ୍ଟ୍ ଏମ୍ପ୍ଲୟମେଣ୍ଟ ଅଫିସରେ ଜଗନ୍ନାଥ ମିଶ୍ର ବୋଲି ଜଣେ ବରିଷ୍ଠ ଭଦ୍ରବ୍ୟକ୍ତି ଅଛନ୍ତି । ମୁଁ କଟକ ଗଲେ ତାଙ୍କର ଘରେ ରହେ । ସେ ଅଫିସକୁ ଆସିଲାବେଳେ ଏବଂ ଗଲାବେଳେ ତାଙ୍କର ସାଇ-କେଲରେ ଡବଲ ଯିବା ଆସିବା କରୁଁ । ଥରକର ଅଫିସକୁ ଯାଉ ଯାଉ ଜେଲ ଛକ ପାଖରେ ପୋଲିସ ଆମକୁ ଧରିଲେ । କହିଲେ, "ଡବଲ ଯିବା ନିୟମବିରୁଦ୍ଧ ଜାଣି ତମେ ଏପରି କରିବାର ଫଳ କଅଣ ହେବ ଜାଣିଛ ତ ?' ମୁଁ କହିଲି, "ଯାହା ହୋବାର ତ ହୋଇଗଲାଣି, ଭୁଲ ତ ହୋଇଯାଇଛି, ଏଇ ଥରକ କ୍ଷମାଦିଅ । ଆମେ ଭୁଲ ମାଗି ତାଙ୍କୁ ତାଙ୍କ ନ୍ୟାଯ୍ୟ ସମ୍ମାନ ଦେଇଥିବାରୁ ସେ କହିଲେ, "ହଉ, ଯାନ୍ତୁ ଯାନ୍ତୁ— ଆଉ ଏପରି ଭୁଲ ଯେପରି ନ କରନ୍ତୁ !"

ମଣିଷର ପ୍ରକୃତି ତ । କାରଣ ଥିବା କାର୍ଯ୍ୟ କରିବାକୁ ଅଧିକାଂଶ ସମୟରେ ପ୍ରବଳ ଇଚ୍ଛା ହୁଏ । ତହିଁ ଆରଦିନ ଆମର ଠିକ୍ ସେଇ ଭୁଲ୍ ହିଁ ହେଲା । ଦୈବଯୋଗକୁ ସେଇ ପୁଲିସଟି ଡ୍ୟୁଟିରେ ଥାନ୍ତି । ତାଙ୍କୁ ଦେଖି ମୁଁ ଜଗନ୍ନାଥବାବୁଙ୍କୁ ପଛରୁ ଓହ୍ଲାଇ ପଡ଼ିବାକୁ କହିଲି । ସେ ଓହ୍ଲାଇ ମଧ୍ୟ ପଡ଼ିଲେ । ମାତ୍ର ସେତେ-ବେଳକୁ ଆମେ ପୋଲିସଙ୍କର ଏତେ ନିକଟେଇ ଯାଇଥିଲୁ ଯେ ତାଙ୍କ ଦୃଷ୍ଟି ଏଡ଼ାଇ ପାରିଲୁ ନାହିଁ । ମୁଁ ପୋଲିସଙ୍କୁ ଶୁଣାଇ ଶୁଣାଇ କହିଲି, "ବେଶ୍ ଭଦ୍ର ଲୋକ ତମେ ହେ ଜଗନ୍ନାଥବାବୁ, ମୁଁ ନାହିଁ ନାହିଁ କରୁଛି ବସ ନାହିଁ ବୋଲି, ତୁମେ ମୋ କଥା ନ ମାନି ମୁଁ ନାହିଁ କରୁ କରୁ ବସି ପଡ଼ିଲ । ବିଚରା ପୋଲିସଟି ନିହାତି ଭଦ୍ରଲୋକ, ଆମକୁ କାଲି ଛାଡ଼ି ଦେଇଥିଲେ, ଆଉ ତୋର ମୁହଁରେ ଅନୁରୋଧ କରିବା ଯେ ! ସେ କଅଣ ଭାବିବେ ? ଆମର ନିତାନ୍ତ ଉଚିତଥିଲା ଟିକେ ରହିବାର କଥା । ତମେ ବାବୁ ଲୋ

ପଛେ ସାଇକଲ, ମୁଁ ଚାଲି ଚାଲି କରି ଯିବି, ଚାଲି ଚାଲି ଫେରି ଆସିବି । ଲୁହା କଅଁଳ ହେଲେ ବଡ଼ କାମୁଡ଼ିବା କଥା ସିନା ଇଏ । ଚାଲ ତମେ ସେ ପୋଲିସଙ୍କ ପାଖକୁ ।" ଏହା କହି ପୋଲିସଙ୍କୁ ଏଡ଼ାଇ ଚାଲିଯିବାକୁ ଚେଷ୍ଟା ନ କରି ଯାଇ ତାଙ୍କ ପାଖରେ ପହଞ୍ଚିଲି । ମୁଁ କହିଲି, "ମୋର ଆଉ ଆଉ କିଛି କହିବାର ନାହିଁ ; ଆପଣ ଯାହା ଉଚିତ୍ ବିବେଚନା କରୁଛନ୍ତି କରନ୍ତୁ ।" ସେ ଟିକିଏ ହସ ହସ ହୋଇ କହିଲେ, "କଣ ହେଲା କି ବାବୁ ?" ମୁଁ କହିଲି, "ମୋତେ ଆଉ ଅଧିକ ପଚାରି ଲାଜ ଦିଅନ୍ତୁ ନାହିଁ ।" ଜଗନ୍ନାଥବାବୁ ଅପରାଧୀ ପରି ମୋ ପଛରେ ଠିଆ ହୋଇଥାନ୍ତି । ପୋଲିସ୍‌ଟି କହିଲେ, "ହଁ ମ, ସେଥିରେ କଅଣ ଅଛି, ଯାନ୍ତୁ ଆପଣ ।" ମୁଁ କହିଲି, "ଆପଣ ବୁଝୁ ନାହାନ୍ତି, ଦୁଇ ଜଣ ଚଢ଼ିବେ ନାହିଁ ବୋଲି ଯେଉଁ ନିୟମ କରା ହୋଇଛି, ତାହା ଆମ୍ଭମାନଙ୍କର ସୁଖ ସୁବିଧା ଦୃଷ୍ଟିରୁ ସିନା । ତାକୁ ଜାଣି ଜାଣି ଆମେ ସେହି ନିୟମର ଖିଲାପ କରୁ, ଆମର ଦଣ୍ଡ ହିଁ ଗ୍ରହଣୀୟ ।" ପୋଲିସଟି ମୋତେ ଆଉ କହିବାକୁ ନ ଦେଇ କହିଲେ, "ନିୟମ ଖୋଜି ବସିଲେ ବହୁତ କିଛି ଅଛି, ମାତ୍ର ଆମର ଏ ଗରିବ ଦେଶରେ ସବୁ ଆଇନ୍ କାନୁନ୍ ମାନି ଚଳି ହେଉଛି କେଉଁଠି ? ଆଜି ହଠାତ୍ ସାଇକଲ ଆପଣ କିଣି ପାରୁଥିଲେ କେବେ ତ ଡବଲ ଯିବା ଆସିବା କରନ୍ତେ ନାହିଁ । ସେ ଯାହା ହେଉ, ଆପଣମାନେ ଯାନ୍ତୁ । ଆପଣମାନେ ଆମ ଦେଶରେ ବୁଦ୍ଧିଲସୁଦ୍ଧିଲର, ଅବସ୍ଥାଚକ୍ରରେ ପଡ଼ି ଯାହା କରୁଛନ୍ତି, ତାହା ଚୋରମାନଙ୍କରେ ନିବାରଣ ହେବ କିମିତି ? ଦଶଟା ବାଜିଗଲାଣି । ମୋ ସାଙ୍ଗେ କଥାହୋଇ ବସିବେ ତ, କେଣିକି ଆଜି ରାତିଟା ଅଗତ୍ୟା ଛୁଟି ନେବାକୁ ବାଧ୍ୟ କରାହେବ ।" ଆମେ ଧନ୍ୟବାଦ ଦେଇ ଆଗେଇ ଚାଲିଲୁ ।

ପରେ ଜଗନ୍ନାଥବାବୁ ପଚାରିଲେ, "କଣ ହେଲେ, ବେଣ୍ଟ ଓ ଟୋପି ପକେଇଲେ !" ମୁଁ ଉତ୍ତର ଦେଲି, "ତମେ ବୁଝିଲ ନାହିଁ । ମଣିଷର ପ୍ରକୃତି ସବୁଠି ସମାନ । ସେ ଭଲଟି ଉପରେ ଅଛନ୍ତି—ସେ ବଡ଼ଲୋକ, ଏ କଥା ଜଟେ ମାନୁ । ମୁଁ ମାଜବାବୁ ସ୍ୱୀକାର କଲି । ଦ୍ୱିତୀୟରେ ଆମର ଭୁଲ, ଏ କଥା ମଧ୍ୟ ମୁଁ ସ୍ୱୀକାର କଲି । ତୃତୀୟରେ ସେ ବୁଝିଥିଲେ ଦଣ୍ଡବିଧାନର ବନ୍ଦୋବସ୍ତ କରି ପାରିଥାନ୍ତେ, ଗୁଳି ମଧ୍ୟ ଦେଇପାରନ୍ତେ । ସେ ନିଜେ ଉଚ୍ଚ ଲୋକ ନ ହୋଇ, ଅଭଦ୍ରାମିର ପରିଚୟ କାହିଁ ଦେଇ ବସନ୍ତେ ? ମନୁଷ୍ୟ ପ୍ରକୃତି ସଠିକ୍ ବୁଝିପାରିଲେ, ମଣିଷ ସବୁ କ୍ଷେତ୍ରରେ ଏ ପ୍ରକାର ଫାଇଦା ଉଠାଇ ପାରେ । ଜଗନ୍ନାଥବାବୁ ପଚାରିଲେ, "ଏ ସବୁ ଜ୍ଞାନ ତୁମର କେଉଁଠୁ ଆଉ କେଉଁଠୁ ହେଲା ଯେ ?" ମୁଁ କହିଲି, ଏ ହେଉଛି ଡେଲ କାର୍ନେଜିଙ୍କ ପ୍ରଣାଳୀ । ସେ କହିଲେ, "ତାଙ୍କ ଇନ୍‌ଷ୍ଟିଚ୍ୟୁଟ୍ ତ ଆମେରିକାରେ, ତମେ ତ କୂପମଣ୍ଡୂକ, ଏମିତେ କଥା ତୁମର ସବୁବେଳେ ହେ ?" ମୁଁ ବୁଝାଇ କହିଲି, ଅଚ୍ଛା, କାର୍ନେଜି ତାଙ୍କ ନିଜ ଅନୁଭୂତି ବର୍ଣ୍ଣନା କରିଛନ୍ତି ଶୁଣ—

"ଥରେ ମୁଁ ମୋର କୁକୁର ସହିତ ବଗିଚାରେ ଗୋଟାଏ ପାର୍କରେ ବୁଲୁଥାଏ । କୁକୁରଟି ମୋ କୋଳ ମାନେ, ଭାଇରେ କଥା ଶୁଣେ । ତେଣୁ ମୁଁ ତାକୁ ସାଙ୍ଗରେ ନେଲେ ବାନ୍ଧ ରଖେ ନାହିଁ, ନ ତା ମୁହଁରେ ମୁଖା ଆବରଣ କରୁ ନଏ ନାହିଁ । ପୁଣି ଯେଉଁ ପାର୍କକୁ ଆମେ ବୁଲଯାଉ, ତହିଁରେ ବେଶୀ ଲୋକ ଚଳପ୍ରଚଳ ହୁଅନ୍ତି ନାହିଁ । ସେ ପାର୍କର ଗୋଟାଏ କଣରେ ଗୋଟାଏ ନୋଟିସ୍ ମରା ହୋଇଥାଏ ଯେ, "ମୁକ୍ତ କୁକୁର ସହିତ ପ୍ରବେଶ କରିବା ବ୍ୟକ୍ତି ଆଇନତଃ ଦଣ୍ଡନୀୟ ।" ସେ ପାଇକ୍ ବୋର୍ଡ଼ଟା ବି ସହଜରେ ଆଖିରେ ପଡ଼େ ନାହିଁ । ଆମେ ଦୁହେଁ ସବୁ ବୁଲୁ, ସୋଭା ଭଳି

ଜଣେ ପୋଲିସ୍ ଆସି ପହଞ୍ଚିଲା । ମୋତେ ଓ ମୋ କୁକୁରକୁ ଦେଖି କହିଲା, "ଅଚ୍ଛା ତମେ କଅଣ ଜାଣିନ ଯେ ତୁମ କାର୍ଯ୍ୟ ଆଇନ୍-ବିରୁଦ୍ଧ ।" ମୁଁ କହିଲି, "ଆଇନ୍‌ବିରୁଦ୍ଧ ସତ, ମାତ୍ର ମୋ କୁକୁର କାହାର କିଛି କ୍ଷତି କରିବ ନାହିଁ ।" "ହେଁ, କ୍ଷତି କରିବ ନାହିଁ, ପାର୍କରୁ ମଣାଟାଏ ମାରି ଖାଇ ଦେବ ତ ? ଯାହାହେଉ, ମୁଁ ତୁମକୁ ଏଇବାରକ ସାବଧାନ କରି ଦେଉଛି, ଅନ୍ୟ ଥରକୁ, ତୁମର ଏପରି ତ୍ରୁଟି ହେବାର ମୋ ଆଖିରେ ପଡ଼ିଲେ ତୁମକୁ ତୁମ କୈଫିୟତ ମଜିଷ୍ଟ୍ରେଟଙ୍କ ଆଗରେ ଦେବାକୁ ପଡ଼ିବ ।"

ମୁଁ ସେଦିନ ଫେରିଆସିଲି । ଆଉଦିନେ ପାରଟା ଭରି ମଜ୍ଜୁଆଳ ହୋଇଥାଏ । ମୋ ମନଟା କାହିଁକି ଖୁସି ହେଲା । ମୁଁ ମୋ କୁକୁରଟିକୁ ସାଙ୍ଗରେ ଧରି ପୁଣି ବାହାରିଲି ସେଇ ପାର୍କକୁ । ଗଲାବେଳେ ଭାବୁଥାଏ କୁକୁରକୁ ବାନ୍ଧି ଦେବି ବୋଲି ମାତ୍ର ପୁଣି ଭାବିଲି ସେଦିନ ସିନା ଅକସ୍ମାତ୍ ପୋଲିସ୍ ବାବୁଙ୍କୁ ଭେଟିଲି, ଆଜି ପଡ଼ିବାର ସମ୍ଭାବନା ନିତାନ୍ତ କମ୍ । ମାତ୍ର ଦୁର୍ଭାଗକୁ ପୁଣି ସେଇ ପୋଲିସ୍ ବାବୁଙ୍କୁ ପଡ଼ିଲି । ମୁଁ ଗୋଟାଏ ବେଞ୍ଚରେ ବସିଥାଏ । ଅଳ୍ପଦୂରରେ ମୋ କୁକୁରଟା ଗୋଟାଏ ମୂଷା ପଛରେ ଧାଇଁଥାଏ । ପୋଲିସ୍‌କୁ ଦେଖି ନ ଦେଖୁଣୁ ମୁଁ ଉଠିଯାଇ କୁକୁର-ଟିକୁ ଧରି ଆଣିଲି ଏବଂ ପୋଲିସ ପାଖକୁ ଯାଉ ଯାଉ ତାଙ୍କୁ ଶୁଣାଇ କହିଲି, "ମୋର ଏଥର ଆପଣଙ୍କୁ କୈଫିୟତ ଦେବାକୁ କିଛି ନାହିଁ, ମୁଁ ପୂରା ଦୋଷୀ । ଆପଣ ମୋତେ ଗତଥର ସତର୍କ କରି ଦେଇଥିଲେ ; ଏଥର କ୍ଷମା ମାଗିବା ପାଇଁ ମଧ୍ୟ ମୁଁ ସଙ୍କୁଚିତ ।" ସେ ହସିଲା ହସିଲାର ହୋଇ କହିଲେ, "ମୁଁ ଜାଣିଛି ଯେ ବେଳେ ବେଳେ ନ କରିବା କଥା କରିବାକୁ ଭାରି ମନ ହୁଏ ।" ମୁଁ କହିଲି, "ଆପଣ ଯାହା କହିଲେ ସତ ଯେ ମାତ୍ର ମୋ କାମ ତ [illegible]

ପୁଣି କଣ୍ଠସ୍ୱର । ସେ କହିଲେ,"ଦେଖିଲ, ଏତେ ସୁନ୍ଦର କୁକୁରଟିଏ, ତାହାର କଅଣ କ୍ଷତି କରୁଛି ଯେ ତା ପାଇଁ ଗୋଟାଏ ଶୃଙ୍ଖଳା ଲୋଡ଼ା ?" ମୁଁ କହିଲି, "ଆପଣ ବୁଝୁ ନାହାନ୍ତି, ଏଇଲାଗେ ମୂଷାଟାକ ପଛରେ ଧାଇଁଥିଲା ପରା !"

"ହିଁ ମ, ଭାରି କଥାଟାଏ ତ ! ମୂଷା ଗୋଟାଏ ଧରା ମାରିଦେବା ତ ଦୋଷ ଲାଗି ଯାଉଛି ।"

ଯେତେବେଳେ, ଆପଣ ସିନା ଦୋଷ ଧରୁ ନାହାନ୍ତି, ଆଉ କିଏ ହୋଇଥିଲେ ମୋ ଅବସ୍ଥା କଅଣ କରନ୍ତା, ଉତ୍ତରିଲେ, "ବୁଝିଲ ନା, ଏ ଟର୍କଟା ମୋର କେବଳ ଭଦ୍ରମହର ପଡ଼ା । ତମେ ମନରେ ଯଦି ପାପ ତୁଲିଁଲଣି, ତାହେଲେ ଗୋଟାଏ କଥା କର । ମୁଁ ପାର୍କର ସେ କଡ଼କୁ ବୁଲିଯାଉଛି, ତମେ ଏକଡ଼େ ଥାଅ, ଅଧଘଣ୍ଟାଏ ପରେ ମୁଁ ପୁଣି ଏକଡ଼କୁ ଆସିବି, ସେତେବେଳକୁ ତୁମେ ମୋ କଡ଼କୁ ବୁଲିଯିବ ।"

ଆଉ ଅଧିକ ବର୍ଣ୍ଣନ କରିବାର ଆବଶ୍ୟକତା ନାହିଁ । ସେ ସ୍ୱୟଂ ଥିଲେ ତାଙ୍କ ଆମ୍ଭଙ୍କୁ ଖାଦ୍ୟ । ମୁଁ ତାହା ପ୍ରଚୁର ପରିମାଣ ଯୋଗାଇଥିଲି । ପରିଣାମ ଯାହା ହେଲା, ତାହା ସବୁ କ୍ଷେତ୍ରରେ ନିତାନ୍ତ ସ୍ୱାଭାବିକ । ମାତ୍ର ମୁଁ ଯଦି ତାଙ୍କ ସଙ୍ଗେ ବାକ୍ୟବନ୍ଧା ସ୍ୱତନ୍ତ୍ର ଆଚରଣ କରିଥାନ୍ତି ଫଳ କଅଣ ହୋଇଥାନ୍ତା, ତାହା ଆପଣ ନିଶ୍ଚୟ ଅନୁମାନ କରି ପାରିବେଣି । ଏଥିରେ ମୋର ଲାଭଲାଭ କିଛି ନାହିଁ । କେବଳ ମୁଁ କହିଲି,"ମୋର ଭୁଲ୍, ତାଙ୍କର ଠିକ୍ ।" ଫଳରେ ସେ ମୋ ପକ୍ଷ ନେଇ ଯୁକ୍ତି କଲେ ଏବଂ ମୁଁ ତାଙ୍କ ପକ୍ଷ ନେଇ ଯୁକ୍ତି ବାଢ଼ି ବସିଲି । ତାଙ୍କର ଅବଶ୍ୟ ଜିତ୍ ହେଲା ଏବଂ ମୋର ହାର ହେଲା, ମାତ୍ର ଏ ପ୍ରକାରେ ହାରିଯିବାରେ ବଡ଼ ଆନନ୍ଦ ।

ତେଣୁ ଆମର କର୍ତ୍ତବ୍ୟ ହେଉଛି ଭୁଲ ଧରି ପକାଇଲେ ଅନ୍ୟ ଯାହା କହିବାକୁ ଚାହୁଁଛନ୍ତି, ତାହା ନିଜେ ପ୍ରଥମେ କହିପକାଇବା । ଏହାର ସୁଫଳ ଖୁବ୍ ବେଶୀ । ଏଠାରେ ଜଣେ ପ୍ରସିଦ୍ଧ ଚଷକରଙ୍କର ଅନୁଭୂତିଟିଏ ଶୁଣିବେ । ଚଷକରଙ୍କର ତୁଣ୍ଡରୁ ଶୁଣିବା କଥା ।

"ଜଣେ ବଡ ପ୍ରତିପତ୍ତିଶାଳୀ ବ୍ୟକ୍ତି ଥାନ୍ତି । ସେ ଅତ୍ୟନ୍ତ ରାଗୀ ପ୍ରକୃତିର ଲୋକ । ପ୍ରତି କଥାରେ ଦୋଷ ବାଛନ୍ତି । ଅତୁଳ ସମ୍ପତ୍ତି ହେତୁ ନିଜ ଗରିମା ପ୍ରକାଶ କରିବା ସ୍ୱାଭାବିକ । ଅନ୍ୟ ଠିକ୍ କଥା କହୁଥିଲେ ମଧ୍ୟ ତାହା ଭୁଲ ବୋଲି ପ୍ରତିପାଦନ କରିଲ ନିଜର ବଡାପ୍ପ ରଖିବାକୁ ଚେଷ୍ଟା କରନ୍ତି । ମୁଁ ତାଙ୍କୁ ଅନେକ ଚଷ ଯୋଗାଉଛି ମାତ୍ର ପ୍ରତିଥର ମୋ ପାଉଣା ପାଇଲାବେଳକୁ ମୋ ଦେହରେ ଜୀବନ ନ ଥାଏ । ତାଙ୍କ କଥା ଶୁଣିଲେ ଋଷି ମଧ୍ୟ ଜଟା ଛିଣ୍ଡାଇ ପକାଇବାକୁ ଇଚ୍ଛା କରିବ । ମୁଁ ଅନେକ ଭାବିଚିନ୍ତି ମୋ ନିଜ ଦୃଷ୍ଟିକୋଣ ବଦଳାଇ ଦେଲି । ତାଙ୍କର ବରାଦ ଚଷ ତାଙ୍କ ପାଖକୁ ପଠାଇ ଦେଲି । ତାଙ୍କ ପାଖ ମାଡ଼ିବାକୁ ମତେ ସବୁବେଳେ ଡରମାଡ଼େ । ସେ ମୋର ସବୁଚଷଧଗୁଡ଼ା ପ୍ରଥମେ ଶୁଣନ୍ତି—ତାହା ତାଙ୍କର ପ୍ରକୃତି । ତେଣୁ ଏଥର [illegible] ଘଟିବା ଆଶା ମୋର ହେଲା ନାହିଁ । ସେ ଚିଠିଟି ପାଇବା ସଙ୍ଗେ ସଙ୍ଗେ ମୋତେ ଫୋନ୍ ଯୋଗେ ଡକାଇ ପଠାଇଲେ । ମୋର ନ ଯିବାକୁ ଗତ୍ୟନ୍ତର ଥାଏ ନାହିଁ । ସବୁଥର ହେଉ ପାଣିଚ ଉଲଟର ଯାଏ । ଏଥର କିନ୍ତୁ ଭୋଗାଏ ଅଦେଖୁଆ ସାହସ ଆସିଲା । ମୁଁ ତାଙ୍କ ଚେହେରାରୁ ଜାଣିଲି ଯେ ବୋମା ବିସ୍ଫୋରଣ ହେବାକୁ ଆଉ ବିଳମ୍ବ ନାହିଁ । ତେଣୁ ମୁଁ ତାଙ୍କୁ କିଛି କହିବାକୁ ନ ଦେଇ

ଆଗ୍ରହ କରି ପଚାରିଲି, "ଆଜ୍ଞା ! ଚଦଟି ନିଖୁଣ ହୋଇ ନାହିଁ, ଖୁବ ନିଷ୍ଟପ୍ର ଉନ୍ନପାଉଛୁ ।" ମୁଁ ପଚାରିବା ପୂର୍ବରୁ ତାହା ହିଁ ଅନୁମାନ୍ କରୁଥିଲି । ଅବଶ୍ୟ ମୁଁ କ୍ଷମାର ପାତ୍ର ନୋହେ, ଆପଣଙ୍କ ପାଇଁ ଯେତେ ଯେତେ ଅନ୍ନ ଚୟନ କରି ମୁଁ ଯୋଗାଇଛୁ, ଅପର କିଏ ହୋଇଥିଲେ ଆପଣଙ୍କ ରୁଚି ଅନୁସାରେ କିପରି କାର୍ଯ୍ୟ କରିବାକୁ ହେବ, ତାହା ଧରି ନେଇ ପାରନ୍ତାଣି । ମାତ୍ର ମୋ ଦୁର୍ବଳତା ଯୋଗୁଁ ମୁଁ ଲଜ୍ଜିତ । ସେ କହିଲେ, "ତୁମେ ଯାହା କହୁଚ ସତ ଯେ, ମାତ୍ର ଏଥିର ଖୁଲଷ୍ଟା ସେତେ ଗର୍ହିତ ନୁହେଁ ।"

ମୁଁ କହିଲି, "କଷ୍ଟ ହେଉ ବା ଯାହା ହେଉ, ଭୁଲ୍ ତ ଆଜ୍ଞା, ଆପଣଙ୍କ ମନରେ ଯେଉଁ ଅଶାନ୍ତି ସେଇ ଅଶାନ୍ତି ନା ଆଉ ଶାନ୍ତି ତ ଫେରାଇ ପାରିଲି ନାହିଁ । ସେ କିଛି କହିବାକୁ ଯାଉଥିଲେ ମାତ୍ର ତାଙ୍କୁ କହିବାର ସୁଯୋଗ ନ ଦେଇ ମୁଁ କହି ଚାଲିଲି । ମୋର ଅଧିକ ଧନ୍ୟବାଦ ହେବା ଉଚିତ ଥିଲା ନାହିଁ କି ଆଜ୍ଞା ! ମୁଁ ଆପଣ-ଙ୍କର ଯାବତୀୟ କାର୍ଯ୍ୟ କରେ । ବସ୍ତୁତଃ ଆପଣ ମୋଠାରୁ ସନ୍ତୋଷଜନକ କାର୍ଯ୍ୟ ଚାହିଁବା ଯଥାଯଥ । କ୍ଷମା କରନ୍ତୁ, ଆପଣ କିଛି ଭାବିବେ ନାହିଁ, ମୁଁ ଏଇଟି ନେଇ ଯାଉଛି, ଆଉ ଗୋଟିଏ ନୂଆ କରି ଆଣି ଦେଉ ।"

ମୋ କଥାକୁ ଭ୍ରୂକ୍ଷେପ ନ କରି ସେ ବଡ଼ ପାଟିରେ କହି ଉଠିଲେ, "ନା, ନା, ସେ କଥା ହେବ ନାହିଁ । ମୁଁ ତୁମକୁ ଆଉ ଏତେ ପରିଶ୍ରମ କରିବାକୁ ଦେଇ ନ ପାରେ । ସତକଥା କହିଲେ, ଏ ଚଦଟି ତୁମର ମୋ ମନକୁ ଏତେ ପାଉଛି ଯେ, ଖୁବ ନାହିଁ କହିଲେ ଚଳେ । ତୁମର ବ୍ୟସ୍ତ ହେବା ଆଦୌ ଉଚିତ ନୁହେଁ ।" କହନ୍ତୁ, "ଜଳକୁ ଦୋଷୀ ମନେ କରି ଜଳେ ଶୋଧିବା

ଫଳରେ ତାଙ୍କ ହସ୍ତ-କୋମା କୁଆଡ଼େ ମିଳାଇ ଗଲା । ଖାଲି ସେତିକି ନୁହେଁ, ସେ ମୋତେ ସେଦିନ ଖାଇବା ପାଇଁ ନିମନ୍ତ୍ରଣ କରିଥିଲେ ଏବଂ ବିଦାୟ ଦେଲାବେଳେ ମୋ ନ୍ୟାଯ୍ୟ ପ୍ରାପ୍ୟ ବାଦେ ମୋଟା ଟଙ୍କା ପୁରସ୍କାର ମଧ୍ୟ ଦେଇଥିଲେ ।"

ତେଣୁ ଆଜି ଗୋଟିଏ କଥା ମନେ ରଖିବାକୁ ମୁଁ ଆପଣମାନଙ୍କୁ ଅନୁରୋଧ କରିବି । ଦେଶ ଦେଶର କାରବାର ହୋଇଛି, ଯେଉଁଠି ମାନବର ମାନବିକତା ଉପରେ ଲାଭ କ୍ଷତି ନିର୍ଭର କରେ ସେ ସ୍ଥଳରେ ଯୁଦ୍ଧ କରି ବସିଲେ କେବେ ହେଁ ଅଭିପ୍ରେତ ବସ୍ତୁ ମିଳିବ ନାହିଁ । ଓଲଟି ଲାଞ୍ଛନା ଏବଂ ଗଂଜଣା ହିଁ ସାର ହୋଇପାରେ । ତେଣୁ ଭୁଲ ହୋଇ ଯାଇଥିଲେ ନିଜେ ସ୍ୱୀକାର କରି ନିଜକୁ ଅପରର ଉପସ୍ଥିତିରେ ଛୋଟ କରନ୍ତୁ ।

( ୧୪ )

ତୁମେ ମୋ ଆଡ଼େ ହାତ ଉଞ୍ଚାଇ ଆସୁଥିବାର ମୁଁ ଦେଖିଲେ ତୁମେ ମୋ ପାଖରେ ପହଞ୍ଚ ନ ପହଞ୍ଚୁଣୁ ମୁଁ ତୁମକୁ ଗାହାରେ ପକାଇବି, ମାତ୍ର ଆପଣ ମୋ ପାଖକୁ ଖାଲି ହାତରେ ଆସୁଥିବାର ମୁଁ ଦେଖିଲେ ମୁଁ ଆପଣଙ୍କୁ ସ୍ୱାଗତ କରିବାକୁ ବାଧ୍ୟ ହେବି । ଏଇଟା ଜଗତର ନିୟମ କହିଲେ ଅତ୍ୟୁକ୍ତି ହେବ ନାହିଁ, ତେଣୁ କଥାରେ କଥାରେ ଲୋକେ କହନ୍ତି, "ଠୋପାଏ ମହୁରେ ଯେତେ ମାଛି ମରିବେ, ଟିଣେ ମଦରେ ସେତେ ମରି ପାରିବେ ନାହିଁ ।" ଉଦାହରଣ ଖୋଜି ବସିଲେ ବହୁତ ମିଳେ ।

ବାରଙ୍ଗ କାଚକାରଖାନାର ମାଲିକ ହେଉଛନ୍ତି ସ୍ୱନ୍ଦ୍ଦ୍-ଓ୍ୟାଲ୍ : ଜଣେକ ଷଡ଼ଙ୍ଗୀ ହେଉଛନ୍ତି ମୋଟା କାରବାରିଆ ବ୍ୟକ୍ତି

ତାଙ୍କର । ସେ ମୋଟାଦରମା ଖାନ୍ତି କାହିଁକି ଜାଣନ୍ତି ? ଲୋକ-ମଜୁରିଆମାନଙ୍କଠାରୁ କାମ ଆଦାୟ କରିବା ଭାର ତାଙ୍କ ଉପରେ—ମାଲିକ ମଜଦୁରଙ୍କ ଭିତରେ କଳିତକରାଳ ଉପୁଜିଲେ ରଫା କରିବା ଭାର ତାଙ୍କ ଉପରେ । ଥରକର କାରଖାନାର ଲୋକମାନେ ...ଇକ୍ କଲେ । ଲୋକମାନେ ମାଲିକ ଉପରେ ଏତେଦୂର ଚିଡ଼ିଗଲେ ଯେ, ତାଙ୍କୁ ନିମଗଛରେ ବାନ୍ଧି ହତ୍ୟା କରିବାକୁ ପ୍ରତିଜ୍ଞାବଦ୍ଧ ହେଲେ । ଏହିପରି ଅବସ୍ଥାରେ ସତ୍ସଙ୍ଗୀ ମହାଶୟ [illegible]ପାର ଭଣ୍ଡି ଷ୍ଟ୍ରାଇକ୍ ନେତାମାନଙ୍କ ଘରକୁ ଯାଇ ସେମାନେ ଶୋଇଥିବା ବେଳେ, ତାଙ୍କୁ ଥରେ ଅଧେ ସଂଶୋଧନ ଆସିଲେ । ତା ପରେ, ଦଳପତି ଗୋଟିଏ ମିଟିଂ ଡକାଇ ତହିଁରେ ମାଲିକଙ୍କ ତରଫରୁ ଗୋଟିଏ ଭାଷଣ ଦେଲେ । ଭାଷଣଟିର ମଝିରେ ମଝିରେ ଏଇ କେତୋଟି ଶବ୍ଦ ନିଶ୍ଚିତ ଥାଏ ।

“ଭାଇମାନେ, ମୁଁ ଆପଣମାନଙ୍କ ମଝିରେ ଆଜି ନିଜକୁ ଠିଆ ହୋଇଥିବାର ଦେଖି ଗର୍ବ ଅନୁଭବ କରୁଛି । ଏଥି ପୂର୍ବରୁ ଆପଣମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସାକ୍ଷାତ କରିବାର ସୁଯୋଗ ମୁଁ ପାଇଥିଲି । ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଭାବ ଆଦାନ ପ୍ରଦାନ ହୋଇଥିଲା, ତାହା ମୁଁ ମାଲିକଙ୍କ କାନକୁ ନେଇଛି । ଆପଣମାନଙ୍କର ସାକ୍ଷାତ ପାଇଁ ଗଲାବେଳେ ଆପଣଙ୍କର ପିଲାଛୁଆମାନେ ମୋତେ ଯେଉଁ ସ୍ୱାଗତ କରିଥିଲେ, ଏବଂ ଯେଉଁ ହାର୍ଦ୍ଦିକ ଆଦର ଅଭ୍ୟର୍ଥନା କରିଥିଲେ, ତାହା ମୁଁ ସାରା ଜୀବନରେ ଭୁଲି ପାରିବ ନାହିଁ । ଆମର ଅନ୍ତର ଏ ମିଳନ ଅପରବତଭରେ ଅପଢ଼ତ ମୁହୂର୍ତ୍ତ, କଣ୍ଠରୁ କଣ୍ଠରେ ମିଳନ । ଆପଣମାନଙ୍କ ଦୟାରୁ ମୁଁ ଆଜି ଆପଣ-ମାନଙ୍କୁ ଦ'ଥର ଭେଟିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ

କରୁଛନ୍ତି । ଆପଣମାନେ ମୋଠାରୁ କୌଣସି ନୂଆ କଥାର ଆଶା ନ ପୋଷିବାକୁ ଅନୁରୋଧ, ମୁଁ ଯାହା କହିବାକୁ ଯାଉଛି, ତାହା ଆପଣମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଜଣା ଅଛି । ଚର୍ବିତ ଚର୍ବଣର ଦୋଷ ପାଇଁ କ୍ଷମା ଦେବେ ।" ଟିକଏ ଧୀର ଶବ୍ଦରେ ଶୁଣିବା ଦେଉଛନ୍ତି...

ବର୍ତ୍ତମାନ ଆପଣମାନେ ବକ୍ତବ୍ୟଟିକୁ ଟିକଏ ମନମଧ୍ୟରେ ଖେଳେଇ ନଅନ୍ତୁ । ବୁଝନ୍ତୁ ତାହା କେଡ଼େ ଶୀତଳ, କେଡ଼େ ପ୍ରାଣସ୍ପର୍ଶୀ, କେଡ଼େ ସରଳ ଏବଂ ସୁନ୍ଦର । ଏପରି କଥା ଆପଣ ଯାହା ମୁହଁରୁ ଶୁଣିବେ, କେବେ ହେଲେ ତା'ର ବିରୁଦ୍ଧାଚରଣ କରି ପାରିବେ କି ? ଆପଣଙ୍କ ଅନୁମାନ ହିଁ ଠିକ୍ । ବକ୍ତବ୍ୟ ବାହୁଲ୍ୟ ଯେ ଲୋକମାନେ ଏ ଉକ୍ତି ଶୁଣି ଥଣ୍ଡା ପଡ଼ିଗଲେ । କାରଣ ତହିଁରେ ପ୍ରତ୍ୟେକ ବ୍ୟକ୍ତିର ତାର ନାଯ୍ୟ ସମ୍ମାନ ଦିଆ ହୋଇଥିଲା ଏବଂ ମଜ୍‌ଦୁର ପ୍ରାଣରେ ସ୍ୱଜମାଣ୍ଡ କାଇଦା'ର ଆଶା ମଧ୍ୟ ସଞ୍ଚାର କରା-ହୋଇଥିଲା ।

ଏ ପ୍ରସଙ୍ଗରେ ଲେଖିଲାବେଳକୁ ପବନକୁ ପବନ ଓ ସୂର୍ଯ୍ୟଙ୍କ କଳି କଥା ସ୍ୱତଃ ମନେ ପଡ଼ିଯାଉଛି । କଥାଟି ଅତି ପୁରୁଣା—ଆପଣମାନେ ନିଶ୍ଚୟ ଜାଣିଥିବେ । ପବନ ଓ ସୂର୍ଯ୍ୟ ଉଭୟଙ୍କର ବଳ କଷାକଷି ହେଉଥିଲେ । ଗୋଟିଏ ବାଟୋଇ ଯାଉଥିଲା । ସ୍ଥିର ହେଲା ଯେ ଯିଏ ବାଟୋଇ ଦେହରୁ ତା ଚଦରଟି ଖସାଇ ନେବ, ସେ ହିଁ ପ୍ରକୃତ ବଳୁଆ । ପ୍ରଥମେ ପବନ ପ୍ରଚଣ୍ଡ ବେଗରେ ବହିବାକୁ ଲାଗିଲା । ବାଟୋଇକୁ ଶୀତ ଲାଗିଲା । ସେ ତାର ପ୍ରାଣପଣ ଜୋର ଖର୍ଚ୍ଚ କରି ଚଦରଖଣ୍ଡିକୁ ଦେହରେ ଜଡ଼ାଇ ଧରିଲା । ପବନର ବେଗ ଯେତେ ଯେତେ ବଢ଼ୁଥାଏ, ବାଟୋଇ ସେତେ ଜୋରରେ

ନିଜ ଚାଦରକୁ ଧରୁଥାଏ । ପବନ ସମସ୍ତ ଜୋର ଖର୍ଚ୍ଚକରି ବାଟୋଇ ଦେହରୁ ଚାଦର ଖସାଇ ପାରିଲା ନାହିଁ । ସୂର୍ଯ୍ୟଙ୍କ ପାଳି ପଡ଼ିଲା । ସେ ଅଗ୍ନି ଉଦ୍‌ଗାରଣ କରିବାକୁ ଆରମ୍ଭ କରିଦେଲେ । ବାଟୋଇଟି ଗରମର ଅସହ୍ୟ ହେତୁ ନିଜ ଦେହରୁ ଲୁଗାପଟା ଆପେ ଆପେ କାଢ଼ିକରି କାଖରେ ଯାକି ଚାଲିଲା । ସୂର୍ଯ୍ୟଙ୍କର ଜିତାପଟ ହେଲା । ଗଳ୍ପଟିରେ ଶିକ୍ଷଣୀୟ କଣ ଅଛି, ଅନେକେତ ଜଣମାନେ ବୁଝି ହେବେ ଯେ ପ୍ରବଳ ବଳରେ ଯାହା କରି ନ ହେବ, କୌଶଳରେ ତାହା କରିହେବ । ପବନରେ ଲୁଗା ଉଡ଼ିଯିବା ସମ୍ଭବ ମାତ୍ର ସୂର୍ଯ୍ୟଙ୍କର ସମସ୍ତ ଜୋର ଖର୍ଚ୍ଚ ହୋଇଥିଲେ ମଧ୍ୟ ଚାଦରଟା ଟିକେ ହୋହଲ ନ ଥାନ୍ତା, ଅଥଚ ପରୀକ୍ଷା କ୍ଷେତ୍ରରେ ଶେଷରେ ସୂର୍ଯ୍ୟ ପବନ ମୂର୍ତ୍ତିମନ୍ତ ଢଙ୍ଗ ଧଇଲକୁ ହାରିଗଲା । ସୂର୍ଯ୍ୟ ବାଟୋଇର ସ୍ୱବଶଂକରି ଏଣୁ ସାମାନ୍ୟ ଚେଷ୍ଟାରେ ଜିତାପଟ ମାରିନେଲେ ।

ଗଳ୍ପର ଉଦାହରଣରେ ମନ ନ ମାନୁଛି ତ ଆଠଗଡ଼ର ମରିସିତପୁର ଗ୍ରାମର ଶ୍ରୀ ବୃନ୍ଦାବନ ବ୍ରହ୍ମାଙ୍କ ଅନୁଭୂତ ଶ୍ରବଣ କରନ୍ତୁ । ସେ ଆଠଗଡ଼ ରାଜା ବିଶ୍ୱନାଥ ଦେବ ବର୍ମଙ୍କର ଅତ୍ୟନ୍ତ ପ୍ରିୟ ବ୍ୟକ୍ତି । ରାଜଗହଣରେ ସେ ଅନେକ ଦେଶ ବିଦେଶ ଭ୍ରମଣ କରିଛନ୍ତି । ରାଜାଙ୍କ ଲଗେଇ ଥରେ ସେ ରହିବାପାଇଁ ଯେଉଁ ଘର-ଖଣ୍ଡ ନେଇଥିଲେ, ତହିଁରୁ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରଚୁର ପରିମାଣରେ ମିଳୁଥିଲା । ଉପରନ୍ତ ରାଜା ମହୋଦୟ ତାଙ୍କୁ ଅନେକରେ କୋଟିଏ ମୂଲ୍ୟବାନ୍ ପ୍ରାସାଦରେ କିଛି ବର୍ଷ ରହିବାର ଲଗେଇ ଦେଇ ଭାର୍ଯ୍ୟା-ନରରେ ରହାଇ ଦେଲେ । ବ୍ରହ୍ମା ଆପଣେ ରାଜାଙ୍କ ଭରହରେ ଅନୁଭବ କଲେ ଯେ ଭଡ଼ାର ପରିମାଣଟା ଯଥେଷ୍ଟ ବେଶୀ । ସେ ପ୍ରତି ମାସରେ ଏକଶହଟାଏ ଟଙ୍କା ଭଡ଼ା ଦେବାକୁ କଷ୍ଟ ଅନୁଭବ

କଲେ । ମାତ୍ର ଘରର ମାଲିକଙ୍କ ପ୍ରକୃତି ତାଙ୍କୁ ଅବଗତ ନ ଥିଲା । ସେ ଯେ ଯକ୍ଷ ପ୍ରକୃତିର ଲୋକ ଏବଂ ଆଗରୁ ଯେଉଁମାନେ ସେ ଘରେ ରହୁଥିଲେ, ସେମାନେ ଭଡ଼ା କମାଇବାକୁ ଯତ୍ପରୋନାସ୍ତି ଚେଷ୍ଟାକରି ଫେଲ୍ ମାରିଥିଲେ, ଏହା ତାହାଙ୍କୁ ବେଶ୍ ଜଣାଥିଲା । ତଥାପି ସେ ବୃକ୍ଷଣ ଅନୁଭୂତ ନମିତ୍ତ ପୁନରବୃତ୍ତି କରି ବସିଲେ । ତେଣୁ ସେ ମାଲିକଙ୍କ ନିକଟକୁ ଗୋଟିଏ ଚିଠି ଲେଖିଲେ । ତାହାର ମର୍ମ ହେଉଛି —"ଏ ମାସଟି ପୂର୍ଣ୍ଣ ହୋଇଗଲେ ମୁଁ ଆପଣଙ୍କ ଘରଟି ଖାଲିକରି ଦେବାକୁ ମନସ୍ଥ କରିଛି । ଆପଣ ଆଜିଠାରୁ ଅନ୍ୟ ଗ୍ରାହକ ବନ୍ଦୋବସ୍ତ କରି ପାରନ୍ତି । ଘରର ମାଲିକଙ୍କ ପକ୍ଷରେ ଏ ରକମ ଚିଠି ପାଇବା ଆଉ ନୂଆ କଥା ନୁହେଁ । ତେଣୁ ସେ ବିସ୍ମିତ ହେଲେ ନାହିଁ । ତାଙ୍କ ଘରେ ଯେଉଁମାନେ ଭଡ଼ାରେ ରହନ୍ତି, ସେମାନେ ବେଶୀଦିନ ତିଷ୍ଠି ପାରନ୍ତି ନାହିଁ । ତେଣୁ ଘର ଅଧିକାଂଶ ସମୟରେ ଖାଲିପଡ଼େ । ମାତ୍ର ସେ ଭଡ଼ା ଦର ତଳକୁ ଖସାନ୍ତି ନାହିଁ । ଚିଠି ପାଇବା ପରଦିନ ସେ ବୃଦ୍ଧ ଆପଣଙ୍କ ସହିତ ଦେଖା କରିବାକୁ ଆସିଲେ । ବୃଦ୍ଧ ଆପଣେ ଜଣେ ଉଚ୍ଚ ଶିକ୍ଷାରେ ଶିକ୍ଷିତ ଏବଂ ମଜଲିସିଆ ବ୍ୟକ୍ତି । ତେଣୁ ସେ ମାଲିକଙ୍କୁ ଆନ୍ତରିକ ସହୃଦୟତା ସହିତ ଅଭିବାଦନ କଲେ । ତା ପରେ ଘରଟି ଅତ୍ୟନ୍ତ ସୁନ୍ଦର, ସୁଖସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ବୋଲି କାବ୍ୟ ଅଳଙ୍କାର ସମେତ ବର୍ଣ୍ଣନାଗୁଡ଼ିଏ କଲେ । ସର୍ବଶେଷରେ ସେ କହିଲେ ଯେ ମାଲିକ ତାଙ୍କଠୁ ଏ ଭଡ଼ା ଘରର ଯେଉଁ ତଙ୍କା ନେଉଛନ୍ତି, ତାହା ବାସ୍ତବିକ୍ ପ୍ରଶଂସନୀୟ । ସେ ଏହା ମଧ୍ୟ ସ୍ୱୀକାର କଲେ ଯେ ସେ ଘରଛାଡ଼ିବା ତାଙ୍କର ଆନ୍ତରିକ ଇଚ୍ଛା ନୁହେଁ ମାତ୍ର ବ୍ୟୟସଙ୍କୋଚ ନିମିତ୍ତ ବାଧ୍ୟ ହେଉଥିବାରୁ ସେ ସେପରି ମନସ୍ଥ କରିଛନ୍ତି । ପୁନଶ୍ଚ ସେ ଏହା ମଧ୍ୟ ପ୍ରକାରାନ୍ତରେ କହିଲେ ଯେ ମାଲିକଙ୍କ ଦୃଷ୍ଟିରୁ ଭଡ଼ା ଯଥାଯଥ ହୋଇଥିବାର ଅବସର ସେ ପାଉଛନ୍ତି ।

ସହରର ମାଲିକ କୌଣସି ଭଡ଼ାଟିଆଙ୍କଠାରୁ ଏପରି ସ୍ୱାଗତ ଏବଂ ବ୍ୟବହାର ପାଇ ନ ଥିଲେ । ପୂର୍ବରୁ ଯେଉଁମାନେ ଭଡ଼ା ଜମାଇବା ପାଇଁ ଚେଷ୍ଟା କରୁଥିଲେ, ସେମାନେ ଝୁଠୀ ଦେଖାଇ, ଅଭାବ ଦର୍ଶାଇ, ଅଭିଯୋଗ କାଢ଼ି ଚେଷ୍ଟା କରୁଥିଲେ । ବୃଦ୍ଧା ଆପଣେ ଯାହା ଯାହା ତାଙ୍କୁ କହିଲେ, ସେ ତାହା ଶୁଣିବାକୁ କଳ୍ପନାରେ ମଧ୍ୟ ପ୍ରସ୍ତୁତ ନ ଥିଲେ । ମାତ୍ର ପରିସ୍ଥିତି ସେପରି ଉପୁଜିଲା, ମାଲିକ ନିଜ ମନ-ଖୋଲା କଥା ନ କହି ରହି ପାରିଲେ ନାହିଁ । ଘରଟି ଭଦ୍ରଲୋକ ରହିବା ପାଇଁ ଉପଯୁକ୍ତ କରି ରଖିବାକୁ ଯେଉଁ ଯେଉଁ ଖର୍ଚ୍ଚର ଆବଶ୍ୟକତା, ତାର ନାମକରଣ ଗୋଟି ଗୋଟି କରି ସେ ବୃଦ୍ଧା ଆପଣଙ୍କୁ ବୁଝାଇ ବସିଲେ । ବୃଦ୍ଧା ଆପଣେ ଧୀର ବିନମ୍ର ଭାବରେ ସମସ୍ତ ଶୁଣିସାରି କହିଲେ, "ଆପଣଙ୍କ ଭଡ଼ା ଯେ ନ୍ୟାଯ୍ୟମୂଳକ, ତାହା ତ ମୁଁ ପ୍ରଥମରୁ ସ୍ୱୀକାର କରୁଛି । କେବଳ ମୋ ଦୃଷ୍ଟି ନେଇ ଖରାପ କଲେ ମୁଁ ଦେଇ ପାରିବା ପାଇଁ ଅକ୍ଷମ ହେଉଛି ।" ବୃଦ୍ଧାଙ୍କ ମୁଖରୁ ଏହା ଶୁଣି ମାଲିକ କହିଲେ, "ଆପଣଙ୍କ ପରି ଭଡ଼ାଦାର ଭାଗ୍ୟରେ ଥିଲେ ମିଳେ । ଆପଣ ଏଣିକି ଯାହା ଦେଉଛନ୍ତି ତହିଁରୁ ୫।୧୦ କମାଇ କରି ଚାହେଲେ ତେବେ, ଆଉ କଅଣ ?"

ବୃଦ୍ଧା ଆପଣେ କହିଲେ, "ଆପଣ ମୋତେ କମାଇବାଯାଏ କଥା ଯାଆନ୍ତା ନାହିଁ, ମାତ୍ର ମୁଁ ସବୁଆଡ଼ୁ ବିବେଚନା କରି ଦେଖୁଛି ମାସିକ ଏତେଠୁ କୌଣସି ପ୍ରକାରେ ବେଶୀ ଦେଇ ପାରିବାକୁ ସଂପୂର୍ଣ୍ଣ ଅକ୍ଷମ ।"

ମାଲିକ ଟିକେ ଚିନ୍ତା କରି କହିଲେ, "ଆଚ୍ଛା, ତାହାହେଲେ ମୁଁ ଆପଣଙ୍କ ପ୍ରସ୍ତାବରେ ରାଜି ମାତ୍ର ଗୋଟାଏ ସର୍ତ୍ତରେ, 'ଆପଣ

କଲେ । ମାତ୍ର ଘରର ମାଲିକଙ୍କ ପ୍ରକୃତି ତାଙ୍କୁ ଅବଗତ ନ ଥିଲା । ସେ ଯେ ଯକ୍ଷ ପ୍ରକୃତିର ଲୋକ ଏବଂ ଆଗରୁ ଯେଉଁମାନେ ସେ ଘରେ ରହୁଥିଲେ, ସେମାନେ ଭଡ଼ା କମାଇବାକୁ ଯତ୍ପରୋନାସ୍ତି ଚେଷ୍ଟାକରି ଫେଲ୍ ମାରିଥିଲେ, ଏହା ତାହାଙ୍କୁ ବେଶ୍ ଜଣାଥିଲା । ତଥାପି ସେ ବ୍ୟକ୍ତିଗତ ଅନୁଭୂତି ନିମିତ୍ତ ପୁନରାବୃତ୍ତି କରି ବସିଲେ । ତେଣୁ ସେ ମାଲିକଙ୍କ ନିକଟକୁ ଗୋଟିଏ ଚିଠି ଲେଖିଲେ । ତାହାର ମର୍ମ ହେଉଛି —"ଏ ମାସଟି ପୂର୍ଣ୍ଣ ହୋଇଗଲେ ମୁଁ ଆପଣଙ୍କ ଘରଟି ଖାଲିକରି ଦେବାକୁ ମନସ୍ଥ କରିଛି । ଆପଣ ଆଜିଠାରୁ ଅନ୍ୟ ଗ୍ରାହକ ବନ୍ଦୋବସ୍ତ କରି ପାରନ୍ତି । ଘରର ମାଲିକଙ୍କ ପକ୍ଷରେ ଏ ରକମ ଚିଠି ପାଇବା କିଛି ନୂଆ କଥା ନୁହେଁ । ତେଣୁ ସେ ବ୍ୟସ୍ତ ହେଲେ ନାହିଁ । ତାଙ୍କ ଘରେ ଯେଉଁମାନେ ଭଡ଼ାରେ ରହନ୍ତି, ସେମାନେ ବେଶୀଦିନ ତିଷ୍ଠି ପାରନ୍ତି ନାହିଁ । ତେଣୁ ଘର ଅଧିକାଂଶ ସମୟରେ ଖାଲିପଡ଼େ । ମାତ୍ର ସେ ଭଡ଼ା ଦର ତଳକୁ ଖସାନ୍ତି ନାହିଁ । ଚିଠି ପାଇବା ପରଦିନ ସେ ବୁଡ୍ଢା ଆପଣଙ୍କ ସହିତ ଦେଖା କରିବାକୁ ଆସିଲେ । ବୁଡ୍ଢା ଆପଣେ ଜଣେ ଉଚ୍ଚ ମିଜାଜର ଶିକ୍ଷିତ ଏବଂ ମଜଲିଆ ବ୍ୟକ୍ତି । ତେଣୁ ସେ ମାଲିକଙ୍କୁ ଆନ୍ତରିକ ସହୃଦୟତା ସହିତ ଅଭିବାଦନ କଲେ । ତା ପରେ ଘରଟି ଅତ୍ୟନ୍ତ ସୁନ୍ଦର, ସୁଖସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ବୋଲି କାବ୍ୟ ଅଳଙ୍କାର ସମେତ ବର୍ଣ୍ଣନାଗୁଡ଼ିଏ କଲେ । ପରିଶେଷରେ ସେ କହିଲେ ଯେ ମାଲିକ ତାଙ୍କର ଏ ଭଡ଼ା ଘରର ଯେଉଁ ତଣ୍ଡୁ ନେଉଛନ୍ତି, ତାହା ବାସ୍ତବିକ୍ ପ୍ରଶଂସନୀୟ । ସେ ଏହା ମଧ୍ୟ ସ୍ୱୀକାର କଲେ ଯେ ସେ ଘରଛାଡ଼ିବା ତାଙ୍କର ଆନ୍ତରିକ ଇଚ୍ଛା ନୁହେଁ ମାତ୍ର ବ୍ୟୟସଂକୋଚ ନିମିତ୍ତ ବାଧ୍ୟ ହେଉଥିବାରୁ ସେ ସେପରି ମନସ୍ଥ କରିଛନ୍ତି । ପୁନଶ୍ଚ ସେ ଏହା ମଧ୍ୟ ପ୍ରକାରାନ୍ତରେ କହିଲେ ଯେ ମାଲିକଙ୍କ ଦୃଷ୍ଟିରୁ ଭଡ଼ା ଯଥାଯଥ ହୋଇଥିବାର ଅନୁଭବ ସେ ପାଉଛନ୍ତି ।

ଘରର ମାଲିକ କୌଣସି ଭଡ଼ାଟିଆଙ୍କଠାରୁ ଏପରି ସ୍ୱାଗତ ଏବଂ ବ୍ୟବହାର ପାଇ ନ ଥିଲେ । ପୂର୍ବରୁ ଯେଉଁମାନେ ଭଡ଼ା କମାଇବା ପାଇଁ ଚେଷ୍ଟା କରୁଥିଲେ, ସେମାନେ ଯୁକ୍ତି ଦେଖାଇ, ଅଭାବ ଦର୍ଶାଇ, ଅଭିଯୋଗ କାଢ଼ି ଚେଷ୍ଟା କରୁଥିଲେ । ବୃଦ୍ଧା ଆପଣେ ଯାହା ଯାହା ତାଙ୍କୁ କହିଲେ, ସେ ତାହା ଶୁଣିବାକୁ କଳ୍ପନାରେ ମଧ୍ୟ ପ୍ରସ୍ତୁତ ନ ଥିଲେ । ମାତ୍ର ପରିସ୍ଥିତି ଯେପରି ଉପୁଜିଲା, ମାଲିକ ନିଜ ମନ-ଖୋଲା କଥା ନ କହି ରହି ପାରିଲେ ନାହିଁ । ଘରଟି ଭଦ୍ରଲୋକ ରହିବା ପାଇଁ ଉପଯୁକ୍ତ କରି ରଖିବାକୁ ଯେଉଁ ଯେଉଁ ଖର୍ଚ୍ଚର ଆବଶ୍ୟକତା, ତାର ନାମକରଣ ଗୋଟି ଗୋଟି କରି ସେ ବୃଦ୍ଧା ଆପଣଙ୍କୁ ବୁଝାଇ ବସିଲେ । ବୃଦ୍ଧା ଆପଣେ ଧୀର ନମ୍ର ଭାବରେ ସମସ୍ତ ଶୁଣିସାରି କହିଲେ, "ଆପଣଙ୍କ ଭଡ଼ା ଯେ ନ୍ୟାଯ୍ୟମୂଳକ, ତାହା ତ ମୁଁ ପ୍ରଥମରୁ ସ୍ୱୀକାର କରୁଛି । କେବଳ ମୋ ଦୃଷ୍ଟି ନେଇ ବିଚାର କଲେ ମୁଁ ଦେଇ ପାରିବା ପାଇଁ ଅକ୍ଷମ ହେଉଛି ।" ବୃଦ୍ଧାଙ୍କ ତୁଣ୍ଡରୁ ଏହା ଶୁଣି ମାଲିକ କହିଲେ, "ଆପଣଙ୍କ ପରି ଭଡ଼ାଟିଆ ଭାଗ୍ୟରେ ଥିଲେ ମିଳେ । ଆପଣ ଏଣିକି ଯାହା ଦେଉଛନ୍ତି ତହିଁରୁ ୫।୧୦ କମାଇ ଦେଇ ତାହେଲେ ଦେବେ, ଆଉ କଅଣ ?"

ବୃଦ୍ଧା ଆପଣେ କହିଲେ, "ଆପଣ ମୋତେ କମାଇବାଯାଏ କଥା ଯାଆନ୍ତା ନାହିଁ, ମାତ୍ର ମୁଁ ସବୁଆଡ଼ୁ ବିବେଚନା କରି ଦେଖୁଛି ମାସିକ ଏତିକିରୁ କୌଣସି ପ୍ରକାରେ ବେଶୀ ଦେଇ ପାରିବାକୁ ସଂପୂର୍ଣ୍ଣ ଅକ୍ଷମ ।"

ମାଲିକ ଟିକିଏ ଚିନ୍ତା କରି କହିଲେ, "ଆଚ୍ଛା, ତାହାହେଲେ ମୁଁ ଆପଣଙ୍କ ପ୍ରସ୍ତାବରେ ରାଜି ମାତ୍ର ଗୋଟାଏ ସର୍ତ୍ତରେ, ଯଦି

ଏକଥା ଅପର କେହି ଯେପରି ନ ଜାଣନ୍ତି । ଆଚ୍ଛା, ବର୍ତ୍ତମାନ କୁହନ୍ତୁ, ଆପଣଙ୍କର କିଛି ଅସୁବିଧା ହେଉଛି କି ? ଯଦି ଅସୁବିଧା କିଛି ନ ହେଉଥାଏ, ତା ହେଲେ ମୋତେ କୁହନ୍ତୁ ଏ ଘରର ଅନ୍ୟ କୌଣସି ସାଜ ସରଞ୍ଜାମ କଲେ, ଘରଟି ଆପଣଙ୍କ ମନକୁ ଯେପରି ପାଉଛି, ଅପରର ମନକୁ ମଧ୍ୟ ସେହିପରି ଲାଗି ପାରିବ । ବୃଦ୍ଧା ଆପଣେ ଗୋଟିଏ ଶ୍ରେଷ୍ଠ ତାଲିକା କରିଦେଲେ । ମାଲିକ ଫେରିଯାଇ ଯଥାଶୀଘ୍ର ତାଲିକା ମୁତାବକ ସାଜସରଂଜାମ କିଣି ଘରଟିକୁ ଆହୁରି ଉନ୍ନତ କରି ସଜାଇଦେଲେ । ଘଟଣାର ସତ୍ୟାସତ୍ୟ ପାଠକେ ବୃଦ୍ଧା ଆପଣଙ୍କଠାରୁ ବୁଝିପାରନ୍ତି ।

ତେଣୁ ଗୋଟିଏ କଥା ମନେ ରଖିବାକୁ ମୁଁ ପ୍ରତ୍ୟେକଙ୍କୁ ଅନୁରୋଧ କରେ :—

ବଦନଂ ପ୍ରସାଦସଦନଂ, ହୃଦୟଂ ସଦୟଂ, ସୁଧାମୁଚୋ ବାଚଃ
କରଣଂ ପରୋପକରଣଂ, ଯେଷାଂ କେଷାଂ ନତେ ବନ୍ଦ୍ୟାଃ ?

( ୧୫ )

ମହାତ୍ମା ସକ୍ରେଟିସଙ୍କ ନାମ ସମ୍ଭବତଃ ଆମ ଦେଶର ପ୍ରତ୍ୟେକ ଶିକ୍ଷିତ ପ୍ରାୟ ପରିଚିତ । ତାଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ ଜଣା-ପଡ଼େ ଯେ ସେ ମଣିଷର ପ୍ରକୃତ ସ୍ୱଭାବ ସମ୍ବନ୍ଧ ଭଲରେ ପରିଚିତ ଥିଲେ । ସେ କହନ୍ତି ଲୋକଙ୍କ ସଙ୍ଗେ କଥାବାର୍ତ୍ତା ହେଲାବେଳକୁ ଯେଉଁ ବିଷୟରେ ମତାନ୍ତର ହେବାର ସମ୍ଭାବନା, ସେ ପ୍ରସଙ୍ଗ ମୋଟେ ନ ଉଠାଇବା ଉଚିତ ଏବଂ ଯେଉଁ ବିଷୟରେ ମତଭେଦ ହେବାର ସମ୍ଭାବନା ନାହିଁ, ସେ ବିଷୟଗୁଡ଼ିକ ଏପରି ଉପସ୍ଥାପନ କରିବାକୁ ହେବ ଯେପରି ମନମୁଗ୍ଧକର ତଥା ଶ୍ରୁତିପ୍ରୀତିକର ହେବ ।

ଗୋଟିଏ କଥା ପ୍ରତ୍ୟେକ ବ୍ୟକ୍ତି ମନେ ରଖିବା ଉଚିତ । ତାହା ଏହି ଯେ କୌଣସି ଉଦ୍ଦେଶ୍ୟ ସିଦ୍ଧି ପାଇଁ କାମ କରି ବସିଲେ ମତାନ୍ତର କ୍ୱଚିତ୍ ଦୃଷ୍ଟ ହୁଏ, ଅବଶ୍ୟ ଉଦ୍ଦେଶ୍ୟର ସାଧନ ନିମନ୍ତେ ଯେଉଁ ଉପାୟ ଅବଲମ୍ବନ କରାହୁଏ, ତହିଁରେ ମତାନ୍ତର ହେବା ବହୁ ପରିମାଣରେ ସଂଭବ । ତେଣୁ ସମ୍ପର୍କୀୟ ବ୍ୟକ୍ତିଙ୍କୁ ଏପରି ପ୍ରଶ୍ନ ପଚାରିବାକୁ ହେବ, ଯେପରି ସେ ଉତ୍ତରରେ ହଁ ହଁ କରୁଥିବେ, ତାଙ୍କୁ ନାହିଁ କରିବାକୁ ଅବସର ପର୍ଯ୍ୟନ୍ତ ଦେବା ଉଚିତ୍ ନୁହେଁ ।

ପ୍ରଫେସର ଓଭରଷ୍ଟ୍ରିଟ୍ କହନ୍ତି, "ନାହିଁ କରୁଥିବା ଲୋକକୁ ହଁ କରାଇବା ଜଗତରେ ସବୁଠାରୁ କଷ୍ଟକର ବ୍ୟାପାର । ନ୍ୟାୟରେ ହେଉ ବା ଅନ୍ୟାୟରେ ହେଉ, ଠିକ୍‌ରେ ହେଉ ବା ଭୁଲ୍‌ରେ ହେଉ, କୌଣସି ଲୋକ ନାହିଁ କରି ଦେଲା ମାତ୍ରେ ତାର ସମସ୍ତ ଗର୍ବ ଏବଂ ଆତ୍ମସମ୍ମାନ, ସେହି ନାହିଁର ସମର୍ଥନ ପାଇଁ ବ୍ୟଗ୍ର କରେ । ପରେ ହୁଏତ ସେ ପଶ୍ଚାତାପ କରିବ ଯେ, ନାହିଁ କରିବାରେ ସେ ଭୁଲ କରିଛି, ତଥାପି ସେ 'ନା' କରିଥିବା ଯାଗାରେ 'ହଁ' କରିବାକୁ ପଛେଇଥିବ ।"

ମୋର ଆଶା, ଆପଣମାନେ ଏ କଥାର ସତ୍ୟତା ନିଜ ନିଜର ଅନୁଭୂତିରୁ ଅନେକ ଥର ପାଇଥିବେ । ଏଠାରେ କଥା ଛଳରେ ସକ୍ରେଟିସ୍‌ଙ୍କ ଉକ୍ତି ଅନୁଯାୟୀ ଗୋଟିଏ ମାତ୍ର ଉଦାହରଣ ଦେଲେ ଯଥେଷ୍ଟ ହେବ ।

ଜଣେ ଧନୀ ବ୍ୟକ୍ତି ବ୍ୟାଙ୍କରେ ଟଙ୍କା ଜମା ରଖିବା ଉଦ୍ଦେଶ୍ୟରେ ଯାଇ ଗୋଟିଏ ବ୍ୟାଙ୍କରେ ପହଞ୍ଚିଲେ । ବ୍ୟାଙ୍କର ନିୟମ ଅନୁସାରେ ଟଙ୍କା ରଖିବା ବ୍ୟକ୍ତିଙ୍କୁ କେତେଗୁଡ଼ାଏ ଫର୍ମ ପୂରଣ କରିବାକୁ ପଡ଼େ । ଉକ୍ତ ଧନୀକ ଫରମର ଗୋଟାଏ ଦୁଇଟା

ଅଂଶ ବ୍ୟତୀତ ତାଙ୍କ ଅନ୍ୟାନ୍ୟ ସମସ୍ତ ପୂରଣ କରିଦେଇ ସରିଲେ । ଅବଶିଷ୍ଟ କେତେକ ଅଂଶ ସେ ପୂର୍ଣ୍ଣ କରିବାକୁ ଏତେଦୂର କୁଣ୍ଠା ଅନୁଭବ କଲେ ଯେ ସେ ବ୍ୟାଙ୍କ ମ୍ୟାନେଜରଙ୍କୁ କହିଲେ, "ଦେଖନ୍ତୁ, ମୋର ଟଙ୍କା ଯଥେଷ୍ଟ ଜମା କରା ନ ହେବ, ମାତ୍ର ମୁଁ ଅବଶିଷ୍ଟ ଅଂଶତକ ପୂର୍ଣ୍ଣ କରିବାକୁ ପ୍ରସ୍ତୁତ ନୋହେ ।" ତାଙ୍କଠାରୁ ଏହା ଶୁଣି ବ୍ୟାଙ୍କ କର୍ମଚାରୀ କହିଲେ, "ବ୍ୟାଙ୍କର ଯେଉଁ ଖଣ୍ଡଗୁଡ଼ା ଆବଶ୍ୟକ, ସେଗୁଡ଼ା ଆପଣ ଠିକ୍ ପୂର୍ଣ୍ଣ କରି ଦେଇଛନ୍ତି, ମାତ୍ର ଯେଉଁ ଅଂଶଗୁଡ଼ା ବ୍ୟାଙ୍କର ମୋଟେ କାମରେ ଆସିବ ନାହିଁ, ସେଇଗୁଡ଼ା ପାଇଁ ଆପଣ ହୁଏତ ଟିକିଏ କୁଣ୍ଠା ବୋଧ କରୁଛନ୍ତି । ତଥାପି ମୋ ମନରେ ଗୋଟାଏ କଥା ଉଙ୍କି ମାରୁଛି—ଧରନ୍ତୁ—ଭଗବାନ ଅବଶ୍ୟ ନ କରନ୍ତୁ—ଆପଣଙ୍କର ଅକସ୍ମାତ୍ କିଛି ହୋଇଗଲା । ତା ହେଲେ ଆପଣ କଅଣ ଚାହୁଁଛନ୍ତି ଯେ ଆପଣଙ୍କର ଏ ସମ୍ପତ୍ତି ହସ୍ତାନ୍ତର ନ ହୋଇ ବ୍ୟାଙ୍କରେ ହିଁ ଡୁବିଯିବାକୁ ? ତା ତ ଆପଣ ଚାହିଁ ନ ଥିବେ । ଆପଣ ଚାହାନ୍ତି ଯେ ଆପଣଙ୍କର ଜଣେ ପରମ ଆତ୍ମୀୟ ଏହା ପାଉ, ନା କଣ ? ଧନୀବ୍ୟକ୍ତି ଉତ୍ତର ଦେଲେ, "ନିଶ୍ଚୟ, ଏଥିରେ ସନ୍ଦେହ ନାହିଁ ।" ମ୍ୟାନେଜର କହିଲେ, "ତା ହେଲେ ଆପଣ ବର୍ତ୍ତମାନ ସ୍ଥିର କରନ୍ତୁ ଆପଣ ଯାହାକୁ ଏ ସମ୍ପତ୍ତି ଭୋଗକରିବାକୁ ଚାହୁଁଛନ୍ତି, ତାଙ୍କ ଠିକଣା ଆମ ଉଭୟଙ୍କୁ ଜଣା ଥିଲେ, ଉଭୟଙ୍କ ପକ୍ଷରେ ବଡ଼ ସୁବିଧା ହେବ ନାହିଁ କି ?"

ଧନୀକ କହିଲେ, "ହଁ, ତା ତ ନିଶ୍ଚୟ ହେବ ।" ତା ହେଲେ ଆପଣ ଏଇ ଫରମର ଯେଉଁ ଅଂଶଟା ପୂରଣ କରି ନାହାନ୍ତି, ସେଇଟା ପୂରଣ କରିଦେଲେ ଆପଣଙ୍କର ସୁବିଧା ହେବ ନାହିଁ କି ?

"ହଁ, ତା ତ ହେଜରେ ଲେଖୁଛି ।" ଏଥର ଭକ୍ତ ଧମାଳଙ୍କୁ ଫରମଟି ଉଠାଇ ଆଉ ଥରେ ହାତକୁ ନେଲେ । ଅବଶ୍ୟ ସେ ପୂର୍ଣ୍ଣ କରିବା ପୂର୍ବରୁ ଅବିଂଶ୍ବାସ ବଜାୟ ରଖିବାକୁ କହୁଥିଲେ, "ମାତ୍ର ଏ ସମ୍ପର୍କରେ ନିତାନ୍ତ ଯେତିକେଟା ପୂର୍ଣ୍ଣ କଲେ ଚଳିବ, ସେତିକେଟା ମୁଁ ପୂର୍ଣ୍ଣ କରି ଦେଉଛି, ଅବଶିଷ୍ଟ ପାଇଁ ଆପଣ ହିଁ ଦାୟୀ ହେବେ ।" ମ୍ୟାନେଜର କହିଲେ, "ତାହା ହିଁ ହେଉ ।"

ଧମାଳ ହାତକୁ ନେଇ ଆବଶ୍ୟକୀୟ ଖବର ପୂର୍ଣ୍ଣ କରିସାରି ଦେଖିଲେ ଆଉ କୌଣସି ପ୍ରଶ୍ନ ଖାଲି ନାହିଁ । ସେ ବଡା ବାଚ୍ୟ-ବ୍ୟୟରେ ଟିକିଏ ମୃଦୁ ହସି ଫରମଟି ବ୍ୟାଙ୍କ ମ୍ୟାନେଜରଙ୍କ ହାତକୁ ବଢ଼ାଇ ଦେଲେ ।

ତେଣୁ ବଂକ୍ତିକୁ 'ହଁ' 'ହଁ' କହିଇ ଦେଇ, ନାହିଁ କରିବାକୁ ଅବସର ନ ଦେଇ କାର୍ଯ୍ୟ ଉଦ୍ଧାର କରିନେବା ପ୍ରଣାଳୀକୁ ସନ୍ନେଟିଭ୍ ପ୍ରଣାଳୀ କହନ୍ତି । ବର୍ତ୍ତମାନ ମୁଁ ଏଇ ଯେଉଁ ଅନୁଭୂତିଟି ଉଲ୍ଲେଖ କରୁଛି, ସେଇଟି ଏ ପ୍ରଣାଳୀ ଅନ୍ତର୍ଗତ ହେବ-କି ନାହିଁ ଟିକିଏ ବିଚାର କରି କହିବେ କି ?

ଓଡ଼ିଶାରେ ଅଧିକାଂଶ ସହରରେ ଜାଳେଣି କାଠ କିଣିବାକୁ ପଡ଼େ । ଯେଉଁ ଲୋକମାନେ ଜାଳେଣି କାଠ କିଣିପାରି ଅକ୍ଷମ, ସେମାନଙ୍କର ଧାସବାକ୍ସ ଦରଦାମ୍ ଗୋଟାଏ କିଛି ନ ଥାଏ । ତେଣୁ କାଠଗୋଲ୍ଲ ବା ଘର ଅନୁପାତରେ ମୂଲେଇକରି କିଣିବାକୁ ପଡ଼େ । ସମ୍ବଲପୁର କାର୍ଯ୍ୟକାଳ ସମୟରେ ମୋର ସପୁରଡ଼ାଠାରୁ ଦୁଇ ମାଇଲ ଦୂର ଟେଳାଗୁଡ଼ା ଗ୍ରାମରେ ରହିବାକୁ ପଡ଼ୁଥିଲ । ଲୋକମାନେ ସାଧାରଣତଃ ଘର ଜଣ କାଠ ଆଣି ଦିଅନ୍ତି ।

ଖସଡ଼ନେ ଯେଉଁ ଘର ବାରଣା ବର୍ଷାଦିନେ ବେଢ଼ଙ୍କା ପର୍ଯ୍ୟନ୍ତ ଦେଇ ସେଇ କାଠ ଘର ଆମକୁ କଣିବାକୁ ପଡ଼େ । ଚେଢାଗୁଡ଼ା ଗାଁକୁ ଲାଗି ଅଳ୍ପ ଅଳ୍ପ ଦୂରରେ ଏଇ ଏଜେନ୍ସି ଏରିଆ ଭିତରେ ଯେତେଗୁଡ଼ିଏ ଗାଁ ଦେଖିବାକୁ ମିଳେ, ସେ ସବୁ ପ୍ରାୟ କନ୍ଧ ବସ୍ତି । ସେମାନେ କାଠ ନେଇ ଗଲବେଳକୁ ଚେଢାଗୁଡ଼ା ବସା ବାଟ ଦେଇ ଗସ୍ମଗଡ଼ା ସହରକୁ ଯାନ୍ତି । ସେମାନେ ବଡ଼ ଏକଛଟିଆ । ତାଙ୍କୁ ଜାଳ ତାଙ୍କ ସଙ୍ଗେ ଯୁକ୍ତି କରି ବସିଲେ ସେମାନେ ଟଙ୍କାକର ଘରକୁ ଗସ୍ମଗଡ଼ା ଟାଉନ୍‌ରେ ପାଞ୍ଚ ସୁକାରେ ବିକବାର ବନ୍ଦ ପକାଇ ଯାନ୍ତି । ବେଳେ ବେଳେ ସେଇ ଘରକୁ ସହରରେ ବାରଣାରେ ମଧ୍ୟ ଦେଇ ଆସିବାକୁ ପଡ଼େ । ମୁଁ ନିମ୍ନଲିଖିତ ପ୍ରଣାଳୀରେ ପ୍ରାୟ ତାଙ୍କ ସାଙ୍ଗେ କାରବାର ଚଳାଏ ।

କରେ ! କାଠ ବିକବାକୁ ନଉଛୁ ତ ?

ହିଁ ।

ଦାମ୍ କେତେ, ଦେଢ଼ ଟଙ୍କା ?

ହିଁ ।

ଗସ୍ମଗଡ଼ା ଏଠଣ କୋଶେ ଦୂର ନୁହେଁ କି ରେ ?

ହିଁ ।

ଗସ୍ମଗଡ଼ା ଗଲେ ଜଳୁ ଜଳୁ ଯେତେବେଳେ ହେବ ହେବ, ନୁହେଁ କି ରେ ?

ହିଁ, ବାବୁ !

ଗସ୍ମଗଡ଼ା ଗଲେ ଏନ୍ତି ଟିକସ ହିସାବେ କେତେ ଦାନ୍ତୁ, କି ପଣା ?

ହିଁ ।

ଫଳତ ହିସାବରେ ତୁ ୨।° ଘର କାଠ ଦାଣ୍ଡିଆରକୁ ନାହିଁ ?

ଖାଉଛ ବାବୁ ।

ଅଚ୍ଛା, ମୁଁ ଗୋଟାଏ କଥା କହୁଛି, ତୁ ଏଇଠୁ ବାହାର ହୋଇ ପେଣ୍ଠଯା, ଖଣ୍ଡଗଡ଼ାରେ ସଞ୍ଜଯାଏ ବସିବୁ କାହିଁ, ପୁଣି କୋଣେ ବାଟ ଏ ଘର ବୋହିବୁ କାହିଁ ? ଯା, ଆଉ ଦ'ଗୋଟା ହାଣ୍ଡି ଆଣିବୁ । ଠିକ୍ ଭାତ ଭେଜେ ନବୁ ।

ଯାହା ଦବୁ ଦେ ବାବୁ !

ହଉ ରଖ ଭାଠ, ଟଙ୍କାଟାଏ ନେ ।

ହଉ ବାବୁ, ନେ ଭାଠ, ଦେ ଟଙ୍କା ।

ମୁଁ ଆଉ ବର୍ଣ୍ଣନା କଲେ ବା ବିଶ୍ଳେଷଣ କଲେ ଅତ୍ୟୁକ୍ତି ହୋଇପାରେ । ତେଣୁ ଏତିକିରେ ଥାଉ ।

( ୧୭ )

ଆମ ସମସ୍ତଙ୍କର ଅଳ୍ପ ବହୁତରେ ଧାରଣା ଅଛି ଯେ ଅନ୍ୟମାନଙ୍କୁ ଆମ୍ଭ ମତରେ ପ୍ରଭାବିତ କରିବାକୁ ହେଲେ, ସେମାନଙ୍କୁ ବହୁତ କହିବା, ବୁଝାଇବା ଦରକାର, ଆବଶ୍ୟକ ହେଲେ ଯୁକ୍ତି ତର୍କ କରାଯାଇ ପାରେ । ମାତ୍ର ସବୁ କ୍ଷେତ୍ରରେ ଏ ପ୍ରଣାଳୀ ଅଭିପ୍ରେତ ଫଳ ଦିଏ ନାହିଁ...ବଡ଼ ବଡ଼ ଦାର୍ଶନିକମାନେ ମତ ଦିଅନ୍ତି ଯେ ଯେଉଁମାନଙ୍କୁ ନିଜ ମତରେ ଦୀକ୍ଷିତ କରିବାକୁ ହେବ, ସେମାନଙ୍କୁ ପ୍ରଥମେ ନିଜ ନିଜ ସମ୍ବନ୍ଧରେ କହିବାକୁ ଉତ୍ସାହିତ କରିବା କର୍ତ୍ତବ୍ୟ । ପୁଣି, ସେ ବକ୍ତବ୍ୟ ଯେତେବେଳେ ନିଜେ ମନଯୋଗ ସହିତ ଶୁଣିବାକୁ ହେବ, କାରଣ ସେ ବକ୍ତବ୍ୟ ଦେଉଥିବା ବେଳେ ନିଜ ମତ ବ୍ୟକ୍ତ କଲାବେଳେ ତାହା ଧୃଷ୍ଟତା ଆଚରଣ କରିପାରି ହୁଏ । ତେଣୁ ଧୈର୍ଯ୍ୟର ସହିତ ଶୁଣି ସୁଯୋଗ ଦେଲେ ନିଜର ଅଭିମତ ବ୍ୟକ୍ତ କରିବା ସର୍ବଥା ଶ୍ରେୟ ।

ଅଳ୍ପକଥା କହି ନିଜର ବ୍ୟବସାୟଗତ ସ୍ୱାର୍ଥସିଦ୍ଧି କରିଥିବା ବ୍ୟକ୍ତିଙ୍କର ଗୋଟିଏ ଉଦାହରଣ ଶୁଣିବେ କି ? ଗୋଟିଏ ବଡ଼ କମ୍ପାନୀରେ ଗୁଡ଼ିଏ ନିର୍ଦ୍ଦିଷ୍ଟ ପ୍ରକାରର କନା ଦରକାର ହେଉଥିଲା । ସେଥିପାଇଁ କମ୍ପାନୀର ମ୍ୟାନେଜର କଣ୍ଟ୍ରାକ୍ଟର ଖୋଜି ବସିଲେ । ତିନିଟି ବଡ଼ ଲୁଗା କମ୍ପାନୀର ପ୍ରତିନିଧିମାନେ କନା ଯୋଗାଇବା ପାଇଁ ପ୍ରତିଯୋଗିତା କରି ବସିଲେ । ପ୍ରଥମ ଜଣକ ଅପର ଦୁଇ ଜଣଙ୍କ ବିରୁଦ୍ଧରେ ଗୁଡ଼ିଏ କହି, ନିଜ ସଙ୍ଗେ ଥିବା ନମୁନା ଦେଖାଇ, ତାର ଉତ୍କର୍ଷ ପ୍ରତିପାଦନ କରିବା ଗୋଟିଏ ବକ୍ତୃତା ଝାଡ଼ିଲା । ଦ୍ୱିତୀୟ ବ୍ୟକ୍ତି ପ୍ରଥମର ଏବଂ ତୃତୀୟର ବିରୁଦ୍ଧରେ ସେପରି ଗୋଟିଏ ବକ୍ତୃତା ଦେଇ ନିଜର ନମୁନା ସବୁଠାରୁ ଶ୍ରେଷ୍ଠ ବୋଲି ପ୍ରତିପାଦନ କଲା । ଦୈବଯୋଗରୁ ସେଦିନ ତୃତୀୟ ପ୍ରତିନିଧିର ତଣ୍ଟି ବସି ଯାଇଥାଏ । ତାକୁ ଜ୍ୱର ଜୋରରେ ସର୍ଦ୍ଦି ଧରିଥାଏ । ଫଳରେ କିଛି କହିଲା ବେଳକୁ ତାକୁ ଭୀଷଣ କଷ୍ଟ ହେଉଥାଏ । ବେଚାରିର ଏ ରକମ ଦୁରବସ୍ଥା ଦେଖି ନିର୍ବାଚନ କମିଟିର ସଭାପତି ତାଙ୍କରି ସପକ୍ଷରେ ଯୁକ୍ତି କରି ବସିଲେ । ସଭାପତି ଏହାଙ୍କ ସପକ୍ଷରେ କହି ଯାଉଥିଲା ବେଳେ, ଏ 'ହଁ' 'ହଁ' କରୁଥାନ୍ତି, ସ୍ମିତ ବଦନରେ ନୀରବରେ ବସିଥାନ୍ତି ଏବଂ ମଝିରେ ମଝିରେ ଆନନ୍ଦ ଅନୁଭବ କରୁଥିବା ଭାବ ପ୍ରକାଶ କରୁଥାନ୍ତି । ପରିଶେଷରେ ଏହି ବ୍ୟକ୍ତି ହିଁ ଯୋଗାଣର ଅର୍ଡ଼ର ପାଇଲେ । କାରଣ ଯୁକ୍ତିରେ ଅପରମାନଙ୍କୁ ସଭାପତି ପରାସ୍ତ କଲେ । ପୁନଶ୍ଚ ଏ ତୃତୀୟ ବ୍ୟକ୍ତି ନୀରବ ରହିଥିବା ଫଳରେ ଅପର ପ୍ରତିଦ୍ୱନ୍ଦ୍ୱୀ ଦୁହିଁଙ୍କ ଦୋଷ ଦେଖାଇ ନିଜର ଦୁର୍ବଳତାର ପରିଚୟ ଦେଇ ନ ଥିଲେ । ତେଣୁ 'ଜ୍ୱର' ତାଙ୍କ ଭଲରେ ଯୋଡ଼ାଇ ଗଲା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହିପରି ଅନ୍ୟାନ୍ୟ ଅନେକ ଉଦାହରଣ ମଧ୍ୟ ଦିଆଯାଇ ପାରେ । ବିଶେଷକରି ବ୍ୟବସାୟଗତ ସ୍ୱାର୍ଥସିଦ୍ଧିର ଉଦ୍ଦେଶ୍ୟ ଥିଲେ

ସବୁବେଳେ, ଲୋକମାନେ ନୂଆ ଯନ୍ତ୍ରପାତି ପାଇଁ କ୍ୱଚିତ୍ ଆଗ୍ରହ ଦେଖାଇଥାନ୍ତି । ତା ନ ହେଲେ ଭାରତର କୃଷି ପ୍ରଣାଳୀ କେଉଁକାଳୁ ମେକାନାଇଜଡ୍ ହୋଇ ସାରନ୍ତାଣି । ସେ ଯେଉଁ ଗାଁ କଥା କହୁଥାନ୍ତି, ତହିଁରେ କୁକୁଡ଼ା ସଂଖ୍ୟା ଯଥେଷ୍ଟ ବେଶୀ ମାତ୍ର ପଲ୍ଲିଟି ଶିକ୍ଷିତ ସମାଜରୁ ବହୁ ଦୂରରେ । ଅବଶ୍ୟ ଏ ଭଦ୍ରବ୍ୟକ୍ତିଙ୍କ ପୂର୍ବରୁ କେତେ କେତେ ସେ ଗାଁକୁ ଯାଇ ଅଣ୍ଡାଫୁଟା ଯନ୍ତ୍ର ବିକିବାରେ କୃତକାର୍ଯ୍ୟ ନ ହୋଇ ଫେରିଥାନ୍ତି । ଭଦ୍ରଲୋକ ସେଇ ଗାଁରେ ପୁଣି ଥରେ ଚେଷ୍ଟା ଚଳାଇଲେ । ସେ ପଦାକୁ ଜଣା ନ ପଡ଼ିଲ ଭଳି ଗୋଟିଏ ଅଖାରେ କୁକୁଡ଼ାଫୁଟା ଯନ୍ତ୍ରଟି ଗୁଡ଼େଇ, ଗୋଟିଏ ପୋଟଳା କରି, ସାଥିରେ ଧରି ସେ ଗାଁରେ ଯାଇ ପହଞ୍ଚିଲେ । ସେ ଗୋଟିଏ ଦରମାଇପି ବୁଢ଼ୀକୁ ଦେଖି ଜଅଁଳ କରି କହିଲେ, "ମାଉସୀ ! ପାଣି ଟୋପାଏ ପିଇବାକୁ ଦେବ କି ?" ମାଉସୀ କହିଲେ, "ବସ, ଆଣିଦେଉଛି ।" ଏଇ ଅବସରରେ ଭଦ୍ରବ୍ୟକ୍ତି ଘରଆଡ଼କୁ ଦୃଷ୍ଟି ପକାଇ ମାଉସୀଙ୍କର ପଲକ କୁକୁଡ଼ା ଭିତରୁ କେଉଁଗୁଡ଼ିକ ଭଲ, ତାହା ଲକ୍ଷ୍ୟ କରିନେଲେ । ମାଉସୀ ପାଣି ଘେନି ଫେରିଲେ । ସେ ପାଣି ପିଉ ପିଉ କହିଲେ, "ମାଉସୀ ! ତୁମର ଏଇ ଅମୁକ ଅମୁକ କୁକୁଡ଼ାଗୁଡ଼ିକ କୋଉଠୁ ଆଣିଥିଲ କି ? ସେ ଗୁଡ଼ିକ ବେଶ୍ ଆଖିଦୃଶିଆ କରି ଦିଶିତ ତ ?"

ମାଉସୀ ପଚାରିଲେ, "ତମେ କୁକୁଡ଼ା କିଣିବାକୁ ଆସିଛ କି ?" ବ୍ୟକ୍ତି କହିଲେ, "ନାହିଁ ମାଉସୀ, ମୋର ଅଣ୍ଡା କେତୁଟା ଲୋଡ଼ା । ତୁମର ମାଉସୀ, ଅଣ୍ଡା ନିଶ୍ଚୟ ଥିବ, ମତେ ଏ ଡଜନେ ଖଣ୍ଡେ ଭଲ ଅଣ୍ଡା ଦଅନ୍ତ ନାହିଁ ?" ମାଉସୀ ଘରକୁ ଯାଇ ୧୦ଟି ଅଣ୍ଡା ପାଇଲେ । ବ୍ୟକ୍ତି କହିଲେ, "ଆଉ କିଛି ଅଣ୍ଡା ଯୋଗାଡ଼ କରି ଦଅନ୍ତ ନାହିଁ,

ମାଉସୀ ?" ମାଉସୀ ସାଇ ବୁଲି ୨୦।୩୦ ସଢକ ଅଣ୍ଡା ଆଣି ପୁଣି ଜୁଟାଇଲେ । ଏତେଗୁଡ଼ାଏ ଅଣ୍ଡା ଏକାଠି ହେବାର ଦେଖି ମାଉସୀ ପଚାରିଲେ, "ଏତେ ଅଣ୍ଡା କଣ କରିବ କି ପୁଅ ?" ଭଦ୍ରଲୋକ କହିଲେ, "ଗୋଟିଏ ଅଣ୍ଡାଫୁଟା ଯନ୍ତ୍ର କିଣିଛି ଯେ ମାଉସୀ, ସେଇଟା କେମିତି କାମ କରୁଛି ଦେଖିବି ।" ଏହା ଶୁଣି ମାଉସୀ କହିଲେ, "ତୁମେ ପାଗଳ ହେଲ ପୁଅ, ଯନ୍ତ୍ର କୋଉଠି ଅଣ୍ଡା ଫୁଟାଇଲାଣି ?" ଭଦ୍ରଲୋକ କହିଲେ, "ମୁଁ ପରୀକ୍ଷା କରିବି ନା— ଦେଲାବାଲା ତ କହିଥିଲା ଅଣ୍ଡା ନ ଫୁଟାଇଲେ ଯନ୍ତ୍ରଟା ଦେବା ଦାମରେ ଫେରସ୍ତ ନେବ ବୋଲି । ତେଣୁ, ମୁଁ ପରୀକ୍ଷା କରି ଦେଖିଲେ କ୍ଷତି କିଛି ହେବ ନାହିଁ ଯେ ।" ମାଉସୀ ଏତିକି ଶୁଣି କହିଲେ, "ଦୂର ହୋ ପୁଅ ! ତମେ ତ ପଢ଼ିଲା ଶୁଣିଲାଠ, ମୁଁ ଆଉ କଅଣ ବୁଝାଇବି । କର, କେମିତି ହେବ ଦେଖିବା । ତମେ କେତେବେଳକୁ ଏହା ଭିତରେ ଅଣ୍ଡା ବସାଇବ, ଆଉ ତାକୁ ଉତ୍ତାପ କରିବ କିଏ ?" ମାଉସୀଙ୍କୁ ସାମାନ୍ୟରେ ସହଜ କରି କେଳୁଟା କଥା ବୁଝାଇ ଦେଇ, ଭଦ୍ରବ୍ୟକ୍ତି କହିଲେ, ଆଜ ସନ୍ଧ୍ୟା-ପହରେ ଅଣ୍ଡା ବସାଇବାକୁ ।

ଗାଁ ଗହଳରେ ଢ଼'ପହର ସମୟରେ ସାଧାରଣତଃ ସଭ କାମକୁ ଟିକିଏ ନିସ୍ତେଜ ଲଗିଥାନ୍ତି । ବୁଢ଼ୀ ନିଜର କୌତୂହଳ ସମ୍ଭାଳି ନ ପାରି ଗାଁରେ ଯାଇ କେତେବେଳେ ଡେଙ୍ଗୁରା ପିଟି ଦେଇଛନ୍ତି, ସେ କହୁଛି ଗୋଟାଏ ଭାଠ ବାକ୍ସ ତା ଅଣ୍ଡା ଫୁଟାଇବ । ସେ ତ ପାଗଳ ଭଳି ଜଣାପଡ଼ୁ ନାହିଁ । ହକ୍ ପଇସା ଦେଇ ୫୦ଟା ହକ ଅଣ୍ଡା କିଣି ରଖିଛି, ଦି'ପହରେ ବସାଇବ ବୋଲି ତ କହୁଥିଲା ।

ଯେତେବେଳେ ଭଦ୍ରଲୋକ ଦେଖିଲେ ମାଇପି ମରଦ ହୋଇ ଅନେକଗୁଡ଼ିଏ ଯେଝା କାମ ଛାଡ଼ି, ମାଉସୀ ଘରେ ଆସି ଜମା ହୋଇଛନ୍ତି, ସେ ବେଳକାଳ ଜାଣି ଯନ୍ତ୍ରପାତି ଫିଟାଇ ଅଣ୍ଡା ବସାଇଲେ । ସମସ୍ତେ ଆଖିରେ ପଲକ ନ ପକାଇ କାର୍ଯ୍ୟ ପ୍ରଣାଳୀ ଲକ୍ଷ୍ୟ କରୁଥାନ୍ତି । ଭଦ୍ରଲୋକ ମାଉସୀକୁ ଲକ୍ଷ୍ୟ କରି ଜନତାକୁ ବୁଝାଇଲା ପ୍ରକାରେ କଥାଭାଷା ଦେଇ ଦେଇ ଅଣ୍ଡାଗୁଡ଼ିକ ବସାଇ ଦେଲେ । ମାଉସୀକୁ କହିଲେ, "ମାଉସୀ, ତମେ କିଛି ଭାବିବ ନାହିଁ । ଏତେଗୁଡ଼ିଏ ଲୋକ ଦେଖିବାକୁ ଆଗ୍ରହ କରିଛନ୍ତି । ଏ ଯନ୍ତ୍ରଟି ତୁମରି ଘରେ ଏଇଠି ଥାଉ, ମୁଁ ମଝିରେ ମଝିରେ ଆସୁଥିବି, ଦେଖି ଯାଉଥିବି, ମାତ୍ର ତୁମେ ଗୋଟିଏ କଥା କରୁଥିବ । ଏ ଉପରେ ଏଇ ଯେଉଁ ଯୋଡ଼ାଣିଟା ଅଛି, ସେଇଟା ଖାଲି ହୋଇ ଯାଉଥିଲେ ପାଣି ଟିକିଏ ଟିକିଏ ପୂରାଇ ଦେଉଥିବ ଆଉ ହେଇଟି ଏ ଟଙ୍କାଟି ରଖ, ପ୍ରତିଦିନ ସକାଳୁ ଏ ତଳରେ ଦୁ'ପଇସାର କିରାସିନ ଭରିକରି ବତିଟିକୁ ଏଇ ଜାଗାରେ ବସାଇ ଦେଉଥିବ ।" ମାଉସୀ ସମସ୍ତଙ୍କ ଆଡ଼କୁ ଟିକିଏ ଅନେଇ, ମନେ ମନେ କଅଣ ଟିକିଏ ଭାବିନେଇ ଭଦ୍ର ଲୋକଙ୍କଠାରୁ ଟଙ୍କାଟି ନେଲେ ।

ଭଦ୍ରଲୋକ ମଝିରେ ମଝିରେ ସେ ଗାଁକୁ ଯାନ୍ତି । ତିନି ସପ୍ତାହରେ ପ୍ରାୟ ସବୁଗୁଡ଼ିକ ଛୁଆ ଉଠିଗଲେ । ମାଉସୀର ତଥା ଗାଁବାଲାଙ୍କର ଖୁସି ଆଉ ଦେଖେ କିଏ ? ଅଧିକାଂଶ ପଚାରି ବସିଲେ, "ବାବୁ, ଏ ଯନ୍ତ୍ରଟି କେତେ ପଡ଼ିଲା ?"

ଭଦ୍ରଲୋକ ପ୍ରଥମେ ସେତେବେଳେ ଗାଁରେ ମାତ୍ର ୨ଟି ଯନ୍ତ୍ର କଟାଇଥିଲେ । ଅବଶ୍ୟ ତା ପରେ ପରେ, ସେ ଗାଁ'ର ଚାହିଦାପ୍ର ଯନ୍ତ୍ର ସେହି ଯୋଗାଇଛନ୍ତି । ଆଉ ପ୍ରଥମ ଥର ଯେଉଁ ଛୁଆଁଗୁଡ଼ିକ

ଫୁଟିଥିଲେ, ସେ ଗୁଣ୍ଡିକ ଭଦ୍ରଲୋକ ସେଇ ଗାଁରେ ଲୋକ ଦେଖି ଉପହାର ସୂତ୍ରରେ ବାଣ୍ଟି ଦେଇଥିଲେ ।

ଅବଶ୍ୟ ଏ ପ୍ରଣାଳୀରେ କାର୍ଯ୍ୟକରି ବହୁ ବହୁ ଲୋକେ ନିଜର ସ୍ୱାର୍ଥସିଦ୍ଧି କରିଥିବା ସଙ୍ଗେ ସଙ୍ଗେ ଅପରର ପ୍ରାଣରେ ସୁଖ ସଞ୍ଚାର କରାଇଥିବେ, ମାତ୍ର ସେ ଲୋକଙ୍କ ସଂଖ୍ୟା କଳିବାପାଇଁ ସୁଯୋଗ ଆମର ନାହିଁ । ସ୍ଥୂଳତଃ ଗୋଟାଏ କଥା ଆମେ କହିବା ସହଜ ଯେ ଅନ୍ୟର ଆବଶ୍ୟକତା ପ୍ରତି ମୁଣ୍ଡ ଖେଳାଇ ପାରିଲେ, ଆମ ପେଟ କେବେହେଁ ଅପୋଷା ରହିବ ନାହିଁ ।

( ୧୭ )

ଲୋକ ଯେତେ ଗଜମୂର୍ଖ ହେଉପଛେ, ଜାଗତିକ ବିଷୟରେ ତାର କୌଣସି ନା କୌଣସି ଧାରଣା ନିଶ୍ଚୟ ଥାଏ । ଯେଉଁମାନେ ଅନେକ ଲେଖାପଢ଼ି ବିଷୟବୁଦ୍ଧି ଅର୍ଜନ କରିଥାନ୍ତି ସେମାନେ ଅନୁଭବ କରିବାର କହନ୍ତି ଯେ ନିଜର ଅବସ୍ଥାର କଥା ତାଙ୍କୁ ଅତ୍ୟନ୍ତ ମୂଲ୍ୟବାନ୍ ବୋଧହୁଏ । ଆମେ ଜନ୍ମ ହେବା ପୂର୍ବରୁ କୋଟି କୋଟି ଲୋକ ଏଇ ଧରାପୃଷ୍ଠରେ ଜନ୍ମହୋଇ, ହସି ଖେଳି, ସୁଖଦୁଃଖମୟ ଜୀବନ ବିତାଇ ବିଦାୟ ନେଇଛନ୍ତି । ସେମାନଙ୍କ ମଧ୍ୟରେ ଆମ ବୁଦ୍ଧିବୃତ୍ତିସମ୍ପନ୍ନ ବ୍ୟକ୍ତି ହୁଏତ ଅନେକେ ଥାଇ ପାରନ୍ତି । ସାଂସାରିକ ଉନ୍ନତି ସମ୍ବନ୍ଧରେ ସେମାନେ ସେମାନଙ୍କ ପ୍ରଣାଳୀର ଉଲ୍ଲେଖ କରିଛନ୍ତି । ତଥାପି କୌଣସି ବହିରୁ ନ ପଢ଼ି ବା କୌଣସି ଲୋକଙ୍କଠାରୁ ନ ଶିଖି, ନ ଶୁଣି ଆମ ମନରେ କେବେ କେବେ ଗୋଟାଏ ଗୋଟାଏ ବୁଦ୍ଧି ଜାଗେ, ଯାହା ଆମର ଗର୍ବ କରିବାର ବିଷୟ ହୋଇ ଉଠେ । ପରେ ଆମେ ଯଦି ଜାଣି

ପାରେ ଯେ ଆମ ଅନୁଭୂତିଟା ଆମ ପୂର୍ବରୁ ଅମୁକ ଅମୁକ ଲେଖକଙ୍କର ହୋଇଥିଲା, ତଥାପି ଆମର ଗର୍ବରେ ବିଶେଷ ଆଞ୍ଚ ଆସେ ନାହିଁ । ଆମକୁ ସତ୍ୟର ସନ୍ଧାନ ପାଇଥିବା ପରି ବୋଧ ହୋଇଥାଏ କି ନା ! ଏହାର ଅର୍ଥ କୌଣସି ଭାବନା ବା କାର୍ଯ୍ୟ ପ୍ରଣାଳୀର ପଥ ମନରୁ ଗଢ଼ି ପାରିଲେ, ଆମକୁ ତାହା ନିତାନ୍ତ ସୁଖପ୍ରଦ ବୋଧହୁଏ । ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଏବଂ ଅଶିକ୍ଷିତଙ୍କ ମଧ୍ୟରେ ମଧ୍ୟ ଏ କଥାର ସତ୍ୟତା ଏକାପ୍ରକାର ଅନୁଭୂତ ହୁଏ । ଲୋକମାନେ ନିଜନିଜର ଚେଷ୍ଟାକାଟିଆ ସଂସାର ଚଳାନ୍ତୁ ଚଳାଉ, ଏପରି ଅନେକ ବୁଦ୍ଧି ତାଙ୍କ ମୁଣ୍ଡକୁ ଆସି ଜୁଟେ, ଯାହା ନେଇ ସେ ନିଜ ବୁଦ୍ଧିକୁ ଅସୀମ ମନେକରି ଆତ୍ମପ୍ରସାଦ ଲାଭ କରନ୍ତି । ମଣିଷର ଏହି ଦୁର୍ବଳତା ବା ପ୍ରକୃତିକୁ କାର୍ଯ୍ୟରେ ଲଗାଇପାରିବା ବ୍ୟକ୍ତି ହିଁ ବାସ୍ତବିକ୍ ବୁଦ୍ଧିମାନ୍ । ଆଉ ଆମେ ତ ବୁଦ୍ଧିମାନ୍ ହେବାକୁ ହିଁ ଚାହୁଁ ଥାଉଁ । ତେଣୁ ଆମକୁ କୌଣସି କାର୍ଯ୍ୟ ହାସଲର ବିଭିନ୍ନ ପନ୍ଥା ଚିନ୍ତାକରି, ପ୍ରାଞ୍ଜଳ ଭାବେ ବୁଝି, ନିଜ ପଥ ନିର୍ଣ୍ଣୟ କରିନେବା ହେଉଛି ପ୍ରଥମ ଫଳପ୍ରଦ ଧାପ । ଅଭିପ୍ରେତ ବ୍ୟକ୍ତିଙ୍କୁ ତର୍କରୁ ଗୋଟିକରେ ଯିବାପାଇଁ ଆହ୍ୱାନ ନୁହେଁ, ନିମନ୍ତ୍ରଣ କରିବା ହିଁ ହେଉଛି ଶେଷ କଥା, ଏବଂ ବଡ଼ କଥା । କାରଣ ଏହାରି ଉପରେ ଆମର ଲାଭକ୍ଷତି ସଂପୂର୍ଣ୍ଣ ନିର୍ଭର କରେ । ଉଦାହରଣ ଗୋଟିଏ ଦୁଇଟି ଦେଲେ, ମୋର ବକ୍ତବ୍ୟ ନିଶ୍ଚୟ ଆଉ ଟିକିଏ ପରିଷ୍କାର ହୋଇ ଫୁଟି ଉଠିବ ବୋଲି ମୁଁ ଭାବୁଛି ।

ଜଣେ ବ୍ୟକ୍ତି ସ୍କେଟ୍ ଫ୍ୟାକ୍ଟରିର ପରିଚାଳନା ନିର୍ବାହ କରନ୍ତି । ତାଙ୍କ ପ୍ରତିଯୋଗୀରେ ଜଣେ ଅଭିଜ୍ଞ ଧନୀ ବ୍ୟକ୍ତି ଥାନ୍ତି । ତାଙ୍କୁ ସ୍କେଟ୍ ଫ୍ରି କରିବା ଉଦ୍ଦେଶ୍ୟରେ ୩୮ ବର୍ଷଯାଏ ଚେଷ୍ଟା ଚଳାଇ

ବ୍ୟକ୍ତିଟି ଫେଲ ମାରୁଥାନ୍ତି । ତହୁଁ ସେ ବହୁତ ଚିନ୍ତାକରି ନିମ୍ନଲିଖିତ ପନ୍ଥାଟି ଅବଲମ୍ବନ କଲେ । ସେ ଅନେକଗୁଡ଼ିଏ ସ୍କେଚ୍ ଅଧାକରି, ସଙ୍ଗରେ ଧରି, ସେହି ଧନିକଙ୍କ ପାଖରେ ପହଞ୍ଚିଲେ । ସେ ଗୁଡ଼ିକ କିପରି ଭାବରେ ପୂରଣ କଲେ ସର୍ବାଙ୍ଗସୁନ୍ଦର ହେବ, ସେଥିପାଇଁ ବିନମ୍ରସହକାରେ ଧନିକଙ୍କ ପରାମର୍ଶ ଲୋଡ଼ିଲେ । ଧନିକ ଏତେଦିନକେ ନିଜର ଅଦମିତାକୁ ଯଥେଷ୍ଟ ଖାଦ୍ୟ ପାଇଲେ । ସେ ଗୋଟି ଗୋଟି କରି ସମସ୍ତ ସ୍କେଚ୍‌ଗୁଡ଼ିକ ପରୀକ୍ଷାକରି ତାଙ୍କର ମତ ବ୍ୟକ୍ତ କଲେ । ଏଇଟି ଏପରି, ସେଇଟି ସେପରି କଲେ ବେଶ୍ ମାନିବ ବୋଲି ଉପଦେଶ ଦେଲେ । ବ୍ୟକ୍ତିଟି ସ୍କେଚ୍‌ଗୁଡ଼ିକ ତାଙ୍କରି ନିର୍ଦ୍ଦେଶମୁତାବକ ସମ୍ପୂର୍ଣ୍ଣ କରି ଯେତେବେଳେ ଧନିକଙ୍କ ପାଖରେ ପହଞ୍ଚିଲେ, ତାଙ୍କର ଆନନ୍ଦ ଆଉ ଦେଖେ କିଏ ? ଧନିକ ସ୍କେଚ୍‌ଗୁଡ଼ିକ ସଂପୂର୍ଣ୍ଣ ରୂପେ ଦେଖି ସାରୁ ନ ସାରୁଣୁ କହି ଉଠିଲେ, "ଦେଖିଲେ, ଏଥର ସ୍କେଚ୍‌ଗୁଡ଼ିକ କିପରି ମନୋମୁଗ୍ଧକର ହେଲା ! ଏହା ପୂର୍ବରୁ ଆପଣ ଏପରି ସ୍କେଚ୍ କେବେ ଟାଣିଥିଲେ ?— ହଉ ସବୁଗୁଡ଼ାକ ମୁଁ ରଖୁଛି, ଆପଣଙ୍କ ପ୍ରାପ୍ୟ କେତେ ହେଲା କୁହନ୍ତୁ ।"

× × × ×

ପ୍ରଥମେ ଧନିକ ଯାହା ଖରିଦ କରିବା ଉଚିତ୍, ସେଥିପାଇଁ, ସ୍କେଚ୍ କରୁଥିବା ବ୍ୟକ୍ତି ତାଙ୍କୁ ବାଧ୍ୟ କରୁଥିଲେ । ଏବେ ଧନିକ ଯାହା ଖରିଦ୍ କରିବା ଉଚିତ ସେଥିପାଇଁ ଧନିକ ଓଲଟି ତାଙ୍କୁ ବାଧ୍ୟ କରୁଛନ୍ତି କହିଲେ ଚଳେ । ଧନିକ ହଠାତ୍ ଏପରି ପରିବର୍ତ୍ତିତ ହୋଇ ଯିବାର କାରଣ, ସ୍କେଚ୍ କରୁଥିବା ବ୍ୟକ୍ତି ତାଙ୍କର ପରାମର୍ଶ ଲୋଡ଼ି ବସିଲେ । ତେଣୁ ଧନିକଙ୍କର ଧାରଣା ହେଲା ଯେ ସ୍କେଚ୍-ଗୁଡ଼ାକ ଭିତରେ ତାଙ୍କର ଗୋଟାଏ ବଡ଼ କଳା ଫୁଟି ଉଠିଛି ।

ଯେ ଲକ୍କା ସେ ହିଁ ମନେକରିବା ଉଚିତ୍ ଯେ ସ୍କେଚ୍‌ଗୁଡ଼ା ନିଜର ଉଦ୍ଭାବନ । ତେଣୁ ଧନୀକ ଆଗେ ଆପେ ସେଗୁଡ଼ିକ ଖରିଦ କରିବାପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ବର୍ତ୍ତମାନ ଲଙ୍କେତା ସ୍ପଷ୍ଟ ବୁଝିପାରିଲେଣି ଯେ ଆଗନ୍ତୁ ସେ ବନ୍ଦୀ କରିବାକୁ ଚେଷ୍ଟା କରୁଥିଲେ ବୋଲି, ଅକୃତକାର୍ଯ୍ୟ ହେଉଥିଲେ ।

ରୁଜ୍‌ଭେଲ୍‌ଟଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ, ସେ ଏ ଉକ୍ତିର ସତ୍ୟତା ବହୁଆଗରୁ ଉପଲବ୍ଧି କରିଥିବାର ଜଣାପଡ଼େ । ତାଙ୍କ ଅଧୀନରେ ଯେତେବେଳେ କୌଣସି କାର୍ଯ୍ୟ ଖାଲି ହୁଏ, ସେ ଗୋଟିଏ ଉପଯୁକ୍ତ ଲୋକ ବାଛିବା ନିମନ୍ତେ ତାଙ୍କର ପରାମର୍ଶଦାତା କମିଟିକୁ ଅନୁରୋଧ କରନ୍ତି । ସଂସାରରେ ସବୁଠାରେ ତ ଲୋକ-ପ୍ରକୃତି ସମାନ । କମିଟିର ସଭ୍ୟମାନଙ୍କ ମଧ୍ୟରୁ ନିଜର ହୋଇ କାହାର ସମ୍ପର୍କୀୟ ବେକାର ବା ଶ୍ରେଷ୍ଠ ସ୍ୱଜନବର୍ଗ ଥିଲେ, ସେଇ ଲୋକଙ୍କୁ କାମଟି ଦେବାପାଇଁ, ସେମାନେ ରୁଜ୍‌ଭେଲ୍‌ଟଙ୍କୁ କହନ୍ତି । ରୁଜ୍‌ଭେଲ୍‌ଟ ଟିକଏ ଚିନ୍ତାକରି ସେ ପ୍ରସ୍ତାବିତ ବ୍ୟକ୍ତିଙ୍କୁ ଇଣ୍ଟର-ଭିଉକୁ ଡାକ ପେସଇଦେଇ, କମିଟିକୁ କହନ୍ତି, ଏଙ୍କୁ ନେବାରେ ମୋର କୌଣସି ଆପତ୍ତି ନ ଥିଲା ମାତ୍ର ଏଙ୍କୁ ନେଲେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାର ଆଶଙ୍କା ହେଉଛି । ଆପଣ ଏହାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କି ପାଇବେ ନିଶ୍ଚୟ, ଆଉ ଟିକଏ ଚେଷ୍ଟା କରନ୍ତୁ । ସଭ୍ୟମାନେ କିଛିଦିନ ପରେ ଆଉ ଜଣଙ୍କୁ ଆଣି ଉପସ୍ଥାପିତ କରନ୍ତି । ତାହାଙ୍କୁ ସାମାନ୍ୟ ଟିକଏ ପରୀକ୍ଷା କରି ରୁଜଭେଲ୍‌ଟ କହନ୍ତି, "ମୋର ବିଶ୍ୱାସ ହେଲଣି ଯେ ଆପଣମାନେ ଆଉ ଟିକଏ ହାର୍ଦ୍ଦିକ ଚେଷ୍ଟା କଲେ ଏହାଙ୍କଠାରୁ ଅଧିକ ଉପଯୁକ୍ତ ବ୍ୟକ୍ତି ନିଶ୍ଚୟ ବାଛି ପାରିବେ ।" ତାଙ୍କ କଥା ଶୁଣି ପରାମର୍ଶଦାତା

କମିଟି ହିଁ କରନ୍ତି, ଏଥର ଯାହାଙ୍କୁ ବାଛି ଆଣି ଠିଆ କରନ୍ତି ତାଙ୍କଠାରେ କାହାର ସ୍ୱାର୍ଥ ନିହିତ ନ ଥାଏ । ମାତ୍ର ତଥାପି ରୁଜ୍‌ଭେଲ୍ଟ୍ ଅତ୍ୟନ୍ତ ଚାଲାଖ ବ୍ୟକ୍ତି ଥିବାରୁ, କୌଣସି ନା କୌଣସି ଆଳ ଦେଖାଇ ତାଙ୍କୁ ନିଯୁକ୍ତ କରନ୍ତି ନାହିଁ, ଛିଡ଼ା କରି ଦିଅନ୍ତି । ସେ ସଭ୍ୟମାନଙ୍କୁ କହନ୍ତି, "ଆପଣମାନେ ଯେଉଁପ୍ରକାର ସହାନୁଭୂତି ଦେଖାଉଛନ୍ତି, ଏବଂ ସାହାଯ୍ୟ ଦେଉଛନ୍ତି, ସେଥିପାଇଁ ଆପଣ-ମାନଙ୍କ ପାଖରେ ମୁଁ ଚିର ଋଣୀ, ମାତ୍ର ମୋର ଆଶା ଆପଣମାନେ ଦୟାକରି ଆଉ ଟିକିଏ ଚେଷ୍ଟା ଚଳାଇଲେ ଏହାଠାରୁ ଅଧିକ ବିଶେଷ ଉପଯୁକ୍ତ ବ୍ୟକ୍ତି ଆମକୁ ମିଳନ୍ତେ । ଚେଷ୍ଟାକରି ଦେଖନ୍ତୁ ଯଦି ଅନ୍ୟ କେହି ବିଶେଷ ଉପଯୁକ୍ତ ବ୍ୟକ୍ତି ନ ମିଳନ୍ତି, ତା ହେଲେ ଏହି ବ୍ୟକ୍ତିଙ୍କୁ କାମରେ ବାହାଲ କରିଦେବାକୁ ମୁଁ ପ୍ରସ୍ତୁତ ହେଉଛି ।"

ଚତୁର୍ଥ ଥର ଡାକରାରେ ଯେଉଁ ବ୍ୟକ୍ତି ଆସନ୍ତି, ତାହାଙ୍କର ଯୋଗ୍ୟତା ସମ୍ବନ୍ଧରେ କାହାର ସନ୍ଦେହ ନ ଥାଏ । ରୁଜ୍‌ଭେଲ୍ଟ୍‌ଙ୍କ ପାଖକୁ ନେବା ପୂର୍ବରୁ ତାହାଙ୍କୁ ପ୍ରତ୍ୟେକ ବ୍ୟକ୍ତି ସ୍ୱତନ୍ତ୍ର ଭାବରେ ଥରେ ଥରେ ପରଖ କରି ନିଜର ମନ ତୃପ୍ତି କରି ନେଇଥାନ୍ତି । କାରଣ ଏହି ସମ୍ପର୍କରେ ପଛକୁ ତାଙ୍କର ସ୍ୱାର୍ଥରେ ବାଧା ପଡ଼ିପାରେ । ରୁଜ୍‌ଭେଲ୍ଟ୍ ଯଦି ନିଜେ ବ୍ୟକ୍ତିବାଛିବା ଭାର ନେଇଥାନ୍ତେ ତାହେଲେ ଏହାଙ୍କୁ ହିଁ ବାଛିଥାନ୍ତେ । କମିଟି ଏବେ ପରିଶ୍ରମ ସ୍ୱୀକାର କରିଥିବାରୁ, ସେ କମିଟିର ସଭ୍ୟମାନଙ୍କୁ ଭୂରି ଭୂରି ପ୍ରଶଂସା କରନ୍ତି ଏବଂ ଧନ୍ୟବାଦ ଦେଇସାରି ପରିଶେଷରେ କହନ୍ତି, "ଦେଖନ୍ତୁ, ଆପଣମାନଙ୍କ କଥା ଅନୁସାରେ ମୁଁ ଏହି ବ୍ୟକ୍ତିଙ୍କୁ କାର୍ଯ୍ୟରେ ଯୋଗ ଦେଉଅଛି । ମୋର ଆଶା ଏତଦ୍ୱାରା ମୁଁ

ଆପଣ ସମସ୍ତଙ୍କର ପ୍ରୀତିଭାଜନ ହୋଇପାରିଛି । ମାତ୍ର ବନ୍ଧୁଗଣ ଏହା ମନେରଖିଥିବେ, ଆବଶ୍ୟକ ବେଳେ ମୋର ପ୍ରୀତି ଅର୍ଜନ କରିବାକୁ କୁଣ୍ଠିତ ହେବେ ନାହିଁ ବୋଲି ମୁଁ ଆଶା ପୋଷୁଛି ।

ରୁଜଭେଲ୍ଟଙ୍କ ବ୍ୟବହାରରୁ ସାଧାରଣଙ୍କର ଗୋଟାଏ କଥା ଲକ୍ଷ୍ୟ କରିବାର ଅଛି । ତାଙ୍କ ମନୋମତ ଲୋକ ମିଳିବା ପର୍ଯ୍ୟନ୍ତ ସେ ଏପରି କଥା କହୁବେ ଯେ ସଭ୍ୟମାନେ ତୁଷ୍ଟ ହୋଇ ରହୁଥିବେ । ପୁନଶ୍ଚ ଭୁଲରେ ସୁଦ୍ଧା ସେ ଅନ୍ୟମାନଙ୍କ ମତ ନ ନେଇ କୌଣସି କାର୍ଯ୍ୟ କରନ୍ତି ନାହିଁ । ଫଳରେ ସଭ୍ୟମାନଙ୍କ ମତାମତକୁ ସମ୍ମାନିତ କରିବାରେ ତ୍ରୁଟି କରନ୍ତି ନାହିଁ । ଏପରି କାର୍ଯ୍ୟକଳାପ ଆଚରଣ କରନ୍ତି ଯଦ୍ଦ୍ୱାରା ସଭ୍ୟମାନେ ଭାବନ୍ତି ସେହିମାନଙ୍କ କଥା ହିଁ ରହିଲା । ଚରିତ୍ରରେ ଏ ଗୁଣ ଗୋଟାଏ ବଡ଼ ସୁଗୁଣ ।

ଏହି ନୀତି ଅନୁସରଣ କରି ଗୋଟିଏ ମଟର ଦୋକାନ କୌଣସି ଏକ ଭଦ୍ର ଲୋକଙ୍କୁ କିପରି ପୁରୁଣା ଗାଡ଼ି ବିକ୍ରି କଲେ ଶୁଣନ୍ତୁ । ଅବଶ୍ୟ ଦୋକାନୀ ପୁରୁଣା ମଟର କାରବାରରେ ନିଜର ପେଟ ପୋଷନ୍ତି । ଯେଉଁ ଭଦ୍ରବ୍ୟକ୍ତି ମଟରଟି କିଣିଲେ ସେ ଅତ୍ୟନ୍ତ ବିଲକ୍ଷ ଚତୁର ବ୍ୟକ୍ତି । ସାଂସାରିକ କାରବାରରେ ଧୁରନ୍ଧର । ଦୋକାନୀଟି ପ୍ରଥମେ ୪୦୦ ଖଣ୍ଡ ପୁରୁଣା କାର୍ ତାଙ୍କୁ ଦେଖାଇ ତାଙ୍କର କେଉଁଟି କିଣିବା ପାଇଁ ପସନ୍ଦ ହେଉଛି, ତାଙ୍କ ମତ ନେଉଥିଲେ । ମାତ୍ର ଭଦ୍ରବ୍ୟକ୍ତି ଏତେ ସହଜରେ ଠକିଯିବା ବ୍ୟକ୍ତି ନୁହନ୍ତି । ତେଣୁ ସେ କୌଣସି ଗୋଟିକୁ ପସନ୍ଦ କଲେ ନାହିଁ, କୌଣସି ନା କୌଣସି ଦୋଷ ଦେଖାଇ, ସେ ସବୁଗୁଡ଼ିକୁ ମନୋମତ ନ କରିଥିବାର ଜଣାଇଲେ । ମାତ୍ର ବ୍ୟବସାୟୀ ଭଲଭାବେ ଜାଣିଥାନ୍ତି ଯେ ତାଙ୍କର ଗୋଟିଏ ମଟର କିଣିବା ନିହାତି

ଆବଶ୍ୟକ । ତେଣୁ ସେ ଚିନ୍ତା କରି ବସିଲେ, କେଉଁ ଉପାୟରେ ତାହାଙ୍କୁ ଖଣ୍ଡିଏ ମଟର ବିକି କରି ପାରିବେ । ଦିନାବେଳେ ପରେ ଗୋଟିଏ ମଟର ସେହି ଭଦ୍ରବ୍ୟକ୍ତିଙ୍କୁ ବିକିକରିବା ଉଦ୍ଦେଶ୍ୟରେ ସେ ଠିକ୍ କଲେ ; ଏବଂ ଫୋନ୍‌ଯୋଗେ ଭଦ୍ରଲୋକଙ୍କୁ କହିଲେ, "ଆଜ୍ଞା ! ଅବସର ଅଛି କି ଆପଣଙ୍କର ଟିକଏ ? ମୋର ଆପଣଙ୍କ ଉପଦେଶ ଟିକଏ ନିହାତି ଲୋଡ଼ା ହେଉଥିଲା । ମଟର ସମ୍ବନ୍ଧରେ ଆପଣଙ୍କର ଯେ ପ୍ରଭୂତ ଜ୍ଞାନ ଅଛି, ଏହା ଆପଣ ଅସ୍ୱୀକାର କଲେ ମୁଁ ବିଶ୍ୱାସ କରିବି ନାହିଁ, କାରଣ ସେ ଦିନ ମୁଁ ସ୍ୱଚକ୍ଷୁରେ ଦେଖିଛି ଏବଂ ଅଙ୍ଗରେ ନିଭେଇଛି । ତେଣୁ ମୋର ଦୃଢ଼ ବିଶ୍ୱାସ ଯେ ଆପଣ ଗୋଟାଏ ମଟରର ଯେଉଁ ଦରଦାମ୍ ଠିକ୍ କରିଦେବେ, ତାହାହିଁ ଉପଯୁକ୍ତ । ଏତେ କଥା କହିବାର ଉଦ୍ଦେଶ୍ୟ କଣ କି ମୋ ପାଖରେ ଗୋଟିଏ ପୁରୁଣା ମଟର ଆସି ପହଞ୍ଚିଛି । ସେଇଟିକ କେତେ ଦେଇ କିଣିଲେ, ମୁଁ ଠକାମିରେ ପଡ଼ିବି ନାହିଁ, ଏତିକି ଯଦି ଆପଣ ବିବେଚନା କରି ମୋତେ କୁହନ୍ତେ, ମୁଁ ବଡ଼ ଉପକୃତ ହୁଅନ୍ତ ।"

ଭଦ୍ରବ୍ୟକ୍ତି ଏ ଖବର ଶୁଣି ଅତ୍ୟନ୍ତ ଆତ୍ମପ୍ରସାଦ ଲାଭ କଲେ । ସେ ମନେ ମନେ ଭାବିଲେ, ଯଦି ମଟର ବ୍ୟବସାୟୀ ମୋ ଜ୍ଞାନକୁ ସମାଦର କରିପାରେ, ତା ହେଲେ ନିଶ୍ଚୟ ମୋର ମଟର ସମ୍ବନ୍ଧରେ ଯଥେଷ୍ଟ ଅଭିଜ୍ଞତା ଉପୁଜିଲାଣି ସେ ଅବସର କରିନେଇ ଯାଇ ମଟର ଦୋକାନରେ ପହଞ୍ଚିଲେ । ଉକ୍ତ କାର୍‌ରେ ୧୦।୫୦ ମାଇଲ ଘୂରାଘୂରି କରି ସେ ଉତ୍ତମରୂପେ ପରୀକ୍ଷା କରିନେଲେ ଏବଂ କହିଲେ, ଏ ଗାଡ଼ିଟି ଟ ୩୦୦୦ରୁ ଯଥେଷ୍ଟ ହେବ । ଦୋକାନୀ ଧନ୍ୟବାଦ୍ ଦେଇ ସେହିଦିନ ତାଙ୍କୁ ବିଦା କରିଦେଲେ ।

ତହିଁ ଆରଦିନ ପୁଣି ଫୋନ୍‌ରେ ଡାକ ଭଦ୍ରବ୍ୟକ୍ତିଙ୍କୁ କହିଲେ, "ଆଜ୍ଞା ! କାଲି ଯେଉଁ କାର୍ଡ଼ଟି ପ୍ରଶଂସା କରୁଥିଲେ, ସେଇଟି ରଖୁ ନାହାନ୍ତି ?" ଭଦ୍ରଲୋକ ତାହା ହିଁ ଭାବୁଥିଲେ । ତେଣୁ ସେ ଉତ୍ତର ଦେଲେ, "ମୋର କିଛି ଆପତ୍ତି ନାହିଁ ; ମାତ୍ର ଦାମ୍ କେତେ ?" ଦୋକାନୀ କହିଲେ, "ଆପଣ ଯାହା ପସନ୍ଦ କଲେ, ତାହା ହିଁ ଦେଇ ମୁଁ ରଖିଛି, ବର୍ତ୍ତମାନ ଆପଣ ଯାହା ଦେବେ, ଆପଣଙ୍କ ଇଚ୍ଛା, ମୁଁ କିଛି କହିବି ନାହିଁ ।"

ଟ ୩୨୫୦୯କୁ ଭଦ୍ରବ୍ୟକ୍ତି ମଟରଟି କିଣି ନେଲେ । ଏ ସମ୍ବନ୍ଧରେ ବିଶେଷ ଆଲୋଚନା କରିବା ପ୍ରୟୋଜନର ଅତିରିକ୍ତ ମନେ ହୁଏ ।

ଡାକ୍ତର ସୂର୍ଯ୍ୟମଣି କର, ଏମ୍. ବି. ବି.ଏସ୍, କହୁଥିଲେ— ଥରେ ଗୋଟିଏ ନୂଆ ଡାକ୍ତରଖାନା ପାଇଁ ଗୋଟିଏ ଏକ୍ସ-ରେ ଯନ୍ତ୍ର ଦରକାର ହେଲା । ଯେଉଁ ଡାକ୍ତର ସର୍ଜନରେ ଥିଲେ, ସେ କୋଟେ-ସନ୍ ମଗାଇଲେ । ଅସଂଖ୍ୟ କୋଟେସନ୍ ଆସି ତାଙ୍କ ପାଖରେ ପହଞ୍ଚିଲା । ପ୍ରତ୍ୟେକ ପ୍ରତ୍ୟେକର କୋଟେସନ୍ ପଠାଇଲେ । ତା ସହିତ ଛାପା ନମୁନା ମଧ୍ୟ ପଠାଇଥାନ୍ତି । ପ୍ରତ୍ୟେକ ନିଜ ନିଜର ପଦାର୍ଥକୁ ଉଚ୍ଚ ପ୍ରଶଂସା କରିଥିଲେ । ଡାକ୍ତର ସେ ସବୁ ଦେଖି, ପଢ଼ି ଏତେ ବିବ୍ରତ ହୋଇ ପଡ଼ିଲେ ଯେ ନମୁନା ଦାଖଲ କରିବାକୁ ଖବରକାଗଜ ଜରିଆରେ ବିଜ୍ଞପ୍ତି ପ୍ରକାଶ କଲେ । ଏତେ ଲୋକ ନମୁନା ସହିତ ଆସି ତାଙ୍କୁ ଦେଖାଇଲେ ଯେ ତାଙ୍କ ମୁଣ୍ଡ ଗୋଳ-ମାଳିଆ ଧରିଗଲା । ଭଲମନ୍ଦ କିଛି ବାଛି ପାରିଲେ ନାହିଁ । ସେ ପ୍ରତିନିଧିମାନଙ୍କୁ ବିଦା କରି ଦେଇ ସେଦିନକାର ଡାକ ଦେଖି ବସିଲେ । ସେଦିନ ଡାକରେ ଖଣ୍ଡିଏ ଚିଠି ସେ ଗୋଟିଏ ଏକ୍ସ-ରେ କମ୍ପାନୀରୁ ପାଇଲେ । ତହିଁରେ ଲେଖାଥିଲା—

ଶ୍ରଦ୍ଧେୟ ଡାକ୍ତରସାହେବ !

ଆମ ନିଜ ଫ୍ୟାକ୍‌ଟରୀରେ ତିଆରି ଗୁଡ଼ିଏ ଏକ୍‌ସ-ରେ ଆଜି ଆସି ଆମ ପାଖରେ ପହଞ୍ଚିଲା । ସେ ଗୁଡ଼ା ଠିକ୍‌ରୂପେ କାର୍ଯ୍ୟକରିବ କି ନାହିଁ ତାହା ଆମର ଭିତରେ ଆଲୋଚନା କଲାରୁ ମତଦ୍ୱୈଧ ଉପୁଜନ୍ତି । ଆପଣଙ୍କୁ ଯଦି ଅବସର ଥାଏ, ଦୟାକରି ଜଣାଇଲେ ବଡ଼ ଉପକୃତ ହୁଅନ୍ତୁ । ଆମର ଇଚ୍ଛା, ଆପଣଙ୍କ ପରି ଜଣେ ଅଭିଜ୍ଞ ବ୍ୟକ୍ତିଙ୍କ ମତ ହିଁ ଗ୍ରହଣୀୟ । ଏପରି କି, ମୁଁ ଭାବୁଛି ଆପଣ ଠିକ୍ ଯେଉଁ ପ୍ରକାରର ଏକ୍‌ସ-ରେ ଲୋଡ଼ୁଛନ୍ତି, ସେହି ପ୍ରକାରର ଆମ ଫ୍ୟାକ୍‌ଟରୀ କେମିତି ତିଆରି କରନ୍ତା । ତେଣୁ ଆପଣଙ୍କ ସାହଚର୍ଯ୍ୟ ଲୋଡ଼ିବାକୁ ମୁଁ ବାଧ୍ୟ ହେଉଛି । ମୁଁ ଜାଣେ, ଆପଣ ସବୁବେଳେ ନିତାନ୍ତ କାର୍ଯ୍ୟବ୍ୟସ୍ତ, ତେଣୁ ସବୁବେଳେ ଆପଣଙ୍କର ସମୟର ଅଭାବ । ଯଦି ଆପଣଙ୍କୁ କେତେବେଳେ ସୁବିଧା ହେବ, ଜଣାଇ ପାରନ୍ତେ, ଆମ ମଟରରେ ଯାଇ ଆପଣଙ୍କୁ ନେଇ ଆସନ୍ତା । ଇତି ।

ଆପଣଙ୍କର ସୌଜନ୍ୟମୁଗ୍ଧ

ଏ ପ୍ରକାର ଚିଠି ପାଇ ଡାକ୍ତରବାବୁ ଆଶ୍ଚର୍ଯ୍ୟ ହେଲେ ଯେତିକି ଗର୍ବ ମଧ୍ୟ ଅନୁଭବ କଲେ ସେତିକି । ତାଙ୍କର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ କୌଣସି କମ୍ପାନୀ ତାଙ୍କୁ ଏପରି ସମ୍ମାନିତ କରି ନ ଥିଲା କିମ୍ବା କୌଣସିଥିରେ ତାଙ୍କର ମତାମତ ଲୋଡ଼ି ନ ଥିଲା । ତେଣୁ ସେ ଯିବାକୁ ବଡ଼ ଉଚ୍ଛୃଙ୍ଖଳ ହୋଇ ଉଠିଲେ । ମାତ୍ର ବାସ୍ତବିକ୍ ଅବସରର ନିତାନ୍ତ ଅଭାବ ଥାଏ । ସେ ସପ୍ତାହରେ ତାଙ୍କୁ ଭୋଜି ଖାଇବା ପାଇଁ ଗୋଟାଏ ନିମନ୍ତ୍ରଣ ଥାଏ । ସେ ସେହି ନିମନ୍ତ୍ରଣ ରକ୍ଷା ନ କରିବା ପାଇଁ ସ୍ଥିର କରି କମ୍ପାନୀକୁ ଜବାବ ଦେଲେ । କମ୍ପାନୀର ମଟରରେ ଯଥାସମୟରେ ଆସି ତାହାଙ୍କୁ କମ୍ପାନୀକୁ ନେଇଗଲା । ସେ

ସେ ଯାଇ ଏକ୍ସ-ରେ ଗୂଢ଼ ପରୀକ୍ଷା କରି ବସିଲେ । ମାତ୍ର ଆଶ୍ଚର୍ଯ୍ୟର କଥା ଏହି ଯେ ସେ ଏକ୍ସ-ରେ ପରୀକ୍ଷା କରୁ କରୁ ତା ପୂର୍ଣ୍ଣାଙ୍ଗରେ ମୋହିତ ହୋଇଗଲେ—(ଆମେ ମୂଳରୁ ବିଷୟ ଠିକ ଧରିବାର ଅନୁମାନ କରି ନ ଥିଲେଇଁ ଯେ)—ଏବଂ ପରିଶେଷରେ ସେ ସ୍ଥିର କଲେ ଯେ ସେହି କମ୍ପାଉଣ୍ଡରୁ ହିଁ ତାଙ୍କର ଆବଶ୍ୟକୀୟ ଏକ୍ସ-ରେ ଗୂଢ଼ ଜାଣିବେ । ତାଙ୍କ ନିଜ କଥାରେ ସେ କହିଲେ, "ମୋତେ ସେ କମ୍ପାଉଣ୍ଡର ଏକ୍ସ-ରେ ଗୂଢ଼ ବନ୍ଦୀ କରିବାକୁ କେହି ଚେଷ୍ଟା କରୁ ନ ଥିଲେ ମାତ୍ର ଏକ୍ସ-ରେର ପୂର୍ଣ୍ଣାଙ୍ଗପଣିଆ ନିମିତ୍ତ ମୁଁ ନିଜକୁ ଏକ୍ସ-ରେକୁ ବଳିଦେଲି । ଫଳରେ ସେ ଗୂଢ଼କୁ ଜାଣିବା ପାଇଁ ମୁଁ ଏକ ରକମ ବାଧ୍ୟ ହୋଇ ପଡ଼ିଲି ।"

ଆଉ ବିଶେଷ ଉଦାହରଣର ଅବତାରଣା ନ କରି ଏତିକି କହିଲେ ଯଥେଷ୍ଟ ହେବ ଯେ କୌଣସି ଲୋକ ଯେବେ ଅନୁଭବ କରେ ଯେ ତାକୁ ଜବରଦସ୍ତି କରି କୌଣସି ଜିନିଷ ବନ୍ଦୀ କରା ହେଉଛି, ବା ତା ମତ ବିରୁଦ୍ଧରେ କୌଣସି କାର୍ଯ୍ୟ କରା ହେଉଛି, ତା ହେଲେ ସେ ସେଥିପ୍ରତି ଖାଲି ନିସ୍ପୃହ ହୋଇ ଉଠେ ନାହିଁ ଯେ ବେଳେ ବେଳେ କଳ୍ପନାଶୀଳ ଭାବେ ବିରକ୍ତି ପ୍ରକାଶ କରେ । ଏପରି ପ୍ରତିକ୍ରିୟା ହେବା ସ୍ୱାଭାବିକ ମଧ୍ୟ, କାରଣ ତାହା ତାର ଆତ୍ମସମ୍ମାନରେ ବାଧା ଜନ୍ମାଏ । ମାତ୍ର ନିଜ ଇଚ୍ଛା ଅନୁସାରେ ସ୍ୱତଃପ୍ରବୃତ୍ତ ହୋଇ କାର୍ଯ୍ୟ କରି ବସିଲେ, ସେ ଅତ୍ୟନ୍ତ ଆତ୍ମ-ପ୍ରସାଦ ଲାଭକରେ ।

ତେଣୁ ମୁଁ ପ୍ରତ୍ୟେକଙ୍କୁ ଅନୁରୋଧ କରେ, ଯେ କୌଣସି ଲୋକ ହାତରୁ କୌଣସି କାର୍ଯ୍ୟ ହାସଲ କରିବାକୁ ବସିଲା ବେଳେ ଦେଖନ୍ତୁ, ସେ କାମପାଇଁ ତାହା ମନରେ ଆଗ୍ରହ ଜନ୍ମାଇ ପାରିବା କି

ନାହିଁ । ସବୁ କ୍ଷେତ୍ରରେ ଏହା ହୁଏତ ସମ୍ଭବ ନୁହେଁ । ମାତ୍ର ଏତକ ସହଜ ଯେ ଆମେ କୌଣସି କାର୍ଯ୍ୟ କରି ବସିଲେ ଅପରର ମତାମତ ଅନ୍ତତଃପକ୍ଷେ ଲୋଡ଼ି ପାରିବା ତ ।

ପଟିଆ ଜିଲ୍ଲାର କଳାରହାଙ୍ଗ ମୌଜାରେ ଶ୍ରୀ ସୋମନାଥ ରଥ ବୋଲି ଜଣେ ଭଦ୍ରଲୋକ କେଉଁକାଳୁ ମରି ଗଲେଣି । ଲୋକେ କହନ୍ତି, ତାଙ୍କପରି ବ୍ୟକ୍ତି ନଥାନ୍ତି କମ୍ । ସେ ମୂଲିଆକୁ କାଠ ଚିରିବାକୁ ଠିକାରେ ଦେବେ ତ କହିବେ, "ଦେଖିଲୁ ପୁଅ! କାଠଟା ଅଠ ଖଣ୍ଡ କରିଦେଲେ ସୁବିଧା ହବ ବୋଲି ମୁଁ କହିଲିଣି ବୁଢ଼ୀ କହୁଛି, ଚୁଲିରେ ପିବ ନାହିଁ, ଆଉ ଦି ଚ ଖଣ୍ଡ କରିଦବାକୁ । ସେ ତ ମାଇପି ଲୋକ, ତାକୁ କାଠହଣା କଷ୍ଟ କି ଜଣା ? ଏ ଶଗଡ଼ର କାଠ ହାଣିଲେ ଯାଇ ତୋ ଠିକା ପୂରିବ । ତୁ ତା କଥା ଶୁଣୁ ନା, ମୋଟାଏ କଥା କର । ତୁ ଆଉ ଚ ଖଣ୍ଡ ଲେଖା କରି ଦେ ।" ବୁଢ଼ାର ଏ ଚତୁରତା ଯେଉଁମାନେ ଲକ୍ଷ୍ୟ କରିଛନ୍ତି ସେମାନେ ଆଜିସୁଦ୍ଧା କହନ୍ତି, "ସେ ବୁଢ଼ାର ଚଲାଖି ଚତୁରତା ଏ ଗାଁର ରଥଙ୍କ ଉପରେ କେବଳ ଟିକିଏ ଟିକିଏ ଛିଟିକା ମାରିଯାଇଛି ।"

( ୧୮ )

କୌଣସି ଗୋଟିଏ ବହିରେ ପଢ଼ିଥିଲି ଯେ ଥରେକର ଦୁଇଜଣ ଝିଅ ହାତୀ ଦେଖିବାକୁ ଗଲେ । ଭଲ ସୁଧାରିଆ ହାତୀଟି ଆସିଥାଏ । ସେମାନେ ସେଇଠା ବାଟରେ ପିଏ ହାତୀ ଦେଖି ଫେରିଲେ । ସେ ଫେରିଲାରୁ ଲୋକେ ତାଙ୍କୁ ପଚାରିଲେ, "କିରେ, ହାତୀ ଦେଖିଲୁ ପରା! ହାତୀ କେମିତିକା ଦିଶିଲା କହିଲ ?" ହାତୀର ଦାନ୍ତ ଦେଖିଥିବା ଝିଅ କହିଲା, ହାତୀଟା ଦେଖିବାକୁ ମୂଳାପରି ତ ଆଉ କଅଣ ? ଗୋଡ଼

ଦେଖିଲାବାଲା କହିଲା, ମଲା, ହାତୀଟା ଦେଖିବାକୁ ଖୁମ୍ବ ପରି ପରା ! ଲାଙ୍ଗୁଳ ଦେଖିଲାବାଲା କହିଲା, ହାତୀଟା ଲଙ୍ଗଳଦଣ୍ଡ଼ା ପରି ତ, ଆଉ ପଚାରୁଛ କଣ ? ମୋଟ କଥା, ସେମାନଙ୍କର ହାତୀବର୍ଣ୍ଣନ ତାଙ୍କ ଦୃଷ୍ଟିରୁ ଠିକ୍ ହେଲେ କଣ ହେବ, ଶ୍ରୋତାମାନେ ନ ହସି ରହି ପାରିଲେ ନାହିଁ । ମାତ୍ର ମୁଁ ହୁଏତ, ନ ହସି ଦୁଃଖ କରିଥାନ୍ତି । କାରଣ, ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ବୟସ୍କ ବ୍ୟକ୍ତି ବାହାରି କହିଲେ, "ଅନ୍ଧମାନଙ୍କ କଥାରେ ହସିବାର ତ କୌଣସି କାରଣ ନାହିଁ । ତୁମେ ନିଜେ ଅନ୍ଧ ହୋଇଥିଲେ ହାତୀକୁ ଏହିପରି ବର୍ଣ୍ଣନ କରି ନ ଥାନ୍ତ କି ? ବାସ୍ତବିକ୍ କଥାଟାକୁ ସେମାନଙ୍କ ଦୃଷ୍ଟିଭଙ୍ଗୀରୁ ବିବେଚନା କଲେ ଆମ୍ଭେମାନେ ବୁଝିପାରିବା ଯେ ସେମାନେ ଠିକ୍ ହିଁ କହିଛନ୍ତି ।"

ମୋର ମନେହୁଏ, ବୟସ୍କ ବ୍ୟକ୍ତିଟି ବାସ୍ତବରେ ଶିକ୍ଷିତ, କାରଣ କେଡ଼େବଡ଼ କଥାଟାଏ ସେ କହି ନାହାନ୍ତି, ଶୁଣିଲେ । ଆମେ ଯଦି ବକ୍ତାଙ୍କର ଦୃଷ୍ଟିଭଙ୍ଗୀର କଥାଟାକୁ ବୁଝି ପାରନ୍ତେ, କାମଟାକୁ କର୍ତ୍ତାର ଚିନ୍ତାଧାରାନୁସାରେ ଆଲୋଚନା କରି ପାରନ୍ତେ, ତା ହେଲେ ଆମ ଜୀବନ କେଡ଼େ ସୁଖମୟ ହୋଇ ନ ଥାନ୍ତା ସତେ ?

ଜେଲ କାର୍ନେଜ ଗୋଟିଏ ପାର୍କକୁ ପ୍ରାଣପଣେ ଭଲ ପାନ୍ତି । ସେ ପାର୍କରେ ଖେଳ କରିବାକୁ ମଝିରେ ମଝିରେ ପିଲାମାନେ ଏକଜୁଟ ହୁଅନ୍ତି । ସବୁ ଦେଶର ପିଲାମାନଙ୍କ ପ୍ରକୃତି ସମାନ । ପିଲାମାନେ ଖେଳକରି ଚାଲିଯାନ୍ତି ମାତ୍ର ଚୂଲୀରୁ ନିଆଁ ଲିଭାନ୍ତି ନାହିଁ । କିଛି ସମୟ ପରେ ସେହି ନିଆଁ ଭୀଷଣ ଆକାର ଧାରଣ କରି ସମଗ୍ର ପାର୍କକୁ ନଷ୍ଟ କରି ପକାଏ । କାର୍ନେଜ ମହାଶୟ ଜଚାନ୍ତ ବ୍ୟସ୍ତ ହୁଅନ୍ତି ।

ଅଳ୍ପକରେ ଗଛକୁ ଗଛ ନିଆଁ ଏତେ ପ୍ରବଳ ଭାବରେ ବ୍ୟାପି ଗଲା ଯେ ଯେପରି ସମଗ୍ର ପାର୍କକୁ କ୍ଷଣକରେ ଭସ୍ମ କରିଦେବ, ସେହିପରି ବୋଧ ହେଲା । ସେତେବେଳେକୁ ପିଲାମାନଙ୍କର ଖେଳଖାଲ ସରି ଯାଇଥାଏ । ସେମାନେ ନିଆଁକୁ ଲଗାଇବା ପରବର୍ତ୍ତେ ଚିତ୍କାର ଦେଇ ଗଛବୃକ୍ଷ ସବୁ ପୋଡ଼ିଯିବାର ଦେଖି ଆନନ୍ଦରେ ନାଚି ଉଠୁଥାନ୍ତି । କାର୍ନେଜି ଏ ଦୃଶ୍ୟ ଦେଖି ସହି ପାରିଲେ ନାହିଁ । ସେ ଏକମୁହାଁ ହୋଇ ଥାନାକୁ ଧାଇଁଲେ । ସବୁ ଘଟଣା ଆମୂଳଚୂଳ ବର୍ଣ୍ଣନ କରି ଥାନା ଅଫିସରଙ୍କୁ କହିଲେ । ମାତ୍ର ଅଫିସର ସହାନୁଭୂତି ଦେଖାଇବେ କଅଣ, ଓଲଟି କହିଲେ, "ସେଇଟା ତ ଆମର କାମ ନୁହେଁ—ଆପଣ ଫାୟାର ଷ୍ଟେସନ୍‌କୁ ଯାନ୍ତୁ ।" ତାଙ୍କଠାରୁ ଏ ପ୍ରକାର ନିରସ ବାଣୀ ଶୁଣି କାର୍ନେଜିଙ୍କର ଫାଙ୍କାଣି ଉଡ଼ିଗଲା । ସେ ତତକ୍ଷଣରେ ପାର୍କ ପାଖକୁ ଫେରିଲେ । ଶେଷରେ ତାଙ୍କର ଅତି ପ୍ରିୟ ଗଛଗୁଡ଼ିକ ଧୂ ଧୂ ହୋଇ ଜଳି ଯାଉଥିବାର ଦେଖି କାର୍ନେଜି ମହାଶୟ ବ୍ୟାକୁଳ ହୋଇ ଉଠିଲେ । କଣ କଲେ ଠିକ୍ ହେବ, ତାହାରି ଚିନ୍ତାରେ ସେ ଏତେଦୂର ଅଭିଭୂତ ହୋଇପଡ଼ିଲେ ଯେ ଠିକ୍ ତାର ବିପରୀତ ଆଚରଣ କରି ବସିଲେ । ସେ ନିଜ ଘୋଡ଼ାର ବେଗ ବଢ଼ାଇ ଦେଇ ଯାଇ ପିଲାମାନଙ୍କ ପାଖରେ ପହଞ୍ଚିଲେ । ତାଙ୍କୁ ମନଇଚ୍ଛା ଗୁଡ଼ାଏ ଶୋଧି ଦେଲେ, ଜେଲଦେବାକୁ ଧମକାଇଲେ, ଏବଂ ନିଜେ ଯେତେଟା ପାରନ୍ତି ସେତେଟା ନିଆଁର ଗତି ନିବର୍ତ୍ତାଇବାରେ ଲାଗି ପଡ଼ିଲେ । ପିଲାମାନେ ଏପରି ବ୍ୟବହାର କରୁଥାନ୍ତି, ଯେପରି ସେମାନେ କିଛି ଜାଣନ୍ତି ନାହିଁ । ଅବଶ୍ୟ ସମସ୍ତଙ୍କ ସମବେତ ଚେଷ୍ଟାରୁ ନିଆଁର ଗତି ଅନେକଟା ରୁଦ୍ଧ ହୋଇଗଲା । ସେ ପିଲାଙ୍କୁ ଲକ୍ଷ୍ୟକରି ପୁଣି ପୂର୍ବଏ ଏକ ଉଦ୍‌ବାରଣ କରି ବସାକୁ ଫେରିଲେ । ପ୍ରିୟଙ୍କ ଦୁଷ୍କର୍ମ ତ

ସବୁଦିନେ ସବୁଠି ସମାନ । ସେଦିନ ସେମାନେ ଶଶଙ୍କ ଚିତ୍ତରେ, ଶୁଖିଲା ମୁହଁରେ ଘରକୁ ଫେରିଥିଲେ ।

ଏ ଘଟଣାର କିଛି ଦିନ ପରେ କାର୍ନେଲ ମହାଶୟ ଘୋଡ଼ା-ଚଢ଼ି ଯାଉ ଯାଉ ପୁଣି ସେ ପାର୍କ ପାଖରେ ପହଞ୍ଚିଲେ । ଦେଖିଲେ ପିଲାମାନେ ଖେଳ କରିବାରେ ମାତିଛନ୍ତି । ସେ ପିଲାମାନଙ୍କ ଉପରେ ବିରକ୍ତ ନ ହୋଇ, ସେମାନଙ୍କୁ ପାଖକୁ ଡାକିଲେ । ଘୋଡ଼ାରୁ ଓହ୍ଲୁ ଓହ୍ଲୁ କହିଲେ, "ମଜା କରୁଛ କରେ ପିଲେ ? ମୁଁ ତୁମପରି ହୋଇ-ଥିଲି ବେଳେ ଏମିତି କେତେ କେତେ ଖେଳ କରୁଥିଲି । ଖୁବ ମଜା ଲଗେ ଏ ଖେଳଗୁଡ଼ା—ନୁହେଁ ରେ ? ମାତ୍ର ଗୋଟିଏ କଥା—ପାର୍କରେ ବଣଖେଳ କରିବା ଭଲ ନୁହେଁ । ମୁଁ ଜାଣେ ତୁମେ ପାର୍କର କ୍ଷତି କରିବାକୁ ଚାହଁ ନାହିଁ, ମାତ୍ର ତୁମ ପରି ଅନ୍ୟ ସବୁ ପିଲାମାନେ ଖାଲି ଭଲ ବୋଲି କଅଣ ଭାବୁଛ କି ? ତୁମେ ଖେଳ ସାରି ନଅାଁ ଲଗାଇ ଦେଇ ଯାଅ—ମୁଁ ଜାଣେ । ମାତ୍ର ତମ ପଛେ ପଛେ ଦଳେ ପିଲାଏ ଆସି ସେ ନଅାଁକୁ ପୁଣି ଉଖାରି ଦିଅନ୍ତି ପରା । ଏତେବଡ଼ ପାର୍କଟା ଗୋଟାଏ ମୁହୂର୍ତ୍ତରେ ଜଙ୍ଗଲପୋଡ଼ ଘୁଷୁଖାର ହୋଇଯାଏ । ପାର୍କଟା ଧ୍ୱଂସ ହୋଇଗଲେ, କେତେ ଲୋକେ ଟିକିଏ ବୁଲା କରିବାକୁ ପାଇବେ ନାହିଁ, ଭାବିଲ ! ପାର୍କରେ ଖେଳକୁଦ କଲେ, ନଅାଁ ଲଗେଇଲେ, ଜେଲ୍ ଯିବାକୁ ପଡ଼େ ; ମାତ୍ର ତୁମପରି ସୁନାପିଲାମାନଙ୍କୁ ଜେଲ ଦେବାକୁ କାହାର ଭଲା ଇଚ୍ଛା ହବ ? ତୁମେ ଖେଳ କର, ମାତ୍ର ଖେଳ ସରିଲେ ନଅାଁକୁ ଭଲକରି ଲଗାଇ ଦେଇ ଯିବ । ଆଉଥରକୁ ଏଠି ଖେଳ ନ କରି ସେ ବଣରେ ଖେଳ କରିବ ଯେ କାହାରି ପାଟି ଫିଟାଇବାକୁ ଯୁ ନ ଥିବ । ମନେ ରଖିଲଟି ପିଲେ ! ଭଲ କରି ନଅାଁ ଲଗେଇ ଦେଇଯିବ । ସମସ୍ତେ ମିଶି ଧୂଳିବାଲି ଆଣି ଚୂଲୀକୁ ଏପରି ଭାବରେ ଖୋଡ଼

ଦେଇ ଯିବ ଯେ ଯେପରି ତଗଲ୍ ପିଲାଏ ଯେତେ ଚେଷ୍ଟା କଲେ ମଧ୍ୟ ନଇଁର ଗନ୍ଧ ସମ୍ଭବ ଆଉ ପାଇବେ ନାହିଁ । ଆଚ୍ଛା, ଯାଅ ପିଲାଏ, ଲାଗିପଡ଼ ତୁମ ଭୋଜରେ—କର, ମଜ୍ଜା କର ।"

ଏ ପ୍ରକାର କଥାର ଫଳାଫଳ କଣ ହୋଇଥିବ, ତାହା ଆପଣମାନେ ବେଶ୍ ଅନୁମାନ କରିପାରିବେ । ପିଲାମାନେ ଏ ପ୍ରକାର କଥା ଶୁଣି ଅତ୍ୟନ୍ତ ଖୁସି ହେଲେ । ସେମାନେ ବୁଝିଲେ ଯେ ସେମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଆଚରଣ କରିବାକୁ ବାଧ୍ୟବାଧକତା କିଛି ନାହିଁ । କାର୍ନେଜ ମଧ୍ୟ ଆତ୍ମସନ୍ତୋଷ ଅନୁଭବ କଲେ ଯେ ପିଲାମାନେ ଏତେ ଗର୍ହିତ କାର୍ଯ୍ୟରୁ ଏତେ ସହଜରେ ନିବର୍ତ୍ତିତ ହୋଇ ପାରିଲେ ।

ତେଣୁ ବଡ଼ ବଡ଼ ଦାର୍ଶନିକମାନେ କହିଥାନ୍ତି, "କାରଣରେ ଆଗ୍ରହୀ ହେଲେ ପରିଣାମ ଗର୍ହିତ ବୋଧ ହୁଏ ନାହିଁ । ଅର୍ଥାତ୍ କୌଣସି ବ୍ୟକ୍ତି ଯେଉଁ ଦୃଷ୍ଟିରୁ ଗୋଟାଏ କାର୍ଯ୍ୟ କରି ବସୁଛି, ତାହା ଯଦି ଆମେ ବୁଝିପାରିବା, ତା' ହେଲେ କାର୍ଯ୍ୟର ପରିଣାମ ଯେତେ ଅସ୍ୱାଭାବିକ ହେଲେ ମଧ୍ୟ ଆମକୁ ସ୍ୱାଭାବିକ ବୋଧ ହେବ । ଫଳରେ ଆମେ ବିରକ୍ତି ପ୍ରକାଶ ନ କରି ସହାନୁଭୂତି ଦେଖାଇବା ଦ୍ୱାରା ସେ ବ୍ୟକ୍ତିର ହୃଦୟ ଜୟ କରି ପାରିବା ।

## ( ୧୯ )

"ଯେସାକୁ ତେସା, ହାତ୍ସମକାଦାକୁ ଟାଙ୍ଗିଆ ପସା ।"

ଏଇ ମତରେ ସାଧାରଣ ଲୋକେ କାମ କରିଯାନ୍ତି । ମାତ୍ର ଯେଉଁମାନେ ବୁଦ୍ଧିମାନ୍ ସେମାନେ ଏ ପନ୍ଥାର ପଥିକ ନୁହନ୍ତି । ସେମାନଙ୍କ ମନରେ ଗୋଟିଏ କାର୍ଯ୍ୟର ଫଳ ସ୍ୱରୂପ ଗୋଟିଏ କାରଣ ଜଳିଆଲେ । ଜଣେ ଯାହା ହୋଇଛି, ସେଥିପାଇଁ ସେମାନେ

ଧନ୍ୟବାଦ ଦିଅନ୍ତୁ ବା ନ ଦିଅନ୍ତୁ ଜଣେ ଯାହା ହେବାକୁ ସତତ ଚେଷ୍ଟା କରୁଛି, ସେଥିପାଇଁ ତାକୁ ସର୍ବଦା ଧନ୍ୟବାଦ ଦିଅନ୍ତୁ । କୌଣସି ରୋଗୀ ବା ଅପମାନିତ ବ୍ୟକ୍ତି କୌଣସି ବଡ଼ ବ୍ୟକ୍ତି ପାଖରେ ପହଞ୍ଚିଲେ, ସେ ତାକୁ ସ୍ନେହ ସହାନୁଭୂତି ଦେଖାଇ, ଆଶା ଆଶ୍ୱାସନା ଦେଇ ବସନ୍ତି । ମାତ୍ର ପୁନଶ୍ଚ ତାକୁ ସମ୍ମାନିତ କରନ୍ତି ନାହିଁ ବା ଅପମାନ ଦିଅନ୍ତି ନାହିଁ । ଯେ କୌଣସି ବ୍ୟକ୍ତି କୌଣସି ଉଚ୍ଚମନାଙ୍କ ପାଖକୁ ଯାଇ ତାଙ୍କୁ ପରୀକ୍ଷା କଲେ, ଏ କଥାର ସତ୍ୟତା ଆପେ ଆପେ ବୁଝିପାରିବେ । ଆମେ ଯେଉଁ କ୍ଷେତ୍ରରେ ଯେପରି ଆଚରଣ କରିଥାଉଁ, ବଡ଼ବ୍ୟକ୍ତିମାନେ ଠିକ୍ ତାର ଓଲଟା ଆଚରଣ ପ୍ରାପ୍ତ କରିଥାନ୍ତି । ଯେଉଁମାନେ କ୍ଷୋଭ ଓ ଅପମାନରେ ବ୍ୟଥିତ ହୋଇ ବଡ଼ ବ୍ୟକ୍ତିଙ୍କର ଆଶ୍ରୟ ନିଅନ୍ତି, ସେମାନେ ମୁହୂର୍ତ୍ତକ ମଧ୍ୟରେ ଏପରି ପରିବର୍ତ୍ତିତ ହୋଇଯାନ୍ତି ଯେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ଛୋଟ ଛୋଟ କାରଣକୁ ମୂଳକରି ଚିଡ଼ି ଉଠିବା ଆମ ସାଧାରଣଙ୍କ ପ୍ରକୃତି । "ଟ୍ରିମିଷ୍ଟି ଖେଳରୁ ମହାଭାରତ ହୋଇ" ସାଧାରଣତଃ ମାଇପେ ଯେଉଁ ଢଗ ବୋଲନ୍ତି ତାହା ମୂଳରେ ଏହି ତଥ୍ୟ ହିଁ ନିହିତ ।

ଥରେ ଡେଲ କାର୍ନେଜି ମହାଶୟ ମେସ ଆଲ୍ କଟ୍ଙ୍କ ବିଷୟରେ ରେଡ଼ିଓରେ ବକ୍ତୃତା ଦେଇ ଦେଇ ତାଙ୍କର ଜନ୍ମ ସ୍ଥାନର ଭୌଗୋଳିକ ପରିସ୍ଥିତି ଭୁଲ କରିଦେଲେ । ମେସ ଆଲ୍କଟ୍ ଯେଉଁ ଗାଁରେ ଜନ୍ମଗ୍ରହଣ କରିଥିଲେ, ସେଇ ଗାଁର ଜଣେ ମହିଳା ରେଡ଼ିଓ ଶୁଣୁଥିଲେ । କାର୍ନେଜିଙ୍କ ଭୁଲ ବର୍ଣ୍ଣନରେ ସେ ଏତେ-ଦୂର ତାତି ଉଠିଲେ ଯେ ଯାହା ଇଚ୍ଛା ଗାଳିକରି କାର୍ନେଜିଙ୍କ ପାଖକୁ ଖଣ୍ଡେ ଚିଠି ଲେଖିଲେ । ସେ ଚିଠି ପାଇ କାର୍ନେଜି ମହାଶୟ ମଧ୍ୟ ଭୀଷଣ ଗରମ ହୋଇଗଲେ । ସବୁ ଶାନ୍ତ ଭଦ୍ର-

ତଳାକୁ ବିଚାର କରି ଦେଖିଲେ ଯେ ଏ ପରିସ୍ଥିତରେ ଯେଉଁଥିକୁ ଚେଷ୍ଟା ମାତ୍ର ଅବଲମ୍ବନ କଲେ କୁଫଳ ଫଳିବାର ସମ୍ଭାବନା । ତେଣୁ ସେ ଚିଠିର କୌଣସି ଉତ୍ତର ନ ଦେଇ ନୀରବ ରହିଲେ । ତା ପରବର୍ତ୍ତୀ ସମୟରେ, କାର୍ନେଜି ମହାଶୟଙ୍କୁ ଯେତେବେଳେ ପୁଣି ରେଡ଼ିଓରେ ଭାଷଣ ଦେବାକୁ ପଡ଼ିଲା, ସେତେବେଳେ ସେ ନିଜର ତ୍ରୁଟି ମାର୍ଜନା କରିନେଲେ ଏବଂ ନିଜ ଭ୍ରମ ନିମିତ୍ତ ସାଧାରଣଙ୍କଠାରୁ କ୍ଷମା ମାଗିଥିଲେ । ଏହାର କିଛିଦିନ ପରେ ସେ ଉକ୍ତ ମହିଳାଙ୍କ ସହିତ ଫୋନ୍ ଯୋଗେ କଥାଭାଷା ହେବାର ସୁଯୋଗ ପାଇଥିଲେ । ଏହି ସୁଯୋଗରେ ସେମାନଙ୍କ ମଧ୍ୟରେ ନିମ୍ନଲିଖିତମତେ କଥୋପକଥନ ଚାଲିଥିଲା :—

କାର୍ନେଜି :—କିଛି ଦିନ ପୂର୍ବେ ମୋର ତ୍ରୁଟି ଦର୍ଶାଇ ମୋ ପାଖକୁ ଆପଣ ଖଣ୍ଡିଏ ଚିଠି ଲେଖିଥିଲେ । ସେଥିପାଇଁ ମୋର ଆନ୍ତରିକ ଧନ୍ୟବାଦ ଗ୍ରହଣ କରିବେ କି ?

ମହିଳା:—କେଉଁ ଭଦ୍ରବ୍ୟକ୍ତିଙ୍କ ସଙ୍ଗେ କଥାଭାଷା କରିବାର ସୁଯୋଗ ମୁଁ ପାଉଛି, ଜାଣି ପାରିବି କି ?

କାର୍ନେଜି :—ମୁଁ ଆପଣଙ୍କ ପାଖରେ ସମ୍ପୂର୍ଣ୍ଣ ଅପରିଚିତ, ମୋ ନାଁ ଡେଲ କାର୍ନେଜି । ସେଦିନ ମୋର ରେଡ଼ିଓ ଭାଷଣରେ ଆଲକଟ୍‌ଙ୍କ ଜନ୍ମସ୍ଥାନ ମୁଁ ଭୁଲ୍ କରି ଜଣାଇଲି । ସେ ପ୍ରକାର ଅକ୍ଷମଣୀୟ ଭୁଲ ପାଇଁ ମୁଁ କ୍ଷମା ମାଗୁଛି । ଆପଣ ଯେ ଦୟା-କରି ଚିଠି ଦ୍ୱାରା ମୋ ଭୁଲ ମୋତେ ଧରାଇ ଦେଲେ, ସେଥିପାଇଁ ମୁଁ ଆପଣଙ୍କ ପାଖେ କୃତଜ୍ଞ ।

ମହିଳା :—ବାସ୍ତବିକ ମୁଁ ବଡ଼ ଦୁଃଖିତ ଯେ ଆପଣଙ୍କ ପାଖକୁ ସେତେ କଡ଼ାକଡ଼ି ଚିଠି ଖଣ୍ଡେ ଲେଖି ପଠାଇଲି । ରାଗରେ

ସେତେବେଳେ ମୋ ମୁଣ୍ଡ ଖରାପ ହୋଇ ଯାଇଥିବ । ବରଂ ଆପଣ ମୋତେ କ୍ଷମା କରିବାର କଥା ।

କାର୍ନେଜ:—ନାଁ, ଆପଣଙ୍କର କିଛି ବି ଦୋଷ ନାହିଁ । ବରଂ ଆପଣ ଯାହା କହିଛନ୍ତି ତାହା ଠିକ୍ ହିଁ କହିଛନ୍ତି । ମୁଁ ସେଇ ଯେଉଁ ଭୁଲ୍ କଲି, ତାହା କୌଣସି ସ୍କୁଲ୍‌ପିଲା ମଧ୍ୟ କରିବା ସମ୍ଭବ ନୁହେଁ । ଅବଶ୍ୟ ପରବର୍ତ୍ତୀ ରେଡ଼ିଓ ଭାଷଣରେ ମୁଁ ମୋ ଭ୍ରମ ସଂଶୋଧନ କରି ସାଧାରଣଙ୍କଠାରୁ କ୍ଷମା ଭିକ୍ଷା କରିଥିଲି । ଆପଣଙ୍କଠାରୁ ବ୍ୟକ୍ତିଗତ ଭାବେ କ୍ଷମା ମାଗିନେବାର ସୁଯୋଗ ମୁଁ ସେହି ଦିନଠାରୁ ଖୋଜୁଥିଲି । ଆଜିର ଏ ସୁଯୋଗ ପାଇ ମୁଁ ଅତ୍ୟନ୍ତ ଆନନ୍ଦିତ ।

ମହିଳା:—ମୁଁ ମିସ୍ ଆଲକଟ୍‌ଙ୍କ ଗାଁର କି ନା, ତେଣୁ ଗାଁର ଭୁଲ ଠିକଣା ମୋର ଅସହ୍ୟ ହୋଇ ଉଠିଲା । ମାତ୍ର ମୁଁ ଯାହା ଆପଣଙ୍କ ପାଖକୁ ଲେଖିଥିଲି ତାହା ମନେ ପଡ଼ିଗଲେ ଲାଜରେ ସତ୍ତି ଏତେ ଟିକିଏ ହୋଇଗଲା ପରି ମୋତେ ଲାଗୁଛି । ଦୟାକରି ମୋ ରୁକ୍ଷତା ପାଇଁ କ୍ଷମା ଦେବେ ।

କାର୍ନେଜ:—ଆପଣ ମୋତେ ବିଶ୍ୱାସ କରିବେ ତ, ମୁଁ କହିବି— ମୁଁ ଯେଉଁ ଲଜ୍ଜା ଅନୁଭବ କରୁଛି, ତାହା ଆପଣଙ୍କ ଲଜ୍ଜାର ୧୦ ଗୁଣ ! ମୁଁ ଯେଉଁ ଭୁଲଟା କଲି, ସେଥିରେ ଠିକଣାଟା ଆଘାତ ପାଇଲା ନାହିଁ ବା ଅପମାନିତ ହେଲା ନାହିଁ ଯେ ବରଂ ମୁଁ ହିଁ ପାଇଲି । ବିଶେଷତଃ ଆପଣଙ୍କ ପରି ଭଦ୍ରମହିଳା ଶ୍ରମସ୍ୱୀକାର କରି ଆମପରି ରେଡ଼ିଓ ବକ୍ତାଙ୍କୁ ଚିଠି ଲେଖିବା କ୍ୱଚିତ୍ ଦେଖାଯାଏ । ମୁଁ ଏବେ ମଧ୍ୟ ଆଶା ପୋଷୁଛି ଯେ ଭବିଷ୍ୟତକୁ ମୋର ସେ ପ୍ରକାର ଭୁଲ୍ ହେଲେ, ମୋତେ ଆପଣଙ୍କ ଦୟାରୁ ବଞ୍ଚିତ କରିବେ ନାହିଁ ।

ମହିଳା:—ଆପଣ ମୋ ପତ୍ରକୁ ଯେଉଁପରି ଭାବରେ ଗ୍ରହଣ କରିଛନ୍ତି, ସେଥିପାଇଁ ମୋର ଆପଣଙ୍କ ଉପରେ ଶ୍ରଦ୍ଧା ବଢ଼ି ଉଠୁଛି ।

ଆପଣ ଯେ ଜଣେ ଅତ୍ୟନ୍ତ ଉଚ୍ଚମନା ବ୍ୟକ୍ତି ଏଥିରେ ସନ୍ଦେହ ନାହିଁ । ଆପଣଙ୍କ ସମ୍ବନ୍ଧରେ ବିଶେଷ କରି ଜାଣିବାକୁ ମୋର ବ୍ୟଗ୍ରତା ବଢ଼ିଗଲାଣି, ଇତ୍ୟାଦି, ଇତ୍ୟାଦି—ଏହିପରି କହି କାର୍ନେଜି ମହାଶୟ ତାଙ୍କ ମାନସିକ ଅବସ୍ଥା ବର୍ଣ୍ଣନ କରି କହିଛନ୍ତି :—"ସହାନୁଭୂତି ଦେଖାଇ ଏବଂ ଦୋଷ ସ୍ୱୀକାର କରି ମୁଁ ସହାନୁଭୂତି ପାଇଲି ଏବଂ ସେ ତାଙ୍କ ଦୋଷ ସ୍ୱୀକାର କଲେ ମଧ୍ୟ । ମୁଁ ଖୁସି ଯେ ମୋ ରାଗକୁ ସଂଯତ କରି ପାରିଲି ଏବଂ ମୋର ଗର୍ବ ଯେ ଅପମାନକୁ ଜୀର୍ଣ୍ଣକରି ମିଷ୍ଟ ଆଚରଣ ଦେଖାଇପାରିଲି........ ।"

ଏ ଅନୁଭୂତି ଖାଲି ତାଙ୍କର ନାହିଁକ, ଆମର ବି ହେବ । ଏହି ଅନୁଭୂତିକୁ ଆହରଣ କରିବାକୁ ଯଥେଷ୍ଟ ସୁଯୋଗ ଆମେ ପାଇ ପାରିବା ଯଦି କଥାବସ୍ତୁକୁ ଲୋକର ବିଚାରଧାର ଦୃଷ୍ଟିରୁ ବୁଝିପାରିବା । ସାଧାରଣ ଲୋକେ କଣ ଚାହାନ୍ତି — ଏହି ପ୍ରଶ୍ନ ନିଜକୁ ପଚାରିଲେ ଆପଣ ତୁରନ୍ତ ବୁଝି ପାରିବେ ଯେ ସାଧାରଣ ଲୋକେ "ମୋତେ ଅପର ବୁଝନ୍ତୁ" ଏହା ବ୍ୟତୀତ ଅନ୍ୟ କଥା କ୍ୱଚିତ୍ ଚାହାନ୍ତି ।

ଆପଣ ଚାଲିଆପିନଙ୍କ ନାମ ଶୁଣିଛନ୍ତି । ସେ ତ ଜଣେ ଖ୍ୟାତନାମା ରସିକ୍ ଆକ୍ଟର, ସେଜଣକ ସୁପ୍ରସିଦ୍ଧ ସୁଗାୟକ । ସେ ଯେତେବେଳେ ହାରୁକ୍ ମହାଶୟଙ୍କ ନିର୍ଦ୍ଦେଶରେ କାମ କରିବାକୁ ପ୍ରସ୍ତୁତ ଥାନ୍ତି, ସେତେ ସମୟକାର କଥା । ଚାଲିଙ୍କର ଗୀତ, ବାସ୍ତବିକ୍ ଅତ୍ୟନ୍ତ ମର୍ମସ୍ପର୍ଶୀ, ସାଧାରଣଙ୍କଠାରୁ ଅତି ଉଚ୍ଚଦରର । ଯେଉଁଦିନ ଗୀତ ବୋଲିବାକୁ ତାଙ୍କର ପାଳି ପଡ଼ିବ, ତାହାର ଯଥେଷ୍ଟ ପୂର୍ବରୁ ହାରୁକ୍ ମହାଶୟ ଚାଲିଙ୍କୁ ଜଣାଇ ଦେଇଥାନ୍ତି । ତଥାପି ତାଙ୍କ ପାଳି ପଡ଼ିଲେ ଦିନ ଦି'ପହରେ ଚାଲିଆପିନ୍ ଫୋନ୍‌ରେ ହାରୁକଙ୍କୁ ଡକାଇ ପଠାଇବେ । ସେ ସଙ୍ଗେ ସଙ୍ଗେ ଆସନ୍ତି । ତାଙ୍କୁ

ସ୍କୁଲି କହନ୍ତି, "ଦେଖନ୍ତୁ, ମୋତେ ଖୁବ୍ ଜୋରରେ କାଶ ଆଉ ସର୍ଦ୍ଦି ଧରି ପକାଇଛି, ମୋ ଗଳାଟା ମୋଟେ ଫିଟୁ ନାହିଁ । ମୁଁ ଆଜି ଜମା ଗାଇ ପାରିବି ନାହିଁ ।" ହାରୁକ୍ ନିଜ ବ୍ୟବସାୟରେ ଖୁବ୍ ଧୂରନ୍ଧର । ସେ ମାନବର ପ୍ରକୃତି ସମ୍ବନ୍ଧ ଘନିଷ୍ଠ ଭାବରେ ପରିଚିତ । ସେ ଯୁକ୍ତି କାଢ଼ି ବସନ୍ତି ନାହିଁ କି ସ୍କୁଲିଙ୍କୁ ଗୀତ ବୋଲିବାକୁ ବାଧ୍ୟ କରନ୍ତି ନାହିଁ । ସ୍କୁଲିଙ୍କ ବକ୍ତବ୍ୟ ଶେଷ ହେଲେ, ସେ କହନ୍ତି:—

"ଆପଣଙ୍କ ସ୍ୱର ଶୁଣି ମୁଁ ତ ତାହା ହିଁ ଅନୁମାନ କରୁଥିଲି । ହଠାତ୍ ଏପରି ହେବା ବାସ୍ତବିକ୍ ବଡ଼ ଦୁଃଖର କଥା । ଏ ଅବସ୍ଥାରେ ଆପଣ ଗାଇବା ତ ନିହାତି ଅସମ୍ଭବ । ମୁଁ ପ୍ରୋଗ୍ରାମ ବଦଳାଇ ଦେଉଛି, ଆପଣ ମୋଟେ ବ୍ୟସ୍ତ ହୁଅନ୍ତୁ ନାହିଁ, ଆରାମ୍ କରନ୍ତୁ ନିଶ୍ଚିନ୍ତରେ । ହେଲା ବା ଟଙ୍କା ହଜାରେଟା ଆଜି ନ ମିଳିଲା, ମାତ୍ର ଦେହ ଆଗ ନା ଟଙ୍କା ଆଗ ?"

ସ୍କୁଲି ଶୁଣନ୍ତି, ଦୀର୍ଘ ନିଶ୍ୱାସ ମାରି କହନ୍ତି, "କେଜାଣି ଅବା, ୫ଟା ବେଳକୁ ଟିକିଏ ଭଲ ଲାଗିପାରେ, ଆପଣ ସାଢ଼େ ପାଞ୍ଚଟା ବେଳକୁ ଟିକିଏ ଆସନ୍ତେ କି ଦେଖାଯାନ୍ତା ମୋର ଅବସ୍ଥା କପରି କଣ ହେଉଛି ।"

ଠିକ୍ ସାଢ଼େ ପାଞ୍ଚଟା ବେଳକୁ ପୁଣି ହାରୁକ୍ ମହାଶୟ ସ୍କୁଲିସ୍କାପିନ୍‌ଙ୍କ ପାଖରେ ପହୁଞ୍ଚନ୍ତି । ଟିକିଏ ଭଲକରି ସ୍କୁଲିଙ୍କୁ ନିରୀକ୍ଷଣ କରି ନେଇ କହନ୍ତି, "ଆପଣଙ୍କ ଅବସ୍ଥା ତ ବିଶେଷ ଉନ୍ନତ କଲାପରି ଦିଶୁ ନାହିଁ । ନାଁ, ଆପଣଙ୍କୁ ଅତ୍ୟନ୍ତ କଷ୍ଟ ହେବ, ମୁଁ ଯାଏ ପ୍ରୋଗ୍ରାମ୍‌ଟା ବଦଳାଇ ଦିଏ ।"

ସ୍କାପିନ୍ ଦୀର୍ଘ ନିଶ୍ୱାସ ଛାଡ଼ି କହନ୍ତି, "ଆପଣ ସାତେ ସାତଟାକୁ ଆସନ୍ତୁ, କେଜାଣି ମୁଁ ଅବା ଗାଇପାରିବି ।"

ହାରୁକ୍ ଠିକ୍ ସାଢ଼େ ସାତଟାରେ ଯାଇ ପୁଣି ଗୁର୍ଲିଙ୍କ ସଙ୍ଗେ ଦେଖା କରନ୍ତି । ସେ ଗାଇବାକୁ ସ୍ଥିର ହୁଅନ୍ତି ମାତ୍ର ଗୋଟାଏ ସର୍ତ୍ତରେ । ସେ ସର୍ତ୍ତ ହେଉଛି ଏହି ଯେ ଗୁର୍ଲି ମହାଶୟ ଗୀତ ବୋଲିବା ଅବ୍ୟବହିତ ପୂର୍ବରୁ ହାରୁକ୍ ମହାଶୟ 'ମେଟ୍ରୋପଲିଟାନ୍ ସେଣ୍ଟ୍ରାଲ୍'ରେ ଆଗ କହିବେ ଯେ, "ସର୍ଦ୍ଦିରେ ଗୁର୍ଲି ମହାଶୟଙ୍କ ଗଳା ଆଜି ମୋଟେ ଫିଟୁ ନାହିଁ । ମାତ୍ର ଆପଣମାନଙ୍କ ପରି ଦର୍ଶକ-ମଣ୍ଡଳୀକୁ ଦୁଃଖିତ କରିବାକୁ ସେ ଆନ୍ତରିକ ଚାହାନ୍ତି ନାହିଁ । ତେଣୁ ଯାହା କଷ୍ଟ ପଡ଼ିଲେ ପଡ଼ିବ, ସେ ସମସ୍ତ ସେ ସହ୍ୟ କରି ଗାଇବାକୁ ସ୍ୱୀକୃତ ହୋଇଛନ୍ତି ।"

ହାରୁକ୍ ମହାଶୟ ସର୍ତ୍ତରେ ସମ୍ପୂର୍ଣ୍ଣ ରାଜି ହୋଇ ଫେରନ୍ତି ମାତ୍ର ସର୍ତ୍ତ କାଏମ୍ ରଖିବାକୁ ସେ କେତେବେଳେ ହେଲେ ତତ୍ପର ଦେଖାଯାନ୍ତି ନାହିଁ । ଗୁର୍ଲିଙ୍କ ପରି ଉଚ୍ଚକୋଟୀର ଗାୟକଙ୍କ କଣ୍ଠ ସ୍ୱରରୁ ଯେଉଁ ସୁଧା ଝରିପଡ଼େ, ତାହା ପ୍ରତି ଶ୍ରୋତାଙ୍କର କର୍ଣ୍ଣ ମନକୁ ବିମୋହିତ କରିଥାଏ ।

ଉଇଲିଭ ଆରଥର୍ ଓ୍ୱାନ୍ ସେଟସ୍ କହନ୍ତି, "ସହାନୁଭୂତି ପ୍ରତି ମାନବ ଲୋଡ଼େ ।" ଏତେ ଟିକଏ ଖଣ୍ଡିଆ ହୋଇଥିଲେ, ଦେହଁଟାରେ ମଳ ଚମ ଟିକଏ ଛିଣ୍ଡି ଯାଇଥିଲେ, ଛୁଆଏ ପ୍ରାଣ ପଳାଇଲା ପରି ରଡ଼ି ବୋବାଳି ପକାନ୍ତି । ତାର କାରଣ ତାଙ୍କର ସହାନୁଭୂତି ଲୋଡ଼ା । ବେଳେ ବେଳେ କେହି କେହି ଜାଣିଶୁଣି ନିଜକୁ ଖଣ୍ଡିଆଦଣ୍ଡିଆ କରି ପକାନ୍ତି । ତାଙ୍କର ସେପରି କର୍ତ୍ତବ୍ୟ କରିବା ପଛଆଡ଼େ ଗୋଟିଏ ମନୋବୃତ୍ତି ନିହିତ ଥାଏ । ତାହା ହେଉଛି ନିଜ ପ୍ରତି ଅପରର ଦୃଷ୍ଟି ଆକର୍ଷଣ କରିବା ଏବଂ ସହାନୁ-ଭୂତି ସଂଖୋଜିବା । ବୟସ୍କ ବ୍ୟକ୍ତିମାନେ ମଧ୍ୟ ଏପରି ଆଶା

ଶୋଷଣ କରିବାରୁ ବାଦ୍ ପଡ଼ନ୍ତି ନାହିଁ । ସେମାନଙ୍କର କେଉଁଠି ଏକ୍କେ ଟିକିଏ ଘା ଉଠିଲେ, ସେମାନେ ଦେଖାଇ ବସନ୍ତି, ତାର ଉତ୍ପତ୍ତି ସମ୍ବନ୍ଧରେ ବିରାଟ ଇତିହାସ ବଖାଣି ବସନ୍ତି । ଶ୍ରେଷ୍ଠ ଶ୍ରେଷ୍ଠ ଦୈବଦୁର୍ବିପାକକୁ ଏପରି ବନେଇ ଚୂନେଇ କୁହନ୍ତି ଯେ ଶୁଣିଲେ ଲୋକେ ବିକଳ ହୋଇ ପଡ଼ନ୍ତି । ଅସ୍ତ୍ରୋପଚାର, ଜର, ମୁଣ୍ଡବଥା ପ୍ରଭୃତିର ଯନ୍ତ୍ରଣା ବର୍ଣ୍ଣନ କରୁଥିବା ବୟସ୍କ ଅଥଚ ଶିକ୍ଷିତ ବ୍ୟକ୍ତିର ପ୍ରବୃତ୍ତି, ଶିକ୍ଷା ସଙ୍ଗେ ଏହା ବଢ଼ି ଉଠେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶିକ୍ଷିତ ବ୍ୟକ୍ତିଙ୍କର ଯେତେବେଳେ ଏ ପ୍ରବୃତ୍ତି ରହିବା ସମ୍ଭବ, ଇତର ସାଧାରଣଙ୍କ କଥା ଆଉ କଣ ବା କହିବା ?

କାଳ୍ପନିକ ଦୁଃଖଦୁର୍ବିପାକରେ ମଧ୍ୟ ମଣିଷ ସ୍ନେହ ସହାନୁଭୂତି ଲୋଡ଼ିଥାଏ । ମାନବର ଏ ଦୁର୍ବଳତା ସହିତ ଯେ ଯେତିକି ପରିଚିତ, ସେ ଅନ୍ୟର ହୃଦୟ ଜୟ କରିବାକୁ ସେତିକି ଉପଯୁକ୍ତ ନୁହେଁ କି ?

ପ୍ରସିଦ୍ଧ ବାଦ୍‌ଶାହ ହାରୁନ ଅଲ ରସିଦ୍‌ଙ୍କ ନାଁ ଆପଣ ଶୁଣିଥାଇ ପାରନ୍ତି । ଥରକର ତାଙ୍କର ଗୋଟିଏ ପୁଅ କାନ୍ଦି କାନ୍ଦି ଆସି ରାଜଦରବାରରେ ତାଙ୍କୁ କହିଲା, "ବାପା ! ଅମୁକ ସେନାପତିଙ୍କ ପୁଅ ସମସ୍ତଙ୍କ ଆଗରେ ମୋ ମା'ଙ୍କୁ ଅକଥ୍ୟ ଭାଷାରେ ଗାଳି କରୁଛି । ତୁମେ ତାର ପ୍ରତିକାର କର ।" ହାରୁନ୍ ତାଙ୍କ ସଭାକୁ ଜିଜ୍ଞାସୁ ଦୃଷ୍ଟିରେ ଅନେଇଲେ । ସମସ୍ତେ ରାଜାଙ୍କର ଅଭିପ୍ରାୟ ବୁଝିପାରିଲେ । କେହି କହିଲେ, "ଦୋଷୀକୁ ସଙ୍ଗେ ସଙ୍ଗେ ମାରି ପକାଇବା ଉଚିତ୍ ; କେହି କେହି କହିଲେ ସେ ବଦମାସର ଜିଭ ଉପାଡ଼ିଦେବା ଉଚିତ୍ ; କେହି କେହି କହିଲେ, ତାକୁ ବନ୍ଦୀକରି ରାଜ୍ୟରୁ ବାହାର କରି ଦେବା ହିଁ ଠିକ୍ ହେବ ।" ସମସ୍ତଙ୍କ ଅଭିମତ

ଶୁଣିସାରି ହାରୁନ୍ କହିଲେ, "ଆଜି ତାହା ମତରେ ଯେଉଁ ଦଣ୍ଡ ଉପଯୁକ୍ତ ବିବେଚିତ ହେଉଛି, ନିର୍ଭୟରେ କୁହନ୍ତୁ ।" କେହି କହିବାକୁ ନ ଉଠିବାରୁ ସେ ପୁଅର ହାତ ଧରି ତାକୁ କଅଁଳେଇ କରି କହିଲେ, "ତୁ ଯଦି ଅପରାଧୀକୁ କ୍ଷମା କରିପାରିବୁ, ତାହା ତା ପକ୍ଷରେ ସବୁଠାରୁ ବଡ଼ ଦଣ୍ଡ ହେବ । ରାଗିବାର କାରଣ ଥାଇ ସୁଦ୍ଧା ଯେଉଁ ବ୍ୟକ୍ତି ଶାନ୍ତ ହୋଇ କଥାବାର୍ତ୍ତା କରିପାରେ ସେହି ପ୍ରକୃତ ବୀର । ତୋ ଠାରେ ଯଦି ସେପରି ଶକ୍ତି ନାହିଁ, ତା ହେଲେ ତୁ ତାକୁ ଯା ଇଚ୍ଛା ତା ଗାଳି ଦେଇପାରୁ, ମାତ୍ର ମୋ ପୁଅ ହୋଇ ତାହା କଲେ ତୋତେ କଅଣ ଶୋଭା ପାଇବ ?"

ଏହି କଥାଟିରୁ ହାରୁନ୍‌ଙ୍କ ଚରିତ୍ର ସମ୍ବନ୍ଧରେ ଧାରଣା କରନ୍ତୁ । ଏହି ଯେଉଁସବୁ ଉଦାହରଣ ଦିଆଗଲା, ତାହା ମୋର ପୋଥିଗତ ଜ୍ଞାନ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଅନୁଭୂତିରୁ ଗୋଟିଏ ଶୁଣନ୍ତୁ । କଟକ ଜିଲା ବରବାଟୀ ଗାଁର ଶ୍ରୀ ଈଶ୍ୱରଚନ୍ଦ୍ର ମହାନ୍ତି ଯାମ୍‌ସେଦ୍‌ପୁରର ସାକ୍‌ଚି ଏରିଆର ୧୧ ନମ୍ବର କଲ୍ୟାଣୀ ରୋଡ଼୍‌ରେ ବସାକରି ଅଛନ୍ତି । ତାଙ୍କର ବିଧବା ଭଉଣୀ ସଂପୂର୍ଣ୍ଣରୂପେ ତାଙ୍କ ଉପରେ ନିର୍ଭରଶୀଳା । ସେ ଅଶିକ୍ଷିତା ନୁହନ୍ତି । ଈଶ୍ୱରବାବୁଙ୍କ ଅନୁପସ୍ଥିତିରେ ସେ ଭଉଣୀ, ଈଶ୍ୱରବାବୁଙ୍କ ସ୍ତ୍ରୀଙ୍କୁ ଅକଥ୍ୟ ଭାଷାରେ ଯେଉଁ ଗାଳି ଗୁଲଜ କରନ୍ତି ତାହା କାନ ଶୁଣିବ ନାହିଁ । ଈଶ୍ୱର-ବାବୁଙ୍କ ସ୍ତ୍ରୀ ସୁସ୍ଥ ହେବା ପର୍ଯ୍ୟନ୍ତ ସେ ଅଭିସଂପାତ କରନ୍ତି । ମାତ୍ର ଈଶ୍ୱରବାବୁ ଅବିଚଳିତ ଚିତ୍ତରେ ନୀରବରେ ସବୁ ହଜମ କରିଯାନ୍ତି । ସେ ବା ତାଙ୍କ ସ୍ତ୍ରୀ ପଦେ ହେଲେ ପ୍ରତ୍ୟୁତ୍ତର ନ ଦେଲେ ଗୋଟାଏ ଲୋକ କେତେ ସମୟ ଅବା ବକି ପାରିବ ? ଈଶ୍ୱରବାବୁଙ୍କ ଚରିତ୍ରରେ ଏଇ ମହତ୍ତ୍ୱ ଗୁଣର ମୁଁ ଯେଉଁ ପରିଚୟ ପାଇଥିଲି, ତାହା ଆଜକୁ ୧୦।୧୨ ବର୍ଷ ତଳର କଥା, ତଥାପି ତାହା ମୋର

ପରିଷ୍କାର ହୋଇ ମନେଅଛୁ । ସିଏ କହନ୍ତି, "ମୁଁ ନିଜେ ଯଦି ଭଜନ ହୋଇଥାନ୍ତି ମୋର ଅନୁଭୂତି, ଶିକ୍ଷା, ଭାଷା, ମାନସିକ ପ୍ରବୃତ୍ତି, ପରିସର ସବୁ ଭଜନର ହେଲପରି ହୋଇଥାନ୍ତା, ତା ହେଲେ ସେ ମୋତେ ଯାହା ଗାଳି ଦେଇଛନ୍ତି, ମୁଁ ହୁଏତ ତା ଠାରୁ ବହୁତ ବେଶୀ ଗାଳି ଦିଅନ୍ତି । ମାତ୍ର ମୋର ଭାଗ୍ୟ ଭଲ ଥିବାରୁ ମୁଁ ଭଜନ ପରି ନ ହୋଇ ମୋ ପରି ହୋଇଛି । ସେଥିପାଇଁ ଅବଶ୍ୟ ଗର୍ବ ଅନୁଭବ କରିବାର କିଛି ନାହିଁ ।"

ଆମେ ସମସ୍ତେ କଣ ତାଙ୍କପରି ହେବାକୁ ଚାହୁଁ ନ ଥାଉଁ କି ? ତାହାହେଲେ ନ ହୋଇ ପାରିବା କାହିଁକି, ନିଶ୍ଚୟ ହୋଇପାରିବା ।

( ୨୦ )

ଆମେ ଯେତେ କଥା କହୁ ବା ଯେଉଁ ଆଚରଣ କରୁ, ତାର ପଛଆଡ଼େ ସବୁବେଳେ ଆମର ସ୍ୱାର୍ଥ ନିହିତ ନ ଥାଏ । ଅଧିକାଂଶ ସମୟରେ ଆମେ ଆମ ଅଜ୍ଞାତସାରରେ ଅନ୍ୟର ପ୍ରୀତିଭାଜନ ହେବା ଉଦ୍ଦେଶ୍ୟରେ କଥାବାର୍ତ୍ତା କରିଥାଉ । ଆମ ଘରକୁ କେହି ଦୂର ଦେଶାଗତ ବନ୍ଧୁବାନ୍ଧବ ଆସିବେ ବା କୌଣସି ଅତିଥି ଅଭ୍ୟାଗତ ଆସିଲେ, ଆମେ ଯେତେ ଅଜ୍ଞ ହୋଇଥାଉ ପଛେ, ଭଦ୍ରତା ଖାତିରରେ ଏପରି ବିନମ୍ର ଏବଂ ମୁଗ୍ଧ ବ୍ୟବହାର କରିବସେ ଯେ ଆଗନ୍ତୁକ ଆମ ଉପରେ ପ୍ରୀତ ନ ହୋଇ ରହିପାରନ୍ତି ନାହିଁ । ସେମାନଙ୍କୁ ପ୍ରୀତ କଲାଭଳି ଆମର ଥାଏ କୋମଳ କଥା କେଇପଦ ଏବଂ ଶିଷ୍ଟ ଆଚରଣ ଟିକିଏ । ଆମେ ଯେଉଁ କେତୋଟି ଶବ୍ଦ ବା ବାକ୍ୟ ପ୍ରୟୋଗ କରେ ତାହା ଏପରି ପ୍ରାଞ୍ଜଳ ହୋଇଥାଏ ଯେ ଶ୍ରୋତାଙ୍କ ମନରେ ସ୍ୱତଃ ରେଖାପାତ କରିଥାଏ । ଅଚ୍ଛା, ଆମେ ଯଦି ସବୁକ୍ଷେତ୍ରରେ ଏପରି ମନୋମୁଗ୍ଧକର ଆଚରଣ କରିପାରେ,

ତା ହେଲେ ସେସ ନିର୍ବିଶେଷରେ କରିପାରିବା ନାହିଁ କାହିଁକି ? ନିଶ୍ଚୟ ପାରିବା । ଚେଷ୍ଟାକଲେ ଆମର ଭାବରାଜିକୁ ପ୍ରାଞ୍ଜଳ ଭାବେ ବ୍ୟକ୍ତ କରି ପାରିବା ନାହିଁ ତ ଆଉ କାହା ଭାବରାଜିକୁ କରିପାରିବା ?

ଜଣେ ଧନୀଙ୍କର ଗୃହରେ କ୍ରୀମ୍ ଆବଶ୍ୟକ ହେଉଥାଏ । ସେଥିପାଇଁ ସେ ବିଜ୍ଞାପନ ଦେଇଥିଲେ । ଫଳରେ ତାଙ୍କ ପାଖରେ ୩୧ଟି ନମୁନା ସହିତ ୩୧ ଜଣ ପ୍ରତିନିଧି ଆସି ପହଞ୍ଚିଲେ । ପ୍ରତ୍ୟେକ ପ୍ରତିନିଧି ନିଜ ନିଜ ପଦାର୍ଥକୁ ଉତ୍କୃଷ୍ଟ ବୋଲି କହିବା ସ୍ୱାଭାବିକ, ମାତ୍ର ଯେ ତାହା ପ୍ରତିପାଦନ କରାଇପାରିବ, ସେହି ବ୍ୟକ୍ତି ଚତୁର ବୋଲି ଜାଣିବାକୁ ହେବ । ଧନିକ ଧୈର୍ଯ୍ୟର ସହିତ ସମସ୍ତଙ୍କ କଥା ଶୁଣିଗଲେ ଏବଂ ସମସ୍ତଙ୍କ ନମୁନାରୁ କାଟେ କାଟେ ରଖିନେଇ ପ୍ରତ୍ୟେକ ପ୍ରତିନିଧିଙ୍କୁ ବିଦାୟ କରିଦେଲେ । ସମସ୍ତେ ଚାଲିଯିବାପରେ ଆଉ ଜଣେ ପ୍ରତିନିଧି ଆସି ପହଞ୍ଚିଲେ । ସେ କଅଣ କରିଥାନ୍ତି ନା ନିଜ ସାଙ୍ଗରେ ଅନେକଗୁଡ଼ିଏ ନମୁନା ନେଇ କରି ଆସିଥାନ୍ତି । ପ୍ରତି ନମୁନାର ଶିଶିରେ ତିଆରି କରୁଥିବା ବ୍ୟକ୍ତିଙ୍କ ନାମ ଏବଂ ଅନ୍ୟାନ୍ୟ ସାଧାରଣ ଜାଣିବା କଥା କେତୋଟି ଗୋଟିଏ ଗୋଟିଏ ଗ୍ଲେଟିଆ କାଗଜରେ ଲେଖି ଅଠାରେ ଲଗାଇ ଦେଇଥାନ୍ତି । ସବୁ ନମୁନା ମଧ୍ୟରୁ ଗୋଟିଏ ନମୁନା ସର୍ବପ୍ରଥମେ ଧନିକଙ୍କ ଦୃଷ୍ଟି ଆକର୍ଷଣ କଲା । ସେ ସେଇଟିକୁ ଏତେଗୁଡ଼ିକ ମଧ୍ୟରୁ ଆଗ ବାଛିବାର କାରଣ, ତାହା ଅତି ଯତ୍ନ ସହିତରେ ଉପସ୍ଥାପିତ କରା ହୋଇଥିଲା । ଯେ କୌଣସି ପରୀକ୍ଷକ ହେଲେ ମଧ୍ୟ ସେଇ ନମୁନାଟିକୁ ଆଗ ଦେଖିବା ନିମିତ୍ତ ଆଗ୍ରହୀ ହୋଇଥାନ୍ତେ । ନମୁନାଗୁଡ଼ିକ ସମ୍ବନ୍ଧରେ ବିଶେଷ ପ୍ରଶ୍ନ ପଚାରିବାର ଆବଶ୍ୟକତା ଧନିକ ମୋଟେ ଉପଲବ୍ଧି କଲେ ନାହିଁ । କାରଣ, ପ୍ରତ୍ୟେକ ଜାତ ବସ୍ତୁ ଗୁଏଁ ଗୁଏଁ ଲେବଲ୍‌ରୁ ଜଣା ପଡ଼ୁ

ଯାଉଥିଲା । ତେଣୁ ଧନିକ ପ୍ରଥମ ନମୁନାଟିକୁ ଅଲଗା କରି ରଖିଦେଇ, ଅନ୍ୟ ୨।୪ଟି ନମୁନା ହାତକୁ ନେଇ ଦେଖି ଦେଖି ପଚାରିଲେ, ଏଗୁଡ଼ା ସବୁ କେଉଁଠୁ ଆଣିଲେ, ଏ ସବୁଗୁଡ଼ା କଅଣ ଆପଣଙ୍କ କାରଖାନା ତିଆରି ଚିଜ ? ବିନୀତ ସ୍ୱରରେ ପ୍ରତିନିଧି ଉତ୍ତର ଦେଲେ, "ନାହିଁ ଆଜ୍ଞା, ଆପଣ ଯେଉଁଟି ପ୍ରଥମେ କାଢ଼ି ଅଲଗା କରି ରଖିଦେଲେ, ସେଇ ଗୋଟିକ ହିଁ ଆମ କାରଖାନା ତିଆରି ପଦାର୍ଥ । ଅନ୍ୟାନ୍ୟ ଗୁଡ଼ ମୁଁ ଅନ୍ୟତ୍ର ଯୋଗାଡ଼ କରି ଆଣିଛି ଆପଣଙ୍କର ସୁସ୍ପଷ୍ଟ ଧାରଣା ନିମନ୍ତେ । ବର୍ତ୍ତମାନ ଆପଣ ସବୁଗୁଡ଼ିକ ପରୀକ୍ଷା କରି, କଅଣ ନିଷ୍ପତ୍ତି କଲେ, ଦୟାକରି ଜଣାଇଲେ କୃତାର୍ଥ ହେବି ।

କହିବା ବାହୁଲ୍ୟ ଯେ ତାଙ୍କର ଯାବତୀୟ ଷ୍ଟୀମ୍ ଯୋଗାଇବା ଇନ୍‌ଡେଣ୍ଟ ଏହି ଶେଷ ପ୍ରତିନିଧିଙ୍କି ପାଇଥିଲେ । ତାର କାରଣ ସେ ପ୍ରାଞ୍ଜଳ ଭାବରେ ନିଜକୁ ବ୍ୟକ୍ତ କରି ପାରିଥିଲେ ।

କୌଣସି ବସ୍ତୁବନ୍ତୁ କମ୍ପା ଇଣ୍ଟରଭ୍ୟୁ ପ୍ରସ୍ତୁତିକୁ ଯିବାକୁ ହେଲେ ଆମେ ଯେଉଁ ପୋଷାକ ପରିଚ୍ଛଦରେ ଯାଉ, ଯେଉଁପରି ଆଚରଣ କରୁ, ସବୁ କ୍ଷେତ୍ରରେ ନିଜ ପ୍ରତି ସେହିପରି ଯତ୍ନବାନ ହେଲେ ଏବଂ ସେହିପରି ଆଚରଣ କଲେ, ଆମର ଉଦ୍ଦେଶ୍ୟ ଯେ ନିଶ୍ଚୟ ସାଧିତ ହେବ, ତହିଁରେ ଆଶଙ୍କାର ଅବକାଶ କାହିଁ ?

ଲର୍ଡ ନର୍ଥକ୍ଲିଫ୍ ଦେଖିଲେ ଯେ ଗୋଟାଏ ଦୈନିକ ପତ୍ରିକା ତାଙ୍କର ନିଜ ଫଟୋଟାକୁ ବାରମ୍ବାର ଛପାଉଛି । ତାଙ୍କୁ ତାହା ଭଲ ଲାଗୁ ନ ଥିଲା । ସେ ନିଜକୁ ଏତେ ଶସ୍ତା ବସ୍ତୁ ନ ଥିଲେ । ତାଙ୍କ ଫଟୋ କୌଣସି ଖ୍ୟାତନାମା ଅଭିନେତ୍ରୀଙ୍କ ଫଟୋ ପରି ଶସ୍ତାରେ ବିକ୍ରୀ ହେବା କଥାଟାକୁ ଗମ୍ଭୀର ଭାବରେ ବନ୍ଧୁମାନେ

ସବୁବେଳେ ବେପସନ୍ଦ ମନେକରନ୍ତି । ମାତ୍ର ଏଡ଼ଟରେ ଖା
କାଗଜର ସମ୍ପାଦକଙ୍କ ପାଖକୁ କିପରି ଲେଖିଲେ ତାଙ୍କର ଉଦ୍ଦେଶ୍ୟ
ସାଧିତ ହେବ, ଏହାହିଁ ସେ ଚିନ୍ତା କରିବାକୁ ଲାଗିଲେ । ସେ ସିନା
ଚାହାନ୍ତି ତାଙ୍କ ଫଟୋ ଛପା ନ ହେବାକୁ ମାତ୍ର ସମ୍ପାଦକ ଚାହାନ୍ତି
ତାଙ୍କ ଫଟୋ ଛପା ହେଉ ବୋଲି । ତା ହେଲେ ନିଜକୁ କିପରି
ବ୍ୟକ୍ତ କରିବାକୁ ହେବ ? ସେ ଗୋଟାଏ ଚିରନ୍ତନ ସତ୍ୟ ପ୍ରତି
ସମ୍ପାଦକଙ୍କ ଦୃଷ୍ଟି ଆକର୍ଷଣ କଲେ । ସେ ଲେଖିଲେ, "ଶ୍ରଦ୍ଧେୟ
ମହାଶୟ ! ମୁଁ କଳ୍ପନାରେ ଆଣି ପାରୁ ନାହିଁ ଯେ ଆପଣ ସ୍ୱପ୍ନରେ
ସୁଦ୍ଧା ମାତା ଏବଂ ମାତୃଭୂମିର ଅବମାନନା କରିପାରନ୍ତି । ତେଣୁ
ମୁଁ ଆପଣଙ୍କୁ ଗୋଟାଏ କଥା ଜଣାଇ ଦେବାକୁ ମୋ କର୍ତ୍ତବ୍ୟ ମନେ
କରୁଛି । ମୋ ମାଆ ମୋର ଫଟୋଟାକୁ ବାରମ୍ବାର ଆପଣଙ୍କ
କାଗଜରେ ଦେଖି ବଡ଼ ଅସନ୍ତୁଷ୍ଟ ହୋଇ ଉଠୁଛନ୍ତି ; ସେଇ ମା'ଙ୍କର
ପୁଅ ହୋଇ, ତାଙ୍କ ମନରେ କଷ୍ଟ ଦେବାକୁ ମୁଁ ବାସ୍ତବିକ କୁଣ୍ଠିତ ।
ଏଥିକୁ ଆପଣ ଯାହା ବୁଝିବେ । ଇତି ।"

ସମ୍ପାଦକ ଚିଠି ପାଇ ଠିକ୍ ହିଁ ବୁଝିଲେ । ସେହି ଦିନଠାରୁ
ତାଙ୍କ କାଗଜରେ ଆଉ ସେ ଫଟୋ ଛପାଗଲା ନାହିଁ । କାରଣ
ସମ୍ପାଦକ ଲୋକପ୍ରିୟ ହେବାକୁ ଚାହୁଁଥିଲେ । ଲର୍ଡ ନର୍ଥକ୍ଲିଫ୍‌ଙ୍କ
ଚିଠିଟି ସିଧା ଯାଇ ତାଙ୍କର ହୃଦୟକନ୍ଦର ଭିତରେ ଆଘାତ
କଲା । ଅତଏବ ସୁନାକୁ ସୁନା ମିଳିଲା, ବନ୍ଧୁତ୍ୱକୁ ବନ୍ଧୁତ୍ୱ ମଧ୍ୟ
ବଢ଼ିଲା ।

ଯେଉଁ ରକ୍‌ଫେଲରଙ୍କ ନାମ ଏ ପୁସ୍ତକରେ ଅନେକବାର
ଆସିଛି, ସେ ମଧ୍ୟ ଏହି ପନ୍ଥା ଅବଲମ୍ବନ କରନ୍ତି । ସେ ମଧ୍ୟ
ମାନବର ମାନବିକତାରେ ଆଞ୍ଚ ଆସିବାର ସମ୍ଭାବନା ଜଣାଇ
ନିଜର କାର୍ଯ୍ୟ ଉଦ୍ଧାର କରିବାକୁ ପଛାନ୍ତି ନାହିଁ । ଅନେକ ବାର

ତାଙ୍କ ଝିଅଙ୍କ ଫଟୋ ଖବର କାଗଜରେ ବାହାରିଲା । ସେ ଅନୁଭବ କଲେ ଯେ ଏହାର ପରିଣାମ ତାଙ୍କ ଝିଅଙ୍କ ମନଉପରେ ଭଲ ପ୍ରଭାବ ପକାଉ ନାହିଁ । ପିଲାମାନଙ୍କର ଆତ୍ମଗର୍ବ ବଢ଼ି ଉଠୁଛି । ତେଣୁ ସେ ସମ୍ପାଦକଙ୍କ ପାଖକୁ ଏହି ମର୍ମରେ ଗୋଟିଏ ଚିଠି ଲେଖି ବସିଲେ, "ଆଜିଠାରୁ ଆପଣ ମୋ ଝିଅଙ୍କ ଫଟୋ ଆପଣଙ୍କ କାଗଜରେ ଛପାନ୍ତୁ ନାହିଁ ।" ମାତ୍ର ସେ ତମ ଆମ ଭଳିଆ ନୁହଁନ୍ତି ଯେ ଏପରି ଲେଖି ବସନ୍ତେ । ସେ ଲେଖିଥିଲେ, "ପିଲାଙ୍କ ପ୍ରକୃତି ଆପଣଙ୍କୁ ବେଶ୍ ଜଣା ଅଛି । ଏପରି କଅଁଳ ବୟସରେ ସେମାନଙ୍କୁ ଟିକିଏ ଟେକାଟେକି କରିଦେଲେ, ସେମାନେ ଗର୍ବରେ ଫୁଲି ଉଠନ୍ତି । ଆପଣଙ୍କର ମଧ୍ୟ ପିଲାପିଲି ଥିବେ । ତାଙ୍କର ଫଟୋ କାଗଜରେ ବାରମ୍ବାର ବାହାର କରିବା ତାଙ୍କର ହିତ ଦୃଷ୍ଟିରୁ କୌଣସି ବାଟରେ ଅଭିପ୍ରେତ ହୋଇ ନ ପାରେ, ଏହା ଆପଣ ବିବେଚନା କରି ଆପଣଙ୍କ ଉଚିତ ଯାହା, ତାହାହିଁ କରିଯିବାକୁ ମୋର ଅନୁରୋଧ । ଇତି ।" କହିବା ଅନାବଶ୍ୟକ ଯେ ସମ୍ପାଦକ ମହାଶୟ ଚିଠିର ମର୍ମ ବେଶ୍ ହୃଦୟଙ୍ଗମ କରି ତଦନୁସାରେ ଆଚରଣ କରିଥିଲେ ।

ଥୋମାସ୍ ମହାଶୟ କହନ୍ତି, "ମୁଁ ମୋ ଅନୁଭୂତିରୁ ଗୋଟିଏ କଥା ଶିଖିଛି । ଯଦି କୌଣସି ଅପରିଚିତଙ୍କ ସହିତ ମୋର କିଛି କାମ ଥାଏ, ତା ହେଲେ ସେ ସାଧୁ, ସଜ୍ଜନ ଏବଂ ସତ୍ୟବାଦୀ ବୋଲି ମୁଁ ଧରିନେଇ ମୋ କାର୍ଯ୍ୟକ୍ରମ ଆରମ୍ଭ କରେ । ଆପଣ ଅପରିଚିତଙ୍କୁ ଚରିତ୍ରବାନ୍ ବୋଲି କହି ଦେଖନ୍ତୁ ସେ ଆପଣଙ୍କ ବିଶ୍ୱାସହିଁ ଠିକ୍ ବୋଲି ପ୍ରମାଣ କରିବାକୁ ସତତ ଚେଷ୍ଟିତ ହେବେ । ଆଜି ମୁଁ ଏ ପ୍ରକାର ଧାରଣାରେ କାମ କରି ଯେଉଁ ପରିମାଣରେ କୃତକାର୍ଯ୍ୟ ହୋଇଛି, ତାହା ଶୁଣିଲେ, ତମକୁ ମଧ୍ୟ ଆଶ୍ଚର୍ଯ୍ୟ ଜଣା ପଡ଼ୁଛି ।"

ସାଦାକଥାରେ କୌଣସି ବ୍ୟକ୍ତିକୁ ଆପଣ ସାଧୁ ବୋଲି ସମ୍ବୋଧନ କଲେ ସେ ବ୍ୟକ୍ତିଙ୍କର ଯଦି ଧାରଣା ହୁଏ ଯେ ଆପଣଙ୍କ ହୃଦୟ ଭିତରୁ ଏହା ବାହାରୁଛି—ତା ହେଲେ, ସେ ଅସାଧୁ ହୋଇଥିଲେ ମଧ୍ୟ, ସାଧୁ ହେବାକୁ ପ୍ରାଣ ପଣ କରି ଲଗି ପଡ଼ିବ ବା କୌଣସି କ୍ଷେତ୍ରରେ ଆପଣଙ୍କ ଅନୁଚିତାଚରଣ କରିବାକୁ କୁଣ୍ଠାବୋଧ କରିବ । ଧରନ୍ତୁ ଗୋଟିଏ ବୁଢ଼ୀ ହାଟ କରି ସନ୍ଧ୍ୟା ବେଳକୁ ଲେଉଟିବା ପଥରେ ଜଣେ ପରଦେଶୀକୁ ଭେଟିଲା ଏବଂ ତାକୁ କହିଲା, "ହେ ବାଟୋଇଭାଇ ! ହେ ନାଗପୁଣ ! ଟିକଏ ରୁହ, ଏତେ ରାତି ହୋଇ ଆସିଲାଣି, ଏତେବେଳେ ଆଉ କୁଆଡ଼େ ଯିବ, ବୁଢ଼ୀ ଘରେ ମୋ ଭଳି ଶାଗ ପେଜରେ କଟାଇ ଦେବ ।"

ଏପରି ଶୁଣିଲେ ବାଟୋଇଟି ଚୋର ବା ଡକାୟତ ହୋଇଥିଲେ ମଧ୍ୟ ସେ ସଜ୍ଜନ ହେବାକୁ ଏବଂ ସଜ୍ଜନ ଆଚରଣ କରିବାକୁ ଚେଷ୍ଟା କରିବ ଏବଂ ଯଦି ବାସ୍ତବରେ ସେ ବୁଢ଼ୀର ନିମନ୍ତ୍ରଣ ରକ୍ଷାକରି ସେ ରାତିଟି ତା ଘରେ କଟାଏ, ତା ହେଲେ ତା ଆଚରଣରେ ଏପରି କିଛି ଦୂଷଣୀୟ ରହିବ ନାହିଁ, ଯାହା ତାହାର ଚୋର ଡକାୟତର ସମ୍ପର୍କ ସୂଚାଇପାରେ ।

ଉପରେ ଏହି ଯେଉଁ ଉଦାହରଣ କେତୋଟି ଦିଆଗଲା ତହିଁରୁ ସ୍ପଷ୍ଟ ବୁଝି ହେବ ଯେ ପ୍ରତ୍ୟେକ ମାନବ ଯେତେ ଦୁର୍ବୃତ୍ତ ହେଲେହେଁ, ନିଜର ବୁଦ୍ଧି ବିବେକ ଅନୁସାରେ ଗୋଟାଏ 'ମାନବିକତା'ର ଧାରଣା ପୋଷିଥାଏ । ସେଥିପାଇଁ ସେହି ମାନବିକତାର ଦାବି ଦେଇ ଲର୍ଡ଼ ନର୍ଥକ୍ଲିଫ୍ ଏବଂ ରୁଜ୍‌ଭେଲ୍‌ଟ ନିଜ ନିଜ କାର୍ଯ୍ୟ ଉଦ୍ଧାର କରିନେଲେ ଏବଂ ଠିକ୍ ଏହି କାରଣ ଯୋଗୁଁ ଗୋଟାଏ ଲୋକକୁ ଯଦି କୁହାଯାଏ ଯେ ତୁମ ଗାଁଟା

ଖରାପ୍, ସେ ସହ୍ୟ ନ ପାରି କଳଉଠେ ଏବଂ ଏହି କାରଣରୁ ଯଦି କୌଣସି ଲୋକଙ୍କୁ କୁହାଯାଏ ଯେ ତା ରାଜ୍ୟ ଲୋକେ ଲୋଭ ବୋଲି, ସେ ତତ୍କାର ଜନ୍ୟ ଉପାୟ ଦେବାକୁ ଚାହୁଁଏ ନାହିଁ । ତେଣୁ ଯେଉଁମାନେ ଏହା ମନେ ରଖି କାମରେ ଲଗାଇ ପାରନ୍ତି ସେମାନେ ଅବହେଳାରେ ସଂସାରକୁ ଜିତିଯାନ୍ତି ।

( ୨୧ )

ସ୍ୱାଧୀନତାର ପ୍ରତୀକରୂପେ ଯେତେବେଳେ ଓଡ଼ିଶାରେ ଚୌଦ୍ୱାରର ଲୁଗାକଳ ମୁଣ୍ଡ ଟେକ ଉଠିଲା ଯେତେବେଳେ ସେଠିକାର ମଜଦୁରମାନେ ନେଇଲ ଥାନ୍ତି । ସ୍ୱାଧୀନତା କଅଣ ସେମାନେ ବୁଝିପାରୁ ନ ଥାନ୍ତି । ଅଥଚ ନିଶା ଖାଇଥିବା ପରି ଲାଗୁଥାଏ । ଧାରଣା ହେଉଥାଏ, ସ୍ୱାଧୀନତାଟା ଆଉ ସ୍ୱେଚ୍ଛାଚାରିତା ନୁହେଁ ତ । ଫଳରେ ନୂତନ ଲୁଗାକଳରେ ଯେତେ ଉତ୍ପାଦନ କାମ ହେବା କଥା ତହିଁରୁ ଷୋଡ଼ଶାଂଶ ମଧ୍ୟ ହେଉ ନ ଥାଏ । କଥା ମହତାବଙ୍କ କାନକୁ ଗଲା । ସେ ଅତ୍ୟନ୍ତ ପ୍ରବୀଣ ବ୍ୟକ୍ତି । ସେ ଲୁଗାକଳ ପରିଦର୍ଶନ କରି ଆସିଲେ । ଉକ୍ତ ସତ୍ୟତା ହାଡ଼େ ହାଡ଼େ ଅନୁଭବ କଲେ । ଉତ୍ପାଦନ ଏତେ ମାତ୍ରା କମିଯିବାର କାରଣ ମ୍ୟାନେଜରଙ୍କୁ ପଚାରିଲେ । ମ୍ୟାନେଜର କହିଲେ, "ଆଜ୍ଞା ! ମୁଁ ମୋର ସମସ୍ତ ବୁଦ୍ଧିବୃତ୍ତି ଖଟାଇ ସାରିଲିଣି । ମାତ୍ର ଲୋକମାନେ କେହି କାମ କରିବାକୁ ଚାହାନ୍ତି । ସେମାନେ କାହିଁକି ଯେ କାମ କରୁନାହାନ୍ତି ତାହାର କୌଣସି କାରଣ ମଧ୍ୟ ମୁଁ ଖୋଜି କରି ପାରୁ ନାହିଁ । କାହାର କଣ ଅସୁବିଧା ହେଉଛି ପଚାରିଲେ ମଧ୍ୟ କେହି କିଛି କହୁ ନାହାନ୍ତି । ମୁଁ ପ୍ରତ୍ୟେକଙ୍କୁ ଜଣ ଜଣ କରି ଡକାଇ କରି ମଧ୍ୟ କଥାଭାଷା କରିଛି । ମାତ୍ର ତଥାପି କାମ ଯେଉଁ ମାତ୍ରାକୁ ସେହି ମାତ୍ରା ; ମୁଁ ବଡ଼ ଦୁଃଖିତ, ଆଜ୍ଞା !"

ମହତାବ୍‌ଜୀ କହିଲେ, "ତୁମେ ଦୁଃଖିତ ହେବାର କିଛି କାରଣ ନାହିଁ । ତୁମେ ଉପଯୁକ୍ତ ବିବେଚିତ ହେଲରୁ ହିଁ ମ୍ୟାନେଜର ରୂପେ କାର୍ଯ୍ୟ କରିବାକୁ ତୁମକୁ ଦିଆ ଯାଇଛି । ତୁମେ ଯେ ତୁମ କର୍ତ୍ତବ୍ୟରେ ଅବହେଳା କରିପାର, ଏହା ମଧ୍ୟ ମୁଁ ଆଶଙ୍କା କରି ପାରୁ ନାହିଁ । ମ୍ୟାନେଜର କହିଲେ, "ଆଜ୍ଞା ବେଶୀ କୁହନ୍ତୁ ନାହିଁ ; ମୁଁ ପ୍ରତ୍ୟେକ କର୍ମୀକୁ କାମ କରିବାପାଇଁ ସମ୍ପୂର୍ଣ୍ଣ ସୁବିଧା ଓ ସୁଯୋଗ ମଧ୍ୟ ଦେଉଛି, ସମସ୍ତଙ୍କୁ ଉତ୍ସାହିତ କରୁଛି, କାହାରି କାହାରିକି ଲୋଭ ମଧ୍ୟ ଦେଖାଉଛି, କାହାରି କାହାରିକୁ ଧମକ ଚମକ ଦେଉଛି, ଜଣେ ଅଧେଙ୍କୁ କାର୍ଯ୍ୟଚ୍ୟୁତ କରିସାରିଛି ମଧ୍ୟ, ତଥାପି ଅବସ୍ଥା ବଦଳିଥିବାର ସଙ୍କେତ ମିଳୁ ନାହିଁ ।"

ମହତାବ୍‌ଜୀ ସବୁ ଶୁଣିଲେ, କିଛି କହିଲେ ନାହିଁ । ଟିକିଏ ମନକରେ ଚିନ୍ତା କଲେ । ତା ପରେ ଖଣ୍ଡେ ଚକ୍ ମାଗିଲେ । ମ୍ୟାନେଜର ଚକ୍‌ଟି ହାତକୁ ବଢ଼ାଇ ଦେଲାମାତ୍ରେ ସେ ପାଖରେ କାମକରୁଥିବା ଜଣେ ମଜ୍‌ଦୁରକୁ ପଚାରିଲେ, "କହ, ଆଜି କେତେ କାମ ହୋଇଛି ?" ସେ କହିଲା ଅଙ୍କ "୬ଟା ।"

ମହତାବ୍‌ଜୀ କାରଖାନାର ଦୁଆର ମୁହଁ ଭୂଇଁରେ ଲେଖିଦେଲେ "୬ଟା" । ଏତେ ଏଡ଼େ ଅକ୍ଷରରେ ଲେଖା ହୋଇଥାଏ ଯେ ନ ଦେଖିଲା ଲୋକର ଆଖି ମଧ୍ୟ ପଡ଼ିବ । ଏତିକି ଲେଖିଦେଇ ସେଠାରୁ ସେ ଚାଲିଗଲେ । ପ୍ରଥମ ସିଫ୍‌ଟରେ କାମକରୁଥିବା ଲୋକ-ମାନେ ପରସ୍ପରରେ ପଚରାପଚରି ହେଲେ ଏବଂ ସେ '୬ଟା'ର ଅର୍ଥ ବୁଝିଗଲେ ଯେ ଆଜି ସେମାନେ ୬ଟା ଇଞ୍ଜିନ୍‌ର କାମ କରିଛନ୍ତି । ସେମାନେ ତାଙ୍କ ଡେରି ହେଲରୁ ଚାଲିଗଲେ । ୨ୟ ସିଫ୍‌ଟରେ କାମ କରୁଥିବା ବ୍ୟକ୍ତିମାନେ ଆସି ପହଞ୍ଚିଲେ । ସେମାନେ ଦେଖିଲେ

ଦୁଆର ମୁହଁରେ ଲେଖା ହୋଇଛି '୫ଟା' । ତା'ର ମାନେ ସବୁଏ ସେମାନେ ବୁଝିଲେ ଯେ ୧ମ ସିଫ୍ଟବାଲା ୫ଇଉନିଟ୍ କାମ କରିଛନ୍ତି । ସେମାନେ ସ୍ଥିର କଲେ ଯେ ସେମାନେ ଧନବାନଙ୍କଠାରୁ କମ ବୋଲି ପରିଚୟ ଦେବେ ନାହିଁ । ତେଣୁ ସେମାନେ ସାମାନ୍ୟ ମନଯୋଗ ଦେଇ କାମରେ ଲାଗି ପଡ଼ିଲେ । ଫଳରେ ସେମାନେ ତାଙ୍କ କାର୍ଯ୍ୟକାଳ ଭିତରେ ସ୍ୱଚ୍ଛନ୍ଦରେ ୭ ଇଉନିଟ୍ କାର୍ଯ୍ୟ କରି ପାରିଲେ ।

ତହିଁଆରଦିନ ୧ମ ସିଫ୍ଟବାଲା ଆସି ଦେଖନ୍ତି ତ '୫' ଜାଗାରେ '୭' ଲେଖା ହୋଇଛି । ସେମାନେ ଏହା ଦେଖି କ୍ଷୁବ୍ଧ ହେଲେ । କହିଲେ, "୨ୟ ସିଫ୍ଟବାଲା ଆମକୁ ଏଡ଼େ ସହଜରେ ହରାଇଦେଇ ଚାଲିଯିବେ କି ? ଦେଖିବା ସେମାନେ କେମିତି ଦଶ-ମାରିଆ ଆଉ ଆମମାନେ କମିତି ଛ ସାତ୍ ମାରିଆ ?" ଏକଜୁଟ ହୋଇ ସେମାନେ ଲାଗିପଡ଼ିଲେ । ଫଳରେ ସେମାନେ ୧୦ ଇଉନିଟ୍ କାମ ସୁରୁଖୁରୁରେ କରିଦେଲେ । ଏହାପରେ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହୋଇଗଲା । ପ୍ରତ୍ୟେକ ଦଳ ଅପର ଦଳକୁ ହରାଇବାକୁ ଲାଗି ପଡ଼ିଲେ । କାରଖାନା ପୁଣି ଜମି ଉଠିଲା । ପୁଣି ମହତାବ୍ଙ୍ଗା ଯେତେବେଳେ କାରଖାନା ପରିଦର୍ଶନ କରିବାକୁ ଯାନ୍ତି, ମ୍ୟାନେଜର ସମସ୍ତ ହାଲ୍ ଜଣାଇଲେ । ମହତାବ୍ଙ୍ଗା କହିଲେ, "ସମସ୍ତଙ୍କୁ କହିଦିଅ, କେହି ଯେପରି ୧୦ଟାରୁ ବେଶୀ ନ କରନ୍ତି ।"

ବର୍ତ୍ତମାନ ଆମର ମନ୍ତବ୍ୟ ଦେବାର କଥା । ଆପଣମାନେ ଦେଖିଲେ ତ କେଉଁ ଉପାୟରେ ମହତାବ୍ଙ୍ଗା କାମକରି ବସିଲେ । ତାଙ୍କ ନିଜ କଥାରେ, "ଲୋକଙ୍କଠାରୁ କାର୍ଯ୍ୟ ଉଠାଇବାକୁ ହେଲେ ପରସ୍ପର ମଧ୍ୟରେ ତାର୍କିକ ପ୍ରତିଦ୍ୱନ୍ଦ୍ୱିତା ଜଗାଇବା ଗୋଟାଏ ଶ୍ରେଷ୍ଠ ପନ୍ଥା । ତାର ଅର୍ଥ ସ୍ୱାର୍ଥାନ୍ଧ ହୋଇ ମୁଲିଆ ମଜଦୁରଙ୍କ ରକ୍ତ ଶୋଷ

ପର ଜର ଶୋଷିନେବା ନୁହେଁ, ମାତ୍ର ଏପରି ଗୋଟାଏ ସୀମାରେ ପହଞ୍ଚିବାକୁ ପଡ଼ିବ ଯେପରି ମାଲିକ ଏବଂ ମଜଦୁର ଉଭୟେ ଉପକୃତ ହୋଇ ପାରିବେ । ମୁଁ ଯେଉଁ ପଦ୍ଧତି ଅବଲମ୍ବନ କଲି, ସେଥିରେ ନୂତନତ୍ୱ କିଛି ନାହିଁ । ନିଜକୁ ଅପରଠାରୁ ଶ୍ରେଷ୍ଠ ପ୍ରତିପାଦନ କରିବା ସ୍ୱଭାବ ମାନବର ରକ୍ତଗତ । ତାହା ସେମାନେ ଭୁଲି ଯାଉଥିଲେ ବେଳେ ମୁଁ ଚେତାଇ ଦେଇଥିଲି ମାତ୍ର ।"

ଆଶାକରେ ଏହାକୁ ବିଶ୍ଳେଷଣ କରିବାର ଆବଶ୍ୟକତା ମୋଟେ ନାହିଁ । ପ୍ରତି ମାନବ ନିଜକୁ ଅପରଠାରୁ ଶ୍ରେଷ୍ଠ ମଣିବାର ଉଲ୍ଲେଖ ହିଁ ଚର୍ବିତ ଚର୍ବଣ । ମାତ୍ର ଯେଉଁମାନେ ବୁଦ୍ଧିଜୀବୀ, ସେମାନେ ମାନବର ପ୍ରକୃତିକୁ କାଳେ କାଳେ ମୂଳମନ୍ତ୍ର କରି ନିଜର କାର୍ଯ୍ୟ ଉଦ୍ଧାର କରିଥିବାର ଭୂରି ଭୂରି ଉଦାହରଣ ଇତିହାସରୁ ମଧ୍ୟ ମିଳେ । ମାନବର ନିଜତ୍ୱ ଫୁଟାଇବାକୁ ସୁଯୋଗ ସୁବିଧା ଦେଲେ ସେ ତ ତାର ଧାନ୍ଦୁଆ ହୋଇ କେବେ ହେଁ ରହିବ ନାହିଁ । କାରଣ ମାନବ ସବୁକାଳେ ମାନବ କଥାରେ କହନ୍ତି, ଗାଈ ଏବଂ ଭୂମି କାହାର ଧାନ୍ଦୁଆ ହୋଇ ମରପାରନ୍ତି ନାହିଁ ବା ହସ୍ତାନ୍ତର ହୋଇ ପାରନ୍ତି ନାହିଁ । ମାତ୍ର ମାନବ କଣ ଗାଈ ବା ଭୂମିଠାରୁ ନ୍ୟୂନ ହୋଇପାରେ ! ଅସମ୍ଭବ । ଗାଈ ବା ଭୂମି ଯଦି କାହାର ଧାର ସହି ନ ପାରି ଫୁଟି ପାରନ୍ତି, ମାନବ ଜନ୍ମର ସହ ଫୁଟିବାକୁ କେବେହେଁ ପଶ୍ଚାତ୍‌ପଦ ହେବ ନାହିଁ ।

( ୨୨ )

ଆପଣମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଦାଢ଼ି ନିଶ୍ଚୟ ଉଠିଲଣି । କେହି ହାତରେ ଖିଅର ହେଉଥିବେ ତ କେହି ବା ଭଣ୍ଡାରୀ ପାଖରେ ଖିଅର ହେଉଥିବେ । କେଉଁଠାରେ ଖିଅର ହେଉଛନ୍ତି, ସେକଥା ଏଠାରେ ବିଚାର୍ଯ୍ୟ ନୁହେଁ, ମାତ୍ର କେବେ ଖିଅର ହୁଅନ୍ତି ତାହା ନିଶ୍ଚୟ

ଆଶ୍ଚର୍ଯ୍ୟ । ଖିଅର ହେବା ପୂର୍ବରୁ ଆପଣ ଦାଢ଼ୀ ବା ମୁହଁରେ ପାଣି ମାରନ୍ତି ? ମୋ ମତରେ ଆପଣଙ୍କ ଦାଢ଼ି ଝାଉଁଳା ହୋଇଥିବ ତ, ସାବୁନ୍ ନିଶ୍ଚୟ ଲଗାଉଥିବେ । ତା ପରେ ସାବୁନରୁ ଫେଣ ଉଠିବା ପର୍ଯ୍ୟନ୍ତ ଘଷୁଥିବା ତ ନିତାନ୍ତ ସ୍ୱାଭାବିକ କାମ । ଆଖର ତ ଖିଅର ହେବେ । ଦାଢ଼ି ମୂଳରୁ ଚଞ୍ଛା ହେବ । କାହିଁରେ ପୁଣି ଆହୁରି ପଇସା ଅଧିକକର ସାବୁନ ଖର୍ଚ୍ଚ କରୁଁ ? ଫେଣ ଉଠିବା ପର୍ଯ୍ୟନ୍ତ ଘଷି ଘଷି ଆମେ ଯେଉଁ ଶକ୍ତି ଅପଚୟ କରେ, ତାହା କଅଣ ବାସ୍ତବ ଅପଚୟ ? ଆପାତତଃ ଅପଚୟ ପରି ଜଣାପଡ଼େ, ମାତ୍ର ଟିକିଏ ତଳେଇକରି ବୁଝିଲେ ବେଶ୍ ଜଣା ପଡ଼ିବ ଯେ ତାହା ଅପଚୟ ନୁହେଁ ବରଂ ନିତାନ୍ତ ଆବଶ୍ୟକ । ସାବୁନଲଗା ଝା ଶେଭିଙ୍ଗ ଧରିବାକୁ କେଶଶ୍ରେଣୀ ଗ୍ରନ୍ଥିର ପରି କାର୍ଯ୍ୟ କରେ । ଫେଣ ଗଜଗଜ ଦାଢ଼ି ଉପରେ କ୍ଷୁରଧାର ଚାଲିଲେ ମୋଟେ ଜଣା ପଡ଼େ ନାହିଁ ପୁଣି ଖିଅରଟା ବେଶ୍ ଚକ୍କଣ ହୁଏ ମଧ୍ୟ ।

ତେଣୁ ଆପଣଙ୍କ ସବୁ କାମଗୁଡ଼ା ଏହିପରି କରିବାକୁ ମୁଁ ଅନୁରୋଧ କରିବ । ଏହା କଷ୍ଟ କଥା ନୁହେଁ । କିନ୍ତୁ ଆପଣଙ୍କ ମନକୁ ହୁଏତ ଏସବୁ ନାହିଁ ବା ପାଉନାହିଁ । ଆପଣ ତାକୁ ଉପାଡ଼ ଫୋପାଡ଼ ଦେବାକୁ ଚାହୁଁଛନ୍ତି । ମୋର ମତରେ ଯଦି ଆପତ୍ତି ନାହିଁ, ତେବେ ରୁକ୍ଷ ଭାବରେ ଉପାଡ଼ ଫୋପାଡ଼ ନ ଦେବାକୁ ମୁଁ ଯାହା ଅନୁରୋଧ କରୁଛି । ମୁଁ କହୁଛି ଟିକିଏ ପାଣି, ଟିକିଏ ସାବୁନ ମାରି ତେଣିକି ମୂଳରୁ ଉପାଡ଼ ଦେଲେ, କେମିତି ହୁଅନ୍ତା ? ତା ଅର୍ଥ ଯାହାଠି ଦୋଷ ବା ତ୍ରୁଟି ଦେଖିବେ, ତାଠି ଟିକିଏ ସାବୁନ୍ ମାରି ଫେଣେଇ ଦେଲେ, ଦି'ପଦ ଭଲ କଥା କହି ଟିକିଏ ଟେକାଟେକ କରିଦେଇ ପାରିଲେ, ତାକୁ ଅନ୍ତରର ଟିକିଏ ନିକଟକୁ ଆଣି ପାରିଲେ ସେ ନିଜର ଦୋଷ ଦୁର୍ଗୁଣରେ ଆପେ ଆପେ ଛୁଡ଼ ଉଭାଇବାକୁ ପ୍ରସ୍ତୁତ ହୋଇ ଯିବ ।

ଡେଲ୍ କାର୍ନେଗୀଙ୍କର ଜଣେ ସଙ୍ଗୀ ଥାନ୍ତି । ଥରକର ସେ ରାଜପ୍ରାସାଦକୁ ପଶି ଯାଉ ଯାଉ ଶୁଣିଲେ ଜଣେ ସଭାସଦ ତାଙ୍କ ସୁନ୍ଦର ସେକ୍ରେଟେରୀଙ୍କି କହୁଛନ୍ତି, "ତୁମର ଏ କେଶ ପୋଷାକ କେଶ୍ ଚମତ୍କାର ମନାଉଛି ଆଜ ।" ଏହାଶୁଣି ମହିଳାଟି ଟିକଏ ଲଜେଇ ଗଲେ । ସଭାସଦ ତାହା ଲକ୍ଷ୍ୟକରି ପୁଣି କହି ଉଠିଲେ, "ତମେ ମୋତେ ଭୁଲ୍ ବୁଝିଲ କି ? ମୁଁ କହୁଥିଲି ତୁମର ଚେହେ-ରାଟି ଯେପରି ନିଖୁଣ, ତୁମର ଟାଇପ୍ ରାଇଟିଙ୍ଗ୍ ଠିକ୍ ସେପରି ନିଖୁଣ ହେବା ଉଚିତ୍ । ମୁଁ ଆଶାକରେ, ତୁମେ କମା ପୂର୍ଣ୍ଣଚ୍ଛେଦ ଉପରେ ଆଉ ଟିକଏ ନଜର ଦେଲେ, ସବୁ ଆପେ ଆପେ ଠିକ୍ ହୋଇ ଯିବ ଯେ ! ହଉ ଯାଅ, ନିଜ କାମ ଦେଖ ।"

ସବୁବେଳେ ପୁଣି ସମସ୍ତଙ୍କି ନିଜର ପ୍ରଶଂସା ଟିକଏ ଶୁଣି ସାରିଲାପରେ, ନିଜର ଦୋଷ ଟିକକ ଶୁଣିଲେ ମନକୁ ତାହା ଅତ୍ୟନ୍ତ ସହଜ ବୋଧ ହୁଏ । ଏହା ମୋର ଅନୁଭୂତିସିଦ୍ଧ । ମୋର ଉପରିସ୍ଥ ହାକିମ ହେଉଛନ୍ତି ଶ୍ରୀ ଜଗନ୍ନାଥ ହୋତା, ବି. ଏସ୍‌ସି. ଏଜି. (ନାଗପୁର) ଏମ୍. ଏସ୍‌ସି. (ଡ୍ରଷ୍ଟ), ଆସୋସିଏଟେଡ୍ ଆଇ. ଏ. ଆର୍. ଆଇ । ମୁଁ ଲକ୍ଷ୍ୟ କରିଛି ସେ ମୋ ତ୍ରୁଟି ଦର୍ଶାଇବା ବେଳେ ଏହି ପନ୍ଥା ଅବଲମ୍ବନ କରନ୍ତି । ମୁଁ ଗତଥର ଯେତେ-ବେଳେ ଭୁବନେଶ୍ୱର ଯାଇଥିଲି, ସେ ମୋତେ କହିଲେ, "ତୁମର ଫିଲ୍ଡକାମରେ ମୁଁ ଏତେଦୂର ସନ୍ତୁଷ୍ଟ ଯେ, ମୋର ଇଚ୍ଛା, ମୋ ପାଖରେ ତୁମ ଭଳି ଆଉ ଜଣେ ଦୁଇ ଜଣ ରଖିବାକୁ । ମାତ୍ର ତୁମେ ଯଦି ଆଉ ଟିକଏ ଯତ୍ନବାନ୍ ହୁଅନ୍ତ, ଅଫିସ୍ କାମଗୁଡ଼ା ଫିଲଡ୍‌କାମର ତତ୍ପରତା ସହିତ ମଧ୍ୟ କରିପାରନ୍ତ—ନାଁ, କଣ କହୁଛ ?" ମୁଁ ଶୁଣିଲି, ମନେ ମନେ ଚିନ୍ତା କରି ମୋ ତ୍ରୁଟି କେଉଁଠି ବୁଝିଗଲି ।

ମୋତେ ଲାଗିଲା, ମୋ ଫିଲ୍ମ୍ କାମଗୁଡ଼ା ଯଦି ଭଲ, ତା ହେଲେ ମୋ ଅଫିସ କାମଗୁଡ଼ା ମଧ୍ୟ ଭଲ ନ ହୋଇ ପାରେ କାହିଁକି ? ଅବଶ୍ୟ, ମୁଁ ସେଇଦିନଠାରୁ ଲାଗିଛି, ଅଫିସ କାମଗୁଡ଼ା ତାଙ୍କ ମନମୁତାବକ କରିଦେବାପାଇଁ । ତାଙ୍କ ସଙ୍ଗେ ଏଥର ଦେଖାହେଲେ ନିଶ୍ଚେ ପଚାରିବି, "ଆଜ୍ଞା ! ମୋ ଅଫିସ୍‌କାମ ଏଣିକି କେମିତି ହେଉଛି ?"

ମୁଁ ମୋର ସମସ୍ତ ମନ ପ୍ରାଣ ଲଗାଇ ଏ ଗଳ୍ପଟି ଲେଖିଲି । ମୋର ଉଦ୍ଦେଶ୍ୟ ଦୃଷ୍ଟିରୁ ଏହା ଉପଯୁକ୍ତ କି ନାହିଁ ବିବେଚନା କରିବା ପାଇଁ ମୁଁ ନବଜାଗରଣର ସମ୍ପାଦକ ଶ୍ରୀଯୁକ୍ତ ଚିନ୍ତାମଣି ମିଶ୍ରଙ୍କୁ ଦେଖାଇଥିଲି । ଅବସର ପାଇଲେ ନିଜେ ପାଠ ପଢ଼ି ଶୁଣାଏ । ମୋ ଲେଖା, ମୁଁ ନିଜେ ପଢ଼ିଲି ବେଳକୁ ଆନନ୍ଦରେ ଫାଟି ପଡ଼ୁଥାଏ । ତ୍ରୁଟି ଥିଲାପରି ମୋତେ ଜଣା ପଡ଼ୁନଥାଏ । ମିଶ୍ର ମହାଶୟ ମନଯୋଗ ଦେଇ ଶୁଣିଗଲେ । ତାଙ୍କର ଧାରଣା ହେଲା ଯେ ଲେଖାଟା ମନ୍ଦ ହୋଇନାହିଁ, ମାତ୍ର ଇଂରେଜୀ ପଢ଼ିଥିବା ଲୋକେ-ଜଣଙ୍କୁ ଛାଡ଼ିଦେଲେ ଏହା ଅନ୍ୟମାନଙ୍କୁ ଭଲ ଲାଗିବ କି ନାହିଁ, ସେ ସୁସ୍ପଷ୍ଟ ଧାରଣା କରି ପାରିଲେ ନାହିଁ, ମାତ୍ର ସେ ଏକଥା ମୋତେ କହନ୍ତେ କେମିତି ? ମୋତେ ଅପ୍ରସ୍ତୁତ କରିବା ତାଙ୍କର ଉଦାର ବିବେକାନୁମୋଦିତ ନୁହେଁ । ତଥାପି ତାଙ୍କୁ ତାଙ୍କର ମତ ବ୍ୟକ୍ତ କରିବାକୁ ହିଁ ପଡ଼ିବ, ତା ନ କଲେ ଅନ୍ୟାୟ ହେବ । ତେଣୁ ସେ ତାଙ୍କ ମତକୁ କପଟ କୌଶଳରେ ବ୍ୟକ୍ତ କଲେ, ଆମ ସମସ୍ତଙ୍କର ଲକ୍ଷ୍ୟ କରିବାର କଥା । ସେ କହିଲେ, "ତୁମ ଲେଖାଟି ଅତି ଉତ୍କୃଷ୍ଟ ଧରଣର । ମୋତେ ତୁମେ ପଢ଼ି ଶୁଣାଇଛ ମୋର ମନ୍ତବ୍ୟ ଶୁଣିବା ପାଇଁ । ମାତ୍ର ମନେରଖ, ମୁଁ ଜଣେ ଲେଖି ବସିଲେ ଏବେ

ଲେଖି ପାରିଥାନ୍ତେ କି ନାହିଁ ସନ୍ଦେହ । କେବଳ ମୁଁ ଜାଣିଛି ତୁମର ଅନୁଭୂତି ନେଇ ତୁମ ବୟସର ଲେଖକ କେତେଜଣ ଏପରି ଲେଖିପାରିବେ ? ମାତ୍ର ତୁମେ ଆଉ ଟିକିଏ ବିବେଚନା କର । ବର୍ତ୍ତମାନ ଯୁଗ ଦୃଷ୍ଟିରୁ ଲେଖାଟି ଉପଯୋଗୀ ହୋଇଛି କି ? ଅବଶ୍ୟ ମୋତେ ମାନିବାକୁ ପଡ଼ିବ ଯେ ତୁମ ଦୃଷ୍ଟିରୁ ଏହା ପୂର୍ଣ୍ଣାଙ୍ଗ ମାତ୍ର ଶ୍ରୋତା ଦୃଷ୍ଟିରୁ ମୁଁ ବିବରଣା କରି କଥା କହୁଛି । ତୁମେ ଗୋଟିଏ କାମ କର । ଏ ଲେଖାଟି ଏଠି ଥୁଆଯାଉ । ମୁଁ ଟିକିଏ ସଙ୍କେତ ଦେଉଛି । ସେଗୁଡ଼ିକ ମନେରଖି, ଠିକ୍ ଏଇ ଯେଉଁ ଲେଖାଟି ଲେଖିଛ, ସେହିପରି ଆଉ ଗୋଟିଏ ଲେଖ । ମୁଁ ଦୁଇଟିଯାକ ତୁଳନା କରି ଦେଖିବି । ତା ପରେ ମୋର ଅଭିମତ ସହ ଦୁଇଟିଯାକୁ ତୁମ ପାଖକୁ ପଠାଇ ଦେବି ।” ତେଣୁ ଭଣ୍ଡାରକର ଗୁରୁ କରିବାକୁ ଆମେ କୁଣ୍ଠିତ ହେବା କାହିଁ ?

( ୨୩ )

ଗତ ଅଧ୍ୟାୟରେ ପ୍ରଥମେ ପ୍ରଶଂସାକରି ତା ପରେ କଷର ତ୍ରୁଟି ଦେଖାଇବାକୁ ହେବ ତାର ଗୋଟିଏ ଦୁଇଟି ଉଦାହରଣ ଦିଆହୋଇଛି । ଏ ଅଧ୍ୟାୟରେ କିପରି ପ୍ରକାରାନ୍ତରେ ଦୋଷ ଦେଖାଇବାକୁ ହେବ, ସେ ସମ୍ପର୍କରେ ଗୋଟିଏ ଦୁଇଟି ଆଲୋଚନା କଲେ ଅସଙ୍ଗତ ବୋଧ ହେବ ନାହିଁ ।

ମୋର ପ୍ରିୟ ବନ୍ଧୁ ଶ୍ରୀ ଅନିରୁଦ୍ଧ ମିଶ୍ର ମଝିରେ ମଝିରେ ରଚନା ଲେଖି ସପାର ପତ୍ରିକାକୁ ଦିଅନ୍ତି । ମାତ୍ର ରଚନାଗୁଡ଼ିକ ଡାକଯୋଗେ ପଠାଇବା ପୂର୍ବରୁ ତାଙ୍କ ସ୍ତ୍ରୀଙ୍କୁ ଶୁଣାଇଥାନ୍ତି । ତାର କାରଣ ତାଙ୍କର ଜ୍ଞାନ ହେତୁ ତାଙ୍କର ଭାଷା ଟିକିଏ କଠିନ୍ । ତାଙ୍କ ସ୍ତ୍ରୀ ରଚନାଟି ଶୁଣି ବୁଝିପାରିଲେ କହନ୍ତି, “ତମେ ଯାହା ଲେଖୁଛ, ତା ତୁମପରି ଶିକ୍ଷିତଲୋକଙ୍କୁ ଭାଏ, ମାତ୍ର ସାଧାରଣଙ୍କୁ ସରଳ ଲେଖା

ଲେଖା ଏବଂ ମୋର ବିଶ୍ୱାସ ତୁମେ ଠିକ୍ ଏଇ ଭଳିକୁ ଠାଏ ଠାଏ ଆଉ ଟିକିଏ ଟିକିଏ ଯୋଡ଼ା କରିଦେଲେ, ଏଇଟିକି ବେଶ୍ କାମ ଦେବ ।" ମୁଁ ମୋର ବନ୍ଧୁଙ୍କ କଥା ଯେତେ ନ ଭାବୁଛି ସେତେ ଭାବୁଛି ତାଙ୍କ ସ୍ତ୍ରୀଙ୍କ କଥା । ସେ ଚଳଣିର ସହିତ ଯେଉଁ ମନ୍ତବ୍ୟଟି କରନ୍ତି, ତାହା ତାଙ୍କ ସ୍ୱାମୀଙ୍କର ଆଗ୍ରହ ତ ଭାଙ୍ଗେ ନାହିଁ, ପକ୍ଷାନ୍ତରେ ତାଙ୍କ ସ୍ୱାମୀ ଅକୁଣ୍ଠିତ ଭାବରେ ରଚନାଟି ପୁନରୁଲ୍ଲେଖ କରନ୍ତି । କହିବା ବାହୁଲ୍ୟ ଯେ ରଚନାଟି-ମାନ ବେଶ୍ ହୁଏ ।

ୱାନାମେକର ଗୋଟାଏ ବଡ଼ ଷ୍ଟୋରର ମାଲିକ । ସେ ଦିନକର ତାଙ୍କ ଦୋକାନରେ ବୁଲି ବୁଲି ଦେଖିଲେ ଯେ ଅନେକକ୍ଷଣ ହେଲା ଜଣେ ଖଦ୍ଦେର ଠିଆ ହୋଇଛନ୍ତି, ମାତ୍ର କୌଣସି ବିକ୍ରେତାଙ୍କର ଦୃଷ୍ଟି ତାଙ୍କ ଉପରେ ପଡ଼ୁନାହିଁ । ସବୁ ବିକ୍ରେତା ଯାଇ ଗୋଟାଏ ପାଖରେ ଗ୍ରାହକଙ୍କ ଭିଡ଼ ଫଟାଇବା ପାଇଁ ଚେଷ୍ଟା କରୁଛନ୍ତି । ଆମେ ତମେ ହୋଇଥିଲେ କଅଣ କରିଥାନ୍ତେ । ନିଶ୍ଚୟ କୌଣସି ବିକ୍ରେତାଙ୍କୁ ଡାକି ଗ୍ରାହକଙ୍କ କଥା ବୁଝିବାକୁ ହୁକୁମ ଦେଇଥାନ୍ତେ । ମାତ୍ର ୱାନାମେକର କଣ କଲେ ଶୁଣନ୍ତୁ । ସେ ନିଜେ ଜଣେ ସାମାନ୍ୟ ବିକ୍ରେତାପରି ଖଦ୍ଦେରଙ୍କୁ ପଚାରିଲେ, "ଆପଣଙ୍କର କଅଣ ଦରକାର, ଆଜ୍ଞା ?" ଏବଂ ଗ୍ରାହକଙ୍କ ଦରକାରୀ ଜିନିଷପତ୍ର ଏକାଠି କରି ଜଣେ ବିକ୍ରେତାଙ୍କୁ ଦେଇ କହିଲେ, "ଏଗୁଡ଼ିକ ଟିକିଏ ବାନ୍ଧିଦେବେ କି ?" ସ୍ୱୟଂ ମାଲିକଙ୍କଠାରୁ ଏପରି ବ୍ୟବହାର ପାଇ ବିକ୍ରେତାମାନେ ନିଜ ନିଜର ଭୁଲପାଇଁ ଲଜ୍ଜିତ ହେଲେ ଏବଂ ଭବିଷ୍ୟତରେ ଏପରି ଭୁଲ ନ କରିବାପାଇଁ ସ୍ଥିର କରି ନିଜ ନିଜ କାମରେ ଲାଗିଲେ ।

ଚାର୍ଲସ୍ ସ୍ୱାବ୍ ଥରକର ତାଙ୍କର ଗୋଟିଏ ଲୁହାକାରଖାନା ପରିଦର୍ଶନ କରୁ କରୁ ଦେଖିଲେ ଜଣେ ମଜ୍‌ଦୁର କାମ ଉପରେ ଠିଆ ହୋଇ ବିଡ଼ି ପିଉଛି । ଅଥଚ ତା ମୁଣ୍ଡ ଉପରେ ଗୋଟାଏ କାଠପଟା ଉପରେ ସେ ବୁଝିପାରିଲାଭଳି ବଡ଼ ବଡ଼ ଧଳା ଅକ୍ଷରରେ ଲେଖା ହୋଇଛି, "ଧୂମ୍ରପାନ ନିଷିଦ୍ଧ ।" ଆମେ ସାଧାରଣତଃ ଅପରାଧୀକୁ ପଚାରିଥାନ୍ତେ, "ପଢ଼ିପାରୁନ କିରେ ମୁଣ୍ଡ ଉପରେ କ'ଣ ଲେଖା ହୋଇଛି ?" ମାତ୍ର ସ୍ୱାବ୍ ସେପରି କଲେ ନାହିଁ । ସେ ଗୁଡ଼ିଏ ବିଡ଼ି ମଗାଇଲେ । କାରଖାନାର ସବୁ ମଜ୍‌ଦୁରଙ୍କୁ ଗୋଟାଏ ଜାଗାକୁ ଡକାଇ ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ ବିଡ଼ି ଦେଇ କହିଲେ, "ସମସ୍ତେ ପଦାକୁ ଯାଇ, ଏଇଟିମାନ ଟାଣି ଦେଇ ଆସ ।" ସେମାନେ ପରସ୍ପର ମୁହଁ ଚାହାଁଚାହିଁ ହୋଇ ସ୍ୱାବ୍‌ଙ୍କ କଥାନୁସାରେ କାମ କଲେ । ମାତ୍ର ସେମାନେ ଜାଣିଲେ ତାଙ୍କ ଭିତରୁ ନିଶ୍ଚୟ କେହି ଜଣେ କେଉଁଠି ଗଲତି କରି ବିଡ଼ି ପିଉ ଦେଇଛି । ମାତ୍ର ସେ ଜଣକ କିଏ, କେହି ଜାଣି ପାରିଲେ ନାହିଁ କି ସ୍ୱାବ୍ ମଧ୍ୟ କହି ପାରିଲେ ନାହିଁ । ସ୍ୱାବ୍ ଦୋଷୀର ନାମକରଣ କଲେ ନାହିଁ ସତ ମାତ୍ର ସେମାନଙ୍କୁ ନିସ୍ତାରିବାକୁ ଯାଇ ଯେଉଁ ପନ୍ଥା ଅବଲମ୍ବନ କଲେ ତାହା ମଜ୍‌ଦୁରଙ୍କ ପ୍ରାଣରେ ମାଲିକଙ୍କ ପ୍ରତି ଶ୍ରଦ୍ଧା ଉପୁଜାଇବା ନିହାତି ସ୍ୱାଭାବିକ୍ ନୋହେ କି ? ବର୍ତ୍ତମାନ୍ ସ୍ୱାବ୍‌ଙ୍କ କାର୍ଯ୍ୟକଳାପ ଉପରେ ଟିକିଏ ଚିନ୍ତା କରି କହନ୍ତୁ । ଦେଖନ୍ତୁ ସ୍ୱାବ୍ କଥାରେ କିଛି କହିଲେ ନାହିଁ, ପରୋକ୍ଷରେ ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ବିଡ଼ି ଉପହାର ଦେଲେ, ଏବଂ ତଦ୍ୱାରା ସେମାନଙ୍କର ବିଡ଼ିଖାଇବା ପ୍ରବୃତ୍ତିକୁ ସମ୍ମାନିତ କଲେ, ଏବଂ ତାହା ପରେ ପରେ ବିଡ଼ି ଟାଣିବାର ଉପଯୁକ୍ତ ଜାଗା କିଏ, ତାହା ମଧ୍ୟ ଶିଖାଇ ଦେଲେ । ଏପରି ମାଲିକ ପାଇଁ କେଉଁ ମଜଦୁର ମନରେ ଭକ୍ତି ନ ଜାତ ହେବ ?

ତା ହେଲେ ମୋ କହିବା କଥା, ଆମେ କାହିଁକି ସେ ପନ୍ଥା ଅବଲମ୍ବନ ନ କରିବା ? ଲୋକଙ୍କୁ ଅପ୍ରସ୍ତୁତ ନ କରି ତାଙ୍କୁ ବତଳାଇବାକୁ ହେଲେ ସେମାନଙ୍କର ଭ୍ରମକୁ ପ୍ରକାରନ୍ତରେ ଦୃଷ୍ଟି ଆକର୍ଷଣ କରିବା ବାଟ ଥାଉ ଥାଉ, ଆମେ କାହିଁକି ତାଙ୍କୁ ଗାଳି ଫଜିତ୍ କରି ତାଙ୍କର ଅଶାନ୍ତି ଅସନ୍ତୁଷ୍ଟିର କାରଣ ହେବା ?

ଦୋଷ ବାଛିବା ଯଦି ନିତାନ୍ତ ଦରକାର ପଡ଼େ, ତାହେଲେ ସେଥିପାଇଁ ଆହୁରି ଗୋଟାଏ ବାଟ ମଧ୍ୟ ଅଛି ।

ଡେଲ କାର୍ନେଗୀଙ୍କର ଜଣେ ନିକଟ ସମ୍ପର୍କୀୟ ବ୍ୟକ୍ତି ତାଙ୍କର ସେକ୍ରେଟେରୀ କାମ କରୁଥାନ୍ତି । ସେତେବେଳକୁ ସେକ୍ରେଟେରୀଙ୍କୁ ୧୯ ବର୍ଷ । ସେ ୧୭ ବର୍ଷ ବୟସରେ ଗ୍ରାଜୁଏଟ୍ ହୋଇଥିଲେ । ତାଙ୍କର ସେକ୍ରେଟେରୀ କାମର ଅଭିଜ୍ଞତା ମୋଟେ ନ ଥିଲା କହିଲେ ଚଳେ । ତେଣୁ ପ୍ରଥମେ ପ୍ରଥମେ କାମରେ ତାଙ୍କର ବହୁତ ଭୁଲ୍ ଭଟକା ରହି ଯାଉଥିଲା । ବେଳେ ବେଳେ ତାଙ୍କର ଭୁଲ ଦେଖି କାର୍ନେଗୀ ନିତାନ୍ତ ଚିଡ଼ି ଉଠନ୍ତି, ମାତ୍ର ମୁହଁ ଖୋଲି ତାଙ୍କୁ କିଛି କହି ପାରନ୍ତି ନାହିଁ । ଦିନକର ଯେତେବେଳେ ତାଙ୍କର ନିତାନ୍ତ ଅସହ୍ୟ ହୋଇ ଉଠିଲା, ସେ କହିଲେ, "ବୁଝିଲୁ ମା, ତୁ ବେଳେ ବେଳେ ଗୋଟାଏ ଅଧେ ଭୁଲ କରି ପକାଉଛୁ, ଅବଶ୍ୟ ତୋ ବୟସରେ ମୋର ଢେର ଢେର ଭୁଲ ହେଉଥିଲା । ଜନ୍ମରୁ ତ କେହି ଶିକ୍ଷା ଶିଖି କି ଥାଏ । ଅନୁଭୂତି ବଢ଼ିବା ସଙ୍ଗେ ସଙ୍ଗେ ଶିକ୍ଷା ଆସେ ଆସେ ଧସ ପଡ଼ିଯାଏ । ବରଂ ତୋର ବୟସରେ, ମୁଁ ତୋଠାରୁ ଆହୁରି କଞ୍ଚା ଥିଲି । ମୋର ସେ ସବୁ ଭୁଲ ଏବେ ସୁଦ୍ଧା ମନେ ପଡ଼ିଗଲେ, ମୁଁ ଅପରର ଭୁଲ ବାଛିଲା ବେଳକୁ ମୋତେ ସଙ୍କୋଚ ବୋଧହୁଏ । ଆଚ୍ଛା ଦେଖିଲୁ, ଏ ଯାଗାରେ, ଏମିତି ଲେଖିଥିଲେ, କେମିତି ହୋଇଥାନ୍ତା ?"

୨ୟ ଉଇଲହେମ୍ ଯେତେବେଳେ ଜର୍ମାନୀର କାଇଜର ଥିଲେ ସେତେବେଳେ ଭନ୍ ବୁଲୋ ଚାନ୍ସେଲର ଥାନ୍ତି । ଥରେ କାଇଜର ସମ୍ବାଦଦାତାମାନଙ୍କୁ ଗର୍ବରେ ଫୁଲି ଉଠି କହୁଥିଲେ, “ଦେଖନ୍ତୁ, ମୁଁ ଏକମାତ୍ର ଜର୍ମାନ୍ ଲୋକ ହୋଇ, ଇଂରେଜୀ ଲୋକମାନଙ୍କ ସଙ୍ଗେ ସୁଦୃଢ଼ ମିତ୍ରତା ସ୍ଥାପନ କରି ପାରିଛି । ମୁଁ ହିଁ ନିଜ ବୁଦ୍ଧିବଳରେ ଜାପାନ୍ ବନ୍ଦରରେ ନୌସେନା ତିଆରି କରି ପାରିଛି । ଇଂଲଣ୍ଡକୁ ରୁଷିଆ ଏବଂ ଫରାସୀଙ୍କ ଆକ୍ରମଣରୁ ରକ୍ଷା କେବଳ କରାଇଥାଏ, ତା ହେଲେ ସେ ଗୌରବ ମୋର, ମୋର ସାହାଚର୍ଯ୍ୟ ଯୋଗୁଁ ଗୋରାମାନେ ଦକ୍ଷିଣ ଆଫ୍ରିକାରେ ଜିତିଲେ ।” ଏହିପରି ଅନେକ କଥା ସେ କହୁଥିଲେ—ମାତ୍ର ଏ ଔଦ୍ଧତ୍ୟ ସାଧାରଣଙ୍କର ହଜମ ହେଲା ନାହିଁ । ଗୋରା ଏବଂ ଜର୍ମାନମାନଙ୍କ ଆଖି ରାଗରେ ନେଳରୁ ନାଲି ହୋଇ ଉଠିଲା, କାରଣ ସେମାନଙ୍କ ଆତ୍ମମର୍ଯ୍ୟାଦା ଭୀଷଣ ଭାବେ କ୍ଷୁଣ୍ଣ ହେଲା । ଏହା ପରେ ପରେ ଖବରକାଗଜରେ ତୀବ୍ର ସମାଲୋଚନା ସଙ୍ଗେ ସଙ୍ଗେ ବାଦାନୁବାଦ ମଧ୍ୟ ଚାହାଲିଲା । ଖାଲି ଏତିକି ନୁହେଁ, ଲୋକମାନେ ଏତେଦୂର ଉତ୍ତ୍ୟକ୍ତ ହୋଇ ଉଠିଲେ ଯେ କାଇଜରଙ୍କୁ ଜୀବନ୍ତ ସମାଧି ଦେବାପାଇଁ ମନେ ମନେ ସ୍ଥିର କଲେ ।

ଏପରି ସ୍ଥିତିକୁ କାଇଜର ସମ୍ଭାଳି ପାରିଲେ ନାହିଁ । ନିଜ ଭ୍ରମ ବୁଝିପାରିଲା ବେଳକୁ ଲୋକମତ ଚରମସ୍ଥିକୁ ବୋଳି ଯାଇଥିଲା । ସେ ଚାନ୍ସେଲରଙ୍କୁ ଡାକି କହିଲେ, “ତୁମେ କୁହ ଯେ ତୁମ ଉପଦେଶ ଅନୁସାରେ, ମୁଁ ସମ୍ବାଦଦାତାମାନଙ୍କୁ ଏ ପ୍ରକାର ସମ୍ବାଦ ଦେଇଥିଲି ।” ଭନ୍ ଏହା ଶୁଣି ସଙ୍ଗେ ସଙ୍ଗେ ଉତ୍ତର ଦେଲେ, “ଜର୍ମାନ ଓ ଇଂଲଣ୍ଡର ଲୋକମାନେ ମୋତେ ତା ହେଲେ କେତେ ବୋକା ବୋଲି ଠଉରାଇବେ—ତା ଭାବିଲା ବେଳକୁ ମୋତେ

ଆଶ୍ଚର୍ଯ୍ୟ ବୋଧ ହେଉଛି ।" ଏତିକି ତାଙ୍କ ତୁଣ୍ଡରୁ ବାହାରି ସାରୁ ନ ସାରୁଣୁ ସେ ନିଜର ଭୁଲ ବୁଝିପାରିଲେ । ମାତ୍ର ସେତେବେଳକୁ କାଇଜର ଷ୍ଟେସଣ ଛାଡି ଗଲେଣି । ସେ ରାଗରେ ତମ ତମ ହୋଇ ପଚାରିଲେ, "ତମେ ତା ହେଲେ ଭାବୁଛ ଯେ ମୁଁ କେବଳ ବୋକା, କାରଣ ଏପରି ଭୁଲ ମୋ ପରି ଉଚ୍ଚ ବ୍ୟକ୍ତି ତୁମମାନଙ୍କ ପରି ବ୍ୟକ୍ତିଙ୍କ ପାଖରେ ହେବା ସମ୍ଭବ ନୁହେଁ—ତମେ ଏଇଆ କହୁଛ ତ, ଭନ୍‌ସେଲର ?"

ଭନ୍‌ବୁଲୋ ପ୍ରଥମେ କାଇଜରଙ୍କୁ ପ୍ରଶଂସା କରି ନ ଥିଲେ । ତେଣୁ ତାହାର ପରିଣତି ଯାହା ହେବା ନିତାନ୍ତ ସ୍ୱାଭାବିକ୍, ତାହାହିଁ ହୋଇଥିଲା । ସେ କାଇଜରଙ୍କ ତୁଣ୍ଡରୁ କଥା ଶେଷ ହେଉ ନ ହେଉଣୁ କହିବାକୁ ଲାଗିଲେ, "ମୁଁ ତା କହୁନି, କାଇଜର । ବହୁତ ଗୁଣରେ ଆପଣ ମୋଠାରୁ ଗୁଣବାନ୍ । କେବଳ ନୌସେନା ଓ ପଦାତିକ ସେନା ଗଠନରେ କାହିଁକି, ବିଜ୍ଞାନରେ ମଧ୍ୟ ଆପଣଙ୍କର ଯେଉଁ ପ୍ରବେଶ ଅଛି, ତାହା ଅତ୍ୟନ୍ତ ଜ୍ୱଳନ୍ତ ଦୃଷ୍ଟ ହୁଏ । ବାୟୁଯାନ, ବୈଦ୍ୟୁତି ସମ୍ବନ୍ଧରେ ଆପଣଙ୍କର ଅସୀମ ଜ୍ଞାନ । ରସାୟନ ଓ ଅନ୍ୟାନ୍ୟ ଅନେକ ସାଧାରଣ ଜ୍ଞାନ ମୋର ମୋଟେ ନାହିଁ କହିଲେ ଚଳେ, ମାତ୍ର ଆପଣ ସେ ସବୁର ମାନଦଣ୍ଡ । ଆପଣଙ୍କର ଅନେକ ବିଷୟରେ ଏପରି ଗଭୀର ଜ୍ଞାନ ଅଛି ଯେ, ମୁଁ ନିଜକୁ ଆପଣଙ୍କ ସହିତ ତୁଳନା କରି ବସିଲେ ଲଜ୍ଜିତ ହୁଏ । ମୁଁ ମୋ ମନକୁ ଏଥିରେ ସାନ୍ତ୍ୱନା ଦେଇ ବସେ, ଜାଣିବାକୁ ଚାହାନ୍ତି, କାଇଜର ! ମୋର ମନେହୁଏ ଆପଣଙ୍କର ଏ ସବୁ ଜ୍ଞାନ ରହିବାର ଅଂଶିକ କ୍ଷତିପୂରଣ ସ୍ୱଭାବରେ ମୋର ରାଜନୀତି ସମ୍ବନ୍ଧରେ ଆପଣଙ୍କଠାରୁ ଟିକିଏ ବେଶୀ ପ୍ରବେଶ ଅଛି । ତେଣୁ ଆପଣଙ୍କର ଓ ମୋର ସମଷ୍ଟି ଜଗତ୍ ଦୃଷ୍ଟିରୁ ଏକେ ପୂର୍ଣ୍ଣାଙ୍ଗ ହୋଇପାରୁଛି, କାଇଜର !"

କାଇଜର୍ ସଙ୍ଗେ ସଙ୍ଗେ ହସି ଉଠିଲେ । କାରଣ ଭନ୍ ତାଙ୍କୁ ପ୍ରଶଂସା କଲେ, ତେଣୁ କାଇଜର ତାଙ୍କର ସମସ୍ତ ଦୋଷ ଭୁଲିଯାଇ ତାଙ୍କୁ କ୍ଷମାଦେଲେ । ସେ ଗର୍ବରେ କହି ଉଠିଲେ, "ମୁଁ ତୁମକୁ ବହୁବାର ଏହି କଥାଟି କହିନି କି, ବନ୍ଧୁ ? ତୁମେ ଆଉ ମୁଁ ଉଭୟେ ମିଶି ସଂସାରରେ ବାସ୍ତବିକ୍ ପୂର୍ଣ୍ଣାଙ୍ଗ ।" ଏହା କହିବା ମଧ୍ୟରେ ଆନନ୍ଦରେ ଅଧୀର ହୋଇ କାଇଜର ଭନ୍‌ଙ୍କ ସଙ୍ଗେ କେତେଥର ହାତ ମିଳାଇଥିଲେ, ତାହା ତାଙ୍କୁ ପଚାରି ବୁଝିଥିଲେ ହୋଇଥାନ୍ତା । ଖାଲି ଏତିକି ନୁହେଁ, କାଇଜର ସେଦିନ ପରିଶେଷରେ ଘୋଷଣା କରିଲେ ଶୁଣନ୍ତୁ । "ତୁମ ବନ୍ଧୁଙ୍କରେ ଉଚ୍ଚସ୍ୱରରେ ବା ଅଜ୍ଞାତ-ସାରରେ ଯେ ଏପରି କଥା ଉଚ୍ଚାରଣ କରିବ, ତାର ଜିଭ ଉପାଡ଼ି ଅଣିବାକୁ ମୁଁ ପଛାଇବ ନାହିଁ — ଏହା ଜାଣି ରଖନ୍ତୁ ଚାନ୍‌ସେଲର !"

ଦେଖନ୍ତୁ ଛୋଟ ସାମାନ୍ୟ କଥା କେତେପଦ କାଇଜରଙ୍କ ପରି ବ୍ୟକ୍ତିଙ୍କର ଦୃଷ୍ଟିଭଙ୍ଗୀ ବଦଳାଇ ପାରେ, ତା ହେଲେ ତୁମ ଆମ ପାଖରେ ଏ କୌଶଳ କାହିଁକି ଠିକ୍ କାମ କରିବ ନାହିଁ କି ? ତେଣୁ ଯେଉଁ କ୍ଷେତ୍ରରେ ଅନ୍ୟର ଦୋଷ ନ ଧରିଲେ ନ ଚଳିବ, ସେ କ୍ଷେତ୍ରରେ ନିଜର ଦୋଷ ଦୁର୍ବଳତା ଆଗ ଦେଖାଇ, ପରେ ସମାଲୋଚନା କରିବା ଉଚିତ୍ । କାରଣ ନିଜର ତ୍ରୁଟି ଉପରେ ନଜର ରଖି କଥା କହିଲେ, ମୁହଁରୁ କଟୂକ୍ତି ବାହାରେ ନାହିଁ ।

( ୨୪ )

ସଂସାରରେ ଯେତେ ବ୍ୟକ୍ତି ଅଛନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ହୁକୁମ ମାନିବାକୁ ଭଲଲାଗେ କହିଲେ ? ପ୍ରାୟ କାହାରିକୁ ଭଲ ଲାଗେ ନାହିଁ । ଜଣେ ଜଣେ ହୁକୁମ ପାଇଲେ ଏପରି ବିରକ୍ତ ହୋଇ ଉଠନ୍ତି ଯେ, ଯେଉଁ କାମ କରନ୍ତି, ତାହା ନ

କରିଥିଲେ ବରଂ ଭଲ ହେଉଥାନ୍ତା । ହୁଏତ ଆଦେଶ ନ ପାଇ-
ଥିଲେ ସେ ସେହି କାମକୁ ଏପରି ଉତ୍ତମରୂପେ କରିଥାନ୍ତେ ଯେ, ତାହାର ଅସନ୍ତୁଷ୍ଟ ହେବାକୁ କିଛି ନ ଥାନ୍ତା । ପ୍ରତି ମନୁଷ୍ୟର ଆଦେଶ ପାଳିବା ନୁହେଁ ବରଂ ଆଦେଶ ଦେବା ହିଁ ଜନ୍ମଗତ ପ୍ରବୃତ୍ତି । ଏ ଯୁଗର ଅଧିକାଂଶ ବଡ଼ ମଣିଷମାନେ କେବଳ ବୁଝି ପାରନ୍ତି ଯେ ଆଦେଶ ପାଳନ କରିବାର ମାହାତ୍ମ୍ୟ ଆଦେଶ ଦେବାଠାରୁ ବଡ଼ । ମୂଳତଃ ଜାଗତିକ ବ୍ୟକ୍ତି ସମୁଦାୟ ଆଦେଶ ମାନିବାକୁ କୁଣ୍ଠିତ । ଏହି କଥାକୁ ମନେ ରଖି କେତେ କେତେ ବଡ଼ ବଡ଼ ହାକିମ ମଧ୍ୟ ନିଜର ସାରା ଜୀବନ କାମ ଆଦାୟ କରନ୍ତି ।

ଆମ ହୋତାସାହେବଙ୍କ କଥା ପର୍ଯ୍ୟାଲୋଚନା କଲେ, ମନେ ବଡ଼ ଆଶ୍ଚର୍ଯ୍ୟ ହେବାକୁ ହୁଏ । କାରଣ, ଯେଉଁ ବ୍ୟକ୍ତି କୌଣସି ଅପର ବ୍ୟକ୍ତିର ସମ୍ପର୍କରେ ନ ଆସେ, ସେ ହୁଏତ ହୁକୁମ ନ ଦେଇ ବା ନ ନେଇ ଜୀବନ କଟାଇ ପାରନ୍ତି । ମାତ୍ର ହୋତାବାବୁ ସମସ୍ତ ଶ୍ରେଣୀ ସରକାରଙ୍କର ଅଧ୍ ଉଚ୍ଚପଦର ସର୍ବୋଚ୍ଚ କର୍ମକର୍ତ୍ତା । ଫଳତଃ ତାଙ୍କୁ ଅନ୍ତତଃପକ୍ଷେ ତାଙ୍କ ଅଫିସ ତ ଚଳାଇବାକୁ ପଡ଼େ । ସେ କିପରି ଚଳାନ୍ତି—ଜାଣନ୍ତି ? ସେ ପ୍ରସ୍ତାବ ବାଢ଼ନ୍ତି ଏବଂ ପ୍ରଶ୍ନ ପଚାରନ୍ତି ଏବଂ ଏହି ପନ୍ଥାରେ ଯାଇ ସେ ଆପଣା କାର୍ଯ୍ୟ ବେଶ୍ ଚଳାଇ ନିଅନ୍ତି । କଥାଟିକୁ ଆଉ ଟିକିଏ ସ୍ପଷ୍ଟ କରି କହିଲେ, ହୁଏତ ଏହିପରି ହେବ । ସେ ଅଧୀନସ୍ଥ କୌଣସି କର୍ମଚାରୀଙ୍କୁ ପାଖକୁ ଡକାଇ ପଚାରନ୍ତି, "ହଉ, ପରିସ୍ଥିତି ଏହିପରି ଉପୁଜିଛି, କେମିତି କରାଯିବ ?" ସେ ଯାହା କହନ୍ତି, ତାହା ନିଜ ଇଚ୍ଛା ସହିତ ସୂତ୍ରରେ ମିଳାଇ ପ୍ରକାଶ କରି କହନ୍ତି, "ତା ହେଲେ କାମଟା ଟିକିଏ ସେହିପରି ହେଉଛି କି ନାହିଁ ଟିକିଏ ନଜର ରଖିବ ।" ହୋତାବାବୁ ଅଧ୍-
କାଂଶକୁ ଗଲେ ମୁଖଆଡ଼କୁ ଚାହିଁ ପଚାରିବେ, "ହଉ ! ଏ କଥାଟି

ମଝିରେ କେଉଁଆଡ଼ୁ କେଉଁଆଡ଼କୁ ବଢ଼ିଗଲା ଗଲେ, ଠିକ୍ ହବ କହୁଛ ?" ସେ କହିବେ, "ଆଜ୍ଞା, ଆପଣ କହିବେ ନା, ମୁଁ କଅଣ ବେଶୀ ଜାଣିଲାର ଯେ କହିବ ?" ହୋଡାବାବୁ ଉତ୍ତର ଦେବେ, "ସେ କଥା ନୁହେଁ ଯେ, ତୁମେ ସବୁବେଳେ କାମ କରୁଛ ନା, ସେଥିପାଇଁ ପଚାରୁଛି ବେଳେ ଉପର କେମିତି ହୁଡ଼ା ଟେକିଲେ ହେବ ।" ସେ ଅଗତ୍ୟା କହିବ, "ଏମିତି କି ଯେମିତି ଏଠିକି ଉପର ହୁଡ଼ାଟାଏ ହେବେ, ଚଳିଯିବ ବାବୁ ।" ହୋଡାବାବୁ ନିଜ ମନକୁ ଖାଇଲେ ବି ଭାବିବେ, ନ ହେଲେ କହିବେ, "ଆଚ୍ଛା, ଏମିତି ପକାଇଲେ କେମିତି ହବ ?" ସେ ବାଧ୍ୟରେ କହିବ, "ହବ, ଆଜ୍ଞା !" ତହୁଁ ଏ କହିବେ, "ତମ ମନକୁ ଆସୁଚ ତ ? ଆଚ୍ଛା ଭଲ, କେମିତି ହଉଚ, ଦେଖିବା !" ହୋଡାବାବୁଙ୍କର ଏଇ ଯେଉଁ ଗୁଣଟି ଅଛି, ସେଥିପାଇଁ ମୂଲିଆ ଜଗିବା ମାଟକରେ ଥରେ ପଡ଼େ ମୂଲ ନ ପାଉ, ମାସ ଦଶ ଦଶ ମୂଲ ଦେବା ଲୋକ ପାଖକୁ କାମ କରିବାକୁ ଯିବ ନାହିଁ, ଏଇ ହୋଡାବାବୁଙ୍କ ପାଖରେ ହିଁ ପଡ଼ିଥିବ । ଏ ତ ଗଲା ପିଲ୍ଲ କଥା, ଅଫିସରେ ନିଜ ଲେଖିବା ଛଠି ଧରି ହେଡ୍ ଦ୍ରମାସ୍ତ୍ରାବାବୁଙ୍କୁ ତାକୁ ଦେଖାଇ ପଚାରନ୍ତି, "ଦେଖିଲ ସୋମନାଥ-ବାବୁ, ଏ ଚଳେଣିକେ ଏ ଛଠି ହବ କି ନାହିଁ ?" ସୋମନାଥ ନାହିଁ ବା କିମିତି କହିବେ ? ଅବଶ୍ୟ ଆମ ସୋମନାଥ ବୋକା ନୁହନ୍ତି । କାରଣ, ଯେଉଁ ହୋଡାବାବୁଙ୍କ କାମକୁ ସେ ଏତେ ପସନ୍ଦ କରନ୍ତି, ସେ ମଧ୍ୟ ବେଳେ ବେଳେ କହନ୍ତି, "ସବୁଗୁଣଟି ଭଲ ଯେ ମାସ ପଇସା ଦେଲବେଳକୁ ତ ଦୂର୍ ଦୂର୍ । କିନ୍ତୁ ! ସେମାନେ ଏଜେନ୍ସି ଏରିଆରେ କାମ କରୁଛନ୍ତି । ଏଜେନ୍ସି ଯେ ପାଇବା ତାଙ୍କର ହକ୍, ତୁମକୁ ଦେବାକୁ ଏତେ କଷ୍ଟ ଲାଗୁଛି କାହିଁ ?" ଘୃଣାକୁ...... କୌଣସି ପରିସ୍ଥିତିରେ କୌଣସି କାର୍ଯ୍ୟ କରିବାକୁ

ହେଲେ ସେ ଯେଉଁ ବ୍ୟକ୍ତିଦ୍ୱାରା ସେ କାମ ହୋଇ ପାରିବ, ତାଙ୍କୁଇ ଡାକି କହିବେ, "ଆଚ୍ଛା, ବର୍ତ୍ତମାନ୍ କ୍ଷେତ୍ରରେ ଏପରି କଲେ କିପରି ହେବ ?" ତାଙ୍କ କଥାରୁ ଅଧୀନସ୍ଥ କର୍ମଚାରୀ ବୁଝନ୍ତି ଯେ ତାଙ୍କୁଇ ସେଇ କାମଟା କରିବାକୁ କୁହାଯାଉଛି ଏବଂ ଆନନ୍ଦରେ ତାହାହିଁ କରିଥାନ୍ତି । ଅଫିସରୁ କେହି ଗୋଟାଏ ଡ୍ରାଫ୍‌ଟ୍ ପୁଟ୍ ଅପ୍ କଲେ ତହିଁରେ ସାମାନ୍ୟ ପରିବର୍ତ୍ତନ କରିଦେଇ କହନ୍ତି, "ତୁମପରି ଲେଖିବାକୁ ହୋଇଥିଲେ, ଏହାହିଁ ହୁଏତ ସବୁଠାରୁ ବେଶ୍ ହୋଇଛି" ଇତ୍ୟାଦି ।

ଏଇ ପ୍ରଣାଳୀରେ କାର୍ଯ୍ୟ କରି ବସିଲେ, ଯେଉଁ ବ୍ୟକ୍ତି ଅଧୀନରେ କାମ କରୁ କରୁ ଭୁଲ୍ କରେ, ତାହା ସୁଧାରିନେବା ନିହାତି ସହଜ ବୋଧହୁଏ । କାରଣ ଏଥିରେ ଲୋକର ଆତ୍ମସମ୍ମାନରେ ଆଞ୍ଚ ଆସିଲା ଭଳି କିଛି ନ ଥାଏ ଏବଂ ଶ୍ରୋତା ବକ୍ତାଙ୍କୁ ସାହାଯ୍ୟ କରିବାକୁ ଆଗ୍ରହୀ ହୋଇ ଉଠେ । ତେଣୁ ଯେଉଁମାନେ ଲୋକମତ ସଂଗ୍ରହ କରିବାକୁ ଇଚ୍ଛା କରନ୍ତି, ସେମାନେ ବିଶ୍ୱାକରି ମନେ ରଖନ୍ତୁ ଯେ ସିଧାସଳଖ ଆଦେଶ ନ ଦେଇ ପ୍ରକାରାନ୍ତରେ ଆଦେଶ ଦେଲେ କାର୍ଯ୍ୟରୁ କାର୍ଯ୍ୟ ଉଦ୍ଧାର ହୁଏ ଏବଂ ତାହା ସଙ୍ଗେ ସଙ୍ଗେ କାର୍ଯ୍ୟ କରିବା ବ୍ୟକ୍ତି ଆତ୍ମପ୍ରସାଦ ଲାଭ କରିବା ଫଳରେ, ସମ୍ପର୍କିତ ବ୍ୟକ୍ତିମାନଙ୍କ ମଧ୍ୟରେ ଘନିଷ୍ଠତା ଓ ସ୍ନେହସହାନୁଭୂତି ବଢ଼ିଉଠେ ।

( ୨୫ )

ଓଡ଼ିଶା ସରକାରଙ୍କର ଗୋଟାଏ ବଡ଼ ଫାର୍ମରେ ମ୍ୟାନେଜର ଥିଲାବେଳେ, ମୋର ହାକିମ ଥାନ୍ତି ଡକ୍ଟର ଜ. ଇ. ଡେଲନ୍ । ପ୍ରାୟ ବର୍ଷେ ଖଣ୍ଡେ ତାଙ୍କ ପାଖରେ ମୁଁ କାମ କରିଛି, ଏଇ ସମୟରେ ସେ ବଦଳି ହୋଇଗଲେ । ତାଙ୍କର କାର୍ଯ୍ୟ ପ୍ରଣାଳୀରେ ସେ ଆମ

ସମସ୍ତଙ୍କୁ ଅତ୍ୟନ୍ତ ମୁଗ୍ଧ କରି ରଖିଥିଲେ । ଆମେ ସେ ଫାର୍ମର ପ୍ରାୟ ୫୦ ଜଣ ସାନବଡ଼ କର୍ମଚାରୀ ସମସ୍ତେ ମିଶି ତାଙ୍କୁ ଆମର କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଗୋଟିଏ ବିଦାୟ ଭୋଜିର ଯୋଗାଡ଼ରେ ଥାଉଁ । ମାତ୍ର ତାର ସୁଯୋଗ ଆମେ ପାଇଲୁ ନାହିଁ । ଟେଲମ୍ ସାହେବ ଅନ୍ୟ ଦପ୍ତରର ଚାର୍ଜ ନେଇ ସାରିବା ସଙ୍ଗେ ସଙ୍ଗେ ଆମ ପ୍ରତ୍ୟେକଙ୍କ ପାଖକୁ ଖଣ୍ଡେ ଖଣ୍ଡେ କାର୍ଡ ଲେଖିଥିଲେ । ମୋ ପାଖକୁ ଲେଖିଥିଲେ, "ମୋର କାର୍ଯ୍ୟକାଳ ଭିତରେ ମୁଁ ତୁମଠାରୁ ଯେଉଁ ସାହଚର୍ଯ୍ୟ ପାଇଛି, ସେଥିପାଇଁ ତୁମକୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି । ମୋର ବିଶ୍ୱାସ, ତୁମେ ଜୀବନରେ ଅନ୍ୟାନ୍ୟ ଅଫିସରମାନଙ୍କୁ ତୁମ କାର୍ଯ୍ୟରେ ନିଶ୍ଚୟ ସନ୍ତୁଷ୍ଟ କରି ପାରିବ ଏବଂ ଭଗବାନ ତୁମ୍ଭର ନିଶ୍ଚୟ ମଙ୍ଗଳ କରିବେ । ଇତି ।

ତୁମର ଶୁଭାଶୀର୍ବାଦକ ଟେଲମ୍ ।"

ମୁଁ କାର୍ଡଟି ପାଇଲି । ମୋ ଜୀବନର ସ୍ୱଳ୍ପ କାର୍ଯ୍ୟକାଳ ମଧ୍ୟରେ ଏହା ପ୍ରଥମ ଏବଂ ନୂତନ ଅନୁଭୂତି । ମୋର କନ୍‌ଫିଡେନ୍‌ସିଆଲ୍ କାରେକ୍ଟର ରୋଲରେ ସେ କଅଣ ଲେଖିଛନ୍ତି, ତାହା ମୁଁ ଜାଣେ ନାହିଁ, ମାତ୍ର ସେ ଯାହା ଲେଖିଥାନ୍ତୁ ନା କାହିଁକି, ତାଙ୍କୁ ହାକିମରୂପେ ପାଇ ତାଙ୍କ ଅଧୀନରେ କାର୍ଯ୍ୟ କରିବା ସ୍ମୃତି ମୋ ଅନ୍ତରରେ ସର୍ବଦା ଜାଗ୍ରତ ରହିଛି । ଟେଲମ ସାହେବ ଲୋକ ହିସାବରେ ଭଲ ବା ମନ୍ଦ, ତାହା ଏଠାରେ ବିବେଚ୍ୟ ନୁହେଁ ମାତ୍ର ତାଙ୍କର ସୌଜନ୍ୟତା ଦେଖିଲେ ମନେ ହୁଏ ଯେ ଶିକ୍ଷା ତାଙ୍କଠାରେ ପୂର୍ଣ୍ଣାଙ୍ଗ-ପ୍ରାପ୍ତ ହୋଇଛି ।

ଚାର୍ଲସ ଷ୍ଟେନ୍‌ମେଞ୍ଜ ବିଜୁଳିବତୀ ବିଶ୍ୱର ସର୍ବୋଚ୍ଚ କର୍ମଚାରୀ ଥାନ୍ତି । ମାତ୍ର ତାଙ୍କର ପ୍ରକୃତି ବଡ଼ ଅଭିମାନିଆ । ସେ ବଡ଼ ଦକ୍ଷ

ବ୍ୟକ୍ତି, ତାଙ୍କର ଗୁଣାଗୁଣ ସମ୍ବନ୍ଧ ଜେନେରାଲ ଇଲେକ୍ଟ୍ରିକ ବିଭାଗ ସମସ୍ତ ଭଲଭାବରେ ପରିଚିତ । ଥରେ ଅବସ୍ଥା ଏପରି ଉପୁଜିଲା ଯେ ଇଲେକ୍ଟ୍ରିକ୍ସ ବିଭାଗର କର୍ମକର୍ତ୍ତା ଅନ୍ୟ ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ ଷ୍ଟେନ୍‌ମେଜ୍ଙ୍କ ଜାଗାରେ ନିଯୁକ୍ତ କରିବାପାଇଁ ମନସ୍ଥ କଲେ । ମାତ୍ର ଷ୍ଟେନ୍‌ମେଜ୍‌ଙ୍କୁ କାମରୁ ହଟାଇଦିଅନ୍ତେ କିପରି ? ତାଙ୍କପରି ସୁଯୋଗ୍ୟ ବ୍ୟକ୍ତି ପୁଣି ଏତେ ଅଭିମାନୀ । କେଉଁ ଉପାୟ ଅବଲମ୍ବନ କଲେ ସୁନାକୁ ସୁନା ମିଳିବ ଅଥଚ ବନ୍ଧୁଙ୍କୁ ବନ୍ଧୁ ରହିବ, ତାହାହିଁ ସମସ୍ତେ ଚିନ୍ତା କରି ବସିଲେ । ତାଙ୍କୁ ଅପ୍ରସନ୍ନ ନ କରି କାର୍ଯ୍ୟସିଦ୍ଧି ପାଇଁ ଶେଷରେ ଗୋଟାଏ ଉପାୟ କଲେ । ଷ୍ଟେନମେଜ୍ଙ୍କୁ କନ୍‌ସଲ୍‌ଟିଂ ଇଞ୍ଜିନିୟର ଉପାଧି ଦେଇଥିଲେ । ଏ ଉପାଧିଟା ତାଙ୍କର ପୂର୍ବ ଉପାଧିଠାରୁ ବଡ଼ ଏବଂ ତାଙ୍କର ଯେଉଁ ଉପାଧି ଥିଲା, ସେଇ ଉପାଧି ଦେଇ ନୂଆ ବ୍ୟକ୍ତିଙ୍କୁ ନିଯୁକ୍ତ କଲେ । ଷ୍ଟେନ୍‌ମେଜ୍ଙ୍କ ଦରମା ଟିକେ ନ ବଢ଼ିଥାଉ, ମାତ୍ର ସେ ଉପାଧିଟି ପାଇ ବଡ଼ ସନ୍ତୁଷ୍ଟ ହେଲେ ।

କୋରାପୁଟରେ ସୁପ୍ରସିଦ୍ଧ "ଜୟପୁର ସୁଗର ଫାକ୍ଟ୍ରି"ର ଜେନେରାଲ ମ୍ୟାନେଜର ହେଉଛନ୍ତି ପି. ସୁବାପ୍ପା । ସେ ବଡ଼ ଦକ୍ଷ ଏବଂ ଅଭିଜ୍ଞ ବ୍ୟକ୍ତି । ପ୍ରସଙ୍ଗକ୍ରମେ ତାଙ୍କ କଥା ବିଶେଷଭାବେ କହିବାର ଆବଶ୍ୟକତା ପଡ଼ିଲା । ୧୯୫୭ ସାଲର ଆରମ୍ଭରେ କୋରାପୁଟ ଜିଲ୍ଲାରେ ମଦ-ନିଷେଧ ଜାରି ହେଲା ଅର୍ଥାତ୍ ପ୍ରୋହିବିସନ ଆଇନ ଲାଗୁ ହେଲା । ଜୟପୁରଠାରେ ମଦ ଗୋଟାଏ ବାଇ-ପ୍ରଡକ୍ଟ । ଆଗରୁ ସେଇ ମଦ ବିଭାଗରେ ଜଣେ ମ୍ୟାନେଜର ଥିଲେ । ମାତ୍ର ଏଇ ବାଇପ୍ରଡ଼କ୍ଟ ବନ୍ଦ ହୋଇ ଯିବାରୁ, ସେ ମ୍ୟାନେଜର ଶ୍ରୀ ଜଗା ରାଓଙ୍କୁ ଷ୍ଟୋରର ମ୍ୟାନେଜର କରିଦେଲେ । ଦରମା ତାଙ୍କର ସମାନ, ଉପାଧି ସମାନ, ମାତ୍ର ମନର ପୂର୍ତ୍ତି ହେଲେ କାହିଁ ? ମନ

ଫର୍ଣ୍ଣିର କାରଣ ଏଣ୍ଡରସନ୍ସ ଷ୍ଟୋରର ଚିଫ ମ୍ୟାନେଜର ! ଅଥଚ ଦାୟିତ୍ୱ କେତେ ବଢ଼ିଗଲା ଏବଂ ପରିଶ୍ରମ କେତେ ପଡ଼ୁଛି, ତାହା ସେ ନିଜେ ଅନୁଭବ କରୁଛନ୍ତି, ମାତ୍ର ତାହା ତାଙ୍କୁ ଭାର ବୋଧ ନ ହୋଇ ଉଲଟି ସୁଖକର ବୋଧ ହେଉଛି ।

ମୋ ସାଙ୍ଗ ସାନନ୍ଦ ଥରେ କହିଲା, "କିରେ ରଥ ! ଆଜିକାଲି ତ ବେଶ୍ ନଲେଜ୍ଞା ଲେଖି ଚାଲୁଛୁ । କୋଉଦିନୁ ଏମିତି ହେଲୁ ରେ ?"

ମୁଁ କହିଲି, "ଜାଣିନି, କଣ ହେଲା କି ?"

ସେ କହିଲା, "ଆଚ୍ଛା, ତୁ ଯୋଉଗୁଡ଼ା ଲେଖୁଚୁ, ସବୁଗୁଡ଼ା ସାଲମଣ୍ଡା ତୋର ନାଁ କୋଉଠୁ ଷ୍ଟିଲ କରୁଚୁ ?" ମୁଁ କହିଲି, "ତୋ ଦୃଷ୍ଟିଭଙ୍ଗୀରେ ଯାହା ଷ୍ଟିଲିଙ୍ଗ ହଉଚି, ମୋ ଦୃଷ୍ଟି-ଭଙ୍ଗୀରେ ସେ ଗୁଡ଼ା ଇଷ୍ଟାଣ୍ଡୁଚ !" ସେ ପଚାରିଲା, "ଆଚ୍ଛା କହିଲୁ, ଏ କଥାର ବିଷୟବସ୍ତୁର ଉତ୍ପତ୍ତି କେଉଁଠାରୁ ?"

ମୁଁ କହିଲି, "ତୁ ଡେଲ୍ କାର୍ଣ୍ଣେଜଙ୍କର ହାଉ ଟୁ ଓଇନ୍ ଫ୍ରେଣ୍ଡସ୍ ଆଣ୍ଡ ଇନ୍‌ଫ୍ଲୁଏନ୍ସ ପିପୁଲଟା ପଢ଼, ଜାଣି ପାରିବୁ ସବୁ । ମାତ୍ର ଗୋଟାଏ କଥା, ଯେଉଁ ବିଷୟଗୁଡ଼ା ମୁଁ ଉଲଟର ବାଢ଼ି ଥୋଇ ପାରୁଚ, ସେଗୁଡ଼ା ସବୁ ତାଙ୍କର ବୋଲି ଧରି ନେବୁ, ମାତ୍ର ଯେଉଁଠାରେ ଦୋଷ ଦୁର୍ବଳତା ବା ତ୍ରୁଟି ରହିଯାଇଛି, ସେଗୁଡ଼ା ମୋ ନିଜର ବୋଲି ମୁଁ ମାନି ନେଉଛି ।"

ସେ କହିଲା, "ତୁ ତ କଣ ଆଜିକାଲି ଜ ସୁନ୍ଦର ବାଗେଇ ବୁଝେଇ ଭଲ କଥା କହିଲୁଣି ? କୋଉଠୁ ଶିଖିଲୁ ଏମିତି କହି ?"

ମୁଁ କହିଲି, "ନେହରୁ ସାହେବଙ୍କୁ ଗୁରୁ କରି ପରା ।"

ସେ ପଚାରିଲା, "କଣ କଣ, କଥା କଣ ? କେମିତି ତୋର ନେହରୁ ସାହେବଙ୍କୁ ଗୁରୁ କଲୁ ଲେ କହିଲୁ ।"

ମୁଁ କହି ବସିଲି, "ଆମର ଏ କୃଷି ବିଭାଗର ଡେପୁଟୀ-ଡାଇରେକ୍ଟର ବେହୁରା ସାହେବ ମ ! ମୋତେ ସୁକନ୍ଦାରୁ ଏକାବେଳକେ ଗପୁରଗଡ଼ାକୁ ବଦଳି ଆଦେଶ ମିଳିଲା । ସେତେ-ବେଳକୁ କଟକ ସଦରରେ ସୁପରଭାଇଜର ପୋଷ୍ଟ ଖାଲି ଥାଏ । ସେଇଟା ଥାଏ ବେହୁରା ସାହେବଙ୍କ ହୁକୁମତରେ ବୋଲି ମୋର ଧାରଣା । ମୁଁ ଗପୁରଗଡ଼ା ଯିବାକୁ ଇଚ୍ଛା ନ କରି ତାଙ୍କୁ କହିଲି ମୋତେ ସେଠାରେ ଦେବାକୁ । ସେ ମୋଠାରୁ ସବୁ ଶୁଣିଲେ ଶୁଣିଲେ ଓ କହିଲେ, "ହଁ ହଁ, ହରିବାବୁ ତ ତୁମର କଥା କହୁଥିଲେ । ମାତ୍ର ମୁଁ ଭାବୁଚି, ତମେ ଯଦି ସଦର ସୁପରଭାଇଜର ହୋଇ ରହିବ ନା, ତାହେଲେ ସାଧାରଣ ଲୋକେ ଡି.ଏ.ଓ. କିଏ ତୁମ ଦୁହିଁଙ୍କ ଭିତରୁ ଠଉରେଇବା ମୁସ୍କିଲ ହୋଇ ପଡ଼ିବ, ନ ହେଲେ ମୋର କିଛି ଆପତ୍ତି ନ ଥିଲା । ହରିବାବୁ ହେଉଛନ୍ତି କଟକର ଡି.ଏ.ଓ. ।"

ମୁଁ ବେହୁରାସାହେବଙ୍କ ତୁଣ୍ଡରୁ ଏତକ ଶୁଣିଲି । ବୁଝିଲି ସଦର ଭାଗ୍ୟ ମୋର ନାହିଁ । ଏଜେନ୍ସି ଏରିଆରେ ରହି ଏବଂ ଏଜେନ୍ସି ଆଲାଉନ୍ସରେ କାମ କରିବା ଯାହା ଭାଗ୍ୟରେ ଅଛି ତାର ଏତେ ସୁଭାଗ୍ୟ କେମିତି ହେବ । ମୁଁ ତାଙ୍କ ପାଖରୁ ଫେରି ଆସିଲି ସତ, ମାତ୍ର ମୋ ମନଟା ବିଶେଷ ଘୂରି ଘୂରି ଲାଗୁଥାଏ । ମୁଁ ଯାଇ ହରିବାବୁଙ୍କ ପାଖରେ ପହଞ୍ଚିଲି । ତାଙ୍କୁ ନମସ୍କାରଟିଏ ହୋଇ ବିମାର ଭଳି ପଚାରିଲି, "ସାର୍, ମୋ କଥା ବେହୁରା ସାହେବଙ୍କୁ କଣ କହୁଥିଲେ କି ?"

ହରିବାବୁ ପଚାରିଲେ, 'ତମ ନାଁ କଣ କି ?'
ମୁଁ କହିଲି, 'ଭୟ, କେ. ସି. ରଥ' ।

ସେ କହିଲେ, "ହଁ, ହଁ, ବେତ୍ସବ ସାହେବ କହୁଥିଲେ ତମେ କୁଆଡ଼େ ଏଇ ସଦର ସୁପରଭାଇଜର ପୋଷ୍ଟ ପାଇଁ ଖୁବ ଲାଳାୟିତ। ମାତ୍ର ସେ ପୋଷ୍ଟ ତୁମକୁ ଦେଲେ ତମେ କାଳେ ଅଳ୍ପଦିନ ଭିତରେ ଏମ୍. ଏଲ୍. ଏ. ହୋଇଯିବ, ସେଥିପାଇଁ ତୁମକୁ ଦୂରକୁ ଠେଲି ଦିଆ ହେଉଛି।"

ମୁଁ ଆଉ ତାଙ୍କ ସଙ୍ଗେ ବାକ୍‌ବିତଣ୍ଡା ନ କରି କାନମୁଣ୍ଡା ଆଉଁସି ଘରକୁ ଆଦରି ଫେରିଲି। ମନେ ମନେ ଭାବିଲି, ମୋ ପିଠିରୁ ବୋଝା ଗୁଡ଼ିଗଲେ କଅଣ ହେବ, ବେତ୍ସବ ସାହେବ ତ କଅଁଳିଆ କରି ମାରିଛନ୍ତି।

ନିୟମର ସୁଦୃଢ଼ ନିଗଡ଼ ମଧ୍ୟରେ ଆବଦ୍ଧ ରହି ମଧ୍ୟ ମନୁଷ୍ୟ ନିଜ ମାନବିକତାକୁ ବିକାଶ କରିପାରେ। ଅପର ପ୍ରାଣରେ ସ୍ନେହ ସହାନୁଭୂତି ଜାଗରୂକ କରିବାକୁ ହେଲେ, ଏତେ ସାମାନ୍ୟ ସହୃଦୟତାର ଆବଶ୍ୟକ ହୁଏ ଯେ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ।

ଭାରତରେ ବର୍ତ୍ତମାନ କେଉଁଠା ଚିନିକଳ ଅଛି ତାର ଖବର ମୁଁ ରଖିନାହିଁ। ମାତ୍ର ଆମ ଓଡ଼ିଶାର ରାୟଗଡ଼ାରେ ଯେଉଁ ଚିନି-କଳଟା ଅଛି, ତହିଁ ସହିତ ମୁଁ ଘନିଷ୍ଠଭାବରେ ଜଡ଼ିତ। ବର୍ଷସାରା ଚିନିକଳରେ ଆଖୁ ପେଡ଼ା ହୁଏ ନାହିଁ। ପାଚିଲା ସମୟରେ ତିନି ଚାରିମାସ ଆଖୁ ପେଡ଼ା ହୋଇ ତା ପରେ ୭।୮ ମାସ କାମ ବନ୍ଦ ହୋଇଯାଏ। ଏଇ ଯେଉଁ ମାସ କେତେକ ଦିନ କାରଖାନାର କଳ ଚାଲୁ ରହେ, ତାକୁ ସିଜନ୍ କହନ୍ତି। ଏଇ ସମୟରେ କାରଖାନାରେ ବହୁତ ଲୋକଙ୍କର ମେହେନତ୍ ଦରକାର ହୁଏ। ଯେଉଁ ଲୋକ-ମାନେ ସାମୟିକ କାରଖାନାରେ କାମ କରନ୍ତି, ସେମାନଙ୍କୁ ସିଜନ୍ ସରିଗଲେ କାମରୁ ଅନ୍ତର କରିଦେବାକୁ ପଡ଼େ। ସେମାନଙ୍କୁ

ବଖାସ୍ତ କଲାବେଳକୁ କାରଖାନା ମାଲିକ ସାଧାରଣତଃ କହିଥାନ୍ତି,
“ଏବେ କାମ ସରିଆସିଲାଣି, ଆଉ କିଛି କାମ ଅଧିକ ଦିଶୁନାହିଁ ।
ଅବଶ୍ୟ ଆପଣମାନେ ଜାଣିଥିଲେ ଯେ ଆପଣମାନଙ୍କୁ ମାତ୍ର
ସାମୟିକ କାମ ଯୋଗାଇ ଦିଆଯାଇଛି । ତେଣୁ ଆପଣମାନେ
ଅମୁକ ତାରିଖଠାରୁ ଅନ୍ୟତ୍ର ନିଜ ନିଜର ବନ୍ଦୋବସ୍ତ କରନ୍ତୁ ।”
ଏପରି କହି ବିଦା କରିବା ଯୁକ୍ତିଯୁକ୍ତ ମଧ୍ୟ । କାରଖାନାର
ମାଲିକଙ୍କଠାରୁ ଏପରି ଶୁଣି ଲୋକମାନେ ଆପତ୍ତି କରିବାର କିଛି ନ
ଥାଏ । ଅବଶ୍ୟ ସେମାନଙ୍କ ହୃଦୟରେ ସୁଖର ତରଙ୍ଗ ଉଠେ ନାହିଁ
ଯେ ଦୁଃଖର ଢେଉ ଗଡ଼ୁନଥାଏ । କାରଖାନାଟି ପାଇଁ ସେମାନଙ୍କର
ସହାନୁଭୂତି ବିଶେଷ ଜାଗରିତ ହୁଏ ନାହିଁ ।

୧୯୫୫-୫୬ର ସିଜନ୍ ସରିଲା ବେଳକୁ ମୁଁ କାରଖାନାର
ସର୍ବୋଚ୍ଚ କର୍ମକର୍ତ୍ତା ଶ୍ରୀ ଟି. ପୁନାପ୍ପାଙ୍କର କାର୍ଯ୍ୟକଳାପ ଅନୁସରଣ
କରି ବସିଲି । କାରଣ ସେ ତାଙ୍କର ଅଳ୍ପ କାର୍ଯ୍ୟକାଳ ମଧ୍ୟରେ
ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିବାର ମୁଁ ଶୁଣିଥାଇଲି । ତେଣୁ
ତାଙ୍କ ଚରିତ୍ରରେ ବୈଶିଷ୍ଟ୍ୟ କଅଣ ଅଛି, ତାହା ଜାଣିବା ଉଦ୍ଦେ-
ଶ୍ୟରେ ମୁଁ ତାଙ୍କ ଗତିବିଧି ଲକ୍ଷ୍ୟ କରୁଥାଏ ।

ଦେଖିଲି ପୁନାପ୍ପା ମହାଶୟ ସାମୟିକ ମଜଦୁରମାନଙ୍କ
ମଧ୍ୟରୁ ଯେଉଁମାନେ ଉପଯୁକ୍ତ କାମ କରିଥାନ୍ତି, ସେମାନଙ୍କୁ ଗୋଟି
ଗୋଟି କରି ପାଖକୁ ଡାକନ୍ତି । ଯାହାକୁ ଡାକନ୍ତି, ତାକୁ ଡାକିବାର
କିଛି ସମୟ ପୂର୍ବରୁ ସେ ତାଙ୍କର ସମସ୍ତ ଅତୀତରେ କଅଣ କାର୍ଯ୍ୟ
କରିଛନ୍ତି ତାହା ଟିକିଏ ମନେ ମନେ ପର୍ଯ୍ୟାଲୋଚନା କରି ନିଅନ୍ତି ।
ତା ପରେ ସେ ବ୍ୟକ୍ତି ଆସିଗଲେ ତାହାଙ୍କୁ ସମ୍ବୋଧନ କରି
କହନ୍ତି, “ଦେଖନ୍ତୁ ମହାଶୟ ! ଆପଣ ଖୁବ୍ କମ୍ ସମୟ ମଧ୍ୟରେ

ଆମ କାରଖାନା ପାଇଁ ଯାହା କରିଛନ୍ତି, ସେଥିନିମିତ୍ତ ଆପଣ ଆମର ଶ୍ରଦ୍ଧାଭାଜନ । ଆପଣ ହୁଏତ ଜାଣି ନ ଥିବେ ଯେ ଆପଣଙ୍କ ପରି କର୍ମୀ ପାଇ ଏ କାରଖାନା ଗର୍ବ ଅନୁଭବ କରୁଛି । ମୋର ଇଚ୍ଛା ଥିଲା ଆପଣଙ୍କୁ ଆଉ କିଛିଦିନ ଏ କାରଖାନାରେ ରଖିନେବା ପାଇଁ । ମାତ୍ର ବଡ଼ ଦୁଃଖର ସହିତ ମୋତେ କହିବାକୁ ପଡ଼ୁଛି ଯେ ଅପ୍ରାଣ ଚେଷ୍ଟା ସତ୍ତ୍ୱେ, ପିଜନ୍ ସଟେଲ ଜଗତରୁ, ଆପଣଙ୍କ ଉପଯୋଗୀ କାମ ମୁଁ ଖୋଜି ପାଉନାହିଁ । ତଥାପି ମୋର ସମ୍ପୂର୍ଣ୍ଣ ଆସ୍ଥା ଅଛି ଯେ ଆପଣଙ୍କ ପେଟ କେବେହେଁ ଅପୂର୍ଣ୍ଣ ରହିବ ନାହିଁ । ମୁଁ ଶେଷରେ ଆପଣଙ୍କୁ ଏତିକି ଅନୁରୋଧ କରିବି ଯେ ଆପଣ ଆମକୁ ଯେପରି ଭୁଲି ନ ଯାନ୍ତି ।"

ଏପରି ଉଦ୍ୟୋଗକର୍ତ୍ତାନ ମନରେ ମହାଶୟଙ୍କ ଭାବନା ଉଚ୍ଚ ସ୍ତରରେ ହୋଇ ଉଠେ । ସେମାନଙ୍କ ମନରେ ଧାରଣା ହୁଏ ଯେ କାମ ଖାଲି ଥିଲେ ସ୍ୱନାମ୍ବା ତାଙ୍କୁ ନିଶ୍ଚେ ରଖନ୍ତେ । ଫଳରେ ପୁଣି ଯେତେବେଳେ ପିଜନ୍ ଆରମ୍ଭ ହୁଏ, ସେମାନେ ସ୍ୱନାମ୍ବାଙ୍କଠାରୁ ଉଚିତ ପାଇବାମାତ୍ରେ ଧାଇଁ ଆସନ୍ତି ।

୧୯୨୨ ମସିହାରେ ତୁର୍କୀମାନେ ଗ୍ରୀକ୍‌ମାନଙ୍କୁ ଯୁଦ୍ଧରେ ପରାସ୍ତ କଲେ । ସେମାନେ ଆଗରୁ ସ୍ଥିର କରିଥିଲେ ଯେ ଯଦି ସେମାନେ ଜିତନ୍ତି, ତା ହେଲେ ଗ୍ରୀକ୍‌ମାନଙ୍କୁ ଚିରକାଳପାଇଁ ତୁର୍କୀରୁ ବାହାର କରିଦେବେ । ସେତେବେଳକୁ ମୁସ୍ତାଫା କେମେଲ୍ ତୁର୍କୀର ସର୍ବେସର୍ବା ଥିଲେ । ଟ୍ରୀକୁପିସ୍ ଓ ଡିଓନିସ୍ ଗ୍ରୀକ୍‌ମାନଙ୍କର ଯୁଦ୍ଧର ନାୟକ ଥାନ୍ତି । ପ୍ରବଳ ଯୁଦ୍ଧ ହେଲା, ଯୁଦ୍ଧରେ ପରାଜିତ ହୋଇ ଟ୍ରୀକୁପିସ୍ ଓ ଡିଓନିସ୍ ଦୁହେଁ ମୁସ୍ତାଫା କେମେଲଙ୍କୁ ସାକ୍ଷାତ୍

କରିବାକୁ ବାଧ୍ୟ ହେଲେ । ଜେତାର ସମକ୍ଷରେ ବିଜେତା ଚିର-ପରାଜିତ । କେବେ କେବେ ଲଜ୍ଜିତ ଏବଂ ଅପଦସ୍ଥ ହୁଏ ମଧ୍ୟ । ମାତ୍ର କେମେଲ ବଡ଼ ଉଦାରମନା । ସେ ଅପର ପକ୍ଷର ଜେନେରାଲ ହ୍ୱପ୍ସଙ୍କୁ ଆନନ୍ଦରେ ନ୍ୟାଯ୍ୟ ସମ୍ମାନ ଦେଇ ସ୍ୱାଗତ କଲେ । ନାନାଦି କଥୋପକଥନ ପରେ କେମେଲ କହିଲେ, "ଯୁଦ୍ଧ ଗୋଟାଏ ଜୁଆ ଖେଳ, କେବେ କେବେ ଖୋଦ୍ ଓସ୍ତାଦ୍ ବି ହାରିଯାଏ ।" ଗ୍ରୀକ୍ ଜେନେରାଲ ହ୍ୱପ୍ସ କେମେଲଙ୍କର ଏ ଚରିତ୍ରବତ୍ତାର ପରିଚୟ ପାଇ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ହାରିଥିଲେ । ସେମାନେ ଅପ୍ରସ୍ତୁତ ହେବାର ଆଶଙ୍କା ପୋଷିଥିଲେ । ତାଙ୍କ ଅନ୍ତରରେ ଯେଉଁ ତୁମୁଳ ଦ୍ୱନ୍ଦ୍ୱ ଉପୁଜିଥିଲା, ତାହା କେମେଲଙ୍କଠାରୁ ଏହି କଥା କେଇପଦ ଶୁଣି ଶାନ୍ତ ପଡ଼ିଗଲା, ସେମାନେ ଆନନ୍ଦରେ ଅଧୀର ହୋଇ ପଡ଼ିଲେ । ତେଣିକି ଆତ୍ମସମର୍ପଣ କରିବାକୁ ସେମାନେ ଟିକେହେଁ କୁଣ୍ଠାବୋଧ କଲେ ନାହିଁ ।

ଏତିକିରୁ ନିଜ ନିଜର କର୍ତ୍ତବ୍ୟ କିପରି ସମ୍ପାଦନ କରିବା ଉଚିତ୍, ତାହା ଧରି ନେଇ ହେବ । ଗର୍ବ ଅହମିକାରେ ଫୁଲି ନ ଉଠି, ସଂସାରରେ ଉତ୍ଥାନ ପତନ ଲାଗି ରହିଛି ମନେରଖି ପରାଜିତଙ୍କୁ ମଧ୍ୟ କଥା କହିଲେ ସେ ବନ୍ଧୁତ୍ୱ ସ୍ୱୀକାର କରିବାକୁ ପଛାଇବ ନାହିଁ । ଅପରର ପ୍ରାଣରେ ଦୁଃଖ ନ ଦେଇ, ଟିକିଏ ସୁଖ ସଞ୍ଚାର କରିପାରିଲେ, ନିଜମନରେ କେତେ ବିମଳ ଆନନ୍ଦ ଉପୁଜେ ଅନୁଭବ କରିଛନ୍ତି ?

( ୨୭ )

ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ସର୍କସ ନିଶ୍ଚୟ ଦେଖିଥିବେ । ଉକ୍ତ ସର୍କସରେ ବାଘ, ଭାଲୁ, ଘୋଡ଼ା, ହାତୀ, କୁକୁର, ସିଂହ ପ୍ରଭୃତି ନାନା ରକମ ଖେଳ ଦେଖାନ୍ତି । ଆପଣମାନେ ସେମାନଙ୍କ

ଖେଳ ଦେଖି ଆଶ୍ଚର୍ଯ୍ୟ ହୋଇଯାନ୍ତି । ଯେଉଁମାନେ ସେ ପଶୁମାନଙ୍କୁ ଏତେ ନବରଙ୍ଗ ଶିଖାନ୍ତି, ସେମାନେ କିପରି ଶିଖାନ୍ତି, ଆପଣମାନେ କେବେ ଭାବିକରି ଦେଖିଛନ୍ତି କି ?

ଗୋଟାଏ ବଡ଼ ସର୍କସରେ ପେଟି ବୋଲି ଗୋଟିଏ ବ୍ୟକ୍ତି କୁକୁରମାନଙ୍କୁ ଟ୍ରେନିଂ ଦେବାପାଇଁ ରହିଥାନ୍ତି । ପ୍ରତି ନୂଆ କୁକୁରର ଭାଇସାବ ତାଙ୍କରି ଭାଇସାବ କହିଲେ ଚଳେ । କୌଣସି କୁକୁର ଗୋଟିଏ ନୂଆ ଖେଳ ଶିଖିଗଲା ମାତ୍ରେ ସେ ତାକୁ କୁଣ୍ଢାଇ କାଖେଇ ଯେଉଁ ଗେଲ କରନ୍ତି, ଯେପରି ଆଦର କରନ୍ତି, ତାହା ପ୍ରତ୍ୟେକର ଅନୁକରଣ କରିବାର କଥା । ଖାଲି ସେତିକି ନୁହେଁ, ସଙ୍ଗେ ସଙ୍ଗେ ସେ କୁକୁରକୁ ଦୁଧଭାତ ଖାଇବାକୁ ଦିଅନ୍ତି । ସେ ଖାଇ ସାରିଲା ମାତ୍ରେ ତାକୁ ସାଙ୍ଗରେ ଧରି ସମସ୍ତଙ୍କୁ ଦେଖାଇ ଗର୍ବରେ କହି ବୁଲନ୍ତି, "ଦେଖନ୍ତୁ ! ମୋ ପପି କେମିତି ଖେଳ ଶିଖିଲାଣି ।" ଏହା କରି ସେ କୁକୁରକୁ ଢେଳେ ଗୁଡ଼ ଦିଅନ୍ତି । କୁକୁର ତାଙ୍କ ଇଙ୍ଗିତ ପାଇଲା ମାତ୍ରେ ନୂଆ ଖେଳର ପୁନରାବୃତ୍ତି କରେ । ଯେତେ ହେଲେ, କୁକୁରଟା ସାମାନ୍ୟ ପଶୁଟାଏ ତ । ମାତ୍ର ଖେଳ ଦେଖାଇଲାବେଳେ ସେ ନିଜେ ଯେପରି ଗର୍ବରେ ସତେ କି ଫୁଲି ଉଠୁଛି । ଫଳରେ ଖୁବ୍ କମ୍ ସମୟ ମଧ୍ୟରେ ଖେଳଟା ତାର ଅଭ୍ୟାସଗତ ହୋଇଯାଏ ।

ପଶୁକୁ ବଶ କରିବାକୁ, କୁକୁରକୁ ଖେଳ ଶିଖାଇବାକୁ ଏଇ ଯେଉଁ ପନ୍ଥା ଅବଲମ୍ବନ କରାଯାଏ, ଏଇ ଯେଉଁ ସୁବିଧା ସୁଯୋଗ ଦିଆଯାଏ, ଠିକ୍ ତହିଁରୁ ଆଂଶିକ ଯତ୍ନ ମଣିଷ ତାଲିମ ଉପରେ ବ୍ୟୟ କରି ହେଉଥାନ୍ତା, ତା ହେଲେ ବାଞ୍ଛିତ ଫଳ କେତେ ସୁଲଭ ନୁହନ୍ତା ସତେ ? ମଣିଷର ସ୍ନେହ, ସୁଆଦ, ପ୍ରଶଂସା ପାଇ ପଶୁ ବଶ

ତାର ପ୍ରତ୍ୟୁତ୍ତର ଦିଏ, ମଣିଷ ମଣିଷର ସ୍ନେହ, ସୂଆଗ, ପ୍ରଶଂସା ପାଇଲେ କେତେ ଗୁଣ ପ୍ରତ୍ୟୁତ୍ତର ଦିଅନ୍ତା, ତାହା ସହଜ ମାତ୍ରେହିଁ ଜଣାପଡ଼େ ।

ନେପଲେସ୍ ବୋଲି ଗୋଟିଏ ଦଶବର୍ଷର ପିଲା ଗୀତ ବୋଲି ଶିଖୁଥାଏ । ସେ ଗୀତ ବୋଲିବାକୁ ଆରମ୍ଭ କଲାମାତ୍ରେ ତା ଶିକ୍ଷକ କୁହନ୍ତି, "ତୋ ଦେଇ ଗୀତ ହେବ ନାହିଁ, ତୋ ସ୍ୱର ତ ରଥ ସ୍ୱର ପରି ଶୁଭୁଛି ।" ଗୀତ ବୋଲିବାରୁ ତା ଆଗ୍ରହ କମିଯାଏ । ସେ ଦୁଃଖରେ, କ୍ଷୋଭରେ ତା ମା ପାଖକୁ ଫେରିଯାଏ । ପିଲାଏ ଯୋଗ୍ୟ ହୁଅନ୍ତୁ, ଅଯୋଗ୍ୟ ହୁଅନ୍ତୁ, ତାଙ୍କର ଆଶ୍ରୟସ୍ଥଳ ତାଙ୍କ ନିଜ ନିଜର ମା'ମାନେ । ମା ତାକୁ କଅଁଳେଇ ସଅଁଳେଇ କୋଳରେ ମୃଦୁ ଗଳାରେ କହନ୍ତି, "ତୁ ମାଷ୍ଟ୍ରଙ୍କ କଥାରୁ କଅଣ ଜାଣିବୁ ରେ ପୁଅ, ନିଶ୍ଚୟ ଦିନେ ନା ଦିନେ ତୁ ଯେ ଗୋଟିଏ ବଡ଼ ଗାୟକ ହେବୁ, ଏହା ମୁଁ ଆଗରୁ ଜାଣିଛି ।" ସେ ଖାଲି ପୁଅକୁ ଯେ କଥାରେ ଏପରି ସାନ୍ତ୍ୱନା ଦିଅନ୍ତି, ତାହା ନୁହେଁ, ତାଙ୍କ କଥାରେ ପୁଅର ଯେପରେ ବିଶ୍ୱାସ ହେବ, ସେଥି ନିମିତ୍ତ ସେ ଯଥେଷ୍ଟ କଷ୍ଟ ସ୍ୱୀକାର କରନ୍ତି । ସେ କାମ କରିବାକୁ ସଜମତ ଖାଲି ଖାଲି ଗୋଡ଼ ଯିବା ଆସିବା କରନ୍ତି ଏବଂ ସେଥିଁ ସାଇତା ଖର୍ଚ୍ଚ ହୁଅନ୍ତା ତାହା ଶିକ୍ଷକ ମାଷ୍ଟ୍ରଙ୍କ ବେତନ ହିସାବରେ ପୁଅକୁ ଦିଅନ୍ତି । ସେହି ପିଲାଟି ଗୀତ ଶିଖି ଶିଖି ଆଜି ଜଣେ ନାମଜାଦା ଗାୟକ ହୋଇ ପାରିଛି । ଆପଣ ତାଙ୍କ ନାଁ ଶୁଣିଥିବେ । ତାଙ୍କ ନାଁ ହେଉଛି 'କାରୁସୋ' ।

କେତେ ବର୍ଷ ପୂର୍ବେ ଲଣ୍ଡନ ସହରରେ ଗୋଟିଏ ପିଲା ଲେଖକ ହେବାକୁ ଇଚ୍ଛା କରୁଥିଲା । ଦୁର୍ଭାଗ୍ୟବଶତଃ ସେ ଏଡ଼େ ଗରିବ ଥିଲା ଯେ ୪ ବର୍ଷରୁ ବେଶୀ ସ୍କୁଲକୁ ଯିବାକୁ ଅବସରରେ

ତୁଟି ନ ଥିଲା । ତାଙ୍କ ବାପ ଏତେ ଗରିବ ଯେ ଧାର ସୁଝି ନ ପାରି ଥିବା ହେତୁ ଜେଲ ଭୋଗିଥିଲେ । ସେ ନିଜ ପିଲାଙ୍କୁ ପେଟପୂରା ଦୁଓଳି ଦୁମୁଠା ଖାଇବାକୁ ଦେଇ ପାରୁ ନ ଥିଲେ । ଯାହାକୁ ପେଟପୂରା ମୁଠାଏ ଖାଇବାକୁ ନ ମିଳେ, ସେ କେମିତି ବେଶୀ ପାଠ ପଢ଼ିବାର ସୁଯୋଗ ପାନ୍ତା ଯେ ? ମାତ୍ର ତାଙ୍କର ଲେଖକ ହେବାକୁ ଇଚ୍ଛା ଏତେ ପ୍ରବଳ ଏବଂ ଅଦମ୍ୟ ଯେ ସେ ବରମ୍ବାର ଲେଖୁଥିଲେ । ମାତ୍ର ନିଜ ଲେଖା ଉପରେ ଆସ୍ଥା ଏତେ କମ୍ ଯେ ସବୁ ଅଧରେ ଲୁଚି ରହି ଯାଇ ଲେଖାଟି ଡାକଘରେ ପକାନ୍ତି । ଦିନରେ ପକାଇ ଦେଲେ ହୁଏତ କିଏ ଦେଖି ପକାଇବ, ଉପହାସ କରିବ, ଏଇ ଅନ୍ଧାରେ ସେ ସେପରି କରନ୍ତି । ପୁଣି, ଡାକଯୋଗେ ପଠାଇବାକୁ ଦେଲେ ପଇସା ତ ଲୋଡ଼ା ହୁଏ । ସେ ପାଉଛନ୍ତି କେଉଁଠୁ ? ସେଥି-ପାଇଁ ଦିନେ ଦି'ଦିନରେ କେବେ କେମିତି ତାଙ୍କୁ ଜଳଖିଆ ଖାଇବାକୁ ଯେଉଁ ପଇସା ମିଳେ, ସେଥିରୁ ପଇସାଏ ଅଧଲାଏ ବଞ୍ଚାଇ, କେବେ କେବେ ବା ନ ଖାଇ ଉପବାସରେ ରହି ସେ ଡାକଟିକଟର ପଇସା ସଞ୍ଚୟ କରନ୍ତି । ମାତ୍ର ଦୁର୍ଭାଗ୍ୟର କଥା ସବୁଦିନେ ପଠା । କୌଣସି ଗୋଟାଏ ହେଲେ ରଚନା କାଗଜରେ ଛାପ ହୁଏ ନାହିଁ । ହତୋତ୍ସାହ, ଦୁଃଖ, ନିରାଶାରେ ସେ ଭାଙ୍ଗି ପଡ଼ନ୍ତି । ତଥାପି ତାଙ୍କ କଲମ ବନ୍ଦ ହୁଏ ନାହିଁ, ପୁଣି ଲେଖନ୍ତି, ପୁଣି ଉପବାସରେ ରହି ଡାକଟିକେଟ ପାଇଁ, ପଇସା ଜମାନ୍ତି, ପୁଣି ଡାକରେ ପକାନ୍ତି । ଏହିପରି ଅନବରତ ସେ ଲାଗି ପଡ଼ିଥାନ୍ତି ।

ଥରେ ଜଣେ ସଂପାଦକ ତାଙ୍କର ରଚନାରୁ ଗୋଟିଏ ନିଜ କାଗଜରେ ବାହାର କଲେ । ସେଥିପାଇଁ ଅବଶ୍ୟ ଲେଖକଙ୍କୁ ପଇସାଟିଏ ବି ଦେଲେ ନାହିଁ । ମାତ୍ର ଲେଖା ନ ଛାପିଲେ ବେଶ

ହେବ, ଯାହା ସେ ପାଇଲେ, ତହିଁରେ ତାଙ୍କର ସାରା ଜୀବନ ବଦଳିଗଲା । ସଂପାଦକ ଯେଉଁ ପ୍ରଶଂସାଟିକ ଲେଖକଙ୍କୁ କରିଥିଲେ, ତାର ମୂଲ୍ୟ ଟଙ୍କା ଅଙ୍କରେ ମପା ହୋଇପାରେ ନାହିଁ । ସେ ସଂପାଦକଙ୍କ ପତ୍ର ପାଇ ଏତେଦୂର ଆନନ୍ଦରେ ବିଭୋର ହୋଇ ଉଠିଲେ ଯେ ସେଦିନ କାନ୍ଦି କାନ୍ଦି ଏ ଗଳି ସେ ଗଳି ହୋଇ ବୁଲି ବୁଲି ଦିନଟାସାରା ବିତାଇଦେଲେ । ଆନନ୍ଦରେ ତାଙ୍କ ଛାତି ଫାଟି ପଡ଼ିଲା ପରି ଲାଗୁଥାଏ । ସେଦିନ୍ତ ବାଳକ ଯେ ଦିନେ ସୁନାମଧନ୍ୟ ଲେଖକ ହୋଇ ଉଠିବ, ତା ସେଦିନୁ ଜଣା ପଡ଼ୁଥିଲା । ତାଙ୍କର ନାମ ଚାର୍ଲସ୍ ଡିକେନ୍ସ ।

ଲଣ୍ଡନ ସହରରେ ଦିନ ଆଠଟା ବେଳକୁ ସକାଳ ହୁଏ ସେଠି ଭୋର ୪ ଟାରୁ ଉଠି, ଦୋକାନ ଘର ଝଳଆଝଳ କରି ଗୋଟିଏ ଘରର ପାକଶାଳ ଗ୍ଲେଟକୋଟିଆ କାମ ଜଗ ହାତରେ କରି ବର୍ଣ୍ଣୀ ସମସ୍ତଙ୍କୁ ବର୍ଣ୍ଣୀ କରିବାକୁ ପ୍ରସ୍ତୁତ ହୋଇ ରହିବା ସହଜ କଥା ନୁହେଁ । ତଥାପି ପିଲାଟି ସବୁ କରେ । ଦିନକୁ ୧୪ ଘଣ୍ଟା ଅକ୍ଲାନ୍ତ ଖାଟେ । ଦିନେ ନୁହେଁ, ଦିନିଏ ନୁହେଁ, ବର୍ଷ ବର୍ଷ ଧରି ଦୁଇବର୍ଷ କାଳ ପିଲାଟି ଏପରି କଟାଇଲା । ମାତ୍ର ଦିନୁଁ ଦିନ ଜୀବନପ୍ରତି ବିତସ୍ପୃହ ହୋଇ ପଡ଼ୁଥାଏ ସେ । ଭାଗ୍ୟର ବିଦ୍ରୂପର ସହି ନ ପାରି ଦିନେ ପାହାନ୍ତାରୁ ଉଠି ପିଲାଟି ଲୁଅଣ୍ଡେ ପଳାଇଗଲା ।

ପିଲାଟାଏ ପଳେଇଗଲେ ଲୁଅଣ୍ଡେ ପଳେଇବ ଯେ ? ଯାଇ ଯାଇ ତା ମା ପାଖରେ ହାଜର । ପିଲାଟାଏ, ତଥାପି ୩୦ ମାଇଲ ବାଟ ଖାଲି ପାଦରେ ସେତେବଡ଼ ଶୀତକାଳରେ ଚାଲି ଚାଲି ଯାଇ ତା ମା ପାଖରେ ପହଞ୍ଚିଲା ବେଳକୁ ସକାଳ ହୋଇ ଆସୁଥାଏ । ପୁଣି ଯାହାର ଦୋକାନରେ ଛୁଟିକଟିଆ କାମକରି ପେଟ ପାଳେ,

ତାର ମା କେଉଁ ବଡ଼ ଲୋକ ହୋଇଥିବ ଯେ ? ସେ ନିଜର ଗୁଜରାଣ ମେଣ୍ଟାଇବାକୁ ଅନ୍ୟ ଲୋକର ଘରେ କାମଦାମ କରନ୍ତି । ସେ ଦିନ ପୁଅ ପଢ଼ୁଥିଲା ବେଳକୁ ମା ସେଦିନକାର କାର୍ଯ୍ୟକ୍ରମ ଆରମ୍ଭ କରୁଥିଲେ । ସେ ହଠାତ ପୁଅକୁ ଦେଖି ଚଞ୍ଚଳ ହୋଇଗଲେ । ଦାରିଦ୍ର୍ୟର ଯନ୍ତ୍ରଣା ହାର୍ଦ୍ଦିକ ପ୍ରେମକୁ ମଧ୍ୟ ମଳିନ କରି ପକାଏ । ପୁଅର ଅପ୍ରତ୍ୟାଶିତ ଉପସ୍ଥିତିରେ ମା ମଧ୍ୟ ହତବାକ୍ ହୋଇଯିବା ସ୍ୱାଭାବିକ୍ । ମାତ୍ର ନିଜର ପୁଅ ତ ! ସେ ଦୁଃଖରେ, କ୍ଷୋଭରେ, ଆତ୍ମଗ୍ଲାନିରେ ଅଭିଭୂତ ହୋଇ ମା'କୁ କହିଲା, 'ମା, ମୁଁ ପଛେ ଆତ୍ମହତ୍ୟା କରିବି, ମାତ୍ର ଏ ରକମ କାମ ଆଉ କରି ପାରିବି ନାହିଁ ।' ସେଇଦିନ ନିଜ ଜୀବନର କରୁଣ ଦୁଃଖପୂର୍ଣ୍ଣ ଅନୁଭୂତିଯାକ ସବୁ ଗୋଟି ଗୋଟି କରି ବର୍ଣ୍ଣନା କରି ନିଜର ପୂର୍ବତନ ସ୍କୁଲ ଶିକ୍ଷକଙ୍କ ପାଖକୁ ଖଣ୍ଡିଏ ପତ୍ର ଲେଖିଲା । ଶିକ୍ଷକ ପତ୍ରଟି ପାଇ ଛାତ୍ରର ମାନସିକ ଅବସ୍ଥାକୁ ସମ୍ପୂର୍ଣ୍ଣରୂପେ ଅବଧାରଣ କରି ପାରିଲେ । ସେ ଉତ୍ତରରେ ଲେଖିଲେ, "ତୁମପରି ଛାତ୍ର ପାଇ ମୁଁ ନିଜକୁ ଭାଗ୍ୟବାନ୍ ମନେ କରୁଥିଲି । ତୁମ ବିଷୟରେ ମୋର ଧାରଣା କ'ଣ ଜାଣ ? ମୋର ଧାରଣା ତୁମର ବୁଦ୍ଧିବୃତ୍ତି ସାଧାରଣଠାରୁ ଢେର ଉଚ୍ଚରେ । ତୁମେ ଯେ କୌଣସି ମହତ୍ କାମ କରିବା ଉଦ୍ଦେଶ୍ୟରେ ଭଗବାନଙ୍କ ଦ୍ୱାରା ଉଦ୍ଦିଷ୍ଟ, ଏହା ମୁଁ ବହୁପୂର୍ବରୁ ବୁଝିପାରିଛି । ଯେଉଁମାନେ ଜୀବନରେ ବଡ଼ ହୁଅନ୍ତି, ସେମାନଙ୍କୁ ସାଧାରଣତଃ ବହୁତ ଦୁଃଖ କଷ୍ଟ ସହିବାକୁ ପଡ଼ିଥାଏ । ଏଇ ସାମାନ୍ୟ ଦୁଃଖରେ ତୁମେ ଏପରି ଭାଙ୍ଗି ପଡ଼ିବା ତୁମ ଚରିତ୍ରରେ ସ୍ୱାଭାବିକ ନୁହେଁ । ତୁମେ ନିତାନ୍ତ ବିବ୍ରତ ଅଛ, ମାତ୍ର ମୋ କଥା ଉପରେ ବିଶ୍ୱାସ ରଖ । ତୁମେ ଯେ ଅଚିରେ ଦିନେ ଜଗତରେ ଭାସି ଉଠିବ, ଏଥିପାଇଁ ମୁଁ

ଜୀବନର ଶେଷ ପର୍ଯ୍ୟନ୍ତ କରିପାରେ । ମୋ ପାଖରେ ଶିକ୍ଷକତା କରିବା ପାଇଁ ତୁମକୁ ମୁଁ ବର୍ତ୍ତମାନ ପାଇ ପାରିଲେ ବଡ଼ ଆନନ୍ଦିତ ହେବି ।" ଇତି ।

ଏହି ସାମାନ୍ୟ ପ୍ରଶଂସାଟିକର ପରିଣାମ କଅଣ ହୋଇଥିବ, ତାହା ହୁଏତ ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଅନୁମାନ କରି ନେବେଣି । ସେହି ପ୍ରଶଂସାଟିର ଫଳରେ ସେହି ଭଦ୍ରଲୋକ ଯାଇଁ ରହି, ଜୀବନକାଳ ମଧ୍ୟରେ ଖଣ୍ଡେ ନୁହେଁ, ଦି' ଖଣ୍ଡ ନୁହେଁ, ୭୭ଟି ବହି ପ୍ରଣୟନ କରିଥିଲେ । ତାଙ୍କ ଲେଖା ବାଜେ ଧରଣର ନୁହେଁ । ସେ ଲେଖା ତାଙ୍କୁ ଅମର କରିଛି ସତ । ତାଙ୍କ ନାମ ହେଉଛି ଏଚ. ଜି. ୱେଲ୍ସ ।

ଏହିସବୁ ଦୃଷ୍ଟାନ୍ତରୁ ଡେଲ କାର୍ନେଗି କହନ୍ତି, "ଅପରକୁ ଉତ୍ସାହିତ କରିବା, ସାମାନ୍ୟ ଟିକିଏ ପ୍ରଶଂସା କରି ଅପରର ହୃଦୟରେ ଆଶାଲୋକର ରଶ୍ମି ଫୁଟାଇବା ପାଇଁ ଆମ ଭିତରେ ଯେଉଁ ଶକ୍ତି ଅଛି, ତା'ର ଶତାଂଶ ମଧ୍ୟ ଆମେ କାମରେ ଲଗାଉ ନ ଥାଉଁ । ପ୍ରତ୍ୟେକ କ୍ଷୁଦ୍ରତମ ଉନ୍ନତିକୁ ପ୍ରଶଂସା କରିବା ଆମର କର୍ତ୍ତବ୍ୟ । ମାତ୍ର ଯେତେ ବଡ଼ ଉନ୍ନତି ହେଲେ ମଧ୍ୟ ଆମେ ମାଲିକ ରୂପ ଦେଖି ଓ ଦଣ୍ଡ କେତେ କେତେ ଅମଙ୍ଗଳ କରି ନ ବସେ ? ଆମର ପ୍ରଶଂସା ଯଦି ଉପଯୁକ୍ତ କ୍ଷେତ୍ରରେ ହାର୍ଦ୍ଦିକ ଏବଂ ବାକ୍ୟବହୁଳ ହୋଇପାରନ୍ତା, ତା ହେଲେ ଆମେ ସମସ୍ତେ ଧରାସ୍ୱର୍ଗ ଉପଭୋଗ କରିପାରନ୍ତେ ।

( ୭୭ )

ଛୋଟିଆ ଅଥଚ ଦାମିକା କଥା କେଇ ପଦ, 'ଯଥା ତୁ ଜାଣିନୁ, ତୋଠାରେ ଅସୀମ ଶକ୍ତି ନିହିତ ଅଛି' ବା 'ଭଗବାନଙ୍କ ସହଯୋଗରେ

ଭୁ ଗୋଟିଏ ଅମୂଲ୍ୟ ରତ୍ନ' ଇତ୍ୟାଦି ପରି କେତୋଟି ପଦ କଥା ଜୀବନରେ ଯେଉଁ ପରିବର୍ତ୍ତନ ଆଣିପାରେ, ତାହା ପରଶମଣିଠାରୁ ବିଶେଷ ଫଳଦାୟକ । ମନେଇଖନ୍ତୁ ଆନ୍ତରିକ ଉଚ୍ଚାରିତ କଥା ଓ ପଦ ସମସ୍ତ ସମୟରେ ବ୍ୟକ୍ତି ପ୍ରାଣରେ ଯେଉଁ ସାହସ, ବଳ, ଶକ୍ତି ଉତ୍ପାଦନ କରେ, ତାହା ଅସୀମ । ରତ୍ନାକରର ପରିବର୍ତ୍ତନ ନାରଦ କେଉଁ ପଦ କଥାରେ କରିଥିଲେ—ତାହା ଆପଣଙ୍କର ମନେ ନ ଥାଇପାରେ, ଶୁଣନ୍ତୁ ।

ମୁହଁରେ ନାରାୟଣ ନାମ ଜପ ଚାଲିଛି, ବୀଣାରେ ଆଙ୍ଗୁଳି-ଗୁଡ଼ିକ ଖେଳୁଛି, କେହି ମାରିବାପାଇଁ ଧାଇଁ ଆସିଲେ ସୁଦ୍ଧା ଶାନ୍ତିରେ ବା ନାମ ଜପରେ ବାଧା ପଡ଼ୁ ନାହିଁ । ବରଂ ଓଲଟା ତା ପ୍ରତି ପ୍ରେମପୂର୍ଣ୍ଣ ଦୃଷ୍ଟିରେ ଚାହିଁଛନ୍ତି, ଏପରି ଦୃଶ୍ୟ ଏଥି ପୂର୍ବରୁ ରତ୍ନାକର ଦସ୍ୟୁ କେବେ ଦେଖି ନ ଥିଲା । ସେ ସେ ପର୍ଯ୍ୟନ୍ତ ଦୁଇପ୍ରକାର ପ୍ରାଣୀ ଦେଖିଥିଲା । ଗୋଟିଏ ପ୍ରକାରର ଦେହଧାରୀ, ତାର ଧନୁଶର ଦେଖି ଯେଉଁମାନେ ପଳାଇଯାନ୍ତି ଏବଂ ଅନ୍ୟ ପ୍ରକାର ଦେହଧାରୀ ଯେଉଁମାନେ ଓଲଟି ତାକୁ ଆକ୍ରମଣ କରନ୍ତି । କିନ୍ତୁ ନାରଦ ତାକୁ ଦେଖି ଆକ୍ରମଣ କଲେ ନାହିଁ କି ପଳାଇ ମଧ୍ୟ ଗଲେ ନାହିଁ, ଅଧିକନ୍ତୁ ଶାନ୍ତଭାବରେ ଛିଡ଼ା ହୋଇ ରହିଲେ । ତାର ଧନୁଶର ଅଟକି ଗଲା ଯେତେ ନାରଦଙ୍କ ଭ୍ରୂ କୁଞ୍ଚିତ ହେଲା ନାହିଁ କି ଆଖି ବୁଜି ହୋଇ ଗଲା ନାହିଁ । ମଧୁର ଭଜନ ପୂର୍ବପରି ଚାଲିଥିଲା । ନାରଦ ରତ୍ନାକରକୁ ପଚାରିଲେ, "ତୁମ ଶର ଅଟକି ଗଲା କାହିଁକି ?" ରତ୍ନାକର କହିଲା, "ଆପଣଙ୍କର ଶାନ୍ତଭାବ ଦେଖି ।" ନାରଦ ରତ୍ନାକରର ରୂପାନ୍ତର କରିଦେଲେ । ଏ ରୂପାନ୍ତର କଣ ମିଥ୍ୟା ?

ମିସେସ୍ ଅର୍ନେଷ୍ଟ ଜେଣ୍ଡ ଗୋଟିଏ ଚାକରାଣୀ ରଖିବାକୁ ମନସ୍ଥ କଲେ । ଅନେକ ଖୋଜାଖୋଜି ପରେ ସେ କେଲି ବୋଲି ଗୋଟିଏ

ସୁଲକ୍ଷଣୀ ପାଇଲେ । ସେ ତାଙ୍କୁ ସଙ୍ଗେ ସଙ୍ଗେ ନିଯୁକ୍ତ କରିଦେବେ ବୋଲି ଭାବୁଥିଲେ । ମାତ୍ର ପୁଣି କଣ ଭାବିକରି ତାଙ୍କୁ ଦିନେ ଦୁଇଦିନ ଘୁରିକରି ଆସିବାକୁ କହିଲେ ଏବଂ ସେ ଏହା ପୂର୍ବରୁ ଯାହା ପାଖରେ କାମ କରୁଥିଲା, ତାଙ୍କ ଠିକଣା ବୁଝିନେଲେ । ସେ ଚାଲିଯିବାରୁ ମିସେସ୍ ଜେଣ୍ଟ ଫୋନ୍ ଯୋଗେ ନେଲିର ପ୍ରଥମ ଖାମିଦାଣିଠାରୁ ତାର ଚରିତ୍ର ଏବଂ ବ୍ୟବହାର ସମ୍ବନ୍ଧରେ ଯାହା ବୁଝିବାର ବୁଝିନେଲେ । ଦିନେ ଦୁଇଦିନ ପରେ ପୁଣି ନେଲି ଆସିଲା । ତାଙ୍କୁ ମିସେସ୍ ଜେଣ୍ଟ କହିଲେ, "ନେଲି, ତୋ ବିଷୟରେ ମୁଁ ତୋର ପୂର୍ବ ଖାମିନ୍ଦଙ୍କ ସଙ୍ଗେ କଥାବାର୍ତ୍ତା କରିଥିଲି । ସେ କହିଲେ, ତୁ ବଡ଼ ସାଧୁ ପ୍ରକୃତିର ଲୋକ, ସତକଥା କହୁ, ଭଲ କର୍ମିଷ୍ଠ, ତା ଛଡ଼ା ତୁ ଖୁବ୍ ଭଲ ରାନ୍ଧି ଜାଣୁ ଆଉ ମା'ପରି ଛୁଆଙ୍କର ଯତ୍ନ ନେଇପାରୁ । ସବୁ ଗୁଣଗାରିମା ବର୍ଣ୍ଣନ କରିସାରି କହିଲେ ଯେ 'ତୁ ବଡ଼ ଅପରିଷ୍କାର । ମାତ୍ର ତୋର ପୋଷାକପତ୍ରରୁ ମୁଁ ଅନୁମାନ କରୁଛି ଯେ ସେ ତୋ ଠାରେ ଟିକିଏ ଖୁଣ ଦେଖାଇବା ଉଦ୍ଦେଶ୍ୟରେ ଏ ଦୋଷଟିକୁ ଦେଖାଇଥିଲେ । କାରଣ ତୋ ପରି ଗୁଣର ଲୋକ ପକ୍ଷରେ ଅପରିଷ୍କାର ସହ୍ୟ ହେଉଥିବ—ମୁଁ ଏହା ବିଶ୍ୱାସ କରି ପାରୁନାହିଁ । ଆଚ୍ଛା ! ତୁ ବର୍ତ୍ତମାନ୍‌ଠାରୁ କାମ କର । ଦେଖିବା ମୋ ଧାରଣା ସତ କି ତାଙ୍କ କଥା ସତ ।' କହିବା ବାହୁଲ୍ୟ ଯେ ନେଲି ପରି କାମିକା ଲୋକ ଆଉ ମିଳିବେ କି ନାହିଁ ସନ୍ଦେହ । ସେ ତାର ପ୍ରତ୍ୟେକ ଆଚାର ବ୍ୟବହାରରେ ମିସେସ୍ ଜେଣ୍ଟଙ୍କ ମନ ତୋଷଣ କରିପାରୁଥିଲା ।

ମିସେସ୍ ଜେଣ୍ଟ ନେଲିକୁ କିପରି ପରିବର୍ତ୍ତିତ କଲେ, ତାହା ଆମର ଲକ୍ଷ୍ୟ କରିବାର ବିଷୟ । ଯେଉଁ ଗୁଣଟିକ ନେଇ

ଦେହରେ ରହିବା କଥା, ସେଇ ଗୁଣଟି ଅଛୁ ବୋଲି ଧରିନେଇ, କେଣ୍ଟ ନେଲିକୁ ଉତ୍ସାହିତ କରିବସିଲେ । ଫଳରେ, ନେଲି ବିନା ଦ୍ୱିଧାରେ ନିଜକୁ ସ୍ୱାମିଙ୍କର ରୁଚିସମ୍ମତ ଭାବରେ ଗଢ଼ି ନେଇ ପାରିଲା । ତା ହେଲେ ଆମେ କୌଣସି ବ୍ୟକ୍ତିର ଯେଉଁ ଗୁଣଥିବା ଉଚିତ ମନେକରେ, ତାହା ତାଙ୍କଠାରେ ଥାଉ ନ ଥାଉ, ସେ ଗୁଣଟି ତାଙ୍କଠାରେ ଆରୋପଣ କରି ପାରିବା ନାହିଁ କାହିଁକି ? ନଡ଼ିଆ ଉପରେ ଚନ୍ଦନ ତୁଳସୀ ଦେଇ ଭଗବାନଙ୍କୁ ଆରୋପଣ କରିବା ଆମର ଧର୍ମଗତ ପ୍ରଥା ! ସେତିକି କରି ପାରିଲେ ଆମେ ଅପରର ଯେତିକି ପ୍ରିୟ ହୋଇ ଉଠିବା, ଅପର ଆମର ତାଠାରୁ ଆହୁରି ବେଶୀ ପ୍ରିୟ ହୋଇ ଉଠିବ ।

କୌଣସି ସହରରେ ଜଣେ ଧନିକ ଥାଆନ୍ତି । ସେ ଟିକିଏ ଚଞ୍ଚଳ ପ୍ରକୃତିର ମଣିଷ । ମାତ୍ର ତାଙ୍କର ଧନ ଖାତିରରେ ତାଙ୍କର ଅପ୍ରୀତିଭାଜନ ହେବାକୁ କେହି ମନ ବଳାନ୍ତି ନାହିଁ । ତାଙ୍କର ଭଲ ଗୁଣ ହେଉଛି, କୌଣସି ଗ୍ରାମବାସୀଏ ଏକତ୍ର ମିଳି କୂପ ପୋଖରୀ ଖୋଳାଇ ଦେବାକୁ [illegible] କଲେ, ସେ ସେଥିପାଇଁ ଯାହା ଧନ ଲୋଡ଼ା ହୁଏ, ତାହା ନିର୍ବିବାଦ ଚିତ୍ତରେ ଖର୍ଚ୍ଚ କରନ୍ତି । ଥରେ ଗୋଟିଏ ଗ୍ରାମର ବାସିନ୍ଦା ତାଙ୍କଠାରୁ ପ୍ରଭୂତ ସଂପତ୍ତି ଦାବି କରି ବସିଲେ । ସେ ଦେଲେ ନାହିଁ । ତେଣୁ ଗ୍ରାମବାସୀମାନେ ଗୋଟିଏ ମୋଣ୍ଢାକୁ ତାଙ୍କର ନାମ ଅନୁସାରେ ନାମକରଣ କରି ତାଙ୍କୁ ଚିଡ଼ାଇବାକୁ ଲାଗିଲେ । ଧନୀଲୋକେ ସେ ସବୁ ସହିଗଲେ । ଯେତେବେଳେ ଲୋକ ପ୍ରକୃତ ନିତାନ୍ତ ଅସହ୍ୟ ହୋଇ ଉଠିଲା, ସେ ସେ ସହର ଛାଡ଼ି ଅନ୍ୟତ୍ର ଚାଲିଗଲେ । ପ୍ରକୃତ କ୍ଷେତ୍ରରେ ଯତ ବାହାର ହେଲା, ଆପଣମାନେହିଁ ମନେ ମନେ ଆଲୋଚନା କରନ୍ତୁ ।

ରାଗରେ ହତଜ୍ଞାନ ହେଲେ, ଜଣେ ଅନ୍ୟକୁ ଧମକାଏ, 'ମୁଁ ଯଦି ତୋ ନାଁରେ କୁତା ନ ପାଳିଛି, ତା ହେଲେ ମୁଁ ଗୋଟାଏ ବାପର ଛୁଆ ନୁହେଁ ।' ଏ ପ୍ରକାର ପ୍ରବଚନର ଉତ୍ପତ୍ତି ନିଶ୍ଚୟ କୁତ୍ସାରଟନର ପରିଣାମ । କୁତ୍ସାରଟନା କରିବା ଯୋଗୁଁ ଲୋକ ଆତ୍ମହତ୍ୟା କରିବାକୁ ମଧ୍ୟ ପଛାଏ ନାହିଁ । ମାତ୍ର କୁତ୍ସାରଟନା ତ ସମସ୍ତେ କରି ପାରନ୍ତି, ପ୍ରଶଂସା କରି ପାରନ୍ତି କେଉଁ ଜଣ ? ପ୍ରଶଂସା ଟିକିଏ କଲେ, ସମ୍ମାନ ଟିକିଏ ଦେଲେ, ଯେଉଁ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଯାଉଥିବ, ସେହି ବ୍ୟକ୍ତି ପ୍ରାଣପାତ କରି ଦେଶ ଓ ଦଶର ମଙ୍ଗଳ ଉଦ୍ଦେଶ୍ୟରେ ତାର ସମସ୍ତ ଦାନ କରିବାକୁ କୁଣ୍ଠିତ ହେବ ନାହିଁ, ଏହା ଭାବି ଦେଖିଚନ୍ତି ?

ମୂଳତଃ ଗୋଟାଏ ବିଷୟ ପ୍ରକୃତିର ବ୍ୟକ୍ତିଠାରୁ କାମ ଆଦାୟ କରିବାକୁ ହେଲେ ମଧ୍ୟ ତାକୁ କହିବାକୁ ହେବ ଯେ ସେ ଦେବତା, ଏବଂ ଯେଉଁ ବ୍ୟକ୍ତି ତାକୁ ଦେବତା କହି ତାର ବିଶ୍ୱାସଭାଜନ ହୋଇ ପାରିବ, ସେ ବିଷୟ ଆଜୀବନ ତାର ଦାସାନୁଦାସ ହୋଇ ରହିବ । ଏହା ଜାଣିଶୁଣି ଆମେ ଯେଉଁସବୁ କାମ କରୁଚୁ, ତାହାର ସେହିସବୁ ଫଳ ଆମେ ଭୋଗିବା ନାହିଁ ତ, କଅଣ ଚଣ୍ଡେଲ ଶତ୍ରୁବୁଦ୍ଧି ଭୋଗିବେ ? ଜଗତରେ ଜନ୍ମ ହୋଇ ମୋର ଜ୍ଞାନ ହେଲାଣୁ ମୁଁ ଜାଣେ ମୁଁ ଗୋଟାଏ ବଡ଼ ଋଣୀ । ଅବଶ୍ୟ ପ୍ରତ୍ୟେକ ଜାଣିଥିବେ ଯେ ସମସ୍ତେ ଦେବଋଣ, ପିତୃଋଣ ପ୍ରଭୃତି ନେଇ ଋଣ ଶୁଝିବାକୁ ହିଁ ଜନ୍ମ ନେଇଛନ୍ତି, ମାତ୍ର ଏଇ ଯେଉଁ ଋଣର ତୀବ୍ର କଷାଘାତ ମୋର କେବେ କେବେ ଅସହ୍ୟ ହୋଇ ଉଠେ, ସେଇଟା କେଉଁ ପର୍ଯ୍ୟାୟଭୁକ୍ତ ମୁଁ କହି ପାରିବି ନାହିଁ । ଏ ଋଣ ସୃଷ୍ଟି ମୁଁ କରିଛି କାହାଠାରୁ ଜାଣନ୍ତି ? ଜଗତରେ ଜଣେ ଏକାନ୍ତ ନିଃସ୍ୱଠାରୁ । ଯାହାର ଉଦାର

କିଛି ନ ଥାଏ, ସେ ପୁଣି ଏତେ ଦେଇପାରେ ? ଆଜନ୍ମ ନିଃସ୍ୱ, ଭାଗ୍ୟବଧିତା ସେ, ମୋ ସାନ ଅପା ମଁ ! ସାଂସାରିକ ଦୁଃଖ ଦୈନ୍ୟ ମଧ୍ୟରେ ସେହି ଅର୍ଦ୍ଧଶିକ୍ଷିତା ମଫସଲ ଗାଁର ଝିଅ ନିଜର ଇଚ୍ଛାକୁ ସଂଯତ କରି ଯୌବନ ବିତାଇ ପାରେ, ତାର ସଂଯମ କେତେ ଶ୍ରେଷ୍ଠ କାହାର ନୁହେଁ । ତାର ନିର୍ଯ୍ୟାତିତ ଜୀବନ ନିମିଷେ ନିମିଷେ ହୋଇ ନୁହେଁ ନିମିଷକ ବର୍ଷପରି ହୋଇ କଟେ । ସେ ମୋତେ ପାଳି ପୋଷି ମଣିଷ କରିଛି । ମୋ ପାଇଁ ସେ ପ୍ରାଣଦାନ କରିଥିବା ସତ୍ତ୍ୱେ ତା ପାଇଁ ମନ ଟିକିଏ ଛୁଡ଼ ଦେଇ ଆସିବାକୁ ମୁଁ ଆଜି କୁଣ୍ଠିତ । ତା ସମ୍ପର୍କ ରେଖ ମୁଁ ମୋ ସମ୍ବନ୍ଧ ଆଲୋଚନା କଲେ ମୋର ମନେ ହୁଏ, ମୁଁ କୋଇଲି ହୋଇ କୁଆ ବସାରେ ବଢ଼ିଗଲି । ତଥାପି ତାକୁ ପଚାରିଲେ ସିଏ ହୁଏତ କହିବ ମୋଠାରୁ ତାର ବେଶି ସୁଖ ଦୁଃଖର ସାଥି ଜଗତରେ ଆଉ ମାତ୍ର ଜଣେ ଅଧେ ଅଛନ୍ତି । ସେ ଏପରି କହିବାର କାରଣ ଯଦି କିଛି ଥାଏ, ତାହା ହେଉଛି ତାର ଦୁଃଖ, ଦୈନ୍ୟ, ଯନ୍ତ୍ରଣା, ନିର୍ଯ୍ୟାତନ, ଅପମାନ ସବୁ ମନଦେଇ ମୁଁ ତାଠାରୁ ଶୁଣେ, ତାକୁ ଆଶ୍ୱାସନା ଦିଏ । ସେ କେବେ କେବେ କହି ଉଠେ, “ତୁ ମୋଠାରୁ ନୁହଁ କେ, ମୁଁ ତୋଠାରୁ ଋଣୀ ।” ଆମର ଏପରି କଥୋପକଥନର ଭାବୋଚ୍ଛ୍ୱାସ ଆମ ଗ୍ରନ୍ଥିରେ ସମ୍ଭାଳିଲା ପରି ସେତେବେଳେ ଜଣା ପଡ଼େ ନାହିଁ । ଜଗତ ତାକୁ ଯେତେବେଳେ ଦୋଷୀ ବୋଲି କହି ଉପେକ୍ଷିତ କରେ, ମୁଁ ସେ ଦୋଷଗୁଡ଼ାକୁ ତା’ ଆଗରେ ସହଜ ସୁଗମ କରି ବାଢ଼ି ବସେ, ଫଳରେ ଆଜି ହୁଏ ତ ମୋର ଅଜଣାତ ହେଲେ ସେ ପ୍ରାଣ ମଧ୍ୟ ଦେଇ ଦେଇ ପାରିବ ।

ଜେଲ ବାର୍ନେସଙ୍କର ୪୦ ବର୍ଷର ଗୋଟିଏ ସାଙ୍ଗ ଥାନ୍ତି । ସେ ବିବାହ କରିବାକୁ ଗୋଟିଏ ଉପଯୁକ୍ତ ସଙ୍ଗିନୀ ଚାହିଁଲେ । ମାତ୍ର ତାଙ୍କର ସେ ସଙ୍ଗିନୀଟି ଖୁବ୍ ନାଚପ୍ରିୟ । ଫଳତଃ ସେ ସାଙ୍ଗଙ୍କୁ ନାଚ

ଶିଖିବାକୁ ବାରଂବାର ଅନୁରୋଧ କରନ୍ତି । ଏହା ପୂର୍ବରୁ ଏହି ସାଇଙ୍କୁ ଯେତେବେଳେ ୨୦ ବର୍ଷ ହୋଇଥିଲା, ସେତେବେଳେ ନାଚ ଶିଖିବାପାଇଁ ତାଙ୍କର ଖୁବ ସ୍ପୃହା ଥିଲା । ମାତ୍ର ନାଚ ଶିଖିବାକୁ ଆରମ୍ଭ କରୁ କରୁ ପ୍ରଥମ ଶିକ୍ଷକ କହିଲେ, "ସବୁ ଭୁଲ ହେଉଛି ତୁମର, ଏ ଅଙ୍ଗଭଙ୍ଗୀ ଦେଖିଲେ, ମନେହୁଏ ନୃତ୍ୟକଳା ତୁମଠାରୁ ଦୂରେଇ ଦୂରେଇ ଯିବ ସତ୍ୟ ! ତୁମେ ଯାହା କରୁ ଶିଖିଛ, ସବୁ ସମ୍ପୂର୍ଣ୍ଣରୂପେ ଭୁଲି ଯାଇ ପାରିବ ତ, ମୁଁ ନୂଆ କରି ତୁମକୁ ନାଚ ଶିଖାଇବାକୁ ଚେଷ୍ଟା କରିପାରେ ।" ଏହା ଶୁଣିବା ଦିନଠାରୁ ସେ ନାଚ ଶିଖିବା ଆଶା ଏକବାରେ ଭୁଲିଗଲେ ।

ଚାରି ବର୍ଷଦିନ ପରେ ନାଚ ଶିଖିବାକୁ ପୁଣି ତାଙ୍କର ଝୁଙ୍କ ଉଠିଲା । ସେ ଆଉ ପୁରୁଣା ଶିକ୍ଷକଙ୍କ ପାଖକୁ ନ ଯାଇ, ଜଣେ ନୂଆ ଶିକ୍ଷକଙ୍କ ପାଖରେ ଯାଇ ଜୁଟିଲେ । ୨ୟ ଶିକ୍ଷକ ଏଙ୍କୁ ନୃତ୍ୟଶିଳ୍ପ ସମ୍ବନ୍ଧରେ ପ୍ରାଥମିକ ଶିକ୍ଷା ଦେଇ କହୁଥିଲେ, "ତୁମେ ତ ବେଶ୍ ନାଚ ଜାଣିଛ ହେ, ଆଗରୁ କେଉଁଠାରୁ ଶିଖିଥିଲ ବୋଧହୁଏ, କାରଣ ତୁମର ନାଚଗୁଡ଼ା ଟିକିଏ ପୁରୁଣାକାଳିଆ ଜଣାପଡ଼ୁଛି, ମାତ୍ର ଯୁଗୋପଯୋଗୀ ନାଚ ଯେ ତୁମେ ସାମାନ୍ୟ ଦିନ ଭିତରେ ଶିଖି ପାରିବ, ଏଥିରେ ସନ୍ଦେହ ନାହିଁ । କାରଣ ତୁମର ଅଙ୍ଗଭଙ୍ଗୀ ଅଛି ଯେତେବେଳେ, ମାର୍ଜିତରୁଚିରେ ଅଭ୍ୟାସ କରାଇବାଟା କେଉଁ ଅବା ଦୁଃସାଧ୍ୟ କଥା ଯେ !"

ସାଇଙ୍କ ମନକୁ ୨ୟ ଶିକ୍ଷକଙ୍କ କଥାଗୁଡ଼ାକ ମିଛ ଲାଗୁଥିଲେ ମଧ୍ୟ, ଖୁବ ଭଲ ଲାଗୁଥିଲା । କାରଣ ସେ କହନ୍ତି ପ୍ରଥମ ଶିକ୍ଷକ ମୋ ଦୋଷ ଦୁର୍ବଳତାକୁ ଅତିରଞ୍ଜିତ କରି ବାଢ଼ି ମୋର ଉତ୍ସାହକୁ ସମ୍ପୂର୍ଣ୍ଣ ମାରି ଦେଇଥିଲେ । ମାତ୍ର ୨ୟ ଶିକ୍ଷକ ପ୍ରଥମ ଶିକ୍ଷକଙ୍କର

ଠିକ୍ ଓଲଟା ଆଚରଣ କରି ବସିଲେ । ସେ ମୋତେ ଏପରି ଭାବରେ ପ୍ରଶଂସା କଲେ ଯେ ମୋର ଯାବତୀୟ ଦୋଷ ଦୁର୍ବଳତା ନିତାନ୍ତ ଅକିଞ୍ଚିତ୍କର ବୋଧ ହେଲା । ଏବେ ମଧ୍ୟ ତାଙ୍କ କଥା ମୋର ମନେ ପଡ଼ି ଯାଉଛି । ସେ କହନ୍ତି, "ତୁମରି ବେଶ୍ ତାଲଜ୍ଞାନ ଅଛି, ବେଶ୍, ଆଉ କଷ୍ଟ କର—ତୁମେ ଯେ ନୃତ୍ୟକଳାରେ ନାମ କମାଇ ପାରିବ—ଏଥିରେ ସନ୍ଦେହ ନାହିଁ ।" ଏହିପରି କହି ସେ ମୋତେ ଉତ୍ସାହିତ କରନ୍ତି ମାତ୍ର ମୋ ମନେ ମନେ ମୁଁ ଜାଣେ ନୃତ୍ୟ କଳାରେ ମୋ ଆସନ କେଉଁଠି ? ମୋର ଆତ୍ମବିଶ୍ୱାସ ଯେ ମୁଁ ଜଣେ ନିହାତି ସାଧାରଣିଆ ବରଂ ବାଜେକାଟର ଶିଳ୍ପୀ, ତଥାପି ଗୁରୁ ମାଷ୍ଟ୍ରଙ୍କ କଥା ବାରମ୍ବାର ମୁଁ ଶୁଣି ଶୁଣି ମୁଁ ବେଳେ ବେଳେ ଭାବେ—"କେଜାଣି ତାଙ୍କର କଥା ହୁଏତ ସତ । ଆହୁରି ଆଶ୍ଚର୍ଯ୍ୟ କଥା ଏହି ଯେ ମୁଁ ନାଚରେ ଯେତିକି ଉନ୍ନତି କରିପାରିବା ସମ୍ଭବ, ସେତିକ ହାସଲ କରି ମଧ୍ୟ, ମୁଁ ତାଙ୍କ ପାଖକୁ ନାଚ ଶିଖିବାକୁ ଯାଏ । ତା ଅର୍ଥ ସେ ମୋତେ ଯେଉଁ ପ୍ରକାର ଉତ୍ସାହ ଏବଂ ପ୍ରେରଣା ଦିଅନ୍ତି, ସେଥିପାଇଁ ମୋତେ ଶତମତ ତାଙ୍କୁ ତାଙ୍କର ପାଉଣା ଦେବାକୁ ପଡ଼େ । ଶେଷରେ ମୁଁ ଏକଥା ଅବଶ୍ୟ ଜାଣିପାରିଲି ଯେ ମୁଁ ଆଗେ ଯେପରି ନାଚୁଥିଲି ତାଠାରୁ ଏବେ ବେଶ୍ ଉନ୍ନତି କରିଛି । ତାର କାରଣ ସେ ମୋତେ ମୋର ନୃତ୍ୟକଳାର ସ୍ୱଜନ ବୋଲି କହି କହି ତାଙ୍କ କଥା ବିଶ୍ୱାସ କରିବାକୁ ବାଧ୍ୟ କରୁଥିଲେ । ତାଙ୍କ କଥା ଶୁଣି ମୁଁ ଏପରି ଉଦ୍‌ବୁଦ୍ଧ ହୋଇ ଉଠୁଥିଲି ଯେ ମୋର ଉନ୍ନତି ନ କରି ଗତ୍ୟନ୍ତର ନ ଥିଲା ।"

ଜଟିଳ ଅବସ୍ଥାକୁ ସହଜ କରିଦେଲେ ଅଳ୍ପକରେ ମନ ପ୍ରସ୍ତୁତ ହୋଇଯାଏ । ଏହାର ଅନେକ ଉଦାହରଣ ଦିଆଯାଇ ପାରିବ । କାର୍ନେଗି ମହାଶୟ ଏ ନିଃଖଳ ଭାଷି ନ ପାନ୍ତି । ଲୁଓ

ଥମାସ୍ ତାଙ୍କର ଜଣେ ସାଙ୍ଗ । ଏବେ ସେମାନେ କୌଣସି କାରଣବଶତଃ ଏକତ୍ରିତ ହୋଇଥିଲେ । ବ୍ରିଜ୍ ଖେଳିବା ପାଇଁ ଥମାସ୍ ମହାଶୟ ପ୍ରସ୍ତାବ ଆଗତ କଲେ । କାର୍ନେଜି ନିଜର ଦୁର୍ବଳତା ପ୍ରକାଶ କରନ୍ତେ ଥମାସ କହିଲେ, "ବ୍ରିଜ୍ ଖେଳରେ କଷ୍ଟ ଆଉ କଣ ଅଛି ? ସ୍ମୃତି ଆଉ ବୁଦ୍ଧିର ସେତୁବନ୍ଧ ତ ବ୍ରିଜ୍ ଖେଳ । ଆଉ ତୁମର କେଉଁଟି ନାହିଁ କହୁ ଥାଙ୍କିବ ଯେ ? ତୁମର ବୁଦ୍ଧି ଅଶ୍ଚର୍ଯ୍ୟ ଅଛି, ଏକଥା ମୁଁ କହୁ ନାହିଁ ଯେ ଜଗତ କହୁଛି, ଆଉ 'ସ୍ମୃତି' ଉପରେ ତୁମେ ଯେଉଁ ରଚନା ଲେଖିଥିଲ, ତାହା ଅଦ୍ୱିତୀୟ । ତୁମେ ମିଛୁଟାରେ ଡରୁଛ । ଆସ ହେ, ତାସ ଧର......"

କାର୍ନେଜି ମହାଶୟ ସେଦିନ ବ୍ରିଜ୍ ଖେଳୁ ଖେଳୁ ଅନେକ ରାତି ହୋଇଗଲା । ବିଦାୟ ବେଳେ ତାଙ୍କଠାରୁ ଭଦ୍ରଲୋକ ଯେ ଥମାସ ମହାଶୟଙ୍କୁ ଭୂରିଭୂରି ଧନ୍ୟବାଦ ଅର୍ପଣ କରିଥିବେ, ଏଥିରେ ସନ୍ଦେହ କରିବାର କ'ଣ ଅଛି ? କାର୍ନେଜି ସେଦିନ ଅନୁଭବ କଲେ ଯେ ସେଦିନ ଥମାସ୍ ତାଙ୍କୁ ଟିକିଏ ଉତ୍ସାହିତ କରି ନ ଥିଲେ, ହୁଏତ ସାରା ଜୀବନ ସେ ବ୍ରିଜ୍ ଖେଳ ଶିଖିପାରି ନ ଥାନ୍ତେ ।

ପ୍ରତ୍ୟେକ ବ୍ରିଜ୍ ଖେଳାଳୀ ଆଜି କଲବର୍ଟସନଙ୍କ ନାମ ସହିତ ପରିଚିତ । ସେ ବ୍ରିଜ୍ ଉପରେ ଯେଉଁ ବହି ଲେଖିଛନ୍ତି, ତାହା ୧୨ଟି ଭାଷାରେ ଅନୁବାଦିତ ହୋଇ ସାରିଛି ଏବଂ ସେଥିରୁ କୋଟିକରୁ ଅଧିକ ସଂଖ୍ୟା ବିକ୍ରୀ ହୋଇ ସାରିଲାଣି । ଆପଣ ଜାଣନ୍ତି କଲବର୍ଟସନ କିପରି ସେ ବିଦ୍ୟାକୁ ପ୍ରଣୟନ କଲେ ?

୧୯୨୨ରେ ସେ ଆମେରିକାକୁ ଆସନ୍ତି । ସେତେବେଳକୁ ବହି ପ୍ରଣୟନ କରିବା ଧାରଣା ପର୍ଯ୍ୟନ୍ତ ତାଙ୍କୁ ସ୍ପର୍ଶ କରି ନ ଥାଏ ।

ସେ ଆମେରିକାରେ ପ୍ରଥମେ ଶିକ୍ଷକତା ଆରମ୍ଭ କରନ୍ତି । ମାତ୍ର ସେ ବୃତ୍ତିଟା ତାଙ୍କୁ ଭଲ ଲାଗିଲା ନାହିଁ । ତେଣୁ ତାକୁ ଛାଡ଼ିଲେ । ମାତ୍ର ପେଟ ପୋଷିବାକୁ କିଛି ନା କିଛି କରିବାକୁ ତ ନିଶ୍ଚୟ ପଡ଼ିବ । ସେଥିପାଇଁ ସେ କୋଇଲା ବେପାର ଆରମ୍ଭ କଲେ । ମାତ୍ର ଦୁର୍ଭାଗ୍ୟବଶତଃ ସେଥିରେ ଫେଲ ମାଇଲେ । ତହୁଁ ହାତକୁ କଫି ବେପାର ନେଲେ । ସେଥିରେ ମଧ୍ୟ ଭାଗ୍ୟଲକ୍ଷ୍ମୀ ତାଙ୍କ ଉପରେ କୃପା ବରଷିଲେ ନାହିଁ । ସେତେବେଳକୁ ବ୍ରିଜ୍ ଖେଳ ବିଷୟରେ ତାଙ୍କର ବିଶେଷ ଜ୍ଞାନ ନ ଥିଲା । ସେ ଜଣେ ସାଧାରଣ ଖେଳାଳୀ ଥିଲେ । ମାତ୍ର ସେ ବ୍ରିଜ୍ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ସମସ୍ତ ବିଷୟ ଜାଣିବା ପାଇଁ ବଡ଼ ଆଗ୍ରହୀ ଥିଲେ । ଫଳରେ ସେ ଯାହାଙ୍କ ସଙ୍ଗେ ଖେଳ କରନ୍ତି, ତାଙ୍କୁ ଖେଳ ସମୟରେ ଏତେ ପ୍ରଶ୍ନ ପଚାରନ୍ତି ଯେ ସେ ବିବ୍ରତ ହୋଇ ପଡ଼ନ୍ତି । ତାଙ୍କର ଏ ପ୍ରକାର ପ୍ରବୃତ୍ତି ବନ୍ଧୁମହଲରେ ଏପରି ବାତାବରଣ ସୃଷ୍ଟି କଲା ଯେ, ଶେଷକୁ ତାଙ୍କ ସଙ୍ଗରେ ବ୍ରିଜ୍ ଖେଳିବାକୁ କେହି ବାହାରିଲେ ନାହିଁ । ଏହି ସମୟରେ ତାଙ୍କ ଜୀବନରେ ଯୋସେଫିନ୍ ଡିଲନ୍‌ଙ୍କର ଆବିର୍ଭାବ ହୁଏ । ସେ ଦେଖିଲେ କଲବର୍ଟସନ୍ ଅତି ପଟୁ ସହକାରେ ତାଙ୍କ ତାସଗୁଡ଼ିକ ବିଶ୍ଳେଷଣ କରୁଛନ୍ତି । ତେଣୁ ଯୋସେଫିନ୍ ତାଙ୍କୁ ଉତ୍ସାହିତ କରି କହନ୍ତି, "ବ୍ରିଜରେ ଆପଣଙ୍କର ଜନ୍ମଗତ ଦକ୍ଷତା ଅଛି ।" ନିଜ ସ୍ତ୍ରୀଙ୍କଠାରୁ ଏପରି ଉତ୍ସାହପ୍ରଦ ବାଣୀ ଶୁଣି ଶୁଣି ତାଙ୍କର ଧାରଣା ହୋଇଗଲା ଯେ ବ୍ରିଜ୍ ବିଷୟରେ ସେ ବାସ୍ତବିକ୍ କିଛି ଜାଣନ୍ତି । ତେଣୁ ନିଜର ଧାରଣା ଏବଂ ପ୍ରଣାଳୀ ଆଲୋଚନା କରି ପ୍ରଥମେ ସେ ଗୋଟିଏ ଛୋଟ ପୁସ୍ତିକା ରଚନା କଲେ । ଯୋସେଫିନ୍ ସେଇଟି ପଢ଼ି ତାଙ୍କୁ ଅଧିକ ଉତ୍ସାହିତ କଲେ ଏବଂ ଯେଉଁ ବିଷୟବସ୍ତୁ ସାଧାରଣରେ

ବୁଝିବାକୁ କଷ୍ଟ ହେବ, ସେଗୁଡ଼ିକ ଆଉ ଟିକଏ ପରିଷ୍କାର କରି ବୁଝାଇ ଦେବାକୁ ତାହାଙ୍କୁ ପ୍ରେରଣା ଦେଲେ । ପରିଣାମ ସ୍ୱରୂପ ଆଜି ଜଗତରେ ଏହି କାଲବର୍ଟସନଙ୍କ ବ୍ରିଜ ପୁସ୍ତକ ଦ୍ୱୟ ସର୍ବାଙ୍ଗ-ସୁନ୍ଦର ଏବଂ ଅଦ୍ୱିତୀୟ ହୋଇ ଉଠିଛି ।

ଆଶାକରେ ଏତିକରୁ ଆପଣମାନେ ବୁଝିପାରିବେ ଯେ ଅପରର ଦୋଷଦୁର୍ବଳତାକୁ କପରି ଭାବରେ ବାଟକୁ ଆଣିବାକୁ ପଡ଼ିବ ଏବଂ କେଉଁପରି ଭାବରେ ଅପରକୁ ଧୀରେ ଧୀରେ ଉନ୍ନତ ପଥରେ ଆଗେଇ ନେବାକୁ ହେବ । ସମସ୍ତଙ୍କର ଅଳ୍ପ ବହୁତରେ ଦୋଷ ଦୁର୍ବଳତା ଥାଏ । ସେ ସବୁକୁ କଟୂକ୍ତି ନ କରି ସହଜ କରି-ଦେଲେ, ପ୍ରାଣରେ ଯେ ଅପାର ଶାନ୍ତି ଆସେ, ତାହା ଜଗତରେ ପ୍ରତ୍ୟେକର ଅନୁଭବ୍ୟ ।

( ୨୮ )

ପୃଥିବୀର ଇତିହାସରେ ଯେତେ ଯେତେ ଭୟାବହ ଯୁଦ୍ଧର ଉଲ୍ଲେଖ ମିଳେ, ତନ୍ମଧ୍ୟରୁ ୧୯୧୫ର ଆମେରିକା, ଇଂଲଣ୍ଡ ଓ ଜର୍ମାନୀ ମଧ୍ୟରେ ଲାଗିଥିବା ଯୁଦ୍ଧ ଗୋଟିଏ । ସେ ଯୁଦ୍ଧରେ ଉଭୟ ପକ୍ଷରୁ ଏତେ ବସ୍ତୁର କ୍ଷତି ହେଲା ଯେ, ତାହା ସୁମାରି କରି ହେବ ନାହିଁ । ସେତେବେଳକୁ ଆମେରିକାର ରାଷ୍ଟ୍ରପତି ଥାଆନ୍ତି ଉଡ୍ରୋ ଉଇଲ-ସନ୍ । ବର୍ଷ ବର୍ଷ ଧରି ସେ ଯୁଦ୍ଧର ତାଣ୍ଡବ ନୃତ୍ୟ ଦେଖି ଦେଖି ସେ ଶାନ୍ତିପ୍ରସ୍ତାବ ଆଗତ କରିବାକୁ ସ୍ଥିର କଲେ । ମାତ୍ର ଏ ପ୍ରକାର ପ୍ରସ୍ତାବ ନେଇ ଯାଉଛନ୍ତି କିଏ ସେ ? ସେ ମନେ ମନେ ଆଲୋଚନା କରି କର୍ଣ୍ଣେଲ ହାଉସ୍‌କୁ ପଠାଇବାକୁ ସ୍ଥିର କଲେ । ଉକ୍ତ ଅବସରରେ ବ୍ରାୟାନ୍ ବୋଲି ଜଣେ ଶାନ୍ତିପ୍ରେମୀ ବ୍ୟକ୍ତି ଷ୍ଟେଟ୍‌ର ସେକ୍ରେଟାରି ରୂପେ କାର୍ଯ୍ୟ କରୁଥାନ୍ତି । ସେ ଭାବିଲେ ସେ ଯଦି ଶାନ୍ତି ପ୍ରସ୍ତାବ ନେଇ ଯାଆନ୍ତେ ତା ହେଲେ ଇତିହାସରେ ଚିରକାଳ ପାଇଁ ତାଙ୍କର

ହୋଇ ଉଠନ୍ତେ । ଏଣେ ଉଇଲସନ୍ ବ୍ରୀସ୍ମାନ୍‌ଙ୍କ ଘନିଷ୍ଠ ବନ୍ଧୁ ହାଉସ୍‌କୁ ଏ କାର୍ଯ୍ୟଭାର ତୁଲାଇବା ପାଇଁ ସେତେବେଳକୁ ଅନୁରୋଧ କରି ସାରିଲେଣି । ମାତ୍ର ବ୍ରୀସ୍ମାନଙ୍କୁ ଏ କଥା ଜଣାଇବା କଷ୍ଟ ଦୁଃସହ । ସେ ନିତାନ୍ତ ଅଭିମାନୀ, ଅପ୍ରତିଭ ହୋଇ ଉଠିବେ ନିଶ୍ଚୟ । ବର୍ତ୍ତମାନ ବସନ୍ତ ବେଳରେ ଘଣ୍ଟି କିଏ ବାନ୍ଧିବ ? ତାଙ୍କୁ ଜଣାଇବ କିଏ ?

ଶେଷରେ କର୍ଣ୍ଣେଲ ହାଉସ୍ ଏକଥା ବ୍ରୀସ୍ମାନ୍‌ଙ୍କୁ ଜଣାଇବାର ଭାର ନେଲେ । ସେ ତାଙ୍କ ଡାଏରୀରେ ଲେଖିଛନ୍ତି, "ସେ ମୋ ଯିବା କଥା ଶୁଣିବାରୁ ତାଙ୍କ ମନ ନିତାନ୍ତ ଖରାପ ହୋଇଗଲା । ସେ କହିଲେ ସେ ନିଜେ ଯିବାକୁ ସବୁ ସ୍ଥିର କରି ସାରିଛନ୍ତି ।" ମୁଁ କହିଲି, "ଉଡ୍ରୋ ପ୍ରଥମେ ଆପଣଙ୍କୁ ପଠାଇବାକୁହିଁ ସ୍ଥିର କରୁଥିଲେ, ମାତ୍ର ଦେଖିବାରୁ ଆପଣ ଗଲେ, ସାଧାରଣର ଦୃଷ୍ଟିରେ ଏ କଥା ଛୋଟ । ସେମାନେ ସନ୍ଧି ପ୍ରସ୍ତାବରେ ରାଜି ନ ହେଲେ ଆପଣଙ୍କ ସମ୍ମାନରେ ମଧ୍ୟ ଆଞ୍ଚ ଆସିବ । ମାତ୍ର ମୋ ପରି ନଗଣ୍ୟ ବ୍ୟକ୍ତି ଗଲେ—ତାର ଖବର କିଏ ରଖୁଚି ?" ହାଉସଙ୍କ ତୁଣ୍ଡରୁ ଏ କଥା ଶୁଣି ବ୍ରୀସ୍ମାନଙ୍କ ମୁଖର ରଙ୍ଗ ସ୍ୱାଭାବିକ ହୋଇ ଉଠିଲା । ସେ ହସିଲେ ଆଉ କହିଲେ "ଉଡ୍ରୋ ଠିକ୍ ହିଁ କରିଛନ୍ତି ।"

ତା ହେଲେ ଦେଖନ୍ତୁ—ହାଉସ୍ ବ୍ରୀସ୍ମାନ୍‌ଙ୍କୁ କହିଲେ ଯେ ଏ ସାମାନ୍ୟ କାମ ପାଇଁ ତାଙ୍କ ବ୍ୟକ୍ତିତ୍ୱ ଅତି ବଡ଼ ଏବଂ ସେଥିରେ ସେ ତୁଷ୍ଟ ହେଲେ । ହାଉସ ଜାଗତିକ କାର୍ଯ୍ୟକଳାପରେ ଅତ୍ୟନ୍ତ ଅଭିଜ୍ଞ । ସେ ମଣିଷ ପ୍ରକୃତିକୁ ଭଲ କରି ଚିହ୍ନିଥିଲେ । ତୁମେ ଯାହା ଅପରକୁ କରିବାକୁ କହୁଚ, ତହିଁରେ ତାର ଆନନ୍ଦ ସମ୍ବଳିତ କର । ଏହି ନିୟମ ଅନୁସାରେ କାର୍ଯ୍ୟ କରି ହାଉସ୍ କିପରି କୃତକାର୍ଯ୍ୟ ହେଲେ, ଆପଣମାନେ ଲକ୍ଷ କରନ୍ତୁ ।

ଗୋଟାଏ ପ୍ରକାଣ୍ଡ ଅଫିସର ସର୍ବେସର୍ବା ଥିଲେ ଜେ. ଏ. ଓ୍ୱାଟ୍ । ସେ ଅଫିସଟା ଏତେବଡ଼ ଯେ ତହିଁରେ ଟାଇପ କରିବା ନିମନ୍ତେ ହଜାର ହଜାର ଟାଇପ୍ ମେସିନ୍ ଥାଏ । ଏତେଗୁଡ଼ାଏ ଟାଇପ୍ ମେସିନ୍ ସିନା ଥାଏ, ମାତ୍ର ତହିଁରୁ ନିତ୍ୟପ୍ରତି ଶହେ ଅଧେ ବିଗିଡ଼ିଯିବା ନିତାନ୍ତ ସ୍ୱାଭାବିକ କଥା । କିନ୍ତୁ ସବୁ ମେସିନର ରକ୍ଷଣାବେକ୍ଷଣ ଭାର ଥାଏ ମାତ୍ର ଜଣେ ମେକାନିକ୍ଙ୍କ ଉପରେ । ସେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରନ୍ତି ତଥାପି ସବୁ ମେସିନ୍-ଗୁଡ଼ାକୁ କାର୍ଯ୍ୟର ଉପଯୁକ୍ତ ଅବସ୍ଥାକୁ ଆଣି ରଖି ପାରନ୍ତି ନାହିଁ । ଦିନକର ସେ କାର୍ଯ୍ୟର ଗୁରୁତ୍ୱ ଜଣାଇ ସେ ଜଣେ ସାହାଯ୍ୟକାରୀ ଦେବାପାଇଁ ଓ୍ୱାଟ୍‌ଙ୍କୁ ଅନୁରୋଧ କଲେ । ଓ୍ୱାଟ୍ କିନ୍ତୁ ଶୁଣିଲେ ନାହିଁ । ସେ ବାରମ୍ବାର ଅନୁରୋଧ କରିବାକୁ ଲାଗିଲେ । ମାତ୍ର ଓ୍ୱାଟ୍ ଜଣେ ସହକାରୀ ଦେବାକୁ ରାଜି ନ ହେଲେ । ଯେତେବେଳେ ଓ୍ୱାଟ୍ ଅନୁଭବ କଲେ ଯେ ବିନା ସହକାରୀରେ ମେକାନିକ୍ ଆଉ ରହିବେ ନାହିଁ, ସେ ତକ୍ଷଣ କଲେ ନା ଗୋଟିଏ ସ୍ୱତନ୍ତ୍ର ଅଫିସ କୋଠରୀ ସଜାଡ଼ି ତା ଦୁଆର ମୁହଁରେ ଗୋଟାଏ ସାଇନ୍-ବୋର୍ଡ଼ ଟାଙ୍ଗିବାପାଇଁ ଆଦେଶ ଦେଲେ । ସେଥିରେ ଲେଖାଥିଲା "ଟାଇପ ମେସିନ୍ ମ୍ୟାନେଜରଙ୍କ ଦପ୍ତର" । ସାଇନ୍‌ବୋର୍ଡ଼ଟା ଯେଉଁଦିନ ଟଙ୍ଗା ହେଲା ସେ ଦିନ ଓ୍ୱାଟ୍ ମେକାନିକ୍‌ଙ୍କୁ ଡାକି କହିଲେ, "ଆପଣ ଆଜିଠାରୁ ଏହି ଅଫିସର ସର୍ବେସର୍ବା ।" ମେକାନିକ୍‌ଙ୍କ ଖୁସି ଆଉ ଦେଖେ କିଏ ? ସେହି ଦିନ ଅଫିସ କରିବା ଦିନଠାରୁ ମେକାନିକ୍ ଆଉ ସହକାରୀ ପାଇଁ ଅଳି କଲେ ନାହିଁ । କାରଣ ସେ ଆଉ ସାମାନ୍ୟ ମେକାନିକ୍ ନୁହନ୍ତି ଯେ ତାଙ୍କୁ ରାମ ଦାମ ଶାମ ଏଇଟା ଅଣ କର, ସେଇଟା ଅଣ କର କହି ହୁକୁମ ଚଳାଇବେ । ସେ ଯେ ଜଣେ ମ୍ୟାନେଜର ।

ତାଙ୍କର ମାନସମ୍ମାନ ସବୁ ବଢ଼ିଗଲା । ସେ ମନପ୍ରାଣ ଢାଳି କାମକଲେ । ଅଥଚ ନିଜ ଅଫିସରେ ସେ ପିଅନ୍‌ଠାରୁ ଆରମ୍ଭକରି ଚୌକିଦାର ପର୍ଯ୍ୟନ୍ତ ସବୁକିଛି । ମାତ୍ର ସେ ସେ କଥା ଗ୍ରହଣ କରୁ ନ ଥିଲେ । ସେ ଗ୍ରହଣ କରୁଥିଲେ ଯେ ସେ ମ୍ୟାନେଜର—ସେତିକି ସର୍ବେସର୍ବା ।

ଖାଲି ହାଉସ୍ ବା ଓ୍ୟାଟ୍ ଯେ ମଣିଷ ପ୍ରକୃତି ସମ୍ବନ୍ଧ ଗଭୀର ଭାବରେ ପରିଚିତ ଥିଲେ, ତାହା ନୁହେଁ, ତାଙ୍କପରି ବହୁ ବହୁ ବ୍ୟକ୍ତି ମନୁଷ୍ୟର ଏ ପ୍ରକାର ପ୍ରକୃତିଜ୍ଞାନରୁ ନିଜ ନିଜର କାର୍ଯ୍ୟୋଦ୍ଧାର କରି ପାଇଛନ୍ତି । ନେପୋଲିୟନ୍ କ'ଣ କରିଥିଲେ, ଇତିହାସ ପଢ଼ିଥିଲେ ଜାଣିଥିବେ । ସେ 'ଲିଜନ୍ ଅଫ୍ ଅନର୍' ବୋଲି ଗୋଟାଏ ବ୍ୟାଜ୍ ଉଦ୍‌ଭାବନା କଲେ । ସେ ବ୍ୟାଜ୍‌ର ଦାମ କେବଳ ଦୁଇପଇସା । ମାତ୍ର ଲିଜନ୍ ଅଫ ଅନର୍ ପୃଥିବୀ ନେପୋଲିୟନ୍‌ଙ୍କ ପରି ବ୍ୟକ୍ତିଙ୍କ ହାତରୁ ଗ୍ରହଣ କରିବା କ'ଣ ସାମାନ୍ୟ ଲୋକର ଭାଗ୍ୟରେ ଜୁଟେ ? ତାଙ୍କର ୧୫୦୦ ସେନାପତି । ସେ ପ୍ରତ୍ୟେକଙ୍କୁ ନିଜ ହାତରେ ବ୍ୟାଜ୍ ପିନ୍ଧାଇ ସମ୍ମାନିତ କରନ୍ତି । ତାଙ୍କ ସୈନ୍ୟମାନଙ୍କର ନାଁ ସେ ଦେଇଥିଲେ କ'ଣ ଜାଣନ୍ତି ? "ଗ୍ରାଣ୍ଡ ଆର୍ମି", ଅର୍ଥାତ୍ ସର୍ବୋତ୍କୃଷ୍ଟ ସୈନିକ । ଲୋକେ ଯେତେବେଳେ ନେପୋଲିୟନ୍‌ଙ୍କୁ ଥଟ୍ଟା କରନ୍ତି, ଖେଳନା ଖଣ୍ଡେ ଖଣ୍ଡେ ଧରେଇ ଦେଇ ସେ ସୈନ୍ୟମାନଙ୍କୁ ପରିଚାଳିତ କରୁଛନ୍ତି ବୋଲି ସେତେବେଳେ ନେପୋଲିୟନ କ'ଣ ଉତ୍ତର ଦିଅନ୍ତି ଶୁଣନ୍ତୁ, "ତୁମେ ସବୁ ଜାଣ ନ, ମନୁଷ୍ୟ ଖେଳନା ହାସଲ ପାଇଁ ସବୁଠାରୁ ବେଶୀ ଖେଳିପାରେ ।"

ନେପୋଲିୟନ୍ ଏଭଳି ଯେଉଁ ଉପାୟ ଉଦ୍ଭାବନ କଲେ ତାହା କେବଳ ତାଙ୍କ ପାଇଁ ନୁହେଁ, ସମସ୍ତଙ୍କ ପାଇଁ ମଧ୍ୟ କାର୍ଯ୍ୟ କରିବ ।

ସୁନାମଧନ୍ୟ ଆଡ଼ଭୋକେଟ୍ ଚିନ୍ତାମଣି ଆଚାର୍ଯ୍ୟଙ୍କର ଖଣ୍ଡିଏ ବଗିଚା ଥିଲା । ସେଇଟି ତାଙ୍କର ଅତି ପ୍ରିୟ । ପ୍ରାଣପଣେ ସେ ତାକୁ ଖୁବ ଭଲ ପାନ୍ତି । ଓର ଛଣ୍ଡି ଦୁଷ୍ଟ ପିଲମାନେ ସେ ବଗିଚାଟି ନଷ୍ଟ କରି ଦିଅନ୍ତି । ଆଚାର୍ଯ୍ୟ ଆପଣଙ୍କର ବଡ଼ ପୋଷାକ ମୁଣ୍ଡ । ସେ ଅନ୍ୟାନ୍ୟ ଉପାୟରେ ପିଲମାନଙ୍କୁ ନଡାଇଁ ନ ପାରି ଗୋଟାଏ ଉପାୟ ପାଞ୍ଚିଲେ । ସବୁ ପିଲମାନଙ୍କଠାରୁ ଯେ ବେଶି ଦୁଷ୍ଟ, ଶିରୋମଣି ଯେ, ତାକୁଇ ଡାକି ବଗିଚାଟିର ଦାୟିତ୍ୱ ତାରି ହାତରେ ଲଗାଇ ଦେଲେ । ତାକୁ ନାଁଟିଏ ଦେଲେ, "ଅଦୃଶ୍ୟ ଗୋଇନ୍ଦା ।" ବାସ୍, ସେଦିନଠାରୁ ବଗିଚାଟି ଦଶିବାକୁ ଆରମ୍ଭ କଲା । ଅଦୃଶ୍ୟ ଗୋଇନ୍ଦାଟି ବଗିଚାର ଗୋଟିଏ କଣରେ ନଅଁ କରି ଅନବରତ ଦୁଇଟି ଲମ୍ବା ଛଡ଼ି ତାଳ କରି ଜଗିଥାଏ ଏବଂ ଦୂରରୁ କୌଣସି ପିଲକୁ ଦେଖିଲେ ଗର୍ଜୁଥିଲେ, "ଆରେ, ଆରେ, ଜଣେ ମୁଁ ଖୋଜୁଥିଲି । ତୋ ପିଠିରେ ଦେଁକେ ନ ନାଚିଲେ ମୋ ମନ ସନ୍ତୋଷ ହେବ ନାହିଁ ।"

ମୂଳତଃ ମାନବର ପ୍ରକୃତ ସ୍ୱଭାବ ପରଖିତ ହେବାକୁ ଯେ ଯେତେକ ଯତ୍ନବାନ, ସେ ତେତେକ ଉନ୍ନତ ଏବଂ ସୁଖୀ-ସମାସ । ସେଥିପାଇଁ ଯାହା ହାତରୁ ସେ କାମ ଆଦାୟ କରେ, ତାକୁ ତାର ନ୍ୟାଯ୍ୟ ସମ୍ମାନ ଆଗ ଦେଇବସେ ଏବଂ ଯେଉଁ କାମ ଆଦାୟ କରେ, ସେହି କାମ କରିବାପାଇଁ କର୍ତ୍ତାର ସୁଖ ସୁବିଧା କରୁଥାଏ, କରିଥାଏ ଏବଂ କରୁଥିବ ।

( ୨୯ )

ସଂସାରରେ ଚଳି ଚଳୁ ବହୁ ଧରଣର ବ୍ୟକ୍ତିଙ୍କ ସଂସର୍ଗରେ ଆସିବାକୁ ପଡ଼ୁଥାଏ । ଏହି ଲୋକ ଗୋଷ୍ଠିରେ ଏତେ ଜଟିଳତା

ଦେଖାଯାଏ ଯେ କୌଣସି ଗୋଟିଏ ନିୟମ ଧରି ସାରା ଜୀବନ ସୁଖରେ ବିତାଇବା ନିତାନ୍ତ କଷ୍ଟକର । କେତେ କେତେ ପ୍ରାଜ୍ଞବ୍ୟକ୍ତି ମତ ଦିଅନ୍ତି ଯେ ଅନେକ ଜଟିଳ ପରିସ୍ଥିତିରେ ନୀରବତା ଅବଲମ୍ବନ କଲେ, ପରିସ୍ଥିତିର ସମାଧାନ ସୁନ୍ଦରରୂପେ ହୋଇଯାଏ ।

ଆଠଗଡ଼ର ରାଧାନାଥପୁରଗ୍ରାମବାସୀ ଶ୍ରୀ ଚନ୍ଦ୍ରଶେଖର ରଥ ଆପଣେ ଥରକର କହୁଥିଲେ ଯେ ତାଙ୍କର ଏକ ସମୟରେ ଖଣ୍ଡିଏ ଦାମିକା ଛୁରି ଥାଏ । ସେଇଟି ତାଙ୍କର ଭାରି ପ୍ରିୟ ହୋଇଥାଏ । ସେ ସାଧାରଣ ଜାଗତିକ ବିଷୟବସ୍ତୁରେ ପ୍ରାୟ ଉଦାସୀନ । ଥରକର ସେ ସେ ଛୁରିଟି ପାଇଲେ ନାହିଁ । ସମସ୍ତ ଆଲୋଡ଼ନ କରି ଯେତେବେଳେ ସେ ଛୁରିଟି ନ ପାଇଲେ ଘରର ପିଲାଙ୍କ ଉପରେ ସନ୍ଦେହ ଅଙ୍କୁରିତ ହେବାକୁ ଲାଗିଲା । ମାତ୍ର ସେ ତୁଣ୍ଡ ଫିଟାଇ କିଛି କହୁ ନ ଥାନ୍ତି । ଦିନେ ଗଲା, ଦି'ଦିନ ଗଲା, ଦଶଦିନ ଗଲା, ପନ୍ଦର ଦିନ ଗଲା, ତଥାପି ସେ କାହାରିକୁ କିଛି ନ କହି ନୀରବ ଥାନ୍ତି । ୧୬ଦିନ ଦିନ ଛୁରିଟି ତାଙ୍କ ଲେଖାପଢ଼ା ଟେବୁଲ୍‌ର ଫାଇଲ ଭିତରୁ ମିଳିଲା । ସେ ପରୀକ୍ଷା କରି ଦେଖିଲେ ଯେ ତାହା ବହୁତ ଦିନରୁ ସେଠାରେ ରହିଥିବା ହିଁ ସତ୍ୟ ଏବଂ ହସ୍ତାନ୍ତର ହୋଇଥିବା ହିଁ ମିଥ୍ୟା ।

ଭୁବନେଶ୍ୱରର ନୂଆକାପିଟାଲରୁ ମୁଁ ୧୯୫୦ ମସିହାରେ ବଦଳି ହୋଇ ମୟୂରଭଞ୍ଜର କରଞ୍ଜିଆକୁ ଯାଏ । ଗଲାବେଳେ ମୋ ଘରେ ଯେଉଁସବୁ ଫର୍ଣ୍ଣିଚର ଥିଲା, ତାର କେତେଗୁଡ଼ିକ ଶ୍ରୀ ହିନାଥ ପାଣିଗ୍ରାହୀ, କୃଷି ଓଭରସିଅରଙ୍କୁ ଦେଇ ଦେଇ ଗଲି । ତାଙ୍କର ଆବଶ୍ୟକତା ଥିବାରୁ ସେ ସବୁତ ସେ ରଖିଲେ । ଅନୁମାନିକ ଦାମ ହେଲା ଷାଠିଏଟଙ୍କା । ମୋତେ ପରେ ପଠାଇ ଦେବେ ବୋଲି କହିଲେ । ମୁଁ ଗଲି । ମାସେ ଦୁଇମାସେ ବାଦେ ଗଣ୍ଡେ ଅଧେ ଚିଠି ଲେଖିଲି ।

ମାତ୍ର ସେ ତାର ପ୍ରତ୍ୟୁତ୍ତର ପର୍ଯ୍ୟନ୍ତ ଦେଲେ ନାହିଁ । ତାଙ୍କ ଉଦ୍ଦେଶ୍ୟ ଅବଶ୍ୟ ଟଙ୍କା ପାଞ୍ଚଟା ଖାଇ ଉଡ଼ାଇ ଦେବା ନୁହେଁ । ମାତ୍ର ମୋ ପରି ସତ୍କର୍ମୀର ଟଙ୍କା ପାଞ୍ଚଟା ରହି ଯାଇଚି ତ, ହେଳାରେ ରହିଯାଇଛି । ଆଉ ସେ ଚିଠି ନ ଲେଖିବାର କାରଣ ତାଙ୍କ ପ୍ରକୃତି ସେମିତି । କ୍ରମଶଃ ମୋ ମନରୁ ଟଙ୍କା କଥା ପାସୋରି ହୋଇଗଲା । ୧୯୫୪ର କଟକ ଫୁଲଫଳ ପ୍ରଦର୍ଶନୀରେ ମୋର ପୁଣି ତାଙ୍କ ସହିତ ଦେଖା ହୁଏ । ମାତ୍ର ଚୋରର ମନ ପାପ ଛୁଇଁଚି । ମୁଁ ତାଙ୍କୁ ଭାବୁଚି ସେ ହୁଏତ ପଇନ୍ତର ମାରି ବୁଲୁଚନ୍ତି । ଏମିତି କରୁଥିବାର କାରଣ ମୁଁ ଅନୁମାନ କରି ପାରିଲି ନାହିଁ । ସେଦିନ ଆଉ ନମସ୍କାରଟାଏ ଦେଇ ହେଲିନି ତାଙ୍କୁ । ତହିଁ ଆରଦିନ ସେ ପ୍ରଦର୍ଶନୀରେ କାର୍ଯ୍ୟବ୍ୟସ୍ତ ଥିବା ବେଳେ, ମୁଁ ତାଙ୍କ ଅଞ୍ଚଳଦ୍ୱାରରେ ଯାଇ ତାଙ୍କୁ ଧରି କହିଲି, 'ନମସ୍କାର ଆଜ୍ଞା' । ସେ ମୋତେ ପ୍ରଥମ ପ୍ରଶ୍ନ କଲେ, "ଭାଲ ଟଙ୍କା ଛ'ଟା ପଠାଇଥିଲି, ପାଇଥିଲେ କି ?" ମୁଁ ହସରେ ପଚାରିଲି, "କି ଟଙ୍କା ହେ !" ସେ କହିଲେ, "ସତରେ ଭୁଲିଗଲେ ନା, ଲକ ଦେଉ-ଚନ୍ତି ମତେ ? ଇତ୍ୟାଦି ।" ମୁଁ ଅବଶ୍ୟ ଟଙ୍କା ଆଣିଲି, ମାତ୍ର ଟଙ୍କା ପାଇ ମୋର ଯାହା ଆନନ୍ଦ ନ ହୋଇଚି, ଟଙ୍କା ପାଇଁ ବାରମ୍ବାର ତାଗିଦା ନ କରି ମୁଁ ଯାହା ଆଦର ଲଭି ପାରିଥିଲି, ସେଥିପାଇଁ ପ୍ରାଣରେ ମୋର ପ୍ରଭୂତ ଆନନ୍ଦ ।

ମୋର ସାମର୍ଥ୍ୟକ୍ରମେ ମୁଁ ଲୋକଚରିତ୍ର ଯେତେ ସୂକ୍ଷ୍ମାନୁସୂକ୍ଷ୍ମ ଆଲୋଚନା କଲେ ମଧ୍ୟ, ପ୍ରତି ପ୍ରକୃତିକୁ ଏ କ୍ଷୁଦ୍ର କଷ୍ଟିରେ ନ୍ୟାଯ୍ୟ ସମ୍ମାନ ଦେଇ ପାରୁନାହିଁ । ମୋର ସଂସାରରେ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନଙ୍କ ପ୍ରକୃତି ମୋତେ ଏବେ ବି ଅଚେତନ ବୋଧ ହୋଇ ମୋର ସ୍ୱଳ୍ପଜ୍ଞାନର ଗରିମାକୁ ମଧ୍ୟ ଉପହାସ କରୁଛି । ତାରି ଗୋଟିଏ ମାତ୍ର ଉଦାହରଣ ମୁଁ ଦେବି ।

ଥରେ ଶ୍ରୀ ଚନ୍ଦ୍ରାମଣି ମିଶ୍ରେ, ନବଜୀବନର ସମ୍ପାଦକ, ଗ୍ଲୁକେଷ୍ଟରେ ଥିଲାବେଳେ, ତାଙ୍କୁ ଆଗରୁ ଖବର ନ ଦେଇ ତାଙ୍କର ବନ୍ଧୁମାନେ ତାଙ୍କ ନାମରେ ଗୋଟିଏ ନୂଆ ସ୍କୁଲର ଶୁଭ ତାଙ୍କର ହାତରେ ଦେବାକୁ ଉଦ୍ୟମ କଲେ । ସେ ଭିତ୍ତିସ୍ଥାପନ ଉତ୍ସବରେ ଯାଇ ବସି ଦେଖିଲେ, ତାଙ୍କ ଆଗରେ କାର୍ଯ୍ୟକ୍ରମ—'ଚନ୍ଦ୍ରାମଣି-ସେବାଶ୍ରମ'ର ଭିତ୍ତିସ୍ଥାପନ ଉତ୍ସବ । ଚନ୍ଦ୍ରାମଣି ସେ ବୋଲି ବୁଝିବା ପରେ ଉଦ୍ୟୋକ୍ତାଙ୍କୁ ଚୁମ୍ବ କଣ୍ଠ ଡାକ କହିଲେ, "ମୁଁ କାଲି ଭୁବନେଶ୍ୱରରୁ ଶୁଣି ଆସିଛି, ୧୦ ହଜାର ଟଙ୍କା ତହବିଲ ତୋଷରପ୍ ଅଭିଯୋଗରେ ମୋତେ ଗିରଫ୍ କରିବାର ଆଦେଶ ହୋଇ ଯାଇଛି । ଏପରି ସ୍ଥଳେ ମୋ ନାମରେ ସ୍କୁଲଟି ବସାଇବା କଣ ଠିକ୍ ହେବ ?" ତାଙ୍କ କଥା ମିଥ୍ୟା ବୋଲି ଜଣା ପଡ଼ିବା ପୂର୍ବରୁ ତାଙ୍କ ନାମରେ ସେବା-ଶ୍ରମର ଶିଳ୍ପ ଦଣ୍ଡ ଦେଇ ସାରିଥିଲ ।

ତା ହେଲେ ମିଶ୍ରେ ଆପଣଙ୍କ ଦରି ସୁଯୋଗ୍ୟ ବ୍ୟକ୍ତିଙ୍କର ମନୋବୃତ୍ତି ସେହିଁଠି ଏପରି, ସେ ପରିସ୍ଥିତିରେ ସମସ୍ତ ବାହ୍ୟପ୍ରକାଶ ଜଗତର ପ୍ରକୃତିକୁ କୌଣସି ଗୋଟାଏ ନିୟମରେ ଶୃଙ୍ଖଳିତ କରିବାର ଅଶାନ୍ତି କଳ୍ପନା । ମୋ ଲଜ୍ଜା ମୋ ଜାନଧର ସବୁଦିନ ସକାଳୁ ଗୋଟାଏ ଶ୍ଳୋକ ଘୋଷାନ୍ତି । ଆଉ କହନ୍ତି, "ଉପେ ପଣ୍ଡିତଆ ଲୋକ, ତୁମ୍ଭଟାକୁ ପୂଜା, ସୂତ୍ର, ପାଠ ଶିଖାନ୍ତ କଣ ଓଲଟି ଜାନଗୋଷ୍ଠ ଇଅଡ଼ୁ ସିଅଡ଼ୁ କପଣ ଶ୍ଳୋକଟାଏ ଶିଖାଇଚ ହେ ?" ପଜା କହନ୍ତି, "ମୋର ସବୁ ପଣ୍ଡିତପଣିଆ ଚଳ ଏଇ ଶ୍ଳୋକଟାରେ ରହି ଯାଇଚି ବା ନା, ତେଣୁ ସେଇଟା ସେ ଶିଖିଗଲେ, ବାଙ୍କଗୁଡ଼ା ତାର ଆଡ଼େ ଆଡ଼େ ହୋଇଯିବ ଯେ ।" ସେ ଶ୍ଳୋକଟା ଶୁଣିବାକୁ ଆପଣଙ୍କର ଇଚ୍ଛା ହଉଚି କି ?

ମିତ୍ରଂ ସ୍ୱଚ୍ଛତୟା ରିପୁଂ ନୟବଳୈଃ, ଲୁବ୍ଧଂ ଧନୈରୀଶ୍ୱରଂ
କାର୍ଯ୍ୟେଣ, ଦ୍ୱିଜମାଦରେଣ, ଯୁବତୀଂ ପ୍ରେମ୍ଣା, ସମୈର୍ବାନ୍ଧବାନ୍,
ଅତ୍ୟୁଗ୍ରଂ ସ୍ତୁତିଭିଃ, ଗୁରୁଂ ପ୍ରଣତିଭିଃ ମୂର୍ଖଂ କଥାଭିର୍ବୁଧଂ
ବିଦ୍ୟାଭିଃ, ରସିକଂ ରସେନ ସକଳଂ ଶୀଳେନ କୁର୍ଯ୍ୟାଦ୍ ବଶଂ ॥

ଯେଉଁ କାଳରୁ ମୁଁ ଏ ଶ୍ଳୋକଟା ଘୋଷିଥିଲି, ସେ କାଳରେ ତା ଅର୍ଥ କିଛି ବୁଝି ପାରୁ ନ ଥିଲି, ଏବେ ବୁଝୁଛି ମିତ୍ରକୁ ସ୍ୱଚ୍ଛତା ଦ୍ୱାରା, ରିପୁ ବା ଶତ୍ରୁକୁ ନୟବଳରେ, ଲୋଭୀକୁ ଧନରେ, ପ୍ରଭୁଙ୍କୁ କାର୍ଯ୍ୟରେ, ବ୍ରାହ୍ମଣଙ୍କୁ ଆଦର କରି, ଯୁବତୀଙ୍କୁ ପ୍ରେମରେ, ବନ୍ଧୁମାନଙ୍କୁ ସମବ୍ୟବହାରରେ, ଅତି ଉଗ୍ର ବ୍ୟକ୍ତିକୁ ସ୍ତୁତି କରି, ଗୁରୁଙ୍କୁ ପ୍ରଣିପାତ କରି, ମୂର୍ଖକୁ କଥା କହି, ପଣ୍ଡିତଙ୍କ ସହିତ ବିଦ୍ୟା-ଚର୍ଚ୍ଚା କରି, ରସିକଙ୍କୁ ରସ କଥାରେ ଏବଂ ଅନ୍ୟାନ୍ୟମାନଙ୍କୁ ନିଜର ଆଚରଣ ଦ୍ୱାରା ବଶ କରିବା ଉଚିତ । ଦେଖନ୍ତୁ ଏହା ଯଦି କାହାର କାମରେ ଲାଗିପାରେ ।

ମୋର ନିଜର ହୋଇ ଯେତେବେଳେ କିଛି ନାହିଁ, ମାତ୍ର ମୋର ହୃଦୟରେ ଯେତେବେଳେ ଗୋଟାଏ ଏତେ ପ୍ରବଳ ଆକାଂକ୍ଷା ଜାଗିଛି ଯେ, "ସମସ୍ତ ଜଗତର କଲ୍ୟାଣ ହେଉ", ତାହା ମୋହରି ଇଚ୍ଛାରେ ହେଲେ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରେ ।

ପ୍ରେମ ବିଶ୍ୱାସର ସ୍ତୂପ କର୍ମମାନ
ମଧ୍ୟମପୁ ହେମ ହାରେ
ଦେବ ଲୀଳାଭୂମି ସବୁର ସଙ୍ଗରେ
ବାନ୍ଧିଲି ଏକ ସଂସାରେ ।

— ନମସ୍କାର, ଅଜ୍ଞ !—

ମୁଦ୍ରାକର — ଶ୍ରୀ ଚିନ୍ତାମଣି ମିଶ୍ର, ନବଜୀବନ ପ୍ରେସ, କଟକ — ୨